ବର୍ଷ-୫୦ : ସଂଖ୍ୟା-୯ ସେପ୍‌ଟେମ୍ବର, ୨୦୧୯

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୧୯


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୧୫ ଅଗଷ୍ଟ, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଆଧ୍ୟାତ୍ମିକ ଅଭିଜ୍ଞତା | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୮୦) ‘‘ଅରବିନ୍ଦାତଙ୍କ’’ | ··· | ମନୋଜ ଦାସ | ··· | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ତ୍ରୟୋଦଶ ଅଧ୍ୟାୟ) ଯଜ୍ଞର ଅଧୀଶ୍ୱର | ··· | ଶେଖ ଅବଦୁଲ କାଶମ | ··· | ୧୩ |
| ଅଦ୍ୱୈତ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୭ |
| ଭାରତର ଆତ୍ମ-ପ୍ରତିଷ୍ଠା | ··· | ନଳିନୀକାନ୍ତ ଗୁପ୍ତ | ··· | ୧୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୭୮) | ··· | ··· | ··· | ୨୧ |
| ସିଂହ-ସଂଳାପ | ··· | ମନୋଜ ଦାସ | ··· | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୩୩) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୮ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୧) | ··· | ସାହାନା ଦେବୀ | ··· | ୩୧ |
| ଶ୍ରୀକୃଷ୍ଣ କାହାଣୀ (୨୩) ଅନିବାର୍ଯ୍ୟ ସମରର ସୂଚନା | ··· | ମନୋଜ ଦାସ | ··· | ୩୩ |
| ଆମ ଶରୀର (୨୦) | ··· | ଭୋଳେଶ୍ୱର ଭୂୟାଁ | ··· | ୩୬ |
| ଯୋଗାନନ୍ଦ (୭) | ··· | ··· | ··· | ୩୯ |
| କେବଳ ଏକ | ··· | ଆକାଶ | ··· | ୪୩ |
| ଗୁପ୍ତ ତୀର୍ଥଯାତ୍ରା (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୬ |
| ତୋତ୍ତୋ-ଚାନ୍ (୧୪) | ··· | ତେତ୍‌ସୁକୋ କୁରୋୟାନାଗି | ··· | ୪୯ |
| ଶୋଭାଦି’ – ଏକ ଶ୍ରଦ୍ଧାଞ୍ଜଳି | ··· | ··· | ··· | ୫୩ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୪ |
| ସିଲିକନ୍ ଭ୍ୟାଲିରୁ ଅଭିନବ ସମ୍ବାଦ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ତୁମକୁ ମୁଁ ଜ୍ଞାପନ କରୁଛି ସୋତ୍ସାହ ଶ୍ରଦ୍ଧାଞ୍ଜଳି, ହେ ଦିବ୍ୟଜନନି, ଏବଂ ଗଭୀର ପ୍ରୀତିଭରେ ତୁମ ସହ ହେଉଛି ଏକାତ୍ମ । ଆମ ଦିବ୍ୟଜନନୀ ସହ ମିଳିତ ହୋଇ ମୁଁ ତୁମ ଦିଗକୁ ମୁହାଁଉଛି, ହେ ପ୍ରଭୁ, ଏବଂ ମୌନ ଭକ୍ତିଭରେ ତୁମକୁ କରୁଛି ପ୍ରଣିପାତ ଏବଂ ଏକାନ୍ତ ଆସ୍ପୃହା ଯୋଗେ ତୁମ ସହ ହେଉଛି ଏକାତ୍ମ ।

ସେତେବେଳେ ସବୁ ହୁଏ ଏକ ଚମତ୍କାର ନିରବତା; ସତ୍ ହୁଏ ନିଃସତ୍‌ରେ ବିଲୀନ, ସବୁ ରହେ ସ୍ଥଗିତ, ବିଶ୍ରାନ୍ତ, ନିଶ୍ଚଳ ।

ଅବ୍ୟକ୍ତକୁ ଜଣେ କିପରି ବା କରିପାରିବ ବ୍ୟକ୍ତ ?

ସେପ୍ଟେମ୍ବର ୧୩, ୧୯୧୪ — ଶ୍ରୀମା



# ୧୫ ଅଗଷ୍ଟ, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

If you have faith and confidence, it is not the human form of the guru that you worship, but the Supreme Lord who manifests through him.

Be not troubled and give yourself unreservedly to the Supreme Lord through whatever channel helps you.

With love and blessings.

(CWM, Vol. 14, p. 60) – The Mother

ତୁମର ଯଦି ବିଶ୍ୱାସ ଏବଂ ଆସ୍ଥା ଥିବ, ତେବେ ତୁମେ ଗୁରୁଙ୍କ ମାନବିକ ରୂପାକାରକୁ ପୂଜା କରୁ ନାହଁ, କରୁଛ ପରମ ପ୍ରଭୁଙ୍କୁ ଯିଏ ତାଙ୍କ ମାଧ୍ୟମରେ ପ୍ରକଟିତ ।

ଦ୍ୱନ୍ଦ୍ୱକ୍ଲିଷ୍ଟ ହୁଅନା ଏବଂ ଯେଉଁ ଧାରା ସହାୟତା କରୁଛି ତାହାରି ମଧ୍ୟ ଦେଇ ବିନା କୁଣ୍ଠାରେ ତୁମେ ନିଜକୁ ପରମ ପ୍ରଭୁଙ୍କୁ କର ସମର୍ପଣ ।

ପ୍ରୀତି ଓ ଆଶୀର୍ବାଦ ସହ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

### (The World of Falsehood, the Mother of Evil and the Sons of Darkness)

(୮୭)

## ଶ୍ରୀଅରବିନ୍ଦ

A dire administration's penal code
Making of grief and pain the common law,
Decreeing universal joylessness
Had changed life into a stoic sacrament
And torture into a daily festival.

ଏକ ନିଷ୍ଠୁର ପ୍ରଶାସନର ଦଣ୍ଡବିଧି ଶୋକ ଓ ଯନ୍ତ୍ରଣାକୁ ସର୍ବସାଧାରଣ ବିଧାନରେ ପରିଣତ କରି, ବିଶ୍ୱବ୍ୟାପୀ ନିରାନନ୍ଦ ନିମନ୍ତେ ଆଦେଶ ଦେଇ ଜୀବନକୁ ଏକ କୃଚ୍ଛ୍ରସହିଷ୍ଣୁ ପବିତ୍ର ଉତ୍ସବାନୁଷ୍ଠାନରେ ଏବଂ ନିର୍ଯାତନାକୁ ଏକ ଦୈନନ୍ଦିନ ପାର୍ବଣରେ ପରିବର୍ତ୍ତିତ କରିଦେଇଥିଲା ।

An act was passed to chastise happiness;
Laughter and pleasure were banned
as deadly sins:
A questionless mind was ranked
as wise content,
A dull heart's silent apathy as peace:
Sleep was not there, torpor was the sole rest,
Death came but neither respite gave nor end;
Always the soul lived on and suffered more.

ସୁଖାନୁଭବକୁ ଦଣ୍ଡିତ କରିବାକୁ ପ୍ରଣୀତ ହୋଇଥିଲା ଏକ ଆଇନ; ହାସ୍ୟ ଏବଂ ଆମୋଦକୁ ସାଙ୍ଘାତିକ ପାପ ବୋଲି ନିଷିଦ୍ଧ କରାଯାଇଥିଲା : ଏକ ପ୍ରଶ୍ନହୀନ ମନକୁ ଦିଆଯାଇଥିଲା ସୁବିଜ୍ଞ ପରିତୃପ୍ତିର ମର୍ଯ୍ୟାଦା, ଏକ ନିରସ ହୃଦୟର ନୀରବ ଉଦାସୀନତାକୁ ଶାନ୍ତି ରୂପେ ବିବେଚନା କରାଯାଉଥିଲା : ସେଠାରେ ସୁପ୍ତି ନ ଥିଲା, ଜଡ଼ତାହିଁ ଥିଲା ଏକମାତ୍ର ବିଶ୍ରାନ୍ତି, ମୃତ୍ୟୁ ଆସୁଥିଲା, ମାତ୍ର ଦେଉ ନଥିଲା ବିରାମ ଅଥବା ନିବୃତ୍ତି; ଅନ୍ତଃପୁରୁଷ ସତତ ବଞ୍ଚି ରହୁଥିଲେ ଓ ଆହୁରି ଦୁଃଖଭୋଗ କରି ଚାଲିଥିଲେ ।

Ever he deeper probed that kingdom of pain;
Around him grew the terror of a world
Of agony followed by worse agony,
And in the terror a great wicked joy
Glad of one's own and others' calamity.

ବେଦନାର ସେଇ ରାଜ୍ୟକୁ ସେ (ଅଶ୍ୱପତି) ଗଭୀରରୁ ଗଭୀରତର ଭାବରେ ଅନୁସନ୍ଧାନ କରି ଚାଲିଲେ; ତାଙ୍କ ଚତୁଃପାର୍ଶ୍ୱରେ ବୃଦ୍ଧି ପାଇବାରେ ଲାଗିଥିଲା ଏକ ଭୀତପ୍ରଦ ଜଗତ୍, ସେଠାରେ ଯନ୍ତ୍ରଣାକୁ ଅନୁସରି ଆସୁଥିଲା ତୀବ୍ରତର ଯନ୍ତ୍ରଣା, ଏବଂ ଭୀତିର ଅନ୍ତରରେ ରହିଥିଲା ଏକ ବିପୁଳ ଦୁଷ୍ଟ ଉଲ୍ଲାସ, ଯାହା ଆପଣାର ତଥା ଅପରର ବିପର୍ଯ୍ୟୟରେ ଅନୁଭବ କରୁଥିଲା ଅପାର ଆନନ୍ଦ ।

There thought and life were a long punishment,
The breath a burden and all hope a scourge,
The body a field of torment, a massed unease;
Repose was a waiting between pang and pang.

ସେଠାରେ ଭାବନା ଓ ପ୍ରାଣଧାରା ଥିଲା ଏକ ସୁଦୀର୍ଘ ଦଣ୍ଡଭୋଗ, ନିଃଶ୍ୱାସ ଏକ ଗୁରୁଭାର ଏବଂ ଯାବତୀୟ ଆଶା ଏକ କଷାଘାତ, ଶରୀର ଥିଲା ନିର୍ଯାତନାର ଏକ କ୍ଷେତ୍ର, ଏକ ଘନୀଭୂତ ଅସ୍ୱସ୍ତି; ବିଶ୍ରାମ ଥିଲା ବେଦନା ଓ ବେଦନାନ୍ତର ମଧ୍ୟରେ ଏକ ଅପେକ୍ଷା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଆଧ୍ୟାତ୍ମିକ ଅଭିଜ୍ଞତା

## ଶ୍ରୀମା

### ଆଧ୍ୟାତ୍ମିକ ଅଭିଜ୍ଞତା

*ପ୍ରଶ୍ନ: ମା ! ଆପଣ ଆଧ୍ୟାତ୍ମିକ ଅଭିଜ୍ଞତାର କଥା କହନ୍ତି । ସେହି ଅଭିଜ୍ଞତାଟି କ'ଣ ଏବଂ ତାହା କିପରି ଲାଭ କରାଯାଏ ?*

ଉତ୍ତର: ଏହା ଏପରି ଏକ ଅଭିଜ୍ଞତା, ଯାହାକି ତୁମେ ସାଧାରଣତଃ ଯେଉଁ ଚେତନାର ସ୍ତରରେ ଥାଅ ତା'ଠାରୁ ବହୁ ଊର୍ଦ୍ଧ୍ୱରେ ଏକ ଚେତନା ସହିତ ତୁମକୁ ସଂପର୍କିତ କରାଇ ଥାଏ । ତୁମ ନିଜ ସମ୍ବନ୍ଧେ ତୁମର ଏକ ନିର୍ଦ୍ଦିଷ୍ଟ ଅନୁଭବ ଥାଏ, ତୁମେ ନିଜେ ବି ସେ ସମ୍ବନ୍ଧେ ଜାଣିପାରି ନଥାଅ, ତୁମେ ବୁଝିଥାଅ ଯେ ଏହା ହେଉଛି ତୁମ ପାଇଁ ଏକ ସାଧାରଣ ଅବସ୍ଥା । ଆଚ୍ଛା, ଯଦି ହଠାତ୍ ଏକ ସମୟରେ ତୁମ ଭିତରେ ତୁମେ ସଚେତନ ହୋଇଉଠିଲ ଯେ କିଛି ଗୋଟାଏ ଖୁବ୍ ସ୍ୱତନ୍ତ୍ର ଅନୁଭବ, ଖୁବ୍ ଊର୍ଦ୍ଧ୍ୱସ୍ତରର ଅନୁଭବ ଯାହା ତୁମ ଭିତରକୁ ଆସି ଯାଇଛି ତା'ହେଲେ ସେ ଯାହା ହେଉ ପଛକେ ନିଶ୍ଚୟ ଏକ ଆଧ୍ୟାତ୍ମିକ ଅଭିଜ୍ଞତା । ତୁମେ ସେହି ଅନୁଭବଟିକୁ ତୁମର ମାନସିକ ଧାରଣା ଦେଇ ଗୋଟିଏ ରୂପ ଦେଇପାର କିଂବା ରୂପ ଦେଇ ନପାର; ତୁମେ ତୁମ ନିକଟରେ ତାକୁ ବ୍ୟାଖ୍ୟା କରିପାର ବା କରି ନପାର; ସେହି ଅନୁଭବଟି ତୁମ ଭିତରେ ରହିପାରେ ବା ଚାଲି ଯାଇପାରେ; ଏହା ମୁହୂର୍ତ୍ତକ ମଧରେ ସଂଘଟିତ ହୋଇ ଥାଇପାରେ । କିନ୍ତୁ ତୁମ ଚେତନାରେ ଯେତେବେଳେ ତୁମେ ଏହି ମୌଳିକ ପାର୍ଥକ୍ୟଟି ଲକ୍ଷ୍ୟ କରିବ, ଏବଂ ଯେତେବେଳେ, ସ୍ୱାଭାବିକ ରୂପେ, ଚେତନାରେ ସେହି ବିଶେଷ ଗୁଣଟି ... ଖୁବ୍ ଊର୍ଦ୍ଧ୍ୱସ୍ତରର ହୋଇଥିବ, ଅଧିକ ସ୍ପଷ୍ଟ ବା ପରିଚ୍ଛନ୍ନ ହୋଇଥିବ, ଅଧିକ ଶୁଦ୍ଧ ପବିତ୍ର ହୋଇଥିବ, ଯାହାକି ଜଣଙ୍କର ପୂର୍ବର ଅଭିଜ୍ଞତା ଠାରୁ ଅଧିକ, ତା'ହେଲେ ତୁମେ ତାକୁ ଆଧ୍ୟାତ୍ମିକ ଅଭିଜ୍ଞତା କହିପାର । ତା'ମାନେ— ଏହିପରି ହଜାର ହଜାର ଅନୁଭବକୁ ଆଧ୍ୟାତ୍ମିକ ଉପଲବ୍ଧି ବୋଲି ମନେ କରା ଯାଇପାରେ ।

### ଶବ୍ଦମାନଙ୍କ ଭିତରୁ ବାହାରି ଆସ

ସବୁଠାରୁ ବଡ଼ ଅସୁବିଧାଟି ହେଲା ତୁମେ ଶବ୍ଦମାନଙ୍କ ସାହାଯ୍ୟରେ ଚିନ୍ତା କରୁଥାଅ, କିନ୍ତୁ ଏହି ଶବ୍ଦଗୁଡ଼ିକର ଅର୍ଥ ହେଉଛି ଶୂନ୍ୟ; ଅଧିକାଂଶ ସମୟରେ ସେଗୁଡ଼ିକ କେବଳ ଶବ୍ଦମାତ୍ର— ତୁମେ 'ଈଶ୍ୱର'ଙ୍କ ସମ୍ପର୍କରେ କହିଥାଅ, ତୁମେ 'ପରମ' ଓ 'ଯୋଗ' ସମ୍ବନ୍ଧେ କହିଥାଅ, ତୁମେ ଏମିତି ବହୁକଥା କହିଥାଅ, କିନ୍ତୁ ସେହି ଶବ୍ଦଗୁଡ଼ିକୁ କହିଲା ବେଳେ ସେଗୁଡ଼ିକ ତୁମ ମୁଣ୍ଡ ଭିତରେ କିଛି ଗୋଟାଏ ବାସ୍ତବ ବସ୍ତୁ ସହିତ ସମ୍ପର୍କିତ ହୋଇଛନ୍ତି କି ? କୌଣସି ଏକ ନିର୍ଦ୍ଦିଷ୍ଟ ଚିନ୍ତା, ଅନୁଭୂତି କିଂବା ଏକ ସ୍ପଷ୍ଟ ଧାରଣା, ଏକ ଅଭିଜ୍ଞତା, ଏସବୁ ସହିତ ତୁମ ଉଚ୍ଚାରିତ ଶବ୍ଦଗୁଡ଼ିକର କିଛି ସଂପର୍କ ଥାଏ କି ? କିଂବା ସେଗୁଡ଼ିକ କେବଳ ଶବ୍ଦମାତ୍ର ?...

ତୁମେ ବିଷୟଟିକୁ ଅବଶ୍ୟ ଦେଖିବା ଉଚିତ, ଶବ୍ଦମାନଙ୍କ ପଛରେ ଥିବା ଅଭିଜ୍ଞତା ସହ ପରିଚିତ ହେବା ଉଚିତ । ଏଠାରେ ଆମେ ''ଯୋଗ'' ବିଷୟରେ କଥାବାର୍ତ୍ତା ହେଉ । କିନ୍ତୁ ଅନ୍ୟଠାରେ ଆଉ ଜଣେ ତାକୁ ଅନ୍ୟପ୍ରକାରେ କହିପାରେ । କେହି ହୁଏତ କହିବ, ''ମୁଁ ମୋର **ଜୀବନର ଉଦ୍ଦେଶ୍ୟ** କ'ଣ ତାହା ଖୋଜୁଛି'', ବା ଏହିପରି ଆଉ କ'ଣ କହିପାରେ । ଯାହାର ଧର୍ମାନୁରାଗ ରହିଛି, ସେ ହୁଏତ କହିବ, ''ମୁଁ ଦିବ୍ୟ ଉପସ୍ଥିତି ଚାହେଁ'' । ସେଇ କଥାକୁ ପଚାଶ ପ୍ରକାରେ କହି ହୁଏ । କିନ୍ତୁ ଏଠାରେ **ଯାହା** ବିଷୟରେ କୁହାଯାଏ, ସେ ବିଷୟଟି ଗୁରୁତ୍ୱପୂର୍ଣ୍ଣ । ତାହା ତୁମେ ତୁମର ମୁଣ୍ଡ ଭିତରେ ଅନୁଭବ କରିବା ଉଚିତ, ତୁମ ହୃଦୟରେ ଅନୁଭବ କରିବା ଉଚିତ, ସବୁ କ୍ଷେତ୍ରରେ । ମୋଟ ଉପରେ ତୁମର ଅଭିଜ୍ଞତାଟି ବାସ୍ତବ, ଜୀବନ୍ତ ହେବା ଉଚିତ, ତା' ନହେଲେ ତୁମେ ଅଗ୍ରଗତି କରିପାରିବ ନାହିଁ । ଶବ୍ଦମାନଙ୍କ ଭିତରୁ ତୁମେ ବାହାରି ଆସିବା ଉଚିତ ଓ କାର୍ଯ୍ୟରେ ସାମିଲ ହେବା ଉଚିତ — ଅଭିଜ୍ଞତା ଭିତରେ ଓ ଜୀବନ ଭିତରେ ପ୍ରବେଶ କରିବା ଉଚିତ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୦)

## ''ଅରବିନ୍ଦାତଙ୍କ''

**ମନୋଜ ଦାସ**

''ସରକାର ସ୍ପଷ୍ଟ ଭାବରେ ଦେଖିପାରିଲେ ଯେ ଭାରତବ୍ୟାପୀ ଯେଉଁ ଜାତୀୟ ଚେତନା ତୀବ୍ର ଗତିରେ ବୃଦ୍ଧିଲାଭ କରୁଛି ଏବଂ ଦେଶର ଯୁବକମାନେ ଯେଉଁ ବିପ୍ଳବୀ ଭାବଧାରାରେ ଉଦ୍‌ବୁଦ୍ଧ ହେଉଛନ୍ତି ସେସବୁ ଏକମାତ୍ର ଶ୍ରୀଅରବିନ୍ଦଙ୍କର କୃତି । କିନ୍ତୁ ସରକାରଙ୍କ ଦୁର୍ଭାଗ୍ୟ ଏବଂ ଭାରତବର୍ଷ ତଥା ପୃଥିବୀର ସୌଭାଗ୍ୟ ଯେ ଶ୍ରୀଅରବିନ୍ଦ ଇଂରେଜ ସରକାର ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବାର କୌଣସି ନିର୍ଭରଯୋଗ୍ୟ ପ୍ରମାଣ ଉପସ୍ଥାପନ କରି ପାରିଲେ ନାହିଁ । ସେମାନେ ଥରେ ପରାଜିତ ହୋଇଥିଲେ; ପୁଣି ପରାଜିତ ହେଲେ ।''

— ଶିଶିର କୁମାର ମିତ୍ର(୧)

ଦିନ ପରେ ଦିନ ଇଂରାଜୀ ତଥା ଭାରତର ଅନ୍ୟ ଭାଷା ସବୁର ସମ୍ବାଦପତ୍ରମାନଙ୍କରେ ଆଲିପୁର ବିଚାରପର୍ବର ସମାପ୍ତି, ଚିତ୍ତରଞ୍ଜନଙ୍କ ଯୁକ୍ତି, ବିଚାରକଙ୍କ ରାୟ ଉପରେ ଯେତେଗୁଡ଼ିଏ ସମ୍ପାଦକୀୟ, ପାଠକୀୟ ପତ୍ର ଏବଂ ଦେଶର ସର୍ବତ୍ର ସଭାସମିତିରେ ଶ୍ରୀଅରବିନ୍ଦଙ୍କ ମୁକ୍ତିଜନିତ ଉଲ୍ଲାସର ସମ୍ବାଦ ପ୍ରକାଶ ପାଇଲା, ଆଜି ସେସବୁ ଉପରେ ଦୃଷ୍ଟିପାତ କଲେ ବୁଝି ହୁଏ ଜନସାଧାରଣଙ୍କ ଭିତରେ ସେ ଘଟଣା କେଡ଼େ ବ୍ୟାପକ ଉତ୍କଣ୍ଠା ଓ କୌତୂହଳ ସୃଷ୍ଟି କରିଥିଲା ଏବଂ ସମ୍ବାଦପତ୍ର-ମାନଙ୍କଠାରୁ ସେମାନେ ସେସବୁ ଜାଣିବା ନିମନ୍ତେ କେଡ଼େ ଆଗ୍ରହ ଅନୁଭବ କରୁଥିଲେ ।

ଇଂରାଜୀ 'ବେଙ୍ଗଲି' ପ୍ରଶ୍ନ ଉଠାଇଲା — ଯେଉଁମାନେ ଆଜି ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଲେ ବନ୍ଦୀଶାଳାରେ ସେମାନଙ୍କ ପ୍ରତି କାହିଁକି ଅପରାଧୀସୁଲଭ ଆଚରଣ କରା ଯାଉଥିଲା ? କେଉଁ ଅଧିକାରରେ କର୍ତ୍ତୃପକ୍ଷ ସେମାନଙ୍କୁ ଜଞ୍ଜିରରେ ବାନ୍ଧି ବିଚାରାଳୟକୁ ନେବା ଆଣିବା କରୁଥିଲେ ? ସମ୍ବାଦପତ୍ରଟି ଆହୁରି ମଧ୍ୟ ଲେଖିଲା :

''ବିଚାର ଏତେ ଦୀର୍ଘଦିନ ଚାଲୁ ରହିବାର ଏକମାତ୍ର ହେତୁ ଯେ ବାବୁ ଅରବିନ୍ଦ ଘୋଷଙ୍କୁ ଅପରାଧୀ ସାବ୍ୟସ୍ତ କରିବା ନିମନ୍ତେ ଅଭିଯୋଗକାରୀଙ୍କର ଆକୁଳ ଇଚ୍ଛା, ଏହି ବ୍ୟାପକ ଧାରଣାକୁ ସ୍ୱୟଂ ବିଚାରକ ମଧ୍ୟ ତାଙ୍କ ରାୟରେ ସମର୍ଥନ କରିଛନ୍ତି ।... (ସମ୍ବାଦପତ୍ର ଏଠାରେ ବିଚାରକଙ୍କ ରାୟରୁ ଅଂଶଟିଏ ଉଦ୍ଧାର କରିଛନ୍ତି) ଏପରିକି 'ଷ୍ଟେଟ୍‌ସ୍‌ମ୍ୟାନ୍' ମଧ୍ୟ ତାଙ୍କ ବିରୁଦ୍ଧରେ ପ୍ରମାଣ ଅସଂଲଗ୍ନ ଥିଲା ବୋଲି ଲେଖିଛି । ତଥାପି ତାଙ୍କୁ ବନ୍ଦୀଶାଳାରେ ରଖିବା ଏକ ଭୀଷଣ ଭୁଲ୍ ହୋଇ ନାହିଁ କି ?... ତଥାକଥିତ 'ମିଠେଇ ଚିଠି' ଉପରେ ବିଚାରକ ମହୋଦୟ ଲେଖିଲେ ଯେ ଦୁଇ ଭାଇ ଏକା ସ୍ଥାନରେ ଥିବା ଅବସ୍ଥାରେ ଜଣେ ଏଭଳି ଚିଠିଟିଏ ଲେଖିବା ଅବିଶ୍ୱାସ୍ୟ । ଅର୍ଥାତ୍ ଚିଠି ଖଣ୍ଡିକ ଜାଲ୍ । ଏହି ଗୋଟିକ ଦୃଷ୍ଟାନ୍ତରୁ ବୁଝି ହେବ ଅନ୍ୟ ସମସ୍ତ ପ୍ରମାଣର ସତ୍ୟତା କେତେ ହୋଇଥିବ । ଏଭଳି ରୀତିରେ ମକଦ୍ଦମାକୁ ଦୀର୍ଘଦିନ ଚାଲୁ ରଖିବା ଅର୍ଥହୀନ ବୋଲି ଦର୍ଶାଇବାକୁ ସରକାରଙ୍କ ଉଚ୍ଚ ମହଲରେ କ'ଣ କେହି ନଥିଲେ ।(୨)

ସେହି ଦୈନିକରେ ''କୌତୁକ ଓ କାରୁଣ୍ୟ'' ଶିରୋନାମାରେ ଲେଖିଲେ ''ଜଣେ ଆଇନଜୀବୀ'' :

''ମି: ବିଚ୍‌କ୍ରୋଫ୍‌ଟ୍‌ଙ୍କର ପ୍ରାପ୍ୟ ବିପୁଳ ସମ୍ମାନ । ତାଙ୍କ ରାୟ ଯାହା ହେଉନା କାହିଁକି ସେ ଯେ ନିଜର ସମ୍ପୂର୍ଣ୍ଣ ନିରପେକ୍ଷତା ପ୍ରତିପାଦିତ କରିଛନ୍ତି, ସଭିଏଁ ଏହା ସ୍ୱୀକାର କରିବେ । ସମସାମୟିକ ଆବେଗ-ପ୍ରବେଗ ଓ ବିଦ୍ୱେଷଭାବ ଦ୍ୱାରା ପ୍ରଭାବିତ ନହୋଇ ସେ ଜଣେ ନ୍ୟାୟପରାୟଣ ବିଚାରକର ଦୃଷ୍ଟାନ୍ତ ରଖିଛନ୍ତି । ସରକାର ଏଡ଼େ ବିପୁଳ ସମୟ ଓ ଅର୍ଥ ନଷ୍ଟ କରିବାର ଏକମାତ୍ର ହେତୁ ଯେ ଅରବିନ୍ଦଙ୍କୁ ଦଣ୍ଡିତ କରିବାର ଅଭିଳାଷ, ସେକଥା ସେ ଉତ୍ତମ ରୂପେ ବୁଝି ପାରିଥିଲେ । ଅଥଚ ସେହି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆସାମୀ ମୁକ୍ତି ପାଇଲେ । ଆମର ହେଲା ନୈତିକ ବିଜୟ, ଅଭିଯୋଗକାରୀମାନେ ପରାଜିତ ।...

''କିନ୍ତୁ ବଡ଼ କୌତୁକପ୍ରଦ ଆଂଗ୍ଲୋଇଣ୍ଡିଆନ୍ ସମ୍ବାଦପତ୍ରମାନଙ୍କର ମନୋଭାବ । ଆହତ ସର୍ପ ଭଳି ସେମାନେ ଦିଗହରା ଓ କ୍ରୁଦ୍ଧ । କାରଣ ପୁଣି ଥରେ ଅରବିନ୍ଦ ପୁଲିସ କବ୍‌ଜାରୁ ଖସି ଗଲେ । ଗତଥର ଅରବିନ୍ଦଙ୍କ ବିରୋଧରେ ରାଜଦ୍ରୋହ ଅଭିଯୋଗ ପ୍ରମାଣ ହୋଇ ନ ପାରିବାରୁ 'ଷ୍ଟେଟ୍‌ସ୍‌ମ୍ୟାନ୍' ଯାହା ଲେଖିଥିଲା, ତାହାର ପୁନରୁଲ୍ଲେଖ ମୁଁ ଚାହେଁନା । ଏଥର 'ଦି ଏମ୍ପାୟାର୍' ଲେଖିଛି : 'ଦ୍ୱିତୀୟ ଥର ଅରବିନ୍ଦ ରାଜଦ୍ରୋହ ଅଭିଯୋଗରୁ ଖସି ଗଲେ ପ୍ରମାଣ ଅଭାବରୁ ।' ଲକ୍ଷ୍ୟ କରନ୍ତୁ ସେ କାଗଜର ମନ୍ତବ୍ୟ : 'ପ୍ରମାଣ ଅଭାବରୁ !' ସେମାନେ କହିବାକୁ ଚାହାନ୍ତି ଯଥେଷ୍ଟ ପ୍ରମାଣ ଉପସ୍ଥାପନ (ନା କହିବା ''ଉଦ୍ଭାବନ'' ?) କରାଯାଇ ପାରିଲା ନାହିଁ ବୋଲି ସେ ମୁକ୍ତି ପାଇଲେ – ସେ ନିରପରାଧ ବୋଲି ନୁହେଁ । 'ଦି ଏମ୍ପାୟାର୍'ର ହୃଦୟରୁ ରକ୍ତ ଝରିବ ସେ ନିରପରାଧ ବୋଲି କହିବାକୁ – ତାଙ୍କ ଅପରାଧ 'ପ୍ରମାଣ' ହୋଇପାରିଲା ନାହିଁ ! ବାଃ, ବାଃ, ପରିସ୍ଥିତିର ଏମନ୍ତ କୌତୁକମୟ ଦିଗ ବି ରହିଛି ।

''କିନ୍ତୁ ଏସବୁ ତୁଚ୍ଛ ବ୍ୟାପାରରେ ଅରବିନ୍ଦ ମୁଣ୍ଡ ଖେଳାଇବା ଦରକାର ନାହିଁ । ତାଙ୍କ ନିଷ୍କଳୁଷତା ସାବ୍ୟସ୍ତ ହୋଇଛି; ତାଙ୍କ ସାରା ଜୀବନ ଦୁନିଆ ଆଗରେ ଉନ୍ମୋଚିତ । ପୃଥିବୀ ତାଙ୍କୁ ବିଚାର କରିବ, ଇତିହାସ ତା'ର ମତ ଲିପିବଦ୍ଧ କରିବ – 'ଷ୍ଟେଟ୍‌ସ୍‌ମ୍ୟାନ' ବା 'ଏମ୍ପାୟାର୍' ନୁହେଁ । ବିଚାରର ଫଳ ଜଣା ପଡ଼ିବା ପୂର୍ବରୁ କ୍ୟାମ୍ବ୍ରିଜ୍‌ର କୃତୀଛାତ୍ର ତାଲିକାରୁ ତାଙ୍କ ନାମ ବାଦ୍ ଦିଆଯାଇଛି ବୋଲି ଗୁଜବ ରଟିଛି । କିନ୍ତୁ ମହାନ୍ ବ୍ୟକ୍ତିମାନେ ସେମାନଙ୍କ ଜୀବଦ୍ଦଶାରେ ପ୍ରାୟତଃ ଯଥାର୍ଥ ସ୍ୱୀକୃତି ଲାଭ କରନ୍ତି ନାହିଁ । ଶେଲି ତ ପୁଣି ଅକ୍ସଫୋର୍ଡ଼ରୁ ବିତାଡ଼ିତ ହୋଇଥିଲେ । ଆଜି ସେ ପରିସରରେ ସବୁଠାରୁ ଚିତ୍ତାକର୍ଷକ ବସ୍ତୁସମୂହରେ ଅନ୍ୟତମ ତାଙ୍କ ପ୍ରତିମୂର୍ତ୍ତି !''[୩]

କ୍ୟାମ୍ବ୍ରିଜ୍ କୃତୀ ତାଲିକାରୁ ଶ୍ରୀଅରବିନ୍ଦଙ୍କ ନାମ କାଟି ଦିଆଯିବା କଥା ଅବଶ୍ୟ ଗୁଜବମାତ୍ର ଥିଲା । ବସ୍ତୁତଃ କ୍ୟାମ୍ବ୍ରିଜ୍‌ର କିଙ୍ଗ୍‌ସ୍ କଲେଜର ପ୍ରାମାଣ୍ୟ ଇତିବୃତ୍ତରେ ଶ୍ରୀଅରବିନ୍ଦଙ୍କୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । କିନ୍ତୁ ଗୁଜବଟି ବହୁ ଗୁଜବରୁ ଅନ୍ୟତମ – ଶ୍ରୀଅରବିନ୍ଦଙ୍କ ପ୍ରତି ଦେଶବାସୀଙ୍କ ଅକୃପଣ ଶ୍ରଦ୍ଧା ଓ ଅନ୍ୟ ଦିଗରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିକ୍ରିୟା ।

''ବେଙ୍ଗଲି''ର ଚେନ୍ନାଇ (ମାନ୍ଦ୍ରାଜ) ପ୍ରତିନିଧି ଜଣାଇ ଥିଲେ ଏକ ସ୍ଥାନୀୟ ସମ୍ବାଦପତ୍ରର ପ୍ରତିକ୍ରିୟା : ''ତାଙ୍କ ବ୍ୟକ୍ତିଗତ ଜୀବନ ନିଷ୍କଳୁଷ, ବିଶୁଦ୍ଧ, ତାଙ୍କ ରଚନାମାନ ସର୍ବଦା ମହତ୍‌ଭାବ ଉଦ୍ରେକ କରାଏ – ଏବଂ ସେଥିରେ ଥାଏ ଏଯାବତ୍ ଅନ୍ୟ କୌଣସି ଲେଖାରେ ନଥିବା ଆଧାତ୍ମିକ ଚେତନା ।''

ତାଙ୍କ ଭଳି ଅନନ୍ୟ ବ୍ୟକ୍ତି ପ୍ରତି ସରକାର ଘୋର ଅନ୍ୟାୟ କରିଛନ୍ତି ବୋଲି ସମ୍ବାଦପତ୍ର ସୂଚାଇ ଥିଲା ।[୪]

ଶ୍ରୀଅରବିନ୍ଦ ପାଇଥିବା ବହୁ ସଂଖ୍ୟକ ଅଭିନନ୍ଦନଭରା ଟେଲିଗ୍ରାମରୁ ପ୍ରଥମ କିସ୍ତିର ତାଲିକା ମଧ୍ୟ ସମ୍ବାଦପତ୍ରମାନେ ପ୍ରକାଶ କରିଥିଲେ । ତହିଁର ଅନ୍ତର୍ଭୁକ୍ତ ଥିଲା ଚେନ୍ନାଇ, ଭେଲୋର୍, ପେଟଲଡ୍ ଏବଂ ଲାହୋରରୁ ମିଳିଥିବା ବାର୍ତ୍ତାମାନ ।[୫]

ମୁମ୍ବାଇ(ବମ୍ବେ)ର 'ଆଖ୍‌ବରି ସୌଦାଗର' ସମ୍ବାଦ-ପତ୍ରରୁ ଜଣାଯାଏ, ଶ୍ରୀଅରବିନ୍ଦଙ୍କ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ 'ବମ୍ବେ ନ୍ୟାସ୍‌ନାଲ୍ ୟୁନିଅନ୍' ଆବାହନ କରିଥିବା ଏକ ଜନସଭା ପୁଲସ କମିସନରଙ୍କ ଆଦେଶରେ ନିଷିଦ୍ଧ କରି ଦିଆଯାଇଥିଲା ।[୬]

ସି. ଆଇ. ଡ଼ି ଫାଇଲରୁ ମିଳୁଥିବା 'ବଙ୍ଗବନ୍ଧୁ'ରେ ପ୍ରକାଶିତ ଏକ ସମ୍ବାଦ (ଇଂରାଜୀ ଅନୁବାଦ)ରୁ ଜଣାଯାଏ ସେ ପତ୍ରିକା ମତରେ ଶ୍ରୀଅରବିନ୍ଦଙ୍କୁ ଦଣ୍ଡିତ କରି ପାରିଲେ ତାଙ୍କର ସମସ୍ତ ଅନୁଗାମୀ ଏବଂ ପ୍ରଶଂସକ ଆତଙ୍କିତ ହେବେ, ଏହା ଥିଲା କର୍ତ୍ତୃପକ୍ଷଙ୍କ ଜିଦିର ଅନ୍ୟତମ କାରଣ ।[୭]

ମୁଜାଫର୍‌ପୁର୍‌ରୁ ପ୍ରକାଶିତ 'ତିର୍‌ହୁତ୍ ସମାଚାର' ଲେଖିଥିଲେ : ''ସମସ୍ତ ଭାରତବାସୀ ବାବୁ ଅରବିନ୍ଦଙ୍କ ମୁକ୍ତିରେ ହରଷିତ । ଭଗବାନ୍ ତାଙ୍କ ଭକ୍ତବୃନ୍ଦଙ୍କୁ ରକ୍ଷା କରନ୍ତି ।... ଚିତ୍ତରଞ୍ଜନ ଦାସଙ୍କର ବିଚକ୍ଷଣ ଯୁକ୍ତି ସର୍ବତ୍ର ବ୍ୟାପକ ପ୍ରଶଂସା ଅର୍ଜନ କରିଛି ।''[୮]

''ସଞ୍ଜୀବନୀ'' ସମ୍ବାଦପତ୍ରକୁ ଶ୍ରୀଅରବିନ୍ଦ ଦେଇଥିବା ଏକ ସାକ୍ଷାତ୍‌କାର ବହୁ ପତ୍ରପତ୍ରିକାରେ ପୁନଃପ୍ରକାଶିତ ହୋଇଥିଲା ।

ଲଣ୍ଡନରୁ ପ୍ରକାଶିତ ପତ୍ରିକା ''ଇଣ୍ଡିଆ''ର ୧୯୦୯ ମସିହା ଜୁନ୍ ୧୮ ତାରିଖ ସଂଖ୍ୟାରୁ ତହିଁ ଉପରେ ସମ୍ପାଦକୀୟ ମତର ଅଂଶବିଶେଷ :

''ବିଚାରାଧୀନ ବନ୍ଦୀମାନଙ୍କ ପ୍ରତି କିଭଳି ବ୍ୟବହାର କରାଯାଏ ତାହାର ଏକ ବିଚିତ୍ର ଏବଂ ଅତୀବ ଅସ୍ୱସ୍ତିକର ଚିତ୍ର ଆମେ ପାଉଁ 'ସଞ୍ଜୀବନୀ'ରେ ପ୍ରକାଶିତ ଶ୍ରୀଅରବିନ୍ଦ ଘୋଷଙ୍କର ଏକ ସାକ୍ଷାତ୍‌କାରରୁ :

ପ୍ରଶ୍ନ : ଆପଣ ଆଲିପୁର କାରାଗାରରେ ରାଜବନ୍ଦୀ ଭାବରେ ଥିଲେ ତ ?

ଉତ୍ତର : ନା । ଆମକୁ ନିଃସଙ୍ଗ କ୍ଷୁଦ୍ର କକ୍ଷମାନଙ୍କରେ ରଖାଯାଇଥିଲା । ମୋତେ ସେମାନେ ଏକ ନିଭୃତ କକ୍ଷରେ ରଖିଥିଲେ ।

ପ୍ରଶ୍ନ : ସେ ନିଭୃତ କକ୍ଷ କିଭଳି ?

ଉତ୍ତର : ବାତାୟନହୀନ କ୍ଷୁଦ୍ର କକ୍ଷ । ସାମନାରେ ଲୌହ ଦଣ୍ଡଶ୍ରେଣୀ ।

ପ୍ରଶ୍ନ : ସ୍ନାନ ପାଇଁ ବ୍ୟବସ୍ଥା ?

ଉତ୍ତର : ସମୁଦାୟ ବାଲ୍‌ଟିଏ ପାଣି । ସେତିକିରେ ସ୍ନାନ, ଭୋଜନ, ପାତ୍ର ଧୋଇବା, ସବୁକିଛି ସମାଧା କରିବାକୁ ହୁଏ । ସେହି ଅବସ୍ଥାରେ ମୋତେ ନିଃସଙ୍ଗ କକ୍ଷରେ ପ୍ରଥମ ଦେଢ଼ମାସ ଅତିବାହିତ କରିବାକୁ ହେଲା । ସର୍ବଦା ମୋତେ କକ୍ଷ ଭିତରେ ରହିବାକୁ ପଡୁଥାଏ । ବହିଟିଏ ପଢ଼ିବାକୁ ମଧ୍ୟ ମୋତେ ଅନୁମତି ଦିଆଗଲା ନାହିଁ । ରାତିରେ ତିନି ଚାରି ଥର ପ୍ରହରୀ ବଦଳ ବେଳେ ସେମାନେ ଆମ ନିଦ ଭାଙ୍ଗିବାଯାଏ ଚିତ୍କାର କରୁଥା'ନ୍ତି । ତିନି ଚାରି ଥର ଏମିତି ହେବା ଫଳରେ ନିଦ ହେଉ ନଥାଏ । କିଛି ଦିନ ପରେ ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ଆମକୁ ଦିନକୁ ଦୁଇ ଥର କକ୍ଷ ଆଗରେ ପଦଚାରଣା କରିବାକୁ ଦିଆଗଲା । ଏହାର ଆଠ ଦଶ ଦିନ ପରେ ବହି ଆଣିବାର ଅନୁମତି ମିଳିଲା । ମୁଁ ଘରୁ ଗୀତା ଏବଂ ଉପନିଷଦ୍ ମଗାଇଲି । କିନ୍ତୁ ରାତିରେ ଆଲୁଅ ଦିଆଗଲା ନାହିଁ । ତେଣୁ ପଢ଼ିପାରିଲି ନାହିଁ । ଦୁଇ ଖଣ୍ଡ ରୁକ୍ଷ କମ୍ବଳ ଦିଆ ଯାଇଥାଏ । ଚଟାଣରେ ଖଣ୍ଡିଏ ବିଛାଇ ଶୋଉଥାଉଁ ।''

''ଇଣ୍ଡିଆ'' ଆହୁରି ଲେଖିଥାଏ :

''ଗିରଫ ହେବା ସଙ୍ଗେ ସଙ୍ଗେ କଲିକତା ପୁଲିସ କମିସନର ମି. ହାଲିଡେଙ୍କ ସହ ମି. ଘୋଷଙ୍କ କଥୋପକଥନ ମଧ୍ୟ କମ୍ ବିଶେଷତ୍ୱପୂର୍ଣ୍ଣ ନୁହେଁ :

''ମି. ହାଲିଡେ ମୋତେ କହିଲେ, 'ଏଭଳି ଜଘନ୍ୟ ଅପରାଧରେ ଅଂଶଗ୍ରହଣ କରି ତୁମେ ଲଜ୍ଜିତ ନୁହଁ ?' ମୁଁ ଉତ୍ତର ଦେଲି, 'ମୁଁ ଅଂଶ ଗ୍ରହଣ କରିଛି ବୋଲି ଧରି ନେବାର ଅଧିକାର ତୁମକୁ କିଏ ଦେଲା ?' ହାଲିଡେ କହିଲେ, 'ମୁଁ ଧରି ନେଇ ନାହିଁ, ମୁଁ ଜାଣେ ।' ଉତ୍ତରରେ କହିଲି, 'ତୁମେ କ'ଣ ଜାଣ ବୋଲି କଳ୍ପନା କରୁଛ ସେକଥା ମୁଁ ଜାଣେନା । ମୁଁ କୌଣସି ସମ୍ପର୍କ ଥିବା ଅସ୍ୱୀକାର କରୁଛି ।' ''

ଶେଷରେ ''ଇଣ୍ଡିଆ'' ଦେଇଥାଏ ଏହି ମନ୍ତବ୍ୟ : ''ମି. ଘୋଷଙ୍କ ଭୂମିକା ସମ୍ପର୍କରେ ହାଲିଡେଙ୍କ 'ଜାଣିବା' କେତେ ଭ୍ରାନ୍ତ ଥିଲା, ତାହା ବିଚାରର ଫଳାଫଳରୁ ସ୍ପଷ୍ଟ ।... ଜଣକର ନିର୍ଦ୍ଦୋଷତା ବେପ୍ରମାଣ ହେବା ପୂର୍ବରୁହିଁ ହାଲିଡେଙ୍କୁ ସେଭଳି କହିବାର ଅଧିକାର କିଏ ଦେଲା ?''[୯]

୧୯୦୯ ମସିହା ୨୧ ତାରିଖ ମେ'ରେ 'ବେଙ୍ଗଲି'ରେ ପ୍ରକାଶିତ ହେଲା :

## ଶ୍ରୀଅରବିନ୍ଦ ଘୋଷଙ୍କ ସହ ସାକ୍ଷାତ୍‌କାର
## ତାଙ୍କ କାରା ଅଭିଜ୍ଞତା

''ସଞ୍ଜୀବନୀରେ ଶ୍ରୀଅରବିନ୍ଦ ଘୋଷଙ୍କ ସହ ସାକ୍ଷାତ୍‌କାରର ଦ୍ୱିତୀୟ କିସ୍ତି ପ୍ରକାଶ ପାଇଛି ।

ପ୍ରଶ୍ନ : ମି. ବିର୍ଲେଙ୍କ ଅଦାଲତରେ ଆପଣଙ୍କ ମାମଲା ଉପସ୍ଥାପନ ହେଲା ମେ ୧୮ରେ । ସେ ଯାଏ ଆପଣଙ୍କୁ ନିଃସଙ୍ଗ କାରାକକ୍ଷରେ ରହିବାକୁ ପଡ଼ିଥିଲା ?

ଉତ୍ତର : ହଁ ।

ପ୍ରଶ୍ନ : ଦିନ ପରେ ଦିନ ଆପଣଙ୍କୁ ଅଦାଲତରେ ସାରା ସମୟ ଠିଆ ହୋଇ ରହିବାକୁ ପଡୁଥିଲା ?

ଉତ୍ତର : ହଁ, ପ୍ରଥମରେ ସେହି ବ୍ୟବସ୍ଥା ଥିଲା । କିନ୍ତୁ ବିଚାର ଯେତେବେଳେ ବିରକ୍ତିକର ଭାବେ ଦୀର୍ଘ ସମୟ ଧରି ଚାଲିଲା, ସେତେବେଳେ ଠିଆ ହୋଇ ରହିବା ଅସମ୍ଭବ ହେଲା ଏବଂ କେତେ ଦିନ ପରେ ଆମେମାନେ ମଝେ ମଝେ ବସି ପଡୁଥାଉଁ । ଆମେ କଥାବାର୍ତ୍ତା ହେଉଥିବାର ଶୁଣିବା ମାତ୍ରେ ଆମକୁ ପୁଣି ଠିଆ ହେବାକୁ ନିର୍ଦ୍ଦେଶ ଦିଆ ଯାଉଥିଲା । ଆମେ ସେତେବେଳେ ବହି ପଢୁଥାଉଁ – କିଏ ବଙ୍କିମ ଚନ୍ଦ୍ରଙ୍କ ଉପନ୍ୟାସ ତ କିଏ ବିବେକାନନ୍ଦଙ୍କ ଲେଖା ଏବଂ କେହି କେହି ଗୀତା ବା ଉପନିଷଦ୍ । କିନ୍ତୁ ତାହା ଅଧିକ ଦିନ ସମ୍ଭବ ହେଲା ନାହିଁ । ମି. ବିର୍ଲେଙ୍କ ଆଦେଶରେ ତାହା ନିଷିଦ୍ଧ ହେଲା ।

ପ୍ରଶ୍ନ : ବିଚାରାଳୟର ମଧ୍ୟାହ୍ନ ବିରତି ବେଳେ ଆପଣମାନେ ପରସ୍ପର କଥାବାର୍ତ୍ତା ହେବାର ସୁଯୋଗ ମିଳୁଥିଲା ?

ଉତ୍ତର : ହଁ ।

ପ୍ରଶ୍ନ : ସେତେବେଳେ କ'ଣ ହେଉଥିଲା ?

ଉତ୍ତର : ଉଲ୍ଲାସ କର, ହେମ ଦାସ ଓ ଅନ୍ୟମାନେ

ସେମାନଙ୍କ ବୁଦ୍ଧିଦୀପ୍ତ ସରସ ମନ୍ତବ୍ୟ ଯୋଗେ ଆମକୁ ଆମୋଦିତ-ଆଲୋକିତ କରି ରଖୁଥା'ନ୍ତି ।

ପ୍ରଶ୍ନ : ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥାଉଁ ଥାଉଁ ସେମାନେ ସେମିତି କୌତୁକ କରିବା ଅସ୍ୱାଭାବିକ ନୁହେଁ କି ?

ଉତ୍ତର : ସେମାନଙ୍କ ପାଇଁ ଖୁବ୍ ଅସ୍ୱାଭାବିକ ନୁହେଁ । ବିଚାରର ଫଳ କ'ଣ ହେବ ସେପାଇଁ ସେମାନଙ୍କ ଭିତରୁ କାହାରି ହେଲେ ତିଳେ ମଧ୍ୟ ପରୁଆ ନଥିଲା ।

ପ୍ରଶ୍ନ : ମାନେ ?

ଉତ୍ତର : ମାନେ ହେଲା, ଅପରାଧୀଭାବେ ସାବ୍ୟସ୍ତ ହୁଅନ୍ତୁ ବା ନ ହୁଅନ୍ତୁ, ସମସ୍ତେ ଦଣ୍ଡିତ ହେବେ ବୋଲି ଧରି ନେଇଥିଲେ ।

ବନ୍ଦୀମାନଙ୍କର ବେପରୁଆ ମନୋଭାବ ସମ୍ପର୍କରେ ଆଉ କିଛି ପ୍ରଶ୍ନୋତ୍ତର ଉଦ୍ଧାରୁ :

''ପ୍ରଶ୍ନ : ନିଃସଙ୍ଗ କାରାବାସ ପର୍ଯ୍ୟାୟ ଅନ୍ତେ ପରିସ୍ଥିତିରେ କିଭଳି ପରିବର୍ତ୍ତନ ହେଲା ?

ଉତ୍ତର : ଆମକୁ ତିନି ବା ଚାରି ବଡ଼ ବଡ଼ କକ୍ଷ ବିଶିଷ୍ଟ କାରାଗୃହକୁ ନିଆଗଲା । ବାରୀନ୍, ବିଭୂତି, ବିଜୟ, ନରେନ୍ ବକ୍ସି, କୁଞ୍ଜଲାଲ, ଆଉ କେତେ ଜଣ ଏବଂ ମୁଁ ଗୋଟାଏ କକ୍ଷରେ ରହୁଥିଲୁଁ । ଆଉ ଗୋଟିକରେ ଥିଲେ ହେମ ଦାସ, ଉପେନ୍ଦ୍ର ବାନାର୍ଜି ଏବଂ ଅନ୍ୟମାନେ – ସେ କକ୍ଷରେ ସେମାନେ ଦିନରାତି ମଉଜ ଓ ଖେଳରେ ବିତାଉ ଥିଲେ । ଆଉ ଏକ କକ୍ଷରେ ଥିଲେ ନରେନ୍ ଗୋସାଇଁ, ଦେବବ୍ରତ ଏବଂ ବୋଧହୁଏ ହୃଷୀକେଶ ।

ପ୍ରଶ୍ନ : ଅର୍ଥାତ୍ ଗୋଟାଏ କକ୍ଷରେ ଧ୍ୟାନ ଭାବନା ଏବଂ ଦ୍ୱିତୀୟ କକ୍ଷରେ ମଉଜମଜଲିସ ଅନୁଷ୍ଠିତ ହେଉଥାଏ । ତୃତୀୟ କକ୍ଷରେ ?

ଉତ୍ତର : ଦେବବ୍ରତ ଓ ହୃଷୀକେଶ କିଛି ସାଧନାରେ ସମୟ ବିତାଉଥିଲେ । ନରେନ୍ ଗୋସାଇଁ ଗପୁଥାଏ ଓ ଗାଉଥାଏ । ସେ ଭଲ ଗାଇ ପାରୁଥିଲା । କିଛି ଦିନ ପରେ ଆମ ସମସ୍ତଙ୍କୁ ଗୋଟାଏ ପ୍ରଶସ୍ତ ଘରେ ରଖାଗଲା ।

ପ୍ରଶ୍ନ : ଖିଆପିଆ ଓ ସ୍ନାନ କଥା ? ସେହି ଲଫ୍‌ସି ?

ଉତ୍ତର : ହଁ । ପାଖରେ ପାଣିକଳଟାଏ ଥିବା ଫଳରେ ସ୍ନାନ ଅବଶ୍ୟ ଭଲରେ ହେଉଥିଲା । ଖାଦ୍ୟ ପ୍ରାୟ ପୂର୍ବପରି । କେବଳ ଯେଉଁମାନେ ଅସୁସ୍ଥ ବା ଦୁର୍ବଳ ହୋଇ ପଡୁଥିଲେ ସେମାନଙ୍କୁ ହାସପାତାଲ ଖାଦ୍ୟ ମିଳୁଥିଲା ।

ପ୍ରଶ୍ନ : କିନ୍ତୁ ନରେନ୍ ଗୋସାଇଁର ହତ୍ୟା ପରେ ସବୁ ବଦଳିଗଲା ?

ଉତ୍ତର : ହଁ...

ପ୍ରଶ୍ନ : ନରେନ୍ ଗୋସାଇଁ ଯେ ଅଦାଲତରେ ଆପଣଙ୍କ ବିରୋଧରେ ମିଥ୍ୟା କହିଲା, ସେ ସମ୍ପର୍କରେ କିଛି ସୂଚନା ଦେଇଥିଲା କି ?

ଉତ୍ତର : ହଁ । ସେ ଜଣକୁ କହିଥିଲା, 'ମୁଁ ଅରବିନ୍ଦ ବାବୁଙ୍କୁ ଜଡ଼ିତ କରିବାକୁ ଚାହୁଁ ନଥିଲି । କିନ୍ତୁ ତାଙ୍କୁ ଜଡ଼ିତ ନକଲେ ମୁଁ ରକ୍ଷା ପାଇବି ନାହିଁ । ତେଣୁ ତାଙ୍କୁ ଜଡ଼ିତ କଲି ।'

ପ୍ରଶ୍ନ : ରାଜସାକ୍ଷୀ ବନିବା ପରେ ସେ ଆଉ ଆପଣଙ୍କ ପାଖକୁ ଆସିଲା ନାହିଁ ବୋଧହୁଏ ?

ଉତ୍ତର : ଯେଉଁଦିନ ସେ ରାଜସାକ୍ଷୀ ଭାବରେ ବିବୃତି ଦେଲା, ସେହିଦିନ ତାକୁ ୟୁରୋପୀୟ ୱାର୍ଡ଼କୁ ସ୍ଥାନାନ୍ତର କରାଗଲା ।...

ପ୍ରଶ୍ନ : ଗୋସାଇଁ ନିଧନ ପରେ କ'ଣ ହେଲା ?

ଉତ୍ତର : ଅଧଘଣ୍ଟାଏ ଭିତରେ କାରାଗାର କର୍ତ୍ତୃପକ୍ଷ ଆସି ଆମକୁ ଘର ଭିତରୁ ବାହାର କରି ଦେଇ ତନ୍ନତନ୍ନ ତଲାସ କଲେ ଓ ଆମେ ଯାହା ପିନ୍ଧିଥିଲୁଁ, ସେତକ ବାଦ୍ ସବୁ ଜିନିଷରୁ ବଞ୍ଚିତ ହେଲୁଁ । ପୁଣି ନିଃସଙ୍ଗବାସ । ପୁଣି ପ୍ରଥମ ପର୍ଯ୍ୟାୟର ପୁନରାବୃତ୍ତି ।

ପ୍ରଶ୍ନ : ଏବଂ ଆପଣମାନଙ୍କ ପ୍ରତି ଆଚରଣ ହେଲା ଅଧିକ ରୁକ୍ଷ ?

ଉତ୍ତର : ଅବଶ୍ୟ । ଅତ୍ୟନ୍ତ ରୁକ୍ଷ । ସଶସ୍ତ୍ର ହାଇଲେଣ୍ଡାର୍ସ (ସ୍କଟଲାଣ୍ଡର ପାର୍ବତ୍ୟ ଅଞ୍ଚଳର ସୈନିକ) ଆମକୁ ଜଗିଲେ । ଶୁଣିଛି, କେହି ପଳାଇବାର ଉଦ୍ୟମ କଲେ ବା କିଛି ଗୋଳମାଳ କଲେ ତାକୁ ଗୁଳି କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ବାହାରୁ କୌଣସି ଚିଜ ଆସି ପାରିଲା ନାହିଁ । ମାଜିଷ୍ଟ୍ରେଟଙ୍କ ଅନୁମତି ବିନା କେହି ଦେଖା କରି ପାରିବେ ନାହିଁ । ଅସୁସ୍ଥମାନଙ୍କୁ କୌଣସି ଚିକିତ୍ସା ମିଳିଲା ନାହିଁ । କାହା ସହିତ କଥା କହିବା ନିଷିଦ୍ଧ ହେଲା – ଏପରିକି କାରାଗାରର କୌଣସି କର୍ମଚାରୀ ସହିତ ମଧ୍ୟ ନୁହେଁ ।...''(୧୦)

ଶ୍ରୀଅରବିନ୍ଦ ଥିଲେ ଅତ୍ୟନ୍ତ ସଂଯମୀ ବକ୍ତା । କଣ୍ଠ ମୃଦୁମଧୁର । ଅଙ୍ଗଭଙ୍ଗୀ ନଥାଏ । ପୁଣି ସେ କହୁଥା'ନ୍ତି ଇଂରାଜୀରେ – ଯାହା ଖୁବ୍ କମ୍ ସଂଖ୍ୟକ ଶ୍ରୋତା ବୁଝି ପାରୁଥା'ନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା, ସି. ଆଇ. ଡ଼ି. ରିପୋର୍ଟରୁ

ଜଣାଯାଏ, ଲୋକେ ନିସ୍ତବ୍ଧ ଭାବରେ ତାଙ୍କୁ ଶୁଣୁଥା'ନ୍ତି; ସେ କହିବାକୁ ଆରମ୍ଭ କଲାବେଳେ ଏବଂ ବକ୍ତୃତା ସମାପ୍ତ ହେଲେ ବିପୁଳ କରତାଳି ଧ୍ୱନିରେ ବାତାବରଣ ସ୍ପନ୍ଦିତ ହେଉଥାଏ । ମନେ ରଖିବା ଜରୁରି – ସେତେବେଳେ ମାଇକ୍ରୋଫୋନ୍ ନଥାଏ ।

ଲଣ୍ଡନର 'ଟାଇମ୍ସ୍'ରେ ୧୯୦୯ ମସିହା ଜୁଲାଇ ଓ ଅଗଷ୍ଟ ଭିତରେ ତାଙ୍କ ସମ୍ପର୍କରେ ବେଶ୍ କେତେଗୁଡ଼ିଏ ବିବରଣୀ ପ୍ରକାଶିତ ହୋଇଥାଏ । କିଛି ନମୁନା :

''ଅଗଷ୍ଟ ୭ ତାରିଖ ସମାବେଶରେ ଥିଲେ ପ୍ରାୟ ପାଞ୍ଚ ହଜାର ଶ୍ରୋତା । ତହିଁରୁ ସମ୍ଭବତଃ ଅର୍ଦ୍ଧେକ ଯୁବା ।... ଏକମାତ୍ର ବକ୍ତା ବାବୁ ଭୂପେନ୍ଦ୍ରନାଥ ବୋଷ କୌଣସି ଆବେଗ ଉତ୍ତେଜନା ସୃଜି ପାରିଲେ ନାହିଁ ।... ବେଙ୍ଗଲିମାନଙ୍କର ପ୍ରାଗୈତିକ ଆକାଂକ୍ଷା; ବାବୁ ଭୂପେନ୍ଦ୍ରନାଥ ସେ ହଜାର ହଜାର ଜନତା ସମ୍ବଳିତ ସଭ୍ୟଙ୍କୁ ଗୋଟାଏ ଛୋଟ ଡାଇନିଂ ଟେବୁଲ ଉପରେ ଠିଆ ହୋଇ ଚିତ୍କାରଧର୍ମୀ ଭାଷଣ ଦେବାର ଆଶା କରାଯାଉଥିଲା ।... ଯାହା ତାତ୍ପର୍ଯ୍ୟପୂର୍ଣ୍ଣ କଥା, ତାହା ହେଲା ଶ୍ରୋତୃବର୍ଗଙ୍କର ଉତ୍ସାହ ଯେତେବେଳେ ପ୍ରଶମିତ, ହଠାତ୍ ସେମାନେ ତୀବ୍ର ଆନନ୍ଦୋଚ୍ଛ୍ୱାସରେ ଉଦ୍‌ବୁଦ୍ଧ ହେଲେ ଯେତେବେଳେ ସେ ଡାଇନିଂ ଟେବୁଲ ପାଖରେ ମି. ଅରବିନ୍ଦ ଘୋଷ ଦଣ୍ଡାୟମାନ ଥିବାର ଦେଖାଗଲା । ନିଃସନ୍ଦେହରେ ସେ ହେଲେ ସେ ସନ୍ଧ୍ୟାର ନାୟକ ।''

ଏହା ପରେ ଶ୍ରୀଅରବିନ୍ଦଙ୍କ ବକ୍ତୃତାର ସାରାଂଶ ପରିବେଷଣ କରିଛି ସେ ସମ୍ବାଦପତ୍ର – ଯାହା ବିଦେଶୀ ସରକାର ସହ ସର୍ବପ୍ରକାର ଅସହଯୋଗ ଏବଂ ବିଦେଶୀ ଦ୍ରବ୍ୟବର୍ଜନ ପାଇଁ ତାଙ୍କ ଆହ୍ୱାନ । ଅବଶେଷରେ ସମ୍ବାଦପତ୍ର ଲେଖିଛି, ''ତରୁଣ ବଙ୍ଗ ଏହି ମହାବାଣୀ (gospel) ଗ୍ରହଣ କରି ନେଇଛି ବୋଲି ମନେହୁଏ ।''(୧୧)

'ଟାଇମ୍ସ୍'ର ଜୁଲାଇ ୧୪ ତାରିଖର ଏକ ସମ୍ବାଦର କିୟଦଂଶ : ''ଦୁଷ୍ଟବୁଦ୍ଧି ପ୍ରଣୋଦିତ ଅସହଯୋଗ ଆନ୍ଦୋଳନର ପୁନରୁତ୍ଥାନ ଏବଂ ବିରାଟ ବ୍ରିଟିଶ-ବିରୋଧୀ ଅଭିଯାନ ନିମନ୍ତେ ପ୍ରୟାସ ଚାଲିଥିବାର ଭୟାବହ ଲକ୍ଷଣ ଫୁଟି ଉଠୁଛି ।... ମି. ଅରବିନ୍ଦ ଘୋଷ ଯିଏକି ଅଗ୍ନିଗର୍ଭ ଭାଷଣମାନ ଦେଇ-ଚାଲିଛନ୍ତି, ସେ ରବିବାର ଦିନ ନିଜକୁ ଅତିକ୍ରମ କରି ଗଲେ ଯେତେବେଳେ ଛାତ୍ରବହୁଳ ଗୋଟାଏ ସମାବେଶକୁ ସେ କହିଲେ ଯେ କାରାଦଣ୍ଡ ଏମିତି କିଛି ଭୟଙ୍କର ଅଭିଜ୍ଞତା ନୁହେଁ । ସେ ହଜାର ହଜାର ସଂଖ୍ୟାରେ ସମବେତ ହୋଇ ଅସହଯୋଗ ଆନ୍ଦୋଳନ ଜୋର୍‌ଦାର କରିବା ନିମନ୍ତେ ଛାତ୍ରମାନଙ୍କୁ ଆହ୍ୱାନ ଦେଲେ – ଯାହା ଫଳରେ ଭାରତବର୍ଷର ଶୋଷଣ ବନ୍ଦ ହେବ ଏବଂ କ୍ରମାଗତ ଦୁର୍ଭିକ୍ଷରୁ ତ୍ରାହି ମିଳିବ ।... ଦେଶ ପାଇଁ ଯେକୌଣସ ପ୍ରକାର ଦୁଃଖବରଣ ନିମନ୍ତେ ସେ ଦେଲେ ଆହ୍ୱାନ... ।(୧୨)

ଜୁଲାଇ ୨୦ ତାରିଖ 'ଟାଇମ୍ସ୍'ରୁ :

''ସାରା ବଙ୍ଗଦେଶ ବ୍ୟାପୀ ବିଦେଶୀ ଦ୍ରବ୍ୟ ବର୍ଜନ ପାଇଁ ପ୍ରସ୍ତୁତି ଅବ୍ୟାହତ ରହିଛି । କଲେଜ ସ୍କୋଆର୍‌ରେ ନିୟମିତ ରାଜନୈତିକ ସଭାମାନ ଅନୁଷ୍ଠିତ ହେଉଛି । ମି. ଅରବିନ୍ଦ ଘୋଷହିଁ ମୁଖ୍ୟ ବକ୍ତା । ସେ ଗତକାଲି କହିଲେ ଯେ ଯଦି ଏସବୁ ସଭା ସରକାର ନିଷିଦ୍ଧ କରିବେ, ତେବେ ତାହା କେତେକଙ୍କୁ ଏଭଳି କିଛି ପଦକ୍ଷେପ ନେବାକୁ ଉତ୍ସାହ ଦେବ ଯାହାର ପରିଣତି କଥା ଚିନ୍ତା କଲେ ଆତଙ୍କ ଅନୁଭୂତ ହୁଏ । ସେ ଆହୁରି ମଧ୍ୟ କହିଲେ ଯେ ସରକାର ପ୍ରତି ସହଯୋଗ ମନୋଭାବ ଅସମ୍ଭବ... ।(୧୩)

୧୯୦୯ ମସିହା ଜୁନ୍ ୨୪ ତାରିଖ ସଂଖ୍ୟା ''ନାୟକ'' ପତ୍ରିକାରୁ :

### ''ଅରବିନ୍ଦାତଙ୍କ''
### (Aurobindo-Phobia)

ପୁଲିସ ଅରବିନ୍ଦାତଙ୍କରେ ପୀଡ଼ିତ ବୋଲି ଧାରଣା ହୁଏ । ଅରବିନ୍ଦ କୌଣସି ଗୋଟାଏ ସ୍ଥାନକୁ ଯିବେ ବୋଲି ଶୁଣାଗଲେ ସ୍ଥାନୀୟ ପୁଲିସ ଘୋର ଆତଙ୍କିତ ହୋଇଉଠେ – ସତେ ଅବା ଅରବିନ୍ଦ ବାବୁ ସେ ସ୍ଥାନରେ ପଦାର୍ପଣ କରିବା ମାତ୍ରେ ସ୍ଥାନୀୟ ଲୋକେ ସ୍ୱାଧୀନତା ଘୋଷଣା କରିଦେବେ ! ନିକଟରେ ଅରବିନ୍ଦବାବୁ ବରିଶାଳ ଯାଇଥିଲେ । ସେ ଯାଉଥିବା କଥା ସେଠାରେ ପୁଲିସ କାନରେ ପଡ଼ିବା ମାତ୍ରେ ସେମାନେ ଘୋର ଉତ୍ତେଜିତ ହୋଇଉଠିଲେ । ଜଣେ ଇନ୍ସପେକ୍ଟର୍ ସଭାର ଆୟୋଜକମାନଙ୍କୁ ଭେଟି କହିଲେ କି ସେମାନେ ଆଉ ଯାହାକୁ ଆଣିବେ ଆଣନ୍ତୁ, କିନ୍ତୁ ଅରବିନ୍ଦ ବାବୁଙ୍କୁ ନୁହେଁ ।...(୧୪)

''କର୍ମଯୋଗୀନ୍''ର ୧୯୧୦ ମସିହା ଜାନୁଆରୀ ୨୨ ତାରିଖ ସଂଖ୍ୟାରେ ପ୍ରକାଶ ପାଇଲା ଏକ ଚମତ୍କାର ବିଦ୍ରୂପାତ୍ମକ ଲେଖା । ଶିରୋନାମା, Postal Precautions ।

ଶ୍ରୀଅରବିନ୍ଦଙ୍କ ନିକଟକୁ ଆସିଥିବା ଏକ ବେନାମି ଚିଠିରେ ତାଙ୍କୁ କେହି ଜଣେ ଶୁଭେଚ୍ଛୁ ଜଣାଇଥିଲେ କି ଗୋପାଳଚନ୍ଦ୍ର ରାୟ ନାମକ ଜଣେ ସି.ଆଇ.ଡ଼ି. କର୍ମଚାରୀ ବେଶ୍ କେତେଜଣ ସହକାରୀଙ୍କ ସହ ସ୍ୱତନ୍ତ୍ର ଭାବରେ ନିଯୁକ୍ତ ହୋଇଛନ୍ତି; ତାଙ୍କ ବାସଗୃହ ଉପରେ ଦିବାରାତ୍ର ଦୃଷ୍ଟି ନିବଦ୍ଧ ରଖିବା ସଙ୍ଗେ ସଙ୍ଗେ ତାଙ୍କ ନାମରେ ଆସୁଥିବା ଯାବତୀୟ ଚିଠିପତ୍ର ତାଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ସେସବୁର ନକଲ ପ୍ରସ୍ତୁତ କରିନେବା ନିମନ୍ତେ ।

ପ୍ରତିକ୍ରିୟାରେ କୁହାଯାଇଥିଲା ଉକ୍ତ ଗୋପାଳ ଗୋଟିକୁ ଜାଣିବାର ସୌଭାଗ୍ୟ ଶ୍ରୀଅରବିନ୍ଦଙ୍କର ହୋଇ ନାହିଁ । ହୁଏତ ଚିଠିର ବିଷୟବସ୍ତୁ ମିଛ ହୋଇପାରେ, ନହେଲେ ଗୋପାଳଙ୍କର କୌଣସି ବିଚରା ସହକାରୀ ଚିଠି ନକଲ କରିବାରେ କ୍ଳାନ୍ତ ହୋଇ ତଥା ସେ ଶୀତ ଋତୁରେ ଖୋଲା ସ୍ଥାନରୁ ସର୍ବଦା ଘରଟି ଉପରେ ଦୃଷ୍ଟି ରଖିବା ଭଳି ଦୁଃଖର ଅପନୋଦନ ସକାଶେ ଚିଠି ଖଣ୍ଡିକ ପଠାଇ ଥାଇପାରନ୍ତି ।

''କର୍ମଯୋଗୀନ୍''ର ପ୍ରସ୍ତାବ – ମାନବିକତା ଦୃଷ୍ଟିରୁ ଗୋପାଳ ଏବଂ ତଦୀୟ ଦଳଟି ନିମନ୍ତେ କଲେଜ ସ୍କୋଆର୍‌ରେ ଗୋଟାଏ ମଣ୍ଡପ ନିର୍ମାଣ କରାଯାଉ । ଦ୍ୱିତୀୟରେ ସରକାର ପୋଷ୍ଟ ଅଫିସ୍‌କୁ ପ୍ରତିଶ୍ରୁତି ଦେଇ ପାରନ୍ତି ଯେ ଶ୍ରୀଅରବିନ୍ଦଙ୍କ ଚିଠିପତ୍ରରୁ କିଛି କିଛି ସେମାନେ ହଜାଇ ନଦେଲେ ଏବଂ ବାକିତକ ପଠାଇବାରେ ବିଳମ୍ବ ନକଲେ ବ୍ରିଟିଶ ସାମ୍ରାଜ୍ୟର କିଛି କ୍ଷତି ହେବ ନାହିଁ । ତୃତୀୟ କଥା, ଶ୍ରୀଅରବିନ୍ଦ ଚିଠିପତ୍ର କ୍ୱଚିତ୍ ଲେଖୁଥିଲେ । ତାଙ୍କ ଏକାନ୍ତ ବ୍ୟକ୍ତିଗତ ଚିଠିମାନ ଆଲିପୁର ବିଚାରାଳୟ ମାଧ୍ୟମରେ ଶାସନକଳ ସାର୍ବଜନୀନ କରିଦେବା ପରେ ଚିଠି ଲେଖିବା ନିମନ୍ତେ ତାଙ୍କର ଆଉ ସ୍ପୃହା ନାହିଁ । ସେ ଦୃଷ୍ଟିରୁ ସେଦିଗରେ ସରକାରଙ୍କୁ ବିଶେଷ ସତର୍କ ହେବାକୁ ପଡ଼ିବ ନାହିଁ । ଗୋପାଳ ଜଣକ ଯଦି ଅଧିକ ସଂଖ୍ୟକ ସହକାରୀ ପାଇଁ ନିବେଦନ କରନ୍ତି ତେବେ ସରକାର ସେଥିରେ ସମ୍ମତ ହେବାର ହେତୁ ନାହିଁ ।

''ତେବେ ସରକାରଙ୍କ ସୁବିଧା ନିମନ୍ତେ ପତ୍ର-ପ୍ରେରକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଶ୍ରୀଅରବିନ୍ଦଙ୍କ ନିକଟକୁ ଲେଖୁଥିବା ଚିଠିସବୁର ଗୋଟିଏ ଗୋଟିଏ ନକଲ ବଙ୍ଗ ସରକାରଙ୍କ ସଚିବ ଅଥବା ସି. ଆଇ. ଡ଼ି. କର୍ତ୍ତା ଡେନ୍‌ହାମ୍ ସାହେବଙ୍କ ନିକଟକୁ ପଠାଇ ଦେବେ । ଆଉ କେହି ଯଦି ବୋମା ବା ରିଭଲ୍‌ଭର ଅଥବା କୌଣସି ବିସ୍ଫୋରକ ପଦାର୍ଥର ନମୁନା ପଠାଇବାକୁ ମନ କରିବେ, ତେବେ ସେମାନେ ସେସବୁ 'ଷ୍ଟେଟ୍‌ସ୍‌ମ୍ୟାନ୍' କିଂବା 'ଇଂଲିଶ୍‌ମ୍ୟାନ୍' କାଗଜର ସମ୍ପାଦକଙ୍କ ମାରଫତରେ ପଠାଇବା ବିଜ୍ଞତାର କାର୍ଯ୍ୟ ହେବ ।''(୧୫)

ଚମତ୍କାର ବ୍ୟଙ୍ଗାତ୍ମକ ଶୈଳୀରେ ଲିଖିତ ଏ କ୍ଷୁଦ୍ର ରଚନା ଗୋଟିକ ବେଶ୍ କେତୋଟି ପତ୍ରିକା ପୁନଃମୁଦ୍ରଣ କରିଥିଲେ ।

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. ଶିଶିର କୁମାର ମିତ୍ର : Sri Aurobindo; India Book Co., New Delhi.
୨. The Bengalee, Editorial; 8 May 1909.
୩. ତତ୍ରୈବ
୪. 'Feelings in Madras' : The Bengalee, 13 May 1909.
୫. The Bengalee; 13 May 1909.
୬. The Bengalee; 14 May 1909.
୭ ରୁ ୧୫ : Old India Office Library Archives, London. ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ତ୍ରୟୋଦଶ ଅଧ୍ୟାୟ)

## ଯଜ୍ଞର ଅଧୀଶ୍ୱର

**ଶେଖ ଅବଦୁଲ କାଶମ**

ସତ୍ୟର ସମଗ୍ର ଓ ଅଖଣ୍ଡ ସ୍ୱରୂପକୁ ଉପଲବ୍ଧି କରିବା ପାଇଁ ମନୁଷ୍ୟକୁ ତିନୋଟି ସ୍ତରରେ ଜ୍ଞାନ ଅର୍ଜନ କରିବାକୁ ହେବ – ଈଶ୍ୱର, ପ୍ରକୃତି ବା ଜଗତ୍ ଏବଂ ବ୍ୟକ୍ତି । ଅର୍ଥାତ୍ ଆତ୍ମଜ୍ଞାନ, ଜଗତ୍-ଜ୍ଞାନ ଓ ଈଶ୍ୱର-ଜ୍ଞାନର ପୂର୍ଣ୍ଣ ସମନ୍ୱୟ ଦ୍ୱାରା ହିଁ ମନୁଷ୍ୟର ଜୀବନରେ ସାର୍ଥକତା ଓ ପରିପୂର୍ଣ୍ଣତା ଆସି ପାରିବ । ଗୀତାରେ କର୍ମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି କାରଣ ଏହା ଈଶ୍ୱର, ଜଗତ୍ ଓ ବ୍ୟକ୍ତି ମଧ୍ୟରେ ସଂଯୋଗ ସ୍ଥାପନରେ ସହାୟକ । ଦୈନନ୍ଦିନ ଜୀବନରେ ଏକ ଯଥାର୍ଥ ବ୍ୟାବହାରିକ ଦିଗ୍‌ଦର୍ଶନ ପାଇବା ଲାଗି କର୍ମ ଓ ଯଜ୍ଞ ସମ୍ପର୍କରେ ଆମର ଧାରଣା ସ୍ପଷ୍ଟ ଓ ପରିପୂର୍ଣ୍ଣ ହେବା ଆବଶ୍ୟକ ।

ବେଦାନ୍ତର ଏହି ମୂଳ ସତ୍ୟକୁ ଗୀତା ଗ୍ରହଣ କରିଛି ଯେ ବ୍ରହ୍ମ ହେଉଛି ସମଗ୍ର ସତ୍ତା, ସମଗ୍ର ଜଗତ୍ ହେଉଛି ବ୍ରହ୍ମରହିଁ ଚକ୍ର । ଏକ ବ୍ରହ୍ମହିଁ ନିଜକୁ ବହୁତ୍ୱ ଭିତରେ ରୂପାୟିତ କରିଛନ୍ତି । ଏକ ଦିବ୍ୟ ଭଗବତ୍ ଲୀଳା ଭଗବାନଙ୍କଠାରୁ ପ୍ରକାଶିତ ହୋଇ ସେଇ ଭଗବାନଙ୍କ ଦିଗରେ ଫେରି ଯାଉଛି । ସବୁକିଛି ହେଲା ପ୍ରକୃତିର ପ୍ରକଟନ ଲୀଳା । ପ୍ରକୃତି ଭଗବାନଙ୍କଠାରୁ ସ୍ୱତନ୍ତ୍ର ନୁହେଁ, ଏହା ଭଗବାନଙ୍କରହିଁ ଏକ ଶକ୍ତି । ପ୍ରକୃତିର ଯାବତୀୟ କ୍ରିୟା-ପ୍ରକ୍ରିୟା ଭଗବାନଙ୍କ ଉଦ୍ଦେଶ୍ୟ ପୂରଣ ପାଇଁ ଅଭିପ୍ରେତ । ଭଗବାନଙ୍କ ଇଚ୍ଛା ପୂରଣ ଓ ସନ୍ତୋଷବିଧାନ ଲାଗିହିଁ ପ୍ରକୃତି ନାନା ନାମ ଓ ରୂପର ଲୀଳାରେ ନିୟତ ନିଯୁକ୍ତ । ମନୁଷ୍ୟ ମଧ୍ୟରେ କ୍ରିୟାଶୀଳ ମନ ଓ ପ୍ରାଣର ସକଳ ଗତି ଭିତରେ ପ୍ରକୃତିହିଁ ନିତ୍ୟ ଚଳଚଞ୍ଚଳ । ମନୁଷ୍ୟର ସକଳ କର୍ମକୁ ପ୍ରକୃତିହିଁ ପରିଚାଳିତ କରୁଛି ।

ପ୍ରକୃତି ଦୁଇଟି ଧାରାରେ ନିଜକୁ ଅଭିବ୍ୟକ୍ତ କରୁଛି ଯଥା : ନିବର୍ତ୍ତନ ଓ ବିବର୍ତ୍ତନ । ପ୍ରଥମେ ଆତ୍ମା ନିଜର ସମସ୍ତ ସ୍ୱରୂପ ଓ ସମ୍ଭାବନା ସହ ପ୍ରକୃତି ଭିତରେ ସଂବୃତ ଓ ନିବର୍ତ୍ତିତ ହୋଇ ରହିଥାଏ । ପରେ ଆତ୍ମାର ସେହି ସବୁ ସ୍ୱରୂପ ଓ ସମ୍ଭାବନା ବିବର୍ତ୍ତନ ବା ଆତ୍ମ-ବିକାଶର ରହସ୍ୟମୟ ଧାରାକୁ ଅନୁସରଣ କରି ପ୍ରକାଶିତ ହୋଇଥାଏ ।

ସମଗ୍ର ଜୀବନ ହେଉଛି ଭଗବାନଙ୍କଠାରେ ପ୍ରକୃତିରହିଁ ଏକ ଆତ୍ମ-ନୈବେଦ୍ୟ । ମନୁଷ୍ୟ ଏହି ସତ୍ୟଟିକୁ ବିସ୍ମୃତ ହୋଇଥିବାରୁ ଅଜ୍ଞାନ ଓ ଦୁଃଖ ମଧ୍ୟରେ ନିପତିତ ହୋଇଛି । ମନୁଷ୍ୟ ମଧ୍ୟରେ ରହିଥିବା ଅହଂ ହିଁ ଏହି ବିସ୍ମୃତି ଓ ଦୁଃଖର କାରଣ । ଯଦିଓ ସକଳ କର୍ମ ପ୍ରକୃତି ଦ୍ୱାରା ହିଁ ସମ୍ପାଦିତ ହେଉଛି ଏବଂ ଭଗବାନହିଁ ସକଳ କର୍ମର ଅଧୀଶ୍ୱର ତଥାପି ମନୁଷ୍ୟ ଆପଣାର ଅହଂ ଯୋଗୁଁ ନିଜକୁହିଁ କର୍ତ୍ତା ଓ ଭୋକ୍ତା ବୋଲି ଦାବି କରୁଛି । ଯାହା ପ୍ରକୃତରେ ପ୍ରକୃତି ଓ ଭଗବାନଙ୍କର କର୍ତ୍ତୃତ୍ୱାଧୀନ ଓ ଅଧିକାରଭୁକ୍ତ, ତାହାକୁ ମନୁଷ୍ୟ ନିଜେ ଅଧିକାର କରି ନେବାକୁ ବ୍ୟର୍ଥ ଚେଷ୍ଟା କରି ଦୁଃଖଯନ୍ତ୍ରଣା ଭୋଗୁଛି ।

କର୍ମ ସମ୍ପର୍କରେ ଗୀତାର ସମସ୍ତ ଶିକ୍ଷା ଯଜ୍ଞର ତତ୍ତ୍ୱ ଉପରେହିଁ ପ୍ରତିଷ୍ଠିତ । ଯଜ୍ଞ ହେଉଛି ଏକ ଶାଶ୍ୱତ ସତ୍ୟ ଯାହା ଈଶ୍ୱର, ଜଗତ୍ ଓ କର୍ମକୁ ସଂଯୋଗ କରୁଛି । ପ୍ରକୃତିହିଁ ପ୍ରତ୍ୟେକ ମନୁଷ୍ୟର କର୍ମ ଓ ଜୀବନକୁ ପୁରୁଷଙ୍କ ଉଦ୍ଦେଶ୍ୟରେ ଯଜ୍ଞ ରୂପରେ ନିବେଦନ କରୁଛି । ବ୍ୟକ୍ତିର ଆନ୍ତର ସତ୍ତା ଯେଉଁ ସତ୍ୟକୁ ଧାରଣ କରିଥାଏ ତାହାରି ଅନୁସାରେ ତା'ର କର୍ମ ନିର୍ଦ୍ଧାରିତ ହୁଏ । ପ୍ରକୃତି ନିଜ ମଧ୍ୟରେ ରହିଥିବା ଅଗଣିତ ସସୀମ ସତ୍ତା ବା ଜୀବମାନଙ୍କର ବହୁ ବିଚିତ୍ର କାମନାସବୁକୁ ପରମ-ପୁରୁଷଙ୍କ ପାଖରେ ନୈବେଦ୍ୟ ରୂପେ ଅର୍ପଣ କରୁଛି । ସୁତରାଂ ଜୀବନ ହେଉଛି ଏକ ଯଜ୍ଞବେଦୀ, ଯେଉଁଠାରେ ପ୍ରକୃତି ତା'ର ସମସ୍ତ କର୍ମ ଓ କର୍ମଫଳକୁ ଆଣି ଥୋଇ ଦେଉଛି ଯଦ୍ଦ୍ୱାରା ତାହା ଭଗବାନଙ୍କ ପ୍ରତି ସମର୍ପିତ ହୋଇ ପାରିବ । ତେବେ ପ୍ରକୃତିର ଆନ୍ତର ଚେତନା ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଭଗବାନଙ୍କର ଯେଉଁ ବିଭାବଟିରେ ଉପନୀତ ହୋଇଥାଏ ତାହା ସମ୍ମୁଖରେ ସେ ତା'ର ସକଳ ନୈବେଦ୍ୟକୁ ଅର୍ପଣ କରିଥାଏ । ଏଠାରେ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ବିବର୍ତ୍ତନଶୀଳ ଆତ୍ମସତ୍ତା ସେଇ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଯେଉଁ ଫଳକୁ ନିଜ ପାଇଁ ପରମ କଲ୍ୟାଣକର ବୋଲି ମନେ କରେ ସେହି ଉଦ୍ଦେଶ୍ୟରେହିଁ ସେହିସବୁ ନୈବେଦ୍ୟ ଯଜ୍ଞ ରୂପେ ଅର୍ପିତ ହୋଇଥାଏ ।

ଯଜ୍ଞର ଏହି ଗୂଢ଼ତତ୍ତ୍ୱକୁ ବୁଝିବା ଲାଗି ଆମକୁ ପୁରୁଷର ତିନୋଟି ଶାଶ୍ୱତ ଅବସ୍ଥା ବିଷୟରେ ଜାଣିବାକୁ ହେବ । ତାହା ହେଲା – କ୍ଷର, ଅକ୍ଷର ଓ ପୁରୁଷୋତ୍ତମ । ପୁରୁଷ ଯେତେବେଳେ ନିଜକୁ କ୍ଷର ରୂପରେ ପ୍ରକଟ କରେ ସେତେବେଳେ ଆମେ ଏହାକୁ ସସୀମ ଓ ପରିବର୍ତ୍ତନଶୀଳ ସତ୍ତା ତଥା ''ସର୍ବଭୂତାନି'' ରୂପରେ ଦେଖୁ । ଅନନ୍ତ ବୈଚିତ୍ର୍ୟକୁ ପ୍ରକାଶ କରୁଥିବା ଅସଂଖ୍ୟ ଜୀବ ତଥା ସେମାନଙ୍କ ପଶ୍ଚାତ୍‌ରେ କ୍ରିୟାଶୀଳ ଦେବତାମାନଙ୍କ ବିଷୟରେ ଆମେ ଜାଣିବାକୁ ପାଉ । ଜଗତର ଜୀବନ କ୍ରିୟାକୁ ପରିଚାଳିତ କରୁଥିବା ନାନା ବିଶ୍ୱ ଶକ୍ତି ହେଉଛନ୍ତି ଏକ ପରମପୁରୁଷଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଆତ୍ମପ୍ରକାଶ । ଦ୍ୱିତୀୟତଃ ଆମକୁ ଜାଣିବାକୁ ହେବ ଯେ ଏକ ଅକ୍ଷର ପୁରୁଷ ରହିଛନ୍ତି – ଯିଏ ଅନନ୍ତ, କାଳାତୀତ, ନୈର୍ବ୍ୟକ୍ତିକ ଓ ଅପରିବର୍ତ୍ତନଶୀଳ ଆତ୍ମା । ବ୍ୟକ୍ତିର ସସୀମ ସତ୍ତା ଏହି ଅକ୍ଷର, ଅଖଣ୍ଡ ସତ୍ତାର ନୀରବ ବ୍ୟାପ୍ତି ଭିତରେ ମୁକ୍ତି ଲାଭ କରିପାରେ କିଂବା ସେଥିରେ ନିଜକୁ ବିଲୀନ କରି ଦେଇପାରେ । ପୁରୁଷର ତୃତୀୟ ଅବସ୍ଥା ହେଉଛି ପୁରୁଷୋତ୍ତମସ୍ୱରୂପ ଯାହାଙ୍କ ଭିତରେ ବ୍ୟକ୍ତି ରୂପ ଓ ନୈର୍ବ୍ୟକ୍ତିକ, ସାନ୍ତ ଓ ଅନନ୍ତ, ଏକତ୍ୱ ଓ ବହୁତ୍ୱ, ପ୍ରବୃତ୍ତି ଓ ନିବୃତ୍ତି ଇତ୍ୟାଦି ବିଭିନ୍ନ ତତ୍ତ୍ୱ ପରସ୍ପର ସହ ମିଳିତ ହୋଇ ରହିଛନ୍ତି । ଏହି ପରମ ଈଶ୍ୱରଙ୍କଠାରେ ସମସ୍ତ ସତ୍ତା ଓ ବସ୍ତୁ ପୂର୍ଣ୍ଣତମ ସମନ୍ୱୟ ଲାଭ କରନ୍ତି ।

ପୁରୁଷ ଯଦି ଏକ ସଙ୍ଗରେ ଏହି ତିନୋଟି ଅବସ୍ଥା ଧାରଣ କରି ରହି ନଥା'ନ୍ତା, ତାହାହେଲେ ପ୍ରକୃତିର ବିବର୍ତ୍ତନ କ୍ରିୟା ସମ୍ଭବ ହୁଅନ୍ତା ନାହିଁ କି ଯଜ୍ଞ ମଧ୍ୟ ଏପରି ଏକ ବିଶାଳ ତାତ୍ପର୍ଯ୍ୟ ବହନ କରି ନଥା'ନ୍ତା ।

ପ୍ରକୃତିରେ କ୍ଷର ପୁରୁଷଙ୍କ ଗତିବୃତ୍ତିରେ ସବୁକିଛି ହେଲା ଆଦାନ-ପ୍ରଦାନର ବିଷୟ । ଯେହେତୁ ସମଗ୍ର ଅସ୍ତିତ୍ୱ ହେଉଛି ଏକ, ତେଣୁ ପରସ୍ପରଠାରୁ ପୃଥକ୍ ହୋଇ ରହିଥିବା ବ୍ୟକ୍ତିସତ୍ତାଗୁଡ଼ିକ ମଧ୍ୟରେ ପାରସ୍ପରିକ ନିର୍ଭରତା ରହିବା ଅବଶ୍ୟମ୍ଭାବୀ । କ୍ଷର ପୁରୁଷଙ୍କ ଏହି ବିଭାଜନଗୁଡ଼ିକ ପରସ୍ପରକୁ ସହାୟତା ନକରି ରହିପାରିବେ ନାହିଁ । ଯଦି କୌଣସି ବ୍ୟକ୍ତିସତ୍ତା ସ୍ୱେଚ୍ଛାକୃତ ଭାବେ ଯଜ୍ଞର ଭାଗ ଦିଏ ନାହିଁ ତେବେ ପ୍ରକୃତି ତାହା ଜୋର୍ କରି ଆଦାୟ କରି ନିଏ । ପାରସ୍ପରିକ ଆଦାନ-ପ୍ରଦାନ ଜୀବନର ଏକ ଅଲଙ୍ଘନୀୟ ନିୟମ । ତେଣୁ ପ୍ରତ୍ୟେକଙ୍କୁ ଯଜ୍ଞ କରିବାକୁ ହେବ ଅର୍ଥାତ୍ ଅନ୍ୟମାନଙ୍କ ପାଇଁ ନିଜର କିଛି ଅର୍ପଣ କରିବାକୁ ହେବ । ପ୍ରତ୍ୟେକଙ୍କର ବଞ୍ଚିବାର ଅଧିକାର ଅଛି । ନିଜେ ବଞ୍ଚିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ବଞ୍ଚିବାକୁ ଦେବାର ଆବଶ୍ୟକତା ରହିଛି । ତେଣୁ ସ୍ୱାର୍ଥପରତା ଓ ଆତ୍ମକୈନ୍ଦ୍ରିକ ଜୀବନ-ପ୍ରବୃତ୍ତିକୁ ବିସର୍ଜନ ଦେବାକୁ ହେବ । କ୍ଷରପୁରୁଷ ବା ବ୍ୟକ୍ତିଗତ ପୁରୁଷ ସ୍ତରରୁ ନୈର୍ବ୍ୟକ୍ତିକ ସ୍ତରକୁ ଉଠିବା ବେଳେ ଏହି ଆତ୍ମଦାନର ଆବଶ୍ୟକତା ଅନୁଭୂତ ହୁଏ । ବ୍ୟକ୍ତି ତା'ର ଜୀବନର ଦିଗନ୍ତକୁ ବିସ୍ତାରିତ କରିବାକୁ ବାଧ୍ୟ ହୁଏ । ସେ ବ୍ୟକ୍ତିଗତ ସ୍ତରରୁ ଉପରକୁ ଉଠି ବିଶ୍ୱଗତ ସ୍ତରରେ ବଞ୍ଚିବାକୁ ଆରମ୍ଭ କରେ ।

ଏହି ପର୍ଯ୍ୟାୟରେ ବ୍ୟକ୍ତି ଅନୁଭବ କରେ ଯେ ବିଶ୍ୱରେ ଅନେକ ଦେବସତ୍ତା ରହିଛନ୍ତି ଯେଉଁମାନେ ତା'ର ଜୀବନକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ନିୟନ୍ତ୍ରଣ କରୁଛନ୍ତି । ତେଣୁ ସେ ସେମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିବାକୁ ଚେଷ୍ଟା କରେ । ଗୋଟିଏ ବ୍ୟକ୍ତି-ଆତ୍ମା ଚେତନାର ଯେଉଁ ସ୍ତରରେ ପହଞ୍ଚିଥାଏ, ସେହି ଅନୁଯାୟୀ ସେ ଦେବତାଙ୍କର ପୂଜା କରେ, ସେହି ଅନୁଯାୟୀ ଫଳ କାମନା କରି ଯଜ୍ଞ କରେ ।

ଏପରି ଏକ ସମୟ ଆସେ ଯେତେବେଳେ ମନୁଷ୍ୟ ବିଶ୍ୱଦେବତାଙ୍କ ଭିତର ଦେଇ ସେହି ପରମ ଏକ ଓ ଅନନ୍ତଙ୍କ ଅସ୍ତିତ୍ୱ ବିଷୟରେ ସଚେତନ ହୁଏ । ସେତେବେଳେ ସେ ତା'ର ଅହଂକୁ ପରିହାର କରିବା ପାଇଁ ପ୍ରସ୍ତୁତ ହୁଏ । ସେ ଜାଣିପାରେ ଯେ କାମନା-ବାସନାଠାରୁ ଭିନ୍ନ ଏକ ବିଧାନ ରହିଛି ଯାହା ତାକୁ ଆତ୍ମାର ଆବିଷ୍କାର ଦିଗରେ ସାହାଯ୍ୟ କରିବ । ତେଣୁ ସେ ଅହଂଗତ ସତ୍ତାର ସ୍ଥାନରେ ଏକ ନୈତିକ ସତ୍ତାର ବିକାଶ ଘଟାଏ । ଏହି ପର୍ଯ୍ୟାୟରେ ମନୁଷ୍ୟ ଭିତରେ ଧାର୍ମିକ ଭାବ ଓ ଅତିଭୌତିକ ଭାବ ମଧ୍ୟ ଉଦୟ ହୁଏ ଯାହା କ୍ରମଶଃ ଅସୀମଙ୍କ ଆଡ଼କୁ ଯିବା ପାଇଁ ତାକୁ ପ୍ରେରିତ କରେ ।

ବିଶ୍ୱପ୍ରକୃତିର ବିଶାଳ କ୍ରିୟାକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଭଗବାନ୍ ଯଜ୍ଞର ତତ୍ତ୍ୱକୁ ଆଧାର କରି ଏହି ଜୀବକୁଳ ଓ ସମଗ୍ର ଜଗତକୁ ସୃଷ୍ଟି କରିଛନ୍ତି ଓ ପରିଚାଳନା କରୁଛନ୍ତି । ବିଶ୍ୱର ସର୍ବତ୍ର ଯଜ୍ଞର ତତ୍ତ୍ୱଟି କୌଣସି ନା କୌଣସି ରୂପରେ କ୍ରିୟାଶୀଳ ହୋଇ ରହିଛି ଏବଂ ତାହା ପୂର୍ଣ୍ଣତା ପ୍ରାପ୍ତି ଦିଗରେ ଅଗ୍ରସର ହେଉଛି । ଶ୍ରୀଅରବିନ୍ଦ ଯଜ୍ଞର ଏହି ବିଶ୍ୱବିଧାନକୁ ବର୍ଣ୍ଣନା କରି କହନ୍ତି –

"The universal law of sacrifice is the sign that the world is of God and belongs to God and that life is his dominion and house of

worship and not a field for the self-satisfaction of the independent ego; not the fulfilment of the ego,– that is only our crude and obscure beginning,– but the discovery of God, the worship and seeking of the Divine and the Infinite through a constantly enlarging sacrifice culminating in a perfect self-giving founded on a perfect self-knowledge, is that to which the experience of life is at last intended to lead."

(Essays on the Gita, p. 126)

ଅର୍ଥାତ୍ ''ଯଜ୍ଞର ଏହି ଯେଉଁ ବିଶ୍ୱ-ବିଧାନ, ତାହାହିଁ ସୂଚିତ କରେ ଯେ ଜଗତ୍ ହେଉଛି ଭଗବାନଙ୍କର, ଭଗବାନଙ୍କରହିଁ ତା' ଉପରେ ଅଧିକାର ଏବଂ ଜୀବନ ହେଉଛି ତାଙ୍କର ରାଜ୍ୟ ଓ ପୂଜାର ମନ୍ଦିର, ତାହା କୌଣସି ସ୍ୱତନ୍ତ୍ର ଅହଂର ଆତ୍ମତୃପ୍ତିର କ୍ଷେତ୍ର ନୁହେଁ, ଜୀବନର ଲକ୍ଷ୍ୟ ଅହଂର ତୃପ୍ତି ସାଧନ ନୁହେଁ,– ଏହା କେବଳ ସ୍ଥୂଳ ଅଜ୍ଞାନର ଆରମ୍ଭ ମାତ୍ର, ଭଗବାନଙ୍କୁ ଲାଭ କରିବାହିଁ ଏହାର ଉଦ୍ଦେଶ୍ୟ । ଏକ ନିରନ୍ତର ପ୍ରସାରିତ ଯଜ୍ଞ ଭିତର ଦେଇ ହୁଏ ଭଗବାନଙ୍କର ଉପାସନା, ଅନନ୍ତଙ୍କର ସନ୍ଧାନ ଓ ପୂଜା, ଯେଉଁ ଯଜ୍ଞ କି ପୂର୍ଣ୍ଣତମ ଆତ୍ମଜ୍ଞାନ ଉପରେ ପ୍ରତିଷ୍ଠିତ ଯାହା ପୂର୍ଣ୍ଣତମ ଆତ୍ମଦାନରେ ପରିଣତି ଲାଭ କରେ – ଶେଷରେ ଏହି ଚରମ ଲକ୍ଷ୍ୟ ଦିଗରେହିଁ ଜୀବନର ସକଳ ଅଭିଜ୍ଞତା ଆମକୁ ଆଗେଇ ନିଏ ।''

(ଗୀତା-ନିବନ୍ଧମାଳା, ପୃ. ୧୪୮)

ଅଜ୍ଞାନ ଯୋଗୁଁ ମନୁଷ୍ୟ ଭଗବାନଙ୍କୁ ଜୀବନର ଏକମାତ୍ର ଧ୍ୟେୟ ନକରି ଅହଂର ତୃପ୍ତି ସାଧନକୁହିଁ ଜୀବନର ଧ୍ୟେୟ କରିଥାଏ । ସେ ବୁଝିପାରେ ନାହିଁ ଯେ ସଂସାରରେ ତଥା ତା' ନିଜ ଭିତରେ ଓ ବାହାରେ ଯାହାସବୁ ଘଟୁଛି ସବୁକିଛି ବିଶ୍ୱ-ପ୍ରକୃତିରହିଁ କର୍ମ । ସେ ଭାବେ ଯେ ବିଶ୍ୱରେ ଯାହା କିଛି ରହିଛି ତା'ର ଭୋଗ ଲାଗିହିଁ ରହିଛି ଏବଂ ପ୍ରକୃତି ସବୁମନ୍ତେ ତା'ର ସନ୍ତୋଷ ବିଧାନ କରିବା ଉଚିତ । କିନ୍ତୁ ମନୁଷ୍ୟର ବ୍ୟକ୍ତିଗତ ଇଚ୍ଛାସବୁକୁ ପୂରଣ କରିବା ପ୍ରକୃତିର କାମ ନୁହେଁ, ଏକ ଉଚ୍ଚତର ବିଶ୍ୱ-ସଂକଳ୍ପକୁ ମାନି ଚଳିବା ଓ ବିଶ୍ୱାତୀତ ପରମଦେବଙ୍କର ସନ୍ତୋଷ ବିଧାନ କରିବାହିଁ ପ୍ରକୃତିର ଅସଲ କାମ । କାରଣ ପ୍ରକୃତି ଭଗବାନଙ୍କର ହିଁ ଏକ ଶକ୍ତି ।

ଦିବ୍ୟକୃପା ବଳରେ ଜ୍ଞାନ ପ୍ରାପ୍ତ ହେଲେ ମନୁଷ୍ୟ ଜାଣିବାକୁ ପାଏ ଯେ ଯେଉଁ ସକଳ କର୍ମକୁ ସେ ତା'ର ନିଜର ବୋଲି ଭାବି ଆସିଛି ସେସବୁ ପ୍ରକୃତରେ ପ୍ରକୃତିର ହିଁ କର୍ମ । ମନୁଷ୍ୟ ସହଯୋଗ ଦେଉ ବା ନଦେଉ, ପ୍ରକୃତି ତା'ର ଆପଣା ପଥରେ ହିଁ ଚାଲେ । ପ୍ରକୃତି ନିଜର ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ମନୁଷ୍ୟକୁ ବାଧ୍ୟ କରେ । ଚେତନା ବିକଶିତ ହେଲେ ବ୍ୟକ୍ତି ବୁଝିପାରେ ଯେ ତା'ର ସସୀମ ସତ୍ତା, ତା'ର ସଂକଳ୍ପ ଓ ସନ୍ତୋଷ ତା'ର ନିଜର ନୁହେଁ, ସେସବୁ ପ୍ରକୃତିର । ପ୍ରକୃତି ସେସବୁକୁ ପ୍ରତି ମୁହୂର୍ତ୍ତରେ ଯଜ୍ଞ ରୂପରେ ଭଗବାନଙ୍କୁ ଅର୍ପଣ କରେ । ଜୀବସକଳ ଯେଉଁସବୁ କର୍ମ କରୁଛନ୍ତି ସେସବୁକୁ ଭଗବାନଙ୍କ ଇଚ୍ଛା-ପୂରଣର ଯନ୍ତ୍ର ରୂପେ ପ୍ରକୃତି ବ୍ୟବହାର କରେ । ଅହଂ ଓ ଅଜ୍ଞାନର ଅଧୀନ ହୋଇ ମନୁଷ୍ୟ ଯଜ୍ଞର ବିଧାନକୁ ଅଗ୍ରାହ୍ୟ କରେ ଏବଂ ନିଜର ସାମର୍ଥ୍ୟ ଅନୁସାରେ ଭୋଗ୍ୟ ବସ୍ତୁଗୁଡ଼ିକୁ ନିଜର କରି ନେବାକୁ ଚେଷ୍ଟା କରେ । ପ୍ରକୃତି ବାଧ୍ୟ ନକଲା ପର୍ଯ୍ୟନ୍ତ ସେ କିଛି ଦେବାକୁ ରାଜି ହୁଏ ନାହିଁ । ତେବେ ପ୍ରକୃତି ମଧ୍ୟସ୍ଥ ଦିବ୍ୟଶକ୍ତି ତା'ର ଯେତିକି କାମନା ପୂରଣ କରିବାକୁ ଅନୁମତି ଦିଅନ୍ତି, ମନୁଷ୍ୟ ତା'ଠାରୁ ଅଧିକ କିଛି ନେଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ପ୍ରକୃତିଦତ୍ତ ବିଷୟଗୁଡ଼ିକୁ ଭୋଗ କରେ ଅଥଚ କିଛି ଦେବାକୁ ଚାହେଁ ନାହିଁ, ତାକୁ ଏକ ଚୋର ବା ଦସ୍ୟୁ ବୋଲି କୁହାଯାଇପାରିବ । ଜୀବନ ଓ କର୍ମକୁ ଯଜ୍ଞ ରୂପେ ଉପଯୋଗ ନକରି ଯିଏ ଅହଂସର୍ବସ୍ୱ ହୋଇ ରହିଯାଏ ତା'ର ଜୀବନ ନିଷ୍ଫଳ ଓ ମୂଲ୍ୟହୀନ ସାବ୍ୟସ୍ତ ହୁଏ ।

ସସୀମ ଜୀବନ ହେଉଛି ଏକ ନିରର୍ଥକ ଜୀବନ । ଅହଂର ବନ୍ଧନ ଓ ସୀମିତତା ଭିତରେ ଥାଇ ଯେଉଁ ସୁଖ ଅର୍ଜନ କରାଯାଏ ତାହା କ୍ଷଣିକ, ସାମାନ୍ୟ ଓ ଅନିଶ୍ଚିତ । ତେଣୁ ବ୍ୟକ୍ତିକୁ ଅସୀମ ଓ ଅନନ୍ତର ଭାବ ଦିଗରେ ଉନ୍ମୁକ୍ତ ହେବାକୁ ପଡ଼ିବ । ଶାସ୍ତ୍ରରେ କୁହାଯାଇଛି – ''ଭୂମୈବ ସୁଖଂ, ନାଳ୍ପେ ସୁଖମ୍ ଅସ୍ତି ।'' ବିଶ୍ୱବ୍ୟାପୀ ପ୍ରସାରତାରେହିଁ ସୁଖ ରହିଛି, ଅଳ୍ପ ବସ୍ତୁରେ ସୁଖ ନାହିଁ । ଗୀତା କର୍ମଯୋଗ-ଶିକ୍ଷାର ଆରମ୍ଭରୁ ହିଁ ବ୍ରହ୍ମଚେତନା ଓ ନୈର୍ବ୍ୟକ୍ତିକ ଜୀବନ ଉପରେ ଗୁରୁତ୍ୱ ଦେଇଛି । ଏକ ଅନନ୍ତ ନୈର୍ବ୍ୟକ୍ତିକ ସତ୍ତା ରହିଛନ୍ତି ଯାହାଙ୍କ ଭିତରେ ସକଳ ସତ୍ତା ବିରାଜମାନ କରୁଛନ୍ତି । ସୀମିତ ବ୍ୟକ୍ତିତ୍ୱ ଭିତରୁ ବାହାରି ଆସି ସେଇ ପରମ ନୈର୍ବ୍ୟକ୍ତିକ ସତ୍ତାଙ୍କୁ ଉପଲବ୍ଧି କରିବା ହେଉଛି ଆମର ସର୍ବପ୍ରଥମ ଆଧ୍ୟାତ୍ମିକ ପ୍ରୟୋଜନୀୟତା । ଏକ ଆତ୍ମା ଭିତରେ ସମସ୍ତ ସତ୍ତାଙ୍କୁ ଦେଖିବା ହେଉଛି ଏପରି ଏକ ଜ୍ଞାନ ଯାହା ମନୁଷ୍ୟକୁ ପରମ ଶାନ୍ତି ଓ ଦୃଢ଼ ଆଧ୍ୟାତ୍ମିକ ଭିତ୍ତି ପ୍ରଦାନ

କରିପାରିବ । ଏହି ଜ୍ଞାନ ସହିତ ଯେଉଁ ଯଜ୍ଞ କରାଯାଏ ତାହାହିଁ ଶ୍ରେଷ୍ଠ ଯଜ୍ଞ, ତାହାହିଁ ଆଣିଦିଏ କର୍ମରେ ପୂର୍ଣ୍ଣତା ।

ପାରମ୍ପରିକ ଜ୍ଞାନମାର୍ଗ ନିର୍ଦ୍ଦେଶ ଦିଏ ଯେ ବୁଦ୍ଧି ଓ ବିଚାରକୁ ପ୍ରୟୋଗ କରି ପୁରୁଷକୁ ପ୍ରକୃତିଠାରୁ ବିଚ୍ଛିନ୍ନ କରିବା ଆବଶ୍ୟକ । ମାତ୍ର ପୁରୁଷ ଓ ପ୍ରକୃତି ହେଉଛନ୍ତି ସତ୍ତାର ଯୁଗଳ ତତ୍ତ୍ୱ ଯାହାକୁ ବିଚ୍ଛିନ୍ନ କରିବା ସମ୍ଭବପର ନୁହେଁ । ଜ୍ଞାନମାର୍ଗ ପୁଣି ସମ୍ପୂର୍ଣ୍ଣ କର୍ମତ୍ୟାଗ ଓ ନିଶ୍ଚଳ ନିଶ୍ଚେଷ୍ଟତା ଉପରେ ଗୁରୁତ୍ୱ ଦିଏ । କିନ୍ତୁ ଏହା ମନେ ରଖିବାକୁ ହେବ ଯେ ଆମେ ଯେତେଦିନ ପର୍ଯ୍ୟନ୍ତ ପ୍ରକୃତି ଭିତରେ ରହିଛୁ, ପ୍ରକୃତି ଭିତରେ ଆମର କର୍ମ ଚାଲିବାକୁ ବାଧ । ତେଣୁ କର୍ମରୁ ପଳାୟନ ନକରି କାମନା-ବାସନା ଉପରେ ବିଜୟ ଲାଭ କରିବା ଆବଶ୍ୟକ । ନିଷ୍କାମ କର୍ମଶୀଳତା ହିଁ ପ୍ରକୃତ ସନ୍ନ୍ୟାସ ।

ଯେହେତୁ ପ୍ରକୃତି ହେଉଛି କର୍ମର ପ୍ରକୃତ କର୍ତ୍ତ୍ରୀ, ତେଣୁ ତାକୁ ତା'ର କର୍ମ କରିବାକୁ ଛାଡ଼ିଦେଇ ଆମକୁ ଦ୍ରଷ୍ଟା ରୂପେ ଆତ୍ମାରେ ବାସ କରିବାକୁ ହେବ । ପ୍ରକୃତିର କର୍ମ ଓ ତା'ର ଫଳାଫଳରେ କୌଣସି ଆସକ୍ତି ରଖିବାକୁ ହେବ ନାହିଁ । ତାହାହେଲେ ସ୍ୱାଭାବିକ ରୂପେ ଆମେ ଏକ ଅବିକ୍ଷୁବ୍ଧ ଶାନ୍ତି ଭିତରେ ବାସ କରିବାକୁ ସମର୍ଥ ହେବା । ସମସ୍ତ ଜୀବ ପ୍ରକୃତି ଦ୍ୱାରା ଚାଳିତ ହୋଇ ଏକ ଅନନ୍ତ ସତ୍ତା ମଧ୍ୟରେ ବାସ କରୁଛନ୍ତି ଓ କର୍ମ କରୁଛନ୍ତି । ଆମର ସମସ୍ତ କର୍ମ ହେଉଛି ପ୍ରକୃତିର, ତାହା ଆମର ପ୍ରକୃତ ଆତ୍ମାର କର୍ମ ନୁହେଁ । ଏହି ଉପଲବ୍ଧି ପୂର୍ଣ୍ଣରୂପେ ଆସିଲେ ଅହଂର ମୃତ୍ୟୁ ଘଟିବ ଏବଂ ଆମେ ନୈର୍ବ୍ୟକ୍ତିକ ଶାନ୍ତି ମଧ୍ୟରେ ବାସ କରିବା । କେବଳ କର୍ମହୀନତା ମଧ୍ୟରେ ନୁହେଁ, କର୍ମରେ ମଧ୍ୟ ଆମେ ମୁକ୍ତ ହୋଇଯିବା ।

ମନୁଷ୍ୟ ନୈର୍ବ୍ୟକ୍ତିକ ଓ ଅନନ୍ତ ସତ୍ୟ ଦିଗରେ ନିଜକୁ ଯେତିକି ଯେତିକି ଅଧିକ ଖୋଲି ଧରିବ ସେହି ଅନୁପାତରେ ତାହାର ଅହଂର ବନ୍ଧନ ଓ ସୀମାର ବନ୍ଧନ କମିଯିବ ଏବଂ ସେହି ଅନୁପାତରେ ହିଁ ସେ ବିଶାଳତା, ଶାନ୍ତି ଓ ବିଶୁଦ୍ଧ ଆନନ୍ଦ ଅନୁଭବ କରିବ । ସ୍ୱାଭାବିକ ଧାରାରେ କର୍ମ ଚାଲିଥିବା ବେଳେ ମଧ୍ୟ ଆମ ଭିତରର ନୈର୍ବ୍ୟକ୍ତିକ ଆତ୍ମା ଶାନ୍ତ, ସ୍ଥିର ଓ ମୁକ୍ତ ହୋଇ ରହିପାରିବ । ପୂର୍ଣ୍ଣ ନୈର୍ବ୍ୟକ୍ତିକତା ଦ୍ୱାରା ଯେଉଁ ମୁକ୍ତି ଲାଭ ହୁଏ ତାହା ବାସ୍ତବ ଓ ପୂର୍ଣ୍ଣ । ତେବେ ପ୍ରଶ୍ନ ଉଠିପାରେ ନୈର୍ବ୍ୟକ୍ତିକ ଆତ୍ମାର ମୁକ୍ତି ଓ ଆନନ୍ଦ ଲାଭ କଲାପରେ କର୍ମ ଓ ଯଜ୍ଞର ଆଉ ପ୍ରୟୋଜନ ରହିବ କି ନାହିଁ । କିଂବା, ପ୍ରକୃତିର ଉଦ୍ଦେଶ୍ୟହୀନ ବାଧ୍ୟବାଧକତା ଯୋଗୁଁ ବ୍ୟକ୍ତିକୁ କ'ଣ ଖାଲି କର୍ମ କରିବାକୁ ହେବ ? ଏ ବିଷୟରେ ଗୀତାର ମତ ହେଲା ଅହଂକୁ ଜୟ କରି ସାରିବା ପରେ ମଧ୍ୟ ଯଜ୍ଞର ଆବଶ୍ୟକତା ରହିଛି । କାରଣ ଯଜ୍ଞକୁ ଗ୍ରହଣ କରିବା ପାଇଁ ପରମ ଈଶ୍ୱର ଭୋକ୍ତା ରୂପେ ରହିଛନ୍ତି । ନୈର୍ବ୍ୟକ୍ତିକ ବ୍ରହ୍ମ ଆମ ସତ୍ତା ପାଇଁ ଚୂଡ଼ାନ୍ତ ସତ୍ୟ ନୁହେଁ । ନୈର୍ବ୍ୟକ୍ତିକ ସତ୍ତାର ନୀରବତା ଭିତର ଦେଇ ଆମକୁ ପୁରୁଷୋତ୍ତମଙ୍କ ପାଖରେ ପହଞ୍ଚିବାକୁ ହେବ ।

ପୁରୁଷୋତ୍ତମ ହେଉଛନ୍ତି ସମଗ୍ର ପ୍ରକୃତି ଓ ସକଳ ସୃଷ୍ଟିର ଅଧୀଶ୍ୱର । ସେ ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ, ବ୍ୟଷ୍ଟିଗତ ଓ ବିଶ୍ୱଗତ, କ୍ଷର ଓ ଅକ୍ଷର, ସଚଳ ଓ ନିଶ୍ଚଳ, ସଗୁଣ ଓ ନିର୍ଗୁଣ ଆଦି ସକଳ ବିଭାବକୁ ନିଜ ଭିତରେ ଧାରଣ କରିବା ସଙ୍ଗେ ସଙ୍ଗେ ସେସବୁକୁ ଅତିକ୍ରମ କରି ଉର୍ଦ୍ଧ୍ୱରେ ରହିଛନ୍ତି । ସକଳ ଦେବତା ତାଙ୍କରହିଁ ବିଭିନ୍ନ ଶକ୍ତି । ସେ ବିଶ୍ୱପ୍ରକୃତିର ସମସ୍ତ କ୍ରିୟା, ସମସ୍ତ ଗତିବୃତ୍ତି ଭିତରେ ନିଜକୁ ଅଭିବ୍ୟକ୍ତ କରି ଚାଲିଛନ୍ତି । ପୁରୁଷୋତ୍ତମହିଁ ଆମ ସମସ୍ତଙ୍କ ଯଜ୍ଞର ଅଧୀଶ୍ୱର (The Lord of the Sacrifice) । ସେ ହେଉଛନ୍ତି ଯଜ୍ଞର ଭୋକ୍ତା (enjoyer of the sacrifice) – ''ଭୋକ୍ତାରଂ ଯଜ୍ଞତପସାମ୍'' (ସମସ୍ତ ଯଜ୍ଞ ଓ ତପର ଭୋକ୍ତା – ଗୀତା : ୫/୨୯) । ତେଣୁ ମୁକ୍ତି ପରେ ମଧ୍ୟ ବ୍ୟକ୍ତି ବା ପ୍ରକୃତି ଭିତରେ ହେଉଥିବା କର୍ମକୁ ପୁରୁଷୋତ୍ତମଙ୍କ ପାଖରେ ଯଜ୍ଞ ରୂପେ ଅର୍ପଣ କରିବାର ଆବଶ୍ୟକତା ରହିଛି ।

ନୈର୍ବ୍ୟକ୍ତିକ ସତ୍ତା ମଧ୍ୟରେ ନିଜକୁ ବିଲୁପ୍ତ କରିଦେବା ଜୀବନ ଓ ଯୋଗର ଶେଷ ଲକ୍ଷ୍ୟ ନୁହେଁ । ଯୋଗର ପ୍ରକୃତ ଲକ୍ଷ୍ୟ ହେଲା ଭଗବାନଙ୍କୁ ତାଙ୍କର ସକଳ ବିଭାବ ସହ ଉପଲବ୍ଧି କରିବା, ଚେତନାର ସକଳ ସ୍ତରରେ ତାଙ୍କ ସହିତ ମିଳିତ ହେବା । ଦିବ୍ୟ-ପୁରୁଷୋତ୍ତମଙ୍କ ସହିତ ଜୀବନ୍ତ ମିଳନ ବିନା ବ୍ୟକ୍ତି-ଆତ୍ମା ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ । ବ୍ୟକ୍ତି ତା'ର ଚିନ୍ତା, ଚେତନା, ସଂକଳ୍ପ, ସ୍ୱଭାବ, ଆବେଗ ଓ ସକଳ ବୃତ୍ତିରେ ଭଗବାନଙ୍କ ସହ ସାଯୁଜ୍ୟ ଲାଭ କରିବା ଆବଶ୍ୟକ । ସେଥିରେହିଁ ତା'ର ଜୀବନର ଚରମ ସାର୍ଥକତା ନିହିତ । ବ୍ୟକ୍ତି ଓ ପ୍ରକୃତି ଭିତରେ କର୍ମଯଜ୍ଞ ଉତ୍ତରୋତ୍ତର ଭାବେ ପୂର୍ଣ୍ଣତା ଆଡ଼କୁ ଆଗେଇ ଚାଲିଛି କାରଣ ଏହାହିଁ ପୁରୁଷୋତ୍ତମଙ୍କର ଆତ୍ମ-ଅଭିବ୍ୟକ୍ତିର ଆନନ୍ଦମୟ ଲୀଳା । ଏ ସମଗ୍ର ପ୍ରକ୍ରିୟାରେ ଯେଉଁ ବିମୁଗ୍ଧକାରୀ ସତ୍ୟ ପ୍ରତିଭାତ ହୁଏ ତାହା ହେଲା, ମୂଳରୁ ଶେଷ ପର୍ଯ୍ୟନ୍ତ ଦିବ୍ୟ-ପୁରୁଷୋତ୍ତମହିଁ ମନୁଷ୍ୟ ସକାଶେ କର୍ମର ପ୍ରଭୁ (The Master of Works) ଏବଂ ଯଜ୍ଞର ଆତ୍ମା (The soul of sacrifice) ହୋଇ ରହିଛନ୍ତି ।

(କ୍ରମଶଃ) ❑

# ଅଦ୍ୱୈତ

## ଶ୍ରୀଅରବିନ୍ଦ

ତଖ୍ତ୍-ଇ-ସୋଲମନ୍‌ର ଗିରିପଥେ ଚାଲୁଥିଲି ମୁହିଁ
ଯେଉଁଠି ରହିଛି ଉଭା ଶଙ୍କରାଚାର୍ଯ୍ୟଙ୍କର କ୍ଷୁଦ୍ର ଦେବାଳୟ
ଏକାଏକ, କାଳର ଉପାନ୍ତୁ ସନାତନ-ଅଭିମୁଖୀ ହୋଇ
ଉଲଙ୍ଗ ଶିଖର ପରେ ଅନ୍ତ କରି ଧରଣୀର ଅସାର ପ୍ରଣୟ ।

ନିରାକାର ନିର୍ଜନତା କରିଥିଲା ମୋତେ ସମାଚ୍ଛନ୍ନ :
ସବୁ ହୋଇ ଯାଇଥିଲା ଅବଜ୍ଞାତ ଏକ ନାମାତୀତ,
ଅସମ୍ଭୂତ ଅଦ୍ୱୟ ସଦ୍‌ବସ୍ତୁ ଏକ ବିଶ୍ୱ-ବିବସନ,
ଅସୀମ ତଥା ଅତଳ ଚିରଦିନ ଅଟଳ-ଅଚ୍ୟୁତ ।

ପରମ ସ୍ତବ୍ଧତା ଏକ ଥିଲା ଯାହା ପରମ ପୁରୁଷଙ୍କର ଏକମାତ୍ର ବାଣୀ
ଅଜ୍ଞାତ ଆରମ୍ଭ ଆଉ ଅବାଣୀ ସମାପ୍ତି
କ୍ଷଣଦୃଷ୍ଟ, କ୍ଷଣଶ୍ରୁତ ସବୁଥିରେ ବିଲୟନ ଆଣି,
ଅନଧିଗମ୍ୟ ଶିଖରେ କରଇ ରାଜୁତି,

ନିଃସଙ୍ଗ ସ୍ଥିରତା ଏବଂ ଶୂନ୍ୟମୟ ପ୍ରଶାନ୍ତି ଅକ୍ଷର
ନିର୍ବାକ ଶିଖର ପରେ ପ୍ରକୃତିର ରହସ୍ୟ ସର୍ବର ।

ଅନୁବାଦ : ରବୀନ୍ଦ୍ର କୁମାର ପାଢ଼ୀ, ପଣ୍ଡିଚେରୀ ❑



[ଶ୍ରୀଅରବିନ୍ଦଙ୍କ ବରୋଦା ଅବସ୍ଥାନ କାଳରେ ତତ୍‌କାଳୀନ ବରୋଦାର ମହାରାଜଙ୍କ ସହ ବ୍ୟକ୍ତିଗତ ସେକ୍ରେଟାରୀ ଭାବେ ସେ ୧୯୦୩ ମସିହା ମେ ଠାରୁ ଅଗଷ୍ଟ ପର୍ଯ୍ୟନ୍ତ କାଶ୍ମୀରରେ ଅବସ୍ଥାନ କରିଥିଲେ । ୧୯୩୯ ଅକ୍‌ଟୋବର ୧୯ରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ସେଇ ସ୍ଥାନକୁ ନେଇ ଉପରୋକ୍ତ କବିତାଟି ରଚନା କରିଛନ୍ତି ।]

# ଭାରତର ଆତ୍ମ-ପ୍ରତିଷ୍ଠା*

## ନଳିନୀକାନ୍ତ ଗୁପ୍ତ

ଭାରତ ଆଜି ମୁମୁକ୍ଷୁ । ଭାରତ ଆଜି ଚାହୁଁଛି ସ୍ୱରାଜ ଅର୍ଥାତ୍ ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ । ଭାରତ ନିଜ ପାଦରେ ଭରା ଦେଇ ନିଜ ଗୋଡ଼ରେ ନିଜେ ଛିଡ଼ା ହେବ, ନିଜର ପ୍ରତିଭା ବିକଶିତ କରି ଚାଲିବ – ଏହାହିଁ ଆମର ଆକାଙ୍କ୍ଷା ଓ ଆଦର୍ଶ । କିନ୍ତୁ କାର୍ଯ୍ୟତଃ ଦେଖୁଛୁ, ସେହି ପ୍ରୟାସକୁ ବ୍ୟର୍ଥ କରି ପକାଉଛି ବାହାରର ପ୍ରଭାବ, ବିଦେଶୀର ଚାପ – ପରତନ୍ତ୍ରତା । ଇଂରେଜ ଜୋର୍ କରି ଆମ ଉପରେ ଯେ ଚାପି ରହିଛି, ତଦ୍ୱାରା ଆମକୁ ବାଧ୍ୟ ହୋଇ ଯେଉଁସବୁ ଆଇନ-କାନୁନ ମାନିନେବାକୁ ହୋଇଛି; ସେହି ସ୍ଥୂଳ-ଶୃଙ୍ଖଳର କଥା ଆମେ କହୁ ନାହୁଁ । କହୁଛୁ ସେହିସବୁ ସୂକ୍ଷ୍ମ ଭାବଭଙ୍ଗିର କଥା ଯେଉଁଗୁଡ଼ିକ ଅଜ୍ଞାନବଶତଃ, ଅଶକ୍ତିବଶତଃ ଅବଶ ହୋଇ ଆମେ ଗ୍ରହଣ କରିଛୁ – ବିଦେଶୀର ଜୀବନରୁ । ଇଂରେଜଙ୍କ ରାଷ୍ଟ୍ରୀୟ କବଳରୁ ମୁକ୍ତି ପାଇବା ପାଇଁ ଆମେ ବ୍ୟଗ୍ର, କିନ୍ତୁ ଆମେ ଦେଖୁ ନାହୁଁ ଯେ ତତ୍‌ସହିତ କିଭଳି ଆମେ ୟୁରୋପର ଶିକ୍ଷାଦୀକ୍ଷାର କବଳରେ ପଡ଼ିଯାଇଛୁ । ଦୈହିକ ମୁକ୍ତିର ବଦଳରେ ଆମେ ବରଣ କରି ନେଇଛୁ ପ୍ରାଣର, ମନର, ଅନ୍ତରାତ୍ମାର ଦାସତ୍ୱ ।

ପାଶ୍ଚାତ୍ୟର ପ୍ରାଣ ଦୁଇଟି ଧାରାରେ ଦୁଇ ପ୍ରକାରେ ଆମର ପ୍ରାଣକୁ ଗ୍ରାସ କରି ନେବାକୁ ଚାହୁଁଛି । ପ୍ରଥମଟି ପୂରାପୂରି ସିଧାସିଧି, ଖୋଲାଖୋଲି, କୌଣସି ପ୍ରକାରର ଆବରଣ-ପରଦା ନ ଦେଇ । ଅର୍ଥାତ୍ ଆମେ କେତେକ ବିଷୟରେ ୟୁରୋପକୁ ଅବିକଳ ଆଣି ଭାରତରେ ବସାଇ ଦେବାକୁ ଚାହୁଁଛୁ । ଅବଶ୍ୟ ୟୁରୋପ ସହିତ ପ୍ରଥମ ସଂସ୍ପର୍ଶରେ ଆମେମାନେ ଯେପରି ଅତି ସ୍ଥୂଳଭାବେ ୟୁରୋପର ଅନୁକରଣ କରୁଥିଲୁ, ବର୍ତ୍ତମାନ ଠିକ୍ ସେପରି କରୁ ନାହୁଁ । ସେତେବେଳେ ପୋଷାକ-ପରିଚ୍ଛଦ, ଆହାର-ବିହାର, ଆଦବ-କାୟଦା, କଥାବାର୍ତ୍ତା ଓ ମୋଟାମୋଟି ସେମାନଙ୍କ ପରି ଚିନ୍ତାଭାବନା କରିବା – ଏହିସବୁ ବିଷୟରେ ଆମେ ୟୁରୋପୀୟ ହୋଇ ଉଠିଥିଲୁ । ସେତେବେଳେ ଆମେ ଅଧିକ ଜୋର୍ ଦେଲୁ ସେହି ଆଦର୍ଶର ଶିକ୍ଷାଦୀକ୍ଷା ଉପରେ । ୟୁରୋପର ସର୍ବାପେକ୍ଷା ଆଧୁନିକତମ ଆବିଷ୍କାର ବା ମତବାଦ କ'ଣ ତାହାହିଁ ଆମେ ଖୋଜିବାରେ ଲାଗିଛୁ ଏବଂ ମନେ କରୁଛୁ ଯେ ବିଶ୍ୱ ସହିତ, ମାନବଜାତି ସହିତ ସମାନ ଅଭିଜ୍ଞ ହୋଇ ଚାଲିବାକୁ ହେଲେ ଆମ୍ଭମାନଙ୍କୁ ସେଗୁଡ଼ିକ ସହିତ ଏକାତ୍ମ ହେବାକୁ ହେବ ତଥା ସେସବୁକୁ ଆମ ଜୀବନରେ ବି ପ୍ରକାଶିତ କରିବାକୁ ପଡ଼ିବ । ତେଣୁ ରାଷ୍ଟ୍ରୀୟ ଜୀବନରେ ଆମ ଦେଶରେ ବି ଆମେ ଦେଖୁଛୁ କେଉଁଠି କେଉଁଠି 'ବୋଲ୍‌ଶେଭିକ୍'-ତନ୍ତ୍ରର ପ୍ରତିଷ୍ଠା ପାଇଁ ପ୍ରୟାସ ଚାଲିଛି ତ ଆଉ କେଉଁଠି କୁଲି-ମଜୁରିଆମାନଙ୍କୁ ସେମାନଙ୍କ ମୁନିବ ବିରୁଦ୍ଧରେ ରଗାଇ ବିଦ୍ରୋହ କରିବାର ଚେଷ୍ଟା କରାଯାଇଛି । କୁହା ହୋଇଛି ଜମିର ସ୍ୱତ୍ୱ ଆଉ କାହାର ନାହିଁ, କେବଳ ତା'ର ଅଛି ଯିଏ ଜମି ଚାଷ କରେ । ସାମାଜିକ ଜୀବନରେ, ନାରୀ ଶାସ୍ତ୍ରର ଦ୍ୱାହି ଦେଇ ନାରୀ-ବିଦ୍ରୋହର ବ୍ୟବସ୍ଥା କରିବାକୁ ଚାହିଁଛୁ । ସାହିତ୍ୟରେ, ଶିଳ୍ପରେ, କଳାରେ ଆମେ ଚାହିଁଛୁ ଫରାସୀମାନଙ୍କର ସବୁଠାରୁ ଆଧୁନିକ ଔପନ୍ୟାସିକ, ଜର୍ମାନୀ ଓ ସୁଇଡେନ୍‌ର ସବୁଠୁ ଆଧୁନିକ ନାଟ୍ୟକାର, ରୁଷିଆର ସବୁଠୁ ଆଧୁନିକ ଚିତ୍ରକର ଶିଳ୍ପର କେଉଁ ଆଦର୍ଶ ରଖିଛନ୍ତି ସେସବୁକୁହିଁ ଚରମ ଆଦର୍ଶ ବୋଲି ଗ୍ରହଣ କରି ନେବା ପାଇଁ ।

ଏହି ଭାବର ଭାବୁକ ଯେଉଁମାନେ ସେମାନଙ୍କର ସ୍ୱଦେଶ-ପ୍ରେମ ଯେ କିଛି କମ୍ ତା' ନୁହେଁ, ତେବେ ସେମାନଙ୍କ ସ୍ୱଦେଶ-ପ୍ରେମରେ ରହିଛି ଏକ ବ୍ୟସ୍ତତା, ଏକ ଆଶଙ୍କା, ଏକ ଲୋଭ । ସେମାନେ ଚାହିଁଛନ୍ତି ଯେ ଭାରତ ଜ୍ଞାନରେ, ଗୁଣରେ, ଶକ୍ତିରେ ତଥା ସିଦ୍ଧିରେ ଏକେବାରେ ଜଗତର ମହାସଭାରେ ଯେପରି ନିଜର ଆସନ କରି ନେଇପାରେ । ଭାରତ ଯେପରି ଆଉ କୂପମଣ୍ଡୁକ ହୋଇ ନ ରହେ, ବିଶ୍ୱମାନବଜାତିର ଖୋଲା ପ୍ରାଣର ହାଓ୍ୱା ତା'ର ପ୍ରତ୍ୟେକ ଅଙ୍ଗଭଙ୍ଗିରେ ଯେପରି ଖେଳିଯାଏ । ତେଣୁ ସେମାନଙ୍କର ଦୃଷ୍ଟି ସ୍ୱତଃ ସେଠାରେ ଯାଇ

* ଭାରତ ସ୍ୱାଧୀନତାର ପୂର୍ବବର୍ତ୍ତୀ ରଚନା ।

ପଡ଼େ ଭାରତର ବାହାରେ ଯେଉଁଠି କିଛି ନୂଆ ବାର୍ତ୍ତାର ଉଦ୍ଭବ ହୋଇଛି ତାକୁ ଜାଣିବା ପାଇଁ, ଶୁଣିବା ପାଇଁ ଏବଂ ତାକୁ ନିଜ ଘରକୁ ନେଇ ଆସିବା ପାଇଁ । ଏହି ଔତ୍ସୁକ୍ୟ ଭଲ କଥା । କିନ୍ତୁ ଏଥିରେ ବଡ଼ାବଡ଼ି ବି ରହିଥାଏ । ନୂଆ ବାର୍ତ୍ତା ପାଇ ଆମେ ଯଦି ବିବେଚନା ନକରୁ, କେବଳ ଆମେ ତାକୁ ସାମାନ୍ୟ କୌଣସି ବିଷୟରେ ବ୍ୟାପକ ଉତ୍ତେଜନାରେ ଆମେ ସେଥିପ୍ରତି ଆସକ୍ତ ହୋଇପଡୁ, ଆତ୍ମସାତ୍ କରିବା ପରିବର୍ତ୍ତେ ସେଇଟି ଯେତେବେଳେ ଆମକୁ ଆତ୍ମସାତ୍ କରି ନିଏ ସେତେବେଳେ ତାହା ଆଉ ସ୍ୱାସ୍ଥ୍ୟକର ହୁଏ ନାହିଁ ।

ଆମେ କ'ଣ ଦେଖୁ ନାହୁଁ କି ଭାରତବାସୀ ଭାରତର ବାହାରେ ଯିଏ ଯେଉଁଠିକାର ଅଧିବାସୀ ହୋଇ ରହିଛନ୍ତି, ସେ ସେହି ଦେଶର ଭାବୁକ ହୋଇ ଯାଇଛନ୍ତି, ସେହି ଦେଶର ଚଳଣି ଓ ଆଦର୍ଶ ଅନୁସାରେ ଭାରତର ନବଜୀବନକୁ ଗଠନ କରିବା ପାଇଁ ଉପଦେଶ ଦେଉଛନ୍ତି ! ଜାପାନକୁ ଯାଇ ଆମେ ଜାପାନୀ, ଆମେରିକାକୁ ଯାଇ ଆମେ ମାର୍କିନ୍, ଜର୍ମାନୀକୁ ଯାଇ ଆମେ ଜର୍ମାନ୍, ରୁଷିଆକୁ ଯାଇ ଆମେ ବୋଲଶେଭିକ୍ ହୋଇଉଠୁଛୁ । ଏହାର ଅର୍ଥ ଏଇ ଯେ ଆମର ଯେପରି ନିଜସ୍ୱ କିଛି ନାହିଁ, ଆମେ ଆମ ନିଜ ଅନ୍ତରାତ୍ମାର ପରିଚୟ ପାଇ ନାହୁଁ । ଜୀବନ୍ତ, ଶକ୍ତିମାନ୍ ଯେକୌଣସି ଏକ ଭାବସ୍ରୋତ ମଧ୍ୟରେ ପଡ଼ିଲେହିଁ ଆମେ ନିଜକୁ ହରାଇ ବସୁ । ଦେଶ ଦେଶ ମଧ୍ୟରେ ଯେଉଁ ସମସ୍ୟା ଘଟୁଛି, ସେସବୁ ସମସ୍ୟାର ଯେଉଁସବୁ ସମାଧାନ କରାହୁଏ ତାହାକୁ ସେହି ସେହି ଦେଶର ବ୍ୟବସ୍ଥାହିଁ ସେମାନଙ୍କ ଜୀବନର ଅତୀତ ଧାରାର ବିଶେଷ ପ୍ରୟୋଜନ ଅନୁସାରେହିଁ ନିୟନ୍ତ୍ରିତ କରିଥାଏ । ରୁଷିଆରେ ଯେଉଁ ରାଷ୍ଟ୍ରନୈତିକ ଆଦର୍ଶ ଆଜି ଗଢ଼ିଉଠିଛି କିଂବା ଫରାସୀମାନଙ୍କ ମଧ୍ୟରେ ଯେଉଁ ନୂତନ ଶିଳ୍ପକଳାର ଆଦର୍ଶ ବିକଶିତ ହୋଇଉଠିଛି, ସେସବୁ ସେହି ସେହି ଦେଶର ଅନ୍ତରାତ୍ମାର ଆବଶ୍ୟକୀୟ ପ୍ରୟୋଜନ ସହିତ ଜଡ଼ିତ । ସେସବୁକୁ ପୂରାପୂରି ଉଠାଇ ଆଣି ଆମ ଦେଶରେ ସ୍ଥାପନ କରିବାର ପ୍ରଚେଷ୍ଟା କରିବା ଅର୍ଥ ନିଜ ଦେଶର ପ୍ରକୃତ ପ୍ରୟୋଜନ କ'ଣ ତାହା ଆମେ ଜାଣୁନି, ନିଜର ଅନ୍ତରାତ୍ମାର ଜିଜ୍ଞାସାର ଖବର ଆମେ ରଖୁନା, ପରର ଜିଜ୍ଞାସାକୁ ଧରି ଆମେ ଏକ କୃତ୍ରିମ ଖୁସି-ଖିଆଲର ବିଳାସରେ ମଜ୍ଜି ଯିବାକୁ ଚାହୁଁ ।

ତେଣୁ ଆମ୍ଭମାନଙ୍କ ମଧ୍ୟରେ ଆଉ ଦଳେ ଅଛନ୍ତି ଯେଉଁମାନେ ଭାରତକୁ ସମ୍ପୂର୍ଣ୍ଣ ଭାବରେ ଆତ୍ମପ୍ରତିଷ୍ଠ କରିବାକୁ ଚାହାନ୍ତି । ୟୁରୋପର କୌଣସି ପ୍ରକାର ଅନୁକରଣ ବା ଅନୁସରଣ ତ ସେମାନେ କରିବାକୁହିଁ ଚାହାନ୍ତି ନାହିଁ, ଭାରତୀୟ ଜୀବନର ଗଠନର ସୂତ୍ରରେ ହିଁ ୟୁରୋପ ସହିତ ସେମାନଙ୍କର ବିରୋଧ । ଅର୍ଥାତ୍ ୟୁରୋପ ଯାହା କିଛି କରେ ତା'ର ଓଲଟା କରିବାକୁ ହିଁ ସେମାନେ ଭାରତର ସ୍ୱାତନ୍ତ୍ର୍ୟ ଓ ସ୍ୱଧର୍ମର ପ୍ରକାଶ ବୋଲି ମନେ କରନ୍ତି । ୟୁରୋପ କଳକାରଖାନାର ପକ୍ଷପାତୀ; ସୁତରାଂ କଳକାରଖାନାକୁ ପୂରାପୂରି ବିସର୍ଜନ ଦେଇ ଆମର ଅର୍ଥନୈତିକ ଜୀବନ ଗଢ଼ିବାକୁ ହେବ । ୟୁରୋପ ଆଧୁନିକ, ହିଂସାପରାୟଣ, ସ୍ଥୂଳଶକ୍ତିର ଉପାସକ; ସୁତରାଂ ଆମ୍ଭମାନଙ୍କୁ ହେବାକୁ ହେବ ଆଧ୍ୟାତ୍ମିକ ଅର୍ଥାତ୍ ଅହିଂସା-ସଦାଚାରୀ ସାଧୁ-ପ୍ରକୃତିର । କିନ୍ତୁ ଏଇ ନୀତିପଛାରେ, ୟୁରୋପର 'ନା' ଆଉ ଆମର 'ହଁ' ସ୍ଥିର କରିବାର ପ୍ରୟାସରେ ଆମେ ଆମର ନିଜ ସତ୍ତା – ଆମର ଆତ୍ମସତ୍ତାର ପ୍ରତିଭା ଖୋଜି ପାଉ ନାହୁଁ, ବରଂ ବାଧ ହୋଇ ଆମେ ୟୁରୋପର ଅନୁକରଣ କରୁ । ୟୁରୋପକୁ ବର୍ଜନ କରିବା ଅର୍ଥହିଁ ଯେତେବେଳେ ହୁଏ ଭାରତକୁ ଅର୍ଜନ କରିବା, ସେତେବେଳେ ବସ୍ତୁ ହିସାବରେ ୟୁରୋପକୁ ତ୍ୟାଗ କଲେ ବି ଦେଖାଯାଏ ଭାବଭଙ୍ଗିରେ ଆମେ ୟୁରୋପର ପଥରେହିଁ ଚାଲିଛୁ । ଏହାକୁହିଁ କହନ୍ତି ଶତ୍ରୁଭାବେ ସାଧନା । ବଡ଼ ବଡ଼ କଳକାରଖାନା ଆମେ ଭାଙ୍ଗି ପକାଇବାକୁ ଉପଦେଶ ଦେଉ, ଅଥଚ ଆବାଳ-ବୃଦ୍ଧ-ବନିତାଙ୍କ କାନ୍ଧରେ ଚାପି ଦେଉ ଚରଖା, ତନ୍ତର ମା'କୁ – ତାହା କ'ଣ କମ୍ ଯନ୍ତ୍ରର ଅତ୍ୟାଚାର ! ୟୁରୋପର ଜଡ଼ବାଦକୁ ତ୍ୟାଗ କରୁ କରୁ ଆମେ କ'ଣ ୟୁରୋପର ଖ୍ରୀଷ୍ଟିଆନର ସାଧୁତ୍ୱବାଦକୁ ଆଧ୍ୟାତ୍ମିକତାର ଚରମ ବୋଲି ମାନି ନେଉ ନାହୁଁ ? ଜାତୀୟ ଶିକ୍ଷା ବି ଯେଉଁଭାବେ ଦିଆ ହେଉଛି, ତାହା କ'ଣ ଦେଶୀୟ ଭାଷାରେ ୟୁରୋପର ଶିକ୍ଷା ନୁହେଁ ? ଆଉ ଆଜିକାଲି ଯେଉଁ ନବନାଟ୍ୟ ଗଠନର ପ୍ରଚେଷ୍ଟା ଚାଲିଛି, ତାହା ମଧ୍ୟରେ ବି ଆମର ସନ୍ଦେହ ହୁଏ, ଭାରତର ନିଜସ୍ୱ ଶିଳ୍ପ-ପ୍ରତିଭାର ବିକାଶ ସେତେଟା ନାହିଁ ଯେତେଟା ରହିଛି ୟୁରୋପର କେବଳ ବାହ୍ୟ ସାଜସଜ୍ଜାର ପ୍ରଭାବରୁ ମୁକ୍ତ ହୋଇ ଉଠିବାର ପ୍ରୟାସ ।

ତେଣୁ ଏପରି ନ ହୋଇ, ଭାରତକୁ ୟୁରୋପର ବା ବିଦେଶର ପ୍ରଭାବରୁ ମୁକ୍ତ ହୋଇ ଯଥାର୍ଥ ଭାବେ ଆତ୍ମପ୍ରତିଷ୍ଠ ହେବାକୁ ହେବ । ସେଥିପାଇଁ ଖୋଜିବାକୁ ହେବ ଭାରତର ଆତ୍ମା କ'ଣ ?– ଭାରତର ଶିକ୍ଷାଦୀକ୍ଷାର ଧାରା କ'ଣ ?– କେଉଁ ଭଙ୍ଗିମାରେ ଭାରତର ଅନ୍ତରାତ୍ମା ଆପଣାକୁ ଯୁଗେ ଯୁଗେ ବିକଶିତ କରି ଆସିଛି । ଜ୍ଞାନରେ ବୁଝିବାକୁ ହେବ, ପ୍ରାଣରେ

ପ୍ରତିଷ୍ଠିତ କରିବାକୁ ହେବ ସେହି ସତ୍ୟ ଯାହା ବୈଦିକ ଋଷିମାନଙ୍କ ମନ୍ତ୍ରରେ ପ୍ରଥମେ ମୁଖରିତ ହୋଇଛି, ଯାହା ରାମାୟଣ, ମହାଭାରତ, ମୌର୍ଯ୍ୟ-ଗୁପ୍ତ-ଚେର-ଚୋଳ-ପାଣ୍ଡ୍ୟ ପ୍ରଭୃତିଙ୍କ ମହାକର୍ମବୀରମାନେ ସମଷ୍ଟି-ଜୀବନରେ ପ୍ରତିଷ୍ଠିତ କରିଛନ୍ତି,— ଯାହାର ମୂର୍ତ୍ତିବିଗ୍ରହ ଦେଖିବାକୁ ପାଉ ଅଜନ୍ତାରେ, କୋଣାର୍କରେ, ଶ୍ରୀରଙ୍ଗମ୍‌ରେ । ଜୀବର ସ୍ୱଭାବ ଓ ସ୍ୱଧର୍ମ ଯେପରି କେବଳ ତା'ର ଜୀବନର କର୍ମ ଦ୍ୱାରା ବୁଝାଯାଏ ନାହିଁ, ସେହିପରି କେବଳ ବର୍ତ୍ତମାନକୁ ନୁହେଁ, ସମସ୍ତ ଅତୀତକୁ ବୁଝିବାକୁ ହେବ – ଦେଶର ସ୍ୱଭାବ ଓ ସ୍ୱଧର୍ମକୁ ବୁଝିବାକୁ ହେବ ।

ତେବେ ସେହି ଜ୍ଞାନ, ସେହି ଅନୁପ୍ରେରଣାର ସହାୟତାରେ ଆମ୍ଭମାନଙ୍କୁ ବର୍ତ୍ତମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ତଦ୍ଦ୍ୱାରା ଆମେ ପାଇବା ଏସବୁ ସମସ୍ୟାର ଯଥାଯଥ ସମାଧାନ । ନଚେତ୍ ଆମ ଆଖିରେ ଭାରତର ବର୍ତ୍ତମାନର ସମସ୍ୟାଟି ଯେ କ'ଣ ତାହା ଧରା ପଡ଼ିବ ନାହିଁ । ୟୁରୋପର ରୋଗର ଗୋଟିଏ-ଦୁଇଟି ଲକ୍ଷଣ ଆମ ଦେଶରେ ଦେଖି ବା କଳ୍ପନାରେ ଆରୋପ କରି ଯଦି ଆମେ ଆମ ଦେଶକୁ ରୋଗମୁକ୍ତ ଓ ସୁସ୍ଥ କରିବାକୁ ଅଗ୍ରସର ହେଉ, ତା'ହେଲେ ସେ ଚେଷ୍ଟା ହେବ କୃତ୍ରିମ ଏବଂ ତାହାର ବିଫଳତା ଅନିବାର୍ଯ୍ୟ । ବର୍ତ୍ତମାନ ଆମେ ଯେ କୌଣସି ଦିଗରେ ଅଗ୍ରସର ହୋଇ ପାରୁ ନାହୁଁ, ଆମର ସମସ୍ତ ପ୍ରଚେଷ୍ଟା ଓ ଯତ୍ନ ଯେ ହାଓ୍ୱାରେ ମିଳାଇ ଯାଉଛି, ଆମେ ଯେ ଅନ୍ଧାରରେ-ଅନ୍ଧାରରେ ଅଣ୍ଡାଳି ହେଉଛୁ, ତାହାର କାରଣ ବି ଏହିଠାରେ ରହିଛି । ଆମେ ଆମ ଦେଶର ପରମ୍ପରା ଜାଣୁନୁ, ତା'ର ଅଭାବ ଅସୁବିଧା ଜାଣୁନୁ, ତା'ର ପ୍ରୟୋଜନ ବି ଜାଣୁନୁ । ବିଦେଶର ଅବସ୍ଥାର ଚାଲିଚଳନ ଦ୍ୱାରା – କେଉଁଠି 'ଇତି'ଭାବେ, କେଉଁଠି 'ନେତି'ଭାବେ – ଦେଶର ଅବସ୍ଥା ବୁଝିବାକୁ ଚାହିଁଛୁ । ତେଣୁ ଆମେ,

'କେବଳ ସପନ କରିଛୁଁ ବପନ
ବତାସେ ।'

(କ୍ରମଶଃ)

(ମୂଳ ବଙ୍ଗଳା ରଚନାବଳୀ, ୬ଷ୍ଠ ଖଣ୍ଡରୁ ଅନୂଦିତ ।)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

*I am always with you in your work and your rest, your sleep and your waking.*

*(MCW, Vol. 16, p. 89)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୭୮)

## ଆଶ୍ରମର ପ୍ରଧାନ କୋଠାର ଇତିବୃତ୍ତ (ଉତ୍ତରାର୍ଦ୍ଧ) :

ଏହି ପ୍ରଧାନ କୋଠାର ଅନ୍ତର୍ଭୁକ୍ତ ଚାରୋଟି ଛୋଟ-ବଡ଼ କୋଠାର ଆବଶ୍ୟକ ସ୍ଥଳେ ଛୋଟ ଛୋଟ ଦରଜା ଏବଂ ଗମନାଗମନର ରାସ୍ତା ପ୍ରସ୍ତୁତ କରି ଆଭ୍ୟନ୍ତରୀଣ ଭାବରେ ସଂଯୋଗ କରାଯାଇଥିଲା ।

ଉଦାହରଣ ସ୍ୱରୂପ, 'ମେଡ଼ିଟେସନ୍ ହାଉସ୍'ର ଦ୍ୱି-ମହଲାରେ ଥିବା ଶ୍ରୀଅରବିନ୍ଦଙ୍କର ସ୍ନାନାଗାରରେ ଏକ ଅଧିକା ଦରଜା କରାଯାଇ 'ସେକ୍ରେଟେରୀଏଟ୍'ର ଛାତ ସହିତ ସଂଯୋଗ ସ୍ଥାପନ କରା ଯାଇଥିବାରୁ ଏହି ନୂତନ ଦରଜା ଦେଇ ଶ୍ରୀମା ଓ ପବିତ୍ର ଦୁହେଁ ଶ୍ରୀଅରବିନ୍ଦଙ୍କର ମଧ୍ୟାହ୍ନ ଭୋଜନ ନେଇ ଆସୁଥିଲେ ।

ସେହିପରି ଭାବରେ ଶ୍ରୀମା'ଙ୍କର ବ୍ୟବହାର ସକାଶେ ଏକ ଛୋଟ ଶିଡ଼ି ପାହାଚ ନିର୍ମାଣ କରା ଯାଇଥିଲା ଯଦ୍ୱାରା 'ସେକ୍ରେଟେରୀଏଟ୍'ର ଅଗଣାରୁ 'ଲାଇବ୍ରେରି ହାଉସ୍'କୁ ସେ ଅନାୟାସରେ ଆସି ପାରିବେ । (ବର୍ତ୍ତମାନ ଆଶ୍ରମର ଅଗଣାରୁ ସମାଧି ଆଡ଼କୁ ଯେଉଁ ଶିଡ଼ି ପାହାଚଟି ରହିଛି, ସେଇଟି ।) ଏହା ଦ୍ୱାରା ନିତି ଅପରାହ୍ନରେ କାର୍‌ରେ ଶ୍ରୀମା ପଣ୍ଡିଚେରୀର ଗ୍ରାମାଞ୍ଚଳର ପ୍ରାକୃତିକ ଦୃଶ୍ୟ ପରିଭ୍ରମଣ କରି ଆସିବା ପରେ 'ଲାଇବ୍ରେରି ହାଉସ୍'ର ଉପର ମହଲାରେ ପ୍ରସ୍ପେରିଟି ଷ୍ଟୋର ରୁମ୍‌ରେ ଏକତ୍ରିତ ସାଧକମାନଙ୍କୁ ସିଧା ଯାଇ ସାକ୍ଷାତ୍ କରି ପାରୁଥିଲେ ଏବଂ ବିଳମ୍ବିତ ସନ୍ଧ୍ୟାରେ ତଳ ମହଲାରେ ଅନ୍ତେବାସୀଗଣଙ୍କୁ 'ସୁପ୍ ବିତରଣ' ପରେ (ସେତେବେଳେ ଏହା ନଳିନୀଙ୍କ ରୁମ୍ ଥିଲା, ଏବେ 'ରିସେପ୍‌ସନ୍ ହଲ୍') ମା 'ରୋଜାରୀ ହାଉସ୍'ର ସୀମାସୂଚିତ କାନ୍ଥଗୁଡ଼ିକରେ ତିନୋଟି ନବନିର୍ମିତ ଛୋଟ ଛୋଟ ଦରଜା ଦେଇ 'ମେଡ଼ିଟେସନ୍ ହାଉସ୍'କୁ ଆସି ପାରୁଥିଲେ । ସେଥିରୁ ଶେଷ ଦୁଇଟି ଦରଜା ଭିତର ରାସ୍ତାଟି ଛୋଟ ସୁଡ଼ଙ୍ଗ ପରି ଜଣା ପଡୁଥିଲା । 'ସୁପ୍ ବିତରଣ' ପରେ ହାତରେ ଗୋଟିଏ ଲଣ୍ଠନ ଧରି ସାଧକ 'ଦାରା' ଆଗେ ଆଗେ ଏହିସବୁ ଦରଜାରେ ପ୍ରବେଶ କରୁଥିଲେ, ପଶ୍ଚାତ୍‌ରେ ମା ତାଙ୍କୁ ଅନୁସରଣ କରୁଥିଲେ ।

ଧ୍ୱଂସପ୍ରାପ୍ତ ପୁରୁଣା କୋଠା 'ସେକ୍ରେଟେରୀଏଟ୍'ର ମରାମତି କାମ ଆରମ୍ଭ କରିବାକୁ ଚେଷ୍ଟା କରି ବାର ବାର ଅକୃତକାର୍ଯ୍ୟ ହେବାରୁ ସିଦ୍ଧାନ୍ତ ନିଆଗଲା ଯେ ଏହାର ପୁନର୍ଗଠନ ଅନିବାର୍ଯ୍ୟ । ତେଣୁ ୧୯୨୯ର ମାର୍ଚ୍ଚ-ଏପ୍ରିଲ ମାସରେ ଏହି କୋଠା ସହିତ 'ଲାଇବ୍ରେରି' କୋଠାକୁ ଖରିଦ କରି ନିଆଯିବାର ଅବ୍ୟବହିତ ପରେ ଏହାକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ସେପ୍‌ଟେମ୍ବର ମାସରେ ନିର୍ମାଣ କାମ ଆରମ୍ଭ କରାଯାଇଥିଲା ଏବଂ ଏପ୍ରିଲ ୧୯୩୨ ବେଳକୁ 'ନୂତନ ସେକ୍ରେଟେରୀଏଟ୍' ବ୍ୟବହାର ଯୋଗ୍ୟ ହୋଇ ଉଠିଥିଲା । ଏହା ଫଳରେ 'ମେଡ଼ିଟେସନ୍ ହାଉସ୍'ରେ ମା'ଙ୍କ ରୁମ୍‌କୁ ଲାଗି ତାଙ୍କର କାର୍ଯ୍ୟ ନିର୍ବାହ ଓ ବିଶ୍ରାମ ସକାଶେ ଅଧିକ ଦୁଇଟି ରୁମ୍ ପ୍ରସ୍ତୁତ ହେଲା । ଏବେ ବି ଏହାକୁ ମା'ଙ୍କର 'ଗ୍ରୀନ୍ ରୁମ୍' ଓ 'ସାଲୌଁ' କୁହାଯାଏ । ଏତତ୍ ବ୍ୟତୀତ ପବିତ୍ରଙ୍କୁ ମଧ୍ୟ ଅଫିସ୍ ରୁମ୍ ମିଳିଲା ଏବଂ ଉପର ମହଲାରେ ବାଲ୍‌କୋନି ସଂଲଗ୍ନ ଏକ ବାସଗୃହ ବି ମିଳିଲା, ଯାହା ଭିତର ଦେଇ ଯାଇ ମା ନିତି ସକାଳେ 'ବାଲ୍‌କୋନି ଦର୍ଶନ' ଦେଉଥିଲେ । ପବିତ୍ର ତାଙ୍କ ବାସଗୃହ ଭିତରେ ବି କାର୍ ମରାମତି କରିବା ସକାଶେ ଛୋଟ କର୍ମଶାଳା ବିଭାଗଟିଏ ଖୋଲିଲେ । ତଳ ମହଲାରେ କାର୍ ଗ୍ୟାରେଜ ମଧ୍ୟ ହୋଇପାରିଲା । ଏସବୁ ନିର୍ମିତ ହେବା ପରେ 'ଲାଇବ୍ରେରି ହାଉସ୍'ର ପଛପଟେ ଥିବା କଦଳୀ ବଗିଚା ଥାଇ ଗ୍ୟାରେଜକୁ ଭାଙ୍ଗି ନୂତନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ପ୍ରସ୍ପେରିଟି ବ୍ଲକ୍ ସହିତ ପଶ୍ଚିମ ପଟକୁ ଥିବା ତଳମହଲା ଘରସବୁ (ବର୍ତ୍ତମାନ ଯେଉଁଠି ଶ୍ରୀମାଶ୍ରୀଅରବିନ୍ଦଙ୍କର ମୂଳରଚନାବଳିର ପାଣ୍ଡୁଲିପି ଇତ୍ୟାଦି ସଂରକ୍ଷିତ କରାଯାଇଛି) ୧୯୩୫ରେ ନିର୍ମିତ ହୋଇଥିଲା । ତା'ପରେ ଚାରୋଟି କୋଠାସବୁର ଭିତରେ ଥିବା ଆଭ୍ୟନ୍ତରୀଣ ବିଚ୍ଛିନ୍ନତାକୁ ସମ୍ପୂର୍ଣ୍ଣ ଲୋପ କରି ଏକ ସ୍ୱୟଂ ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ଅଟ୍ଟାଳିକା ଗଢ଼ି ଉଠିଲା; ଯାହା ଅଧୁନା ଆଶ୍ରମର ପ୍ରଧାନ ଅଟ୍ଟାଳିକା ।

ଏତତ୍ ବ୍ୟତୀତ ସେହି ସମୟ-କାଳ ମଧ୍ୟରେ ଆଉ କିଛି ବଡ଼ ଧରଣର ନିର୍ମାଣ କାର୍ଯ୍ୟ ହୋଇ ନଥିଲା; କେବଳ

ଆଗରୁ ରହିଥିବା ଉନ୍ମୁକ୍ତ ଛାତସବୁରେ ଆବଶ୍ୟକୀୟ ସଂଯୋଜିତ ନୂତନ କୋଠରିମାନ ନିର୍ମାଣ ଏବଂ ତନ୍ମଧ୍ୟରୁ 'ମେଡ଼ିଟେସନ୍ ହାଉସ୍'ର ପ୍ରଥମ ମହଲାରେ ଥିବା ଖୋଲା ଛାତରେ ଶ୍ରୀମା'ଙ୍କ ସକାଶେ କେତୋଟି କକ୍ଷ ନିର୍ମାଣ ଅନ୍ୟତମ ।

ଏହି ନିର୍ମାଣ ବା ଗଠନମୂଳକ କାର୍ଯ୍ୟର ପ୍ରାରମ୍ଭିକ ପର୍ଯ୍ୟାୟଟି ଆଶ୍ରମକୁ ଏକ ନିର୍ଦ୍ଦିଷ୍ଟ ଧରଣର ପରିଚାଳନା ସମ୍ବନ୍ଧୀୟ ସଙ୍ଗତିପୂର୍ଣ୍ଣ ଐକ୍ୟଭାବ ଆଣି ଦେଇଥିଲା ଏବଂ ଏହି ପ୍ରଧାନ କୋଠାଟି ଆକ୍ଷରିକ ଅର୍ଥରେ ଅବିକଳ ମା'ଙ୍କର ଏକ ସେକ୍ରେଟେରୀଏଟ୍ ହୋଇ ଉଠିଥିଲା । ଏହାର ଅନ୍ତେବାସୀଙ୍କ ମଧ୍ୟରୁ ଅନେକେ ମା'ଙ୍କର ପ୍ରଧାନ ବା ମୁଖ୍ୟ ସେକ୍ରେଟେରୀ ରୂପେ ସେବା-ମନୋଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ ଏବଂ ଆଶ୍ରମର ଏକ କ୍ଷୁଦ୍ର କିନ୍ତୁ ସୁସଙ୍ଗଠିତ ତଥା ସୁଶୃଙ୍ଖଳିତ ଜୀବନଧାରାରେ ପ୍ରତ୍ୟେକେ ଏକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବାକୁ ଲାଗିଲେ ।

ନଳିନୀ, ଅମୃତ ଏବଂ ପୁରାଣୀ 'ମେଡ଼ିଟେସନ୍ ହାଉସ୍'ରେ ତଳ ମହଲାରେ ବାସ କଲେ । ପାର୍ଶ୍ୱ ଏବଂ ବିପରୀତ ଦିଗରେ – 'ନୂତନ ସେକ୍ରେଟେରୀଏଟ୍'ରେ ଦ୍ୟୁମନ୍, ରାଧାନନ୍ଦ ଓ ଚନ୍ଦୁଲାଲ ବାସ କଲେ । ଉତ୍ତର-ପଶ୍ଚିମ କୋଣରେ ନିର୍ମିତ ହୋଇଥିବା 'ପ୍ରସ୍ପରିଟି ବିଭାଗ' (ଏବେ ବି ସେହି ସମାନ ସ୍ଥାନରେ ଆଶ୍ରମର ପ୍ରସ୍ପରିଟି ରୁମ୍ ଅବସ୍ଥିତ) ନିମିତ୍ତ ପୁରୁଷୋତ୍ତମ ମୁଖ୍ୟଭାବେ କାର୍ଯ୍ୟଭାର ଗ୍ରହଣ କରି ରହିଥିଲେ । 'ଲାଇବ୍ରେରି ହାଉସ୍'ରେ ଶ୍ରୀଅରବିନ୍ଦ ରହୁଥିବା କକ୍ଷରେ ଅନିଲବରଣ, ଶ୍ରୀମା ରହୁଥିବା କକ୍ଷରେ ଚମ୍ପକଲାଲ ଏବଂ ଦତ୍ତା ରହୁଥିବା ଘରେ ଡାକ୍ତର ରାଜଙ୍ଗମ ରହିଲେ ।...

ଆଶ୍ରମର ପ୍ରଧାନ କୋଠାର ପରିସର ଭିତରେ ଏହାର ଅନ୍ୟାନ୍ୟ କର୍ମ ବିଭାଗ ସ୍ୱରୂପ ଗୃହନିର୍ମାଣ ତଥା ମରାମତି ବିଭାଗ, ଡାକ୍ତରଖାନା, ଭୋଜନାଳୟ ଓ ରନ୍ଧନଶାଳା, ଆକାଉଣ୍ଟ୍ ଅଫିସ୍, ଲାଇବ୍ରେରି ସହ ରିଡ଼ିଂ ରୁମ୍, କାର୍ ମରାମତି ସକାଶେ ପବିତ୍ରଙ୍କର କର୍ମଶାଳା ଇତ୍ୟାଦି ଜାନୁଆରୀ ୧୯୩୪ ପର୍ଯ୍ୟନ୍ତ ଥିଲା । (ଅବଶ୍ୟ ପବିତ୍ରଙ୍କର ବିଶ୍ରାମ କକ୍ଷରେ ମଧ୍ୟ ସେସମୟରେ ବିଦ୍ୟୁତ୍ ସରବରାହ ଓ ଜଳଯୋଗାଣ ବ୍ୟବସ୍ଥାର କର୍ମଶାଳା ତାଙ୍କ ତତ୍ତ୍ୱାବଧାନରେ ରହିଥିଲା ।)

ଅବଶ୍ୟ ଏହିସବୁ ବିଭାଗ ସେଗୁଡ଼ିକର ପ୍ରାରମ୍ଭିକ ଅବସ୍ଥାରେ ବେଶୀ ସ୍ଥାନର ଆବଶ୍ୟକତା କରୁ ନଥିଲା । ଚାଳିଶ-ପଚାଶ ଦଶକରେ ଆଶ୍ରମର ପରିସର କ୍ରମଶଃ ବୃଦ୍ଧି ପାଇବାକୁ ଲାଗିବାରୁ ଏହିସବୁ ବିଭାଗ ମଧ୍ୟରୁ ଅନେକ ବିଭାଗ ପୃଥକ୍ ପୃଥକ୍ କୋଠାକୁ ସ୍ଥାନାନ୍ତରିତ ହୋଇଥିଲା ।

ତତ୍କାଳୀନ ଆଶ୍ରମ-ଜୀବନଧାରାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ଥିଲା ସାଧକବୃନ୍ଦ ନିତି ମା'ଙ୍କର ନିକଟ ସାନ୍ନିଧ୍ୟରେ ଆସୁଥିଲେ, ତାଙ୍କ ସହିତ ସାମୂହିକ ଭାବରେ ତଥା ବ୍ୟକ୍ତିଗତ ଓ ଅନ୍ତରଙ୍ଗ ଭାବରେ ସମ୍ପର୍କିତ ଥିଲେ । ମା'ଙ୍କର ଦିବ୍ୟ ସାନ୍ନିଧ୍ୟରେ ଅନୁଷ୍ଠିତ ପ୍ରତିଦିନର ସମବେତ ଧ୍ୟାନ 'ମେଡ଼ିଟେସନ୍ ହାଉସ୍'ର ଉପର ମହଲା ହଲ୍ (ଯୁଗ୍ମ ଦର୍ଶନରୁମ୍ ସାମନା ବାରଣ୍ଡା) ଏବଂ ତଳ ମହଲାରେ ଅନୁଷ୍ଠିତ ହେଉଥିଲା । ଅଳ୍ପ କେତେ ଦିନ ଧରି, ଯେଉଁ ରୁମ୍‌ଟିରେ ପରବର୍ତ୍ତୀ କାଳରେ 'ଇଲେକ୍ଟ୍ରିକ୍ ସର୍ଭିସ୍'ର ମୁଖ୍ୟ ଭାବେ ବୁଲା ରହୁଥିଲେ, ସେଇ ରୁମ୍‌ଟିରେ ସାଧକମାନେ ମା'ଙ୍କୁ ସକାଳ ପ୍ରଣାମ ନିବେଦନ କରୁଥିଲେ । 'ଲାଇବ୍ରେରି ହାଉସ୍'ର ତଳ ମହଲାରେ 'ସୁପ୍ ବିତରଣ' ଏବଂ ଉପର ମହଲାରେ ମା'ଙ୍କ 'ଷ୍ଟୋର୍ ରୁମ୍'ରେ ପ୍ରତିଦିନ କିଛି ସମୟ ପାଇଁ ସେ ପ୍ରଥମ ପିଢ଼ିର ଅନ୍ତେବାସୀଙ୍କ ସହିତ ଆମୋଦଦାୟକ ପ୍ରତିଯୋଗିତାମୂଳକ ସହଜ ଖେଳର ପରିଚାଳନା କରୁଥିଲେ ।

ଏହି ସମୟକାଳ ମଧ୍ୟରେ ମା ଆଶ୍ରମର ପ୍ରଧାନ କୋଠାର ରୁମ୍‌ଗୁଡ଼ିକର କ୍ରିୟାକଳାପ ଅନୁସାରେ ବା ଯେଉଁ ସାଧକମାନେ ସେଇ ରୁମ୍‌ରେ ବସବାସ କରୁଥିଲେ ସେମାନଙ୍କର ଅନ୍ତର୍ନିହିତ ସ୍ୱଧର୍ମ ଉପରେ ଆଧାରିତ ପ୍ରତୀକାତ୍ମକ ନାମକରଣ କରିଥିଲେ । ଉଦାହରଣ ସ୍ୱରୂପ, ଶ୍ରୀଅରବିନ୍ଦଙ୍କର 'ମେଡ଼ିଟେସନ୍ ହାଉସ୍'ରେ ଥିବା କକ୍ଷଟିର ନାମ ଥିଲା 'ପରମେଶ୍ୱରଙ୍କର ପୃଥିବୀପୃଷ୍ଠରେ ଆବିର୍ଭାବ' (Supreme Manifestation upon Earth), ଯୁଗ୍ମଦର୍ଶନ ରୁମ୍‌ଟିର ନାମ ଥିଲା 'ଦିବ୍ୟ ଚେତନା' (Divine Consciousness), 'ସୁପ୍ ହଲ'ଟିର ନାମ ଥିଲା 'ଘନିଷ୍ଠ ଦିବ୍ୟ-ସମ୍ପର୍କ' (Divine Communion), ନଳିନୀ ଓ ଅମୃତଙ୍କର ରୁମ୍‌ର ନାମ ଥିଲା ଯଥାକ୍ରମେ : 'ପବିତ୍ର ମନ' ଏବଂ 'ପ୍ରାଣିକ ଅମରତ୍ୱ' (Pure Mind' & 'Vital Immortality); ଆଉ ଯେଉଁ ଘରେ ଖରବକାଗଜଗୁଡ଼ିକ ରହୁଥିଲା ମା ସେଇଟିର ଏକ କୌତୁକପ୍ରଦ ନାମ ଦେଇଥିଲେ 'ମିଥ୍ୟାଚାର' (Falsehood) ।...

ବର୍ତ୍ତମାନ ଆମେ ଆଶ୍ରମର ପ୍ରଧାନ କୋଠାରେ ମା'ଙ୍କ ସକାଶେ ଶେଷ ପର୍ଯ୍ୟାୟର ନବନିର୍ମିତ ଘରସବୁର କଥା ବର୍ଣ୍ଣନା କରିବୁ – ମା ସେତେବେଳେ 'ମେଡ଼ିଟେସନ୍ ହାଉସ'ରେ

ଶ୍ରୀଅରବିନ୍ଦଙ୍କ କକ୍ଷକୁ ଲାଗି ପାର୍ଶ୍ୱ ଘରେ ରହୁଥିଲେ । ୧୯୬୨ ସାଲର ମାର୍ଚ୍ଚ-ଏପ୍ରିଲରେ ମା ପର୍ଯ୍ୟାୟକ୍ରମେ ହୃତ୍‌ପିଣ୍ଡଜନିତ ଅସୁସ୍ଥତାରେ ପୀଡ଼ିତ ହେଲେ ଯାହାକି ତାଙ୍କ ସ୍ୱାସ୍ଥ୍ୟକୁ କିଛିଟା ବିପଦସଂକୁଳ ଅବସ୍ଥାରେ ପକାଇଥିଲା, ଯେଉଁଥିରେ ସେ ଶରୀରକୁ ମନ-ପ୍ରାଣର କୌଣସି ହସ୍ତକ୍ଷେପରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ କରି ଦେଇ ତା'ର ନିଜସ୍ୱ ଶକ୍ତି-ପ୍ରୟୋଗ ଉପରେ ଛାଡ଼ି ଦେଇଥିଲେ । ମା ଏହି ସ୍ଥିତିକୁ 'ଏକପ୍ରକାର ମୃତ୍ୟୁ'ର ଅବସ୍ଥା ବୋଲି ବର୍ଣ୍ଣନା କରିଥିଲେ ଏବଂ ଏକଥା ବି ଉଲ୍ଲେଖ କରିଥିଲେ ଯେ ଯଦି ପରମେଶ୍ୱର ସଂକଳ୍ପ କରିଥା'ନ୍ତେ ତାଙ୍କର ଶରୀରର ଅବସାନ ହେଉ ବୋଲି, ତେବେ ତାହାହିଁ ହୋଇଥା'ନ୍ତା । କିନ୍ତୁ ତା'ପରେ ତାଙ୍କ ଶରୀରର କୋଷାଣୁଗୁଡ଼ିକ ଏକ ଅଭିନବ ଗ୍ରହଣଶୀଳତା ନିମିତ୍ତ ଜାଗିଉଠିଲେ ଏବଂ ପ୍ରତ୍ୟକ୍ଷ ଭାବରେ ପରମେଶ୍ୱରଙ୍କର ଦିବ୍ୟ-ମହିମମୟ ପ୍ରଭାବ ପ୍ରତି ଉନ୍ମୀଳିତ ହୋଇ ଉଠିଲେ । ସେଇଠୁ ମନ-ପ୍ରାଣର କୌଣସି ମଧ୍ୟବର୍ତ୍ତୀ ହସ୍ତକ୍ଷେପ ବିନା ଶରୀର ପ୍ରତ୍ୟକ୍ଷ ଭାବରେ ଅତିମାନସ ଶକ୍ତି ସହିତ ସଂଯୋଗ ସ୍ଥାପନ କରିପାରିଲା । ୧୩ ଏପ୍ରିଲ ୧୯୬୨ରେ ଏହି ସ୍ଥିତି ଚରମ ସୀମାରେ ପହଞ୍ଚି ତାଙ୍କର ଏହି ଅଭିଜ୍ଞତା ପ୍ରାପ୍ତ ହେଲା ଯେ ତାଙ୍କ ନାଡ଼ିର ସ୍ପନ୍ଦନ ଚିତ୍ତାକର୍ଷକ ଭାବରେ ବୃଦ୍ଧିପ୍ରାପ୍ତ ହୋଇ ପରମେଶ୍ୱରଙ୍କର ଦିବ୍ୟପ୍ରେମର ଅଭିବ୍ୟକ୍ତି ଓ କ୍ରିୟା ପ୍ରତି ଉନ୍ମୀଳିତ ହୋଇଉଠିଛି ଏବଂ ନାଡ଼ିର ପ୍ରତିଟି ସ୍ପନ୍ଦନରେ ଏହି ଅଭିବ୍ୟକ୍ତି ଓ କ୍ରିୟା ପୃଥିବୀର ଉନ୍ନତି ସାଧନରେ ପ୍ରଭୂତ ସାହାଯ୍ୟ କରୁଛି ।

ମା ତାଙ୍କର ପରବର୍ତ୍ତୀ କାଳର କଥୋପକଥନରେ ଉପରୋକ୍ତ ଅଭିଜ୍ଞତାକୁ ତାଙ୍କ ସାଧନାର ଏକ ଗୁରୁତ୍ୱପୂର୍ଣ୍ଣ ସୁସ୍ପଷ୍ଟ ପର୍ଯ୍ୟାୟ ବୋଲି ସୂଚିତ କରି ଏକାଧିକ ବାର ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ।

ଏହି ସମୟରେ ହିଁ ମା'ଙ୍କ ସକାଶେ ଦ୍ୱି-ମହଲାରେ ଥିବା ତାଙ୍କ ରୁମ୍‌କୁ ଲାଗି ଅବିଳମ୍ବେ ନୂତନ କରି ସ୍ନାନାଗାରଟିଏ ନିର୍ମାଣ କରାଗଲା, ଯଦ୍ୱାରା ତାଙ୍କୁ ସ୍ନାନାଦି କ୍ରିୟା ସମାପନ କରିବା ସକାଶେ ଆଉ ତଳ ମହଲାକୁ ଆସିବାକୁ ପଡ଼ିଲା ନାହିଁ ।

ଖୁବ୍ ଶୀଘ୍ର ମା'ଙ୍କ ଆପାର୍ଟମେଣ୍ଟର ପୂର୍ବଦିଗକୁ ବାଲ୍‌କୋନି ଥାଇ ଅନ୍ୟ ଏକ ରୁମ୍ ନିର୍ମାଣ କରାଗଲା – ଯାହାକୁ ମା'ଙ୍କର 'ମ୍ୟୁଜିକ୍ ରୁମ୍' ବା ତାଙ୍କର 'ସାକ୍ଷାତ୍‌କାରର କକ୍ଷ' ବୋଲି କୁହାଗଲା ।

୧୯୬୨ରେ ଦ୍ୱି-ମହଲାରେ ମା'ଙ୍କର ନବନିର୍ମିତ ନିବାସସ୍ଥଳର ନିର୍ମାଣ କାର୍ଯ୍ୟର ପରିସମାପ୍ତି ପରେ ତାଙ୍କର ଦୈନନ୍ଦିନ କ୍ରିୟାକଳାପରେ ଯଥେଷ୍ଟ ପରିବର୍ତ୍ତନ ଘଟିଲା । ସେ ଯେତେବେଳେ ତାଙ୍କର ଅସୁସ୍ଥତାରୁ ମୁକ୍ତ ହୋଇ ଉଠିଲେ, ତା' ପରଠାରୁ ସେ ଆଉ ବାହାରକୁ ବାହାରି ନଥିଲେ ।... ବର୍ଷକୁ ଚାରୋଟି ଦର୍ଶନ ଦିବସରେ ନବନିର୍ମିତ ପୂର୍ବପଟ ଟେରାସ୍‌ରେ (୨୯ ଫେବ୍ରୁଆରୀର ସ୍ୱତନ୍ତ୍ର ଦର୍ଶନ) ଦର୍ଶନ ଦେଉଥିଲେ । ଜନ୍ମଦିନରେ ବା ବିଶେଷ ବିଶେଷ ପରିସ୍ଥିତିରେ ଅନୁମତି ପ୍ରାପ୍ତ ସାଧକ-ସାଧିକା ବା ଦର୍ଶନାର୍ଥୀମାନଙ୍କୁ ଉପର ମହଲା କକ୍ଷରେହିଁ ସେ ଦର୍ଶନ ଦେଉଥିଲେ ବା ସାକ୍ଷାତ୍‌କାର କରୁଥିଲେ । ତାଙ୍କର ସମସ୍ତ ସାଂଗଠନିକ କ୍ରିୟାକଳାପ ସେଇ କକ୍ଷରୁହିଁ ତଦାରଖ କରୁଥିଲେ । ଏହିପରି ଭାବରେ ଦୀର୍ଘ ୧୧ ବର୍ଷ ଧରି ସେଇଠି ତାଙ୍କର କଠୋର ସାଧନାରେ ବ୍ରତୀ ଥିଲେ ।

ତେଣୁ ଆଶ୍ରମର ପ୍ରଧାନ କୋଠାଟି ବାହ୍ୟ ଦୃଷ୍ଟିରୁ କେବଳ ଇଟା, ପଥର, ସିମେଣ୍ଟ, ବାଲି, ଚୂନ ମିଶ୍ରଣରେ ନିର୍ମିତ ଏକ ଚମତ୍କାର କୋଠାଟିଏ ନଥିଲା, ଏହା ପ୍ରଥମ ପିଢ଼ିର ସାଧନାରତ ଅନ୍ତେବାସୀମାନଙ୍କ ସହ ଶ୍ରୀମାଶ୍ରୀଅରବିନ୍ଦଙ୍କର ଆନନ୍ଦମୁଖର ଅପରୂପ ଲୀଳାଖେଳାର ମୁହୂର୍ତ୍ତସବୁର ପ୍ରତ୍ୟକ୍ଷଦର୍ଶୀ ହେବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଥିଲା ଯାହାକି ଏବେ କିଂବଦନ୍ତୀ ।

ଯୁଗ୍ମ-ଅବତାର ଶ୍ରୀମାଶ୍ରୀଅରବିନ୍ଦ ସଶରୀରେ ଥିବା ବେଳେ ଆଶ୍ରମ-ଜୀବନଧାରାରେ ଏହି ଅଟ୍ଟାଳିକା କେନ୍ଦ୍ରବିନ୍ଦୁ ସ୍ୱରୂପ ରହିଥିଲା ଏବଂ ଉଭୟଙ୍କର ତିରୋଧାନ ପରେ ମଧ୍ୟ ଏହା କେବଳ ପୂର୍ବବତ୍ ଆଶ୍ରମ-ଜୀବନଧାରାରେ କେନ୍ଦ୍ରବିନ୍ଦୁଟିଏ ହୋଇ ରହି ନାହିଁ, ବରଂ ଏହା ହୋଇଉଠିଛି ପୃଥିବୀର ବିଭିନ୍ନ ପ୍ରାନ୍ତରେ ବାସ କରୁଥିବା ଅଭୀପ୍ସୁ-ଭକ୍ତମାନଙ୍କର ଆଶ୍ରମ ଦର୍ଶନର କେନ୍ଦ୍ରବିନ୍ଦୁ । ଅଧୁନା ଶହ ଶହ ଦର୍ଶନାର୍ଥୀ ଆଶ୍ରମ ଅଙ୍ଗନରେ ଥିବା ସେବାବୃକ୍ଷ ମୂଳରେ ଅବସ୍ଥିତ ମହାସମାଧିର ପ୍ରଶାନ୍ତ ପରିବେଶରେ ଅବଗାହନ କରି ଆଧ୍ୟାତ୍ମିକ ଭାବଧାରାରେ ସ୍ପନ୍ଦିତ ହୋଇଉଠୁଛନ୍ତି ।

('Sri Aurobindo Ashram : The Story of the Main Building' ପୁସ୍ତକରୁ ସଂଗୃହୀତ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

କାହାଣୀ :

# ସିଂହ-ସଂଳାପ

## ମନୋଜ ଦାସ

‘‘କ’ଣ ହେଲା ?’’– ତ୍ରିଚକ୍ଷୁ ନାମକ ଋଷିଙ୍କ ଆଶ୍ରମରୁ ନିଷ୍କ୍ରାନ୍ତ ହେବାର ଅବ୍ୟବହିତ ପରେ ହଠାତ୍ ଅବୋଲକରା ଅଟକି ଯିବାର ଦେଖି ସାଆନ୍ତେ ପ୍ରଶ୍ନ କଲେ ।

‘‘ଗୁରୁ ସାଆନ୍ତେ ! ମୋର କାହିଁକି ଆଗକୁ ଯିବାକୁ ମୋଟେ ମନ ହେଉ ନାହିଁ !’’ ଅବଲୋକରା ଅଳ୍ପ ନଇଁପଡ଼ି ଡାହାଣ ହାତ ଦ୍ୱାରା ଡାହାଣ ଆଣ୍ଠୁକୁ ଏମିତି ଆଉଁସିଲା, ସତେ ଅବା ମନର ନିବାସ ସେହି ଆଣ୍ଠୁ ।

‘‘କାଳକ୍ଷେପ ନକରି ତୋ କୌତୂହଳ ବ୍ୟକ୍ତ କର ବାବା !’’ ସାଆନ୍ତେ ଖଣ୍ଡିଏ ଚିକ୍କଣ ଶିଳା ଉପରେ ବସି ପଡ଼ିଲେ ।

‘‘ଆଜ୍ଞା ! ଆଶ୍ରମରେ ଖଣ୍ଡିଏ ସିଂହ ଛାଲ ଥୁଆ ହୋଇଥିଲା । ମୁଁ ତାକୁ ଟାଣି ପକାଇବା ମାତ୍ରେ ତ୍ରିଚକ୍ଷୁ ଝପଟି ଆସି ମୋତେ ନମ୍ର ଭାବରେ ସେଥିରୁ ନିବୃତ୍ତ କରି ଛାଲଟିକୁ ପ୍ରାୟ ମୁଣ୍ଡରେ ଛୁଆଇଁ ଯଥା ସ୍ଥାନରେ ରଖି ଦେଲେ । ସିଂହ ଛାଲ ଉପରେ ମୁନିଋଷିମାନେ ବସନ୍ତି । ତାକୁ ପୁଣି ଋଷି ଜଣେ ମୁଣ୍ଡରେ ବସାଇବାର ରହସ୍ୟ କ’ଣ ?’’

‘‘ପଞ୍ଚତନ୍ତ୍ରର କାହାଣୀ ସବୁ ତୋତେ ଜଣା ଅଛିଟି – ତିନି ଯୁବକ ଗୋଟିଏ ସିଂହର ଦେହାବଶେଷରେ ଜୀବନ ଦେବା କଥା ?’’

‘‘ଗୁରୁ ସାଆନ୍ତେ ! ଆପଣଙ୍କଠୁଁ କ’ଣ ସେସବୁ କାହାଣୀ ଆଦାୟ କରିବାରେ ମୁଁ ହେଳା କରିଛି ? ତଥାପି ମୋ ସ୍ମୃତିଶକ୍ତି କଥା ତ ଜାଣନ୍ତି...’’

‘‘ଘଟଣାଟିର ଯେତିକି ଅଂଶ ବ୍ୟବହାର କରି ଗୋଟିଏ ତାତ୍ପର୍ଯ୍ୟପୂର୍ଣ୍ଣ କାହାଣୀ ଗଠନ କରାଯାଇପାରିବ, ପଣ୍ଡିତ ବିଷ୍ଣୁଶର୍ମା ସେତିକିର ସଦ୍‌ବ୍ୟବହାର କରିଛନ୍ତି । ଯେତିକି ସେ କହି ନାହାନ୍ତି, ସିଂହଛାଲଜନିତ ତୋର କୌତୂହଳ ନିବାରଣ ପାଇଁ ମୋତେ ସେତିକି ତ କହିବାକୁ ହେବ; ସଙ୍ଗେ ସଙ୍ଗେ ମୂଳ କାହାଣୀ ତଥା ତା’ର ଅକୁହା ଅଂଶସବୁ ଉପରେ ବି ଆଲୋକପାତ କରିବାକୁ ପଡ଼ିବ ।’’

ଅବୋଲକରାର ମୁହଁ ଉଜ୍ଜ୍ୱଳ ଦିଶିଲା । ସେ ଆରାମ କରି ବସିଲା ।

ସାଆନ୍ତେ ଗପିଲେ –

କେତେ ପୁରୁଷ ତଳର କଥା । ଆଜି ଯେଉଁ ଆଶ୍ରମର ପରିଚାଳକ ମହାତ୍ମା ତ୍ରିଚକ୍ଷୁ, ସେତେବେଳେ ସେ ପ୍ରତିଷ୍ଠାନର ସଦ୍ୟ ପ୍ରତିଷ୍ଠା ହୋଇଥାଏ । ପ୍ରତିଷ୍ଠାତା ଋଷି ତ୍ରିଦେବ ଥିଲେ ଜଣେ ସୁଦକ୍ଷ ଆଚାର୍ଯ୍ୟ । ତାଙ୍କ ଗୁରୁକୁଳରେ କେତେଜଣ ସମ୍ଭ୍ରାନ୍ତ ବଂଶର ତରୁଣମାନଙ୍କ ସହ ଅଧ୍ୟୟନ କରୁଥିଲେ ଏ ରାଜ୍ୟର ତିନି ରାଜପୁତ୍ର । ସେମାନଙ୍କ ଭିତରୁ ଜଣେ ହେଲେ ପାଟରାଣୀଙ୍କ ପୁଅ – ଭାବୀ ଯୁବରାଜ ତଥା ଭାବୀ ରାଜା । ଅନ୍ୟ ଦୁଇଜଣ ତାଙ୍କ ବିମାତା ପୁତ୍ର ।

ଇତିହାସରେ ଅସାଧାରଣ, ସାଧାରଣ ଓ ମନ୍ଦ – ତିନିପ୍ରକାର ରାଜପୁତ୍ରଙ୍କ ନଜିର ଅଛି । ଅସାଧାରଣମାନେ ଦୁର୍ଲଭ । ଏ ତିନି ରାଜପୁତ୍ର ଥିଲେ ସାଧାରଣ । ଗୁରୁ ଯେତିକି ଧର୍ମ, ରାଜନୀତି, ଅର୍ଥନୀତି, ସାହିତ୍ୟ ଓ ଇତିହାସ ଶିକ୍ଷା ଦେଉଥା’ନ୍ତି ସେସବୁ ସେମାନେ କର୍ତ୍ତବ୍ୟନିଷ୍ଠ ଭାବରେ ଶିଖୁଥା’ନ୍ତି ବା ଶିଖିବାର ପ୍ରୟାସ କରୁଥା’ନ୍ତି; କିନ୍ତୁ ଆଶ୍ରମର ଗୋଟିଏ ନିର୍ଦ୍ଦିଷ୍ଟ କୋଠରିରେ ସାଇତା ଥିବା ବିଶେଷ ଧରଣର କେତେକ ପୋଥି ପଢ଼ିପକାଇବା ପାଇଁ ସେମାନଙ୍କର ପ୍ରବଳ ଆଗ୍ରହ ଥାଏ । ସେସବୁ ପୋଥି ତନ୍ତ୍ର ତଥା ତନ୍ତ୍ର-ସମ୍ଭୂତ ନାନା ହବୁବିଦ୍ୟା ସମ୍ବନ୍ଧିତ । ହବୁବିଦ୍ୟା ପ୍ରତିହିଁ ରାଜପୁତ୍ରମାନଙ୍କର ଆକର୍ଷଣ ଥାଏ ସର୍ବାଧିକ । ଋଷି ସମାଧିସ୍ଥ ରହୁଥିବାବେଳେ ବା ମଧ୍ୟେ ମଧ୍ୟେ ସ୍ଥାନାନ୍ତର ଗଲେ ତାଙ୍କ ଅଜ୍ଞାତସାରରେ ତିନିହେଁ କିଛି କିଛି ହବୁବିଦ୍ୟା ଆୟତ୍ତ କରି ନେଉଥା’ନ୍ତି ।

ଦିନେ ଦୁଇଜଣ ପଥିକ ରାଜଧାନୀରୁ ଅରଣ୍ୟ ପଥରେ ଦେଶାନ୍ତର ଯିବା ବାଟରେ ଆଶ୍ରମରେ ନିଶି ଯାପନ କଲେ । ସେମାନଙ୍କଠୁ ରାଜପୁତ୍ରମାନେ ଶୁଣିଲେ କି ରାଜା ଅସୁସ୍ଥ । ସେତେବେଳକୁ ରାଜପୁତ୍ରମାନଙ୍କ ଶିକ୍ଷାଲାଭ ସରି ଆସିଲାଣି । ସେମାନେ ଉତ୍କଣ୍ଠାବଶତଃ ରାଜଧାନୀକୁ ଚାଲିଯିବାକୁ ଇଚ୍ଛା ପ୍ରକାଶ କଲେ । ଗୁରୁ କହିଲେ, ‘‘ରାଜା ତୁମମାନଙ୍କୁ ଦେଖିବାକୁ ମନ କଲେ ଅବଶ୍ୟ ଦୂତ ପଠାଇବେ । ସେ ଯଦି ଦୈବାତ୍ ଗୁରୁତର ଅସୁସ୍ଥ ହେବେ, ତେବେ ଅବଶ୍ୟ ମହାମନ୍ତ୍ରୀ ବାର୍ତ୍ତା ଦେବେ । ତେଣୁ ଥୟ ଧର ।’’

କିନ୍ତୁ ରାଜପୁତ୍ରମାନଙ୍କ ଦ୍ୱାରା ଆଉ ଯାହା ହେଉ ନହେଉ, ଥୟ-ଧାରଣଟି ଜମାରୁ ହେଉ ନଥିଲା । ଗୁରୁଙ୍କ ପରାମର୍ଶ ଶୁଣିବା ମାତ୍ରେ ସେମାନଙ୍କ ଆଖିରୁ ଖସି ଆସିଥିବା ଥୋପା ଥୋପା ଅଶ୍ରୁ ସେମାନଙ୍କର ଅତ୍ୟନ୍ତ ଗୋଲଗାଲ ଚିବୁକ ଉପରେ ମାତ୍ରାଧିକ କରୁଣ ଦେଖାଗଲା ଏବଂ ତାହା ଦେଖି ଗୁରୁ ଅଗତ୍ୟା କହିଲେ, ''ଆଚ୍ଛା, ଯିବ ଯଦି ଯାଅ । କିନ୍ତୁ ତୁମ ସାଙ୍ଗରେ କାହାକୁ ଦେବି ତାହାହିଁ ଚିନ୍ତାର ବିଷୟ ।''

ବିଦ୍ୟାର୍ଥୀମାନଙ୍କ ଭିତରେ ଥିଲେ ଧୀମାନ୍ । ସେ ଥିଲେ ଋଷିଙ୍କ ଅନ୍ତରଙ୍ଗ ଶିଷ୍ୟ । ସେ ଯୋଗ ଶିକ୍ଷା କରୁଥିଲେ ଏବଂ ତାହା ଏଡ଼େ ନିଷ୍ଠାପର ଭାବରେ କରୁଥିଲେ ଯେ ତ୍ରିଦେବ ଥରେ ଥରେ ତାଙ୍କ ଅନ୍ତେ ସେହି ତରୁଣଙ୍କୁ ଗୁରୁକୁଳର ପରିଚାଳକ ଭାବେ ଅଧିଷ୍ଠିତ କରିବାକୁ ଭାବୁଥା'ନ୍ତି । ସଙ୍ଗେ ସଙ୍ଗେ ମନସ୍ତତ୍ତ୍ୱବିଦ୍ ଋଷି ଏହା ବି ବୁଝୁଥିଲେ ଯେ ଧୀମାନ୍‌ଙ୍କ ଭିତରେ କିଛି ସାମାଜିକ ଉଚ୍ଚାକାଙ୍କ୍ଷା ରହିଛି । ଭଲ ଉପାର୍ଜନ କରିବେ, ନିଜେ ସୁଖରେ ରହି ଜନସାଧାରଣଙ୍କର ମଙ୍ଗଳ କରିବେ – ଏଭଳି କଳ୍ପନାର ତାଡ଼ନାରୁ ସେ ମୁକ୍ତ ନଥିଲେ । ବାସ୍ତବିକ, ତାଙ୍କ ଭିତରେ ଆଧ୍ୟାତ୍ମିକ ଜ୍ଞାନବିକାଶର ସମ୍ଭାବନା ଯେତିକି ଥିଲା, ସାଂସାରିକ ବୁଦ୍ଧି ପ୍ରଖରତା ବି ସେତିକି ଥିଲା ।

''ଆଚ୍ଛା, ଧୀମାନ୍ ତୁମ ସହ ଗଲେ ଠିକ୍ ହେବ ?'' – ଗୁରୁ ତ୍ରିଦେବ ଭାବୀ ଯୁବରାଜଙ୍କୁ ପ୍ରଶ୍ନ କଲେ ।

ଭାବୀ ଯୁବରାଜ ଉତ୍‌ଫୁଲ୍ଲ ହୋଇ କହିଲେ, ''ତାହାଠୁଁ ଅଧିକ ଅନୁକୂଳ ବ୍ୟବସ୍ଥା ଆଉ କ'ଣ ହୋଇପାରେ ଗୁରୁଦେବ ?''

ଧୀମାନ୍‌ଙ୍କୁ ସଭିଏଁ ଶ୍ରଦ୍ଧା କରୁଥିଲେ । ରାଜପୁତ୍ରମାନେ ବିଦ୍ୟାବୁଦ୍ଧିରେ ନିହାତି ସାଧାରଣ ହେଲେ ବି ମହତ୍ତର ବିଦ୍ୟାବୁଦ୍ଧିର ମର୍ଯ୍ୟାଦା ବୁଝୁଥିଲେ ।

''ବେଶ୍, ମୁଁ ଧୀମାନ୍‌କୁ କହି ଦେଖୁଛି । ସେ ଯଦି ତୁମ ସହ ଯିବାକୁ ତଥା ରାଜଧାନୀରେ ରହିବାକୁ ରାଜିହେବ, ତେବେ ତୁମେ ତାକୁ ତୁମର ପରାମର୍ଶଦାତା ଭାବେ ନିଯୁକ୍ତ କରିପାର । ଭବିଷ୍ୟତ୍‌ରେ ତୁମେ ସିଂହାସନ ଆରୋହଣ କଲେ ତାକୁ ମହାମନ୍ତ୍ରୀ ପଦ ଦେଇପାର । ଧୀମାନ୍‌କୁ ତୁମେମାନେ ତୁମମାନଙ୍କ ପ୍ରତି ମୋର ଶୁଭେଚ୍ଛାର ପ୍ରତୀକ ରୂପେ ଦେଖିବ ।''

''ଗୁରୁଦେବ ! ଆପଣଙ୍କ ପରାମର୍ଶ ଶିରୋଧାର୍ଯ୍ୟ ।''– ଭାବୀ ଯୁବରାଜ ତଥା ଅନ୍ୟ ଦୁଇ ରାଜପୁତ୍ର ସୋତ୍ସାହ କହିଲେ ।

ଧୀମାନ୍ ଗୁରୁଙ୍କ ପ୍ରସ୍ତାବରେ ପ୍ରଥମେ ଚମକି ପଡ଼ିଲେ । ମୃଦୁ ପ୍ରତିବାଦ କରି ସେ କହିଲେ, ''ମୁଁ କ'ଣ ଏଠାରେ ରହି ଆପଣଙ୍କ ସେବା କରିବା ପାଇଁ ଯୋଗ୍ୟ ନୁହେଁ ?''

''ବତ୍ସ ! ତୁ ସେଥିପାଇଁ ସୁଯୋଗ୍ୟ । ସଙ୍ଗେ ସଙ୍ଗେ ଉତ୍ତମ ମାର୍ଗରେ ନିଜର ସାଂସାରିକ ଶ୍ରୀବୃଦ୍ଧି ନିମନ୍ତେ ମଧ ତୁ ବହୁତ ଯୋଗ୍ୟ । ଦୁଇ ଯୋଗ୍ୟତା ଭିତରୁ କେଉଁ ଗୋଟିକ ତୋ'ର ଶ୍ରେୟ ହେବ, ତାହା ଭବିଷ୍ୟତ୍ ନିର୍ଣ୍ଣୟ କରିବ – ଅଦୂର ଭବିଷ୍ୟତ୍ ନା ସୁଦୂର ଭବିଷ୍ୟତ୍, ତାହା ଜାଣେନା । ତୁ ଯା' । ପରିସ୍ଥିତି ବିଷମ ହେଲେ ଯେକୌଣସି ମୁହୂର୍ତ୍ତରେ ଖସି ଆସିବୁ, ସେତକ ଶକ୍ତି ତ ତୋର ଅଛି !''

ଧୀମାନ୍ ରାଜି ହେଲେ । ପରଦିନ ପ୍ରତ୍ୟୁଷରେ ସେ ତିନି ରାଜପୁତ୍ରଙ୍କ ସହ ବହିର୍ଗତ ହେଲେ । ପଥ ଦୀର୍ଘ । ମଧ୍ୟାହ୍ନ ବେଳକୁ ସଭିଏଁ ଗୋଟିଏ ଝରଣା କଡ଼ରେ ବିଶ୍ରାମ କରିବା ସଙ୍ଗେ ସଙ୍ଗେ ଆଶ୍ରମରୁ ନେଇଥିବା ଖାଦ୍ୟର ସଦୁପଯୋଗ କଲେ । ପରେ ପରେ ଝରଣାକୁ ପାଣି ପିଇବାକୁ ଯାଇ କନିଷ୍ଠ ରାଜପୁତ୍ର ଅଦୂରରେ କିଛି ଅସ୍ଥି କଙ୍କାଳ ପଡ଼ିଥିବା ଦେଖି ହାତତାଳି ଦେଇ କହିଲେ, ''ଦେଖ ଦେଖ, ମୁଁ ଏପରି ମନ୍ତ୍ର ପଢ଼ିବି ଯେ ଏସବୁ ବିକ୍ଷିପ୍ତ ଅସ୍ଥି ଏକତ୍ର ହୋଇ ପରିପୂର୍ଣ୍ଣ କଙ୍କାଳ ବନିଯିବ ।''

''ଆଉ ମୁଁ ? ଏମିତି ମନ୍ତ୍ର ପଢ଼ିଦେବି ଯେ ସେ କଙ୍କାଳ ଉପରେ ରକ୍ତମାଂସର କଳେବର କଅଁଳି ଉଠିବ ।'' – କହିଲେ ମଧ୍ୟମ ରାଜପୁତ୍ର ।

''ହାଃ ହାଃ, ଆଉ ମୋତେ ଜଣା ସେ ଦେହରେ ଜୀବନ୍ୟାସ ଦେବାର ସୂତ୍ର ।'' – କହିଲେ ଭାବୀ ଯୁବରାଜ ।

''ସାବଧାନ !'' ପାଟି କଲେ ଧୀମାନ୍ । କିନ୍ତୁ ତାଙ୍କୁ ଯଥେଷ୍ଟ ସବଳ କଣ୍ଠରେ ପାଟି କରି ଆସୁ ନଥିଲା । ତା'ଛଡ଼ା ରାଜପୁତ୍ରମାନେ ନିଜ କୃତିତ୍ୱ ଉପଭୋଗ କରିବା ଆଶାରେ ମଶଗୁଲ୍ ଥିଲେ ।

ଚାହୁଁ ଚାହୁଁ ଅସ୍ଥିତକ ଯୋଡ଼ି ହୋଇ ପୂର୍ଣ୍ଣାଙ୍ଗ କଙ୍କାଳ ହୋଇଗଲା । ପରମୁହୂର୍ତ୍ତରେ ତହିଁ ଉପରେ ଫୁଟି ଉଠିଲା କଳେବର – ଗୋଟିଏ ବିରାଟ ସିଂହର ।

''ଭାଇ ! ତୁମେ ସିଂହ ଚଢ଼ି ରାଜଧାନୀରେ ପ୍ରବେଶ କରିବ । ଆମେ ଦୁଇ କଡ଼ରେ ସିଂହ ଉପରେ ହାତ ଥୋଇ ଚାଲିବୁ । ଲୋକେ ଦେଖି ଯେମିତି ଚକିତ ହେବେ ସେମିତି ମୁଗ୍ଧ ହେବେ ।'' – କହିଲେ କନିଷ୍ଠ ରାଜପୁତ୍ର ।

''ଯୁବରାଜ ! ଖବରଦାର । ତୁମ ମନ୍ତ୍ର ତୁମେ ପ୍ରୟୋଗ

କରିବାରୁ କ୍ଷାନ୍ତ ହୁଅ !'' ଧୀମାନ୍ ଏହା କହିବା ବେଳକୁ ଯୁବରାଜଙ୍କ କଣ୍ଠରୁ ତୃତୀୟ ମନ୍ତ୍ର ନିର୍ଗତ ହୋଇ ସାରିଲାଣି ।

ଧୀମାନ୍ ତତ୍‌କ୍ଷଣାତ୍ ଗୋଟିଏ ଗଛରେ ଚଢ଼ିଗଲେ । ଦେହ ଝାଡ଼ିଝୁଡ଼ି, ଭୀଷଣ ଗର୍ଜନ ଛାଡ଼ି ସିଂହ ଉଠି ଠିଆହେଲା ଓ ବେଶ୍ ଅଭିଜାତ ଢଙ୍ଗରେ ଲାଞ୍ଜ ଆନ୍ଦୋଳନ କରି ଇତସ୍ତତଃ ଦୃଷ୍ଟିପାତ କଲା ।

ସେତେବେଳକୁ, ମୁହୂର୍ତ୍ତକ ପୂର୍ବରୁ ସେ ଆହ୍ଲାଦିତ ରାଜଯୁବାଗଣ ପରସ୍ପର ଜାବୁଡ଼ି ଧରି ଗୋଟାପଣ ଥରୁଥା'ନ୍ତି । ସିଂହ ସେମାନଙ୍କ ଆଡ଼କୁ ଦୁଇ ପାହୁଣ୍ଡ ଅଗ୍ରସର ହେବା ବେଳକୁ ସେମାନେ ଆର୍ତ୍ତନାଦର ଭୂମିକା ମାତ୍ର ଦେଇପାରିଲେ । ପରେ ପରେ ସମବେତ ଭାବରେ ସେମାନଙ୍କ ପାଟି ଜାବ ପଡ଼ିଗଲା ।

ସିଂହ ଲମ୍ଫ ଦେବାକୁ ଉଦ୍ୟତ ହେଲା ।

''ଥୟଧର, ସିଂହ !'' ଉଦାତ୍ତ କଣ୍ଠରେ ବୃକ୍ଷ ଉପରୁ କହିଲେ ଧୀମାନ୍ । ପଶୁପକ୍ଷୀଙ୍କୁ ନିଜ ଭାଷାର୍ଥ ବୁଝାଇ ଦେବାର ଏବଂ ପଶୁପକ୍ଷୀଙ୍କ ବକ୍ତବ୍ୟ ବୁଝିବାର ମହତ୍ ଶକ୍ତି ସେ ଆୟତ୍ତ କରିଥିଲେ ।

ସିଂହ ରହିଗଲା ଓ ଧୀମାନ୍‌ଙ୍କୁ ଠାବ କରି ତାଙ୍କ ଉପରେ ନିଜର ବିସ୍ମିତ ଦୃଷ୍ଟି ନିବଦ୍ଧ କଲା ।

ଧୀମାନ୍ କହିଲେ, ''ସିଂହବର ! ଯେଉଁ ତିନି ଯୁବକ ତୁମକୁ ଜୀବନ ଦେଲେ, ତୁମେ ସେହିମାନଙ୍କୁ ଭକ୍ଷଣ କରିବା କେତେଦୂର ଯୁକ୍ତିଯୁକ୍ତ କାର୍ଯ୍ୟ ?''

ସିଂହ ଧୀମାନ୍‌ଙ୍କ ଆଡ଼େ ବଲ ବଲ ଅନାଇ ସତେ ଅବା ଅବସ୍ଥାକୁ ଆକଳନ କରିବାର ପ୍ରୟାସ କଲା ଓ ତା'ପରେ କହିଲା, ''ମହାଶୟ ! ସେମାନେ ମୋତେ ଜୀବନ ଦେବା କଥା ମୁଁ ବା କାହୁଁ ଜାଣନ୍ତି ? ସେ ଯାହାହେଉ, ମୋତେ ଜୀବନ ଦେବା ସଙ୍ଗେ ସଙ୍ଗେ ସେମାନେ ମୋ କ୍ଷୁଧାକୁ ମଧ୍ୟ ଜୀବନ ଦେଲେ – ହୁଏତ ଏକ ଶତାବ୍ଦୀର କ୍ଷୁଧା । ସେ ଯନ୍ତ୍ରଣା ତୁମେ ଅନ୍ଦାଜ କରି ପାରିବ ନାହିଁ । ପରେ ଅବଶ୍ୟ ସ୍ୱାଭାବିକ ରୀତିରେ ଶିକାର କରି ପ୍ରାଣ ଧାରଣ କରିବି – କିନ୍ତୁ ଏହି ମୁହୂର୍ତ୍ତରେ ସେଭଳି ବଳ ନାହିଁ । ଆଉ ବଳ ପାଇବା ପାଇଁ ଏମାନଙ୍କ ଛଡ଼ା ଖାଦ୍ୟର ବିକଳ୍ପ ନାହିଁ ।''

''ବିକଳ୍ପ ଅଛି, ପଶୁରାଜ ! ସେ ବିକଳ୍ପ ମୁଁ । ଅବତରଣ କରୁଛି । ମୁହୂର୍ତ୍ତେ ଧୈର୍ଯ୍ୟ ଧର ।'' – ଧୀମାନ୍ ଗୋଟାଏ ଧାପ ତଳ ଶାଖାକୁ ଅବତରଣ କରୁଁ କରୁଁ କହିଲେ ।

ସିଂହର ନୟନ ଯୁଗଳରେ ବିମର୍ଷ ଭାବ ଫୁଟି ଉଠିଲା । ସେ ପ୍ରଶ୍ନ କଲା, ''ମହାଶୟ ! ଜୀବନର ଆଭିମୁଖ୍ୟ କ'ଣ ?''

''ଜୀବନର ଆଭିମୁଖ୍ୟ ଅନ୍ଧକାର ଭିତରୁ ଆଲୋକ ଅଭିମୁଖରେ, ଅଜ୍ଞାନ ଭିତରୁ ଜ୍ଞାନ ଲାଭ ଦିଗରେ ଗତି – ଅର୍ଥାତ୍ ପ୍ରଗତି ।'' – କହିଲେ ଧୀମାନ୍ ।

''ବେଶ୍, ମୋ ପ୍ରାଣଦାତାଙ୍କ ସମ୍ପର୍କରେ ମୁଁ ଅଜ୍ଞାନ ଥିଲି – ଆପଣ ମୋତେ ସେ ଜ୍ଞାନ ଦେଲେ । ଅନ୍ୟ କଥାରେ ଆପଣ ମୋ ଜୀବନର ଆଭିମୁଖ୍ୟର ଅନ୍ୟତମ ଦିଗ୍‌ଦ୍ରଷ୍ଟା । ଯଦି ଆପଣଙ୍କୁହିଁ ଭକ୍ଷଣ କରି ଜୀବନ ଧାରଣ କରିବାକୁ ହେବ ତେବେ ଜୀବନଧାରଣ କରିବାର ଯାଥାର୍ଥ୍ୟ କେଉଁଠି ?'' – ସିଂହ ପ୍ରଶ୍ନ କଲା ।

''ଶୁଣ ସିଂହ ! ମୁଁ ଯେମିତି ସେ ତିନି ଯୁବକଙ୍କ ନିରାପତ୍ତା ପାଇଁ ଦାୟୀ, ତୁମକୁ ତୁମ ସ୍ୱ-ନିର୍ବାଚିତ ଆହାରରୁ ବଞ୍ଚିତ କରୁଥିବା ଯୋଗୁଁ ବିକଳ୍ପ ଆହାର ଯୋଗାଇ ଦେବା ପାଇଁ ମଧ୍ୟ ମୁଁ ବାଧ୍ୟ । ଅତଏବ ଆଉ ଦ୍ୱିଧା ବା ସଙ୍କୋଚ ନକରି ମୋ ଦ୍ୱାରା ତୁମର ଭୟଙ୍କର କ୍ଷୁଧା ଆଂଶିକ ପ୍ରଶମିତ କର !''

ଧୀମାନ୍‌ଙ୍କ ପ୍ରସ୍ତାବରେ ସିଂହ ପ୍ରାୟ ବିଦ୍ରୋହୀ ହୋଇ ଉଠିଲା । ଦୁହିଁଙ୍କ ଭିତରେ ଆହୁରି କିଛି ସମୟ ଧରି ତର୍କବିତର୍କ ଚାଲିଲା । ଅବଶେଷରେ ସିଂହ କହିଲା, ''ମହାତ୍ମା ! ଗୋଟିଏ ଜୀବନକାଳ ଭିତରେ ମୋ ଚେତନାର ଯେତିକି ପ୍ରଗତି ହୋଇ ପାରିଥା'ନ୍ତା, ଆଜି କେଇ ମୁହୂର୍ତ୍ତ ଭିତରେ ଆପଣଙ୍କ ସତ୍‌ସଙ୍ଗ ବଳରେ ତହିଁରୁ ଅଧିକ ହୋଇ ପାରିଛି । କ୍ଷୁଧା ମୋତେ ଆଉ ବେଶି ସମୟ ବଞ୍ଚିବାକୁ ଦେବ ନାହିଁ । ମୁଁ ପ୍ରାଣ ତ୍ୟାଗ କରୁଛି । କିନ୍ତୁ ଆପଣ ମୋର ଗୁରୁ । ଆପଣଙ୍କ ସକାଶେ କିଞ୍ଚିତ୍ ଭେଟିର ବ୍ୟବସ୍ଥା କରି ନ ଗଲେ ତୃପ୍ତିରେ ମରିପାରିବି ନାହିଁ । ଆପଣଙ୍କୁ ଅନୁରୋଧ ଆପଣ ମୋ ଛାଲଟିକୁ ଆସନ ରୂପେ ବ୍ୟବହାର କରିବେ ।''

ଇତି ମଧ୍ୟରେ, ସିଂହ ଓ ଧୀମାନ୍‌ଙ୍କ ଭିତରେ ଦାର୍ଶନିକ ଆଲୋଚନା ଅବସରରେ, ତିନି ରାଜପୁତ୍ର ଦୌଡ଼ିଯାଇ ଦୁଇଜଣ ବନବାସୀ ତୀରନ୍ଦାଜଙ୍କୁ ଡାକି ଆଣିଥିଲେ । ସିଂହ ଧୀମାନ୍‌ଙ୍କ ଉଦ୍ଦେଶ୍ୟରେ ତା'ର ନିବେଦନ ସମାପ୍ତ କରି ଅବସନ୍ନ ଭାବରେ ଟଳି ପଡ଼ିବା ମୁହୂର୍ତ୍ତରେ ଦୁଇଟି ଭୀଷଣ ତୀର ଆସି ତା' କଳେବର ଭେଦକଲା । ତୀରଭେଦ ପୂର୍ବରୁ ସେ ପ୍ରାଣତ୍ୟାଗ କରିଥିଲା ନା ତା' ପ୍ରାଣତ୍ୟାଗ ଧାରାକୁ ତୀର ଦୁଇଟି ତ୍ୱରାନ୍ୱିତ କଲେ ସେକଥା କହିବା ସମ୍ଭବ ନୁହେଁ ।

ରାଜପୁତ୍ରମାନେ ଆନନ୍ଦରେ ନାଚି ନାଚି ଧୀମାନ୍‌ଙ୍କ ପାଖକୁ ଆସିଲେ । ଭାବୀ ଯୁବରାଜ ଉତ୍‌ଫୁଲ୍ଲ କଣ୍ଠରେ କହିଲେ, ‘‘ବନ୍ଧୁ ! ତୁମେ ଯେପରି ସିଂହକୁ ସଂଳାପରେ ବ୍ୟାପୃତ ରଖି ଆମ ପ୍ରାଣ ରକ୍ଷା କଲ, ଆମେ ସେମିତି ତାକୁ ବଧ କରି ତୁମ ପ୍ରାଣ ରକ୍ଷା କଲୁ ।’’

‘‘ଚମତ୍କାର ! ତୁମ ଓ ମୋ ଭିତରେ ବର୍ତ୍ତମାନ କେହି କାହାରି ପ୍ରତି ଋଣୀ ନୋହୁଁ । ତୁମେ ଏ ଦୁଇଜଣ ବନବାସୀଙ୍କୁ ଦେହରକ୍ଷୀ ନିଯୁକ୍ତ କରି ତୁମ ବାଟରେ ଯାଅ — ମୁଁ ମୋ ବାଟରେ ଯାଏ ।’’

‘‘ତୁମ ବାଟ ବୋଇଲେ ?’’ — ବିସ୍ମିତ ରାଜପୁତ୍ରମାନେ ପ୍ରଶ୍ନ କଲେ ।

‘‘ଆଶ୍ରମର ବାଟ ।’’

ଭାବୀ ଯୁବରାଜ ତାଙ୍କୁ ଯେତେ ମନ୍ତ୍ରୀପଦର ଲୋଭ ଦେଖାଇଲେ ସେ ଆଉ ଶୁଣିଲେ ନାହିଁ । ରାଜପୁତ୍ରମାନଙ୍କୁ ବିଦାୟ ଦେଇ ସ୍ଥାନୀୟ ବନବାସୀଙ୍କ ସାହାଯ୍ୟରେ ସିଂହର ଛାଲଟିକୁ ବାହାର କରି ନେଇ ଆଶ୍ରମକୁ ଲେଉଟି ଗୁରୁ ତ୍ରିଦେବଙ୍କ ଆଗରେ ସବୁ ବର୍ଣ୍ଣନା କଲେ ଓ କହିଲେ, ‘‘ଗୁରୁଦେବ ! ସିଂହର ପ୍ରଶ୍ନରେ ହିଁ ଜୀବନର ଆଭିମୁଖ୍ୟ ସମ୍ପର୍କରେ ମୁଁ ହଠାତ୍ ଚେତି ଉଠିଲି । ସିଂହଟି ମୋ ଗୁରୁସ୍ଥାନୀୟ ନ ହେଲେ ବି ଗୁରୁଭାଇ ସ୍ଥାନୀୟ । ତା’ ଛାଲ ଉପରେ ମୁଁ ବସିବି କିପରି ? ଆପଣ ଏହାକୁ ଆସନ ରୂପେ ଗ୍ରହଣ କରନ୍ତୁ ।’’

ତାହାହିଁ ହେଲା । ଗୁରୁ ତ୍ରିଦେବଙ୍କ ଅନ୍ତେ ଧୀମାନ୍ ହେଲେ ଗୁରୁକୁଳର ଅଧ୍ୟକ୍ଷ । ଗୁରୁଙ୍କ ବ୍ୟବହୃତ ସିଂହଚର୍ମାସନଟିକୁ ସେ ଏକ ପୂଜ୍ୟବସ୍ତୁର ମର୍ଯ୍ୟାଦା ଦେଇ ସାଇତି ରଖିଲେ । କେତେ ଶହ ବର୍ଷ ବିତି ଗଲାଣି । ଆଶ୍ରମର ବର୍ତ୍ତମାନ ଉତ୍ତରାଧିକାରୀ ମଧ୍ୟ ତାକୁ ସେମିତି ମର୍ଯ୍ୟାଦା ଦିଅନ୍ତି ।

ଅବୋଲକରା ସିଂହ ଛାଲ ଉଦ୍ଦେଶ୍ୟରେ ପ୍ରଣାମ କରି କହିଲା, ‘‘ଆପଣ କାହାରି ଘରେ କୌଣସି ଜିନିଷପତ୍ର ଟଣାଟଣି ନ କରିବାକୁ ମୋତେ କେତେ ଥର କହିଛନ୍ତି । କିନ୍ତୁ ଦେଖନ୍ତୁ ଗୁରୁ, ମୋ ଚଗଲାମି ବି ଥରେ ଥରେ ଆପଣଙ୍କ ଆଶୀର୍ବାଦରୁ ମୋର ଶିକ୍ଷାରେ ପରିଣତ ହୁଏ ।’’

ସେ ଏଥର ସାଆନ୍ତଙ୍କୁ ପ୍ରଣାମ କଲା ।

(‘ମନୋଜ ସୃଜନୀ ସମଗ୍ର, ତୃତୀୟ ଖଣ୍ଡ’ରୁ ଗୃହୀତ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୩)

**ମହେନ୍ଦ୍ରନାଥ ସ୍ୱାଇଁ**

**ହୃଦୟର ପ୍ରାର୍ଥନା :**

ଆମର ଏହି ଧନଧାନ୍ୟପୂର୍ଣ୍ଣ ସୁନ୍ଦର ସୁବର୍ଣ୍ଣ ପୃଥିବୀ ବକ୍ଷରେ ବିରାଜିତ ଅସଂଖ୍ୟ ପର୍ବତ ଶ୍ରେଣୀ, ଉଦ୍‌ଗିରଣ ପ୍ରବଣ ଆଗ୍ନେୟଗିରି, ପ୍ରଖର ସ୍ରୋତସ୍ୱିନୀ ନଦୀ, ଫେନିଳ ପାରାବାର, ସୁବିସ୍ତୃତ ଚାରଣଭୂମି, ଘଞ୍ଚ ଅରଣ୍ୟାନୀ, ଆଖି ପାଉ ନଥିବା ମାଇଲ ମାଇଲ ବ୍ୟାପୀ ସବୁଜ ଶସ୍ୟକ୍ଷେତ୍ର, ଏହି ସମସ୍ତ ପୃଥିବୀର ବାହ୍ୟ ପରିପ୍ରକାଶ, ଧରିତ୍ରୀ ଦେବୀଙ୍କର ଶୁଦ୍ଧ, ପବିତ୍ର ଦେହର ଅପରୂପ ସୌନ୍ଦର୍ଯ୍ୟ । ମନେହୁଏ ଯେପରି ପରମପ୍ରଭୁ ନିଜ ହାତରେ ଅନେକ ବିଶୁଦ୍ଧ, ପବିତ୍ର ପଦାର୍ଥମାନଙ୍କୁ ନେଇ ସେଥିରେ ଦିବ୍ୟପ୍ରେମ "Divine Love" ମିଶାଇ ବହୁ କାଳ ଧରି ମନ୍ଥନ କଲାପରେ ଏପରି ଏକ ସୁନ୍ଦର ଧରିତ୍ରୀ ଗଠନ କରିଛନ୍ତି ।

ପ୍ରଭୁ ଯେତେସବୁ ଦିବ୍ୟରୂପ ସର୍ଜନା କରିଛନ୍ତି, ସମସ୍ତଙ୍କଠାରୁ ଅଧିକ କଷ୍ଟ ଦେଇଛନ୍ତି ଧରିତ୍ରୀକୁ । ସେଥିପାଇଁ ମାଟିକୁ ମା କୁହାଯାଏ ଏବଂ 'ଧରିତ୍ରୀ ସର୍ବଂସହା' ବୋଲି ଉଲ୍ଲେଖ କରାଯାଏ । କାରଣ ଏହାର ଅନ୍ତଃପ୍ରଦେଶ ଅତି ଭୟଙ୍କର ଉତ୍ତାପରେ ଜଳୁଛି, ତା'ର ବକ୍ଷ ଭିତରେ 'ଆଗ୍ନେୟଗିରି' ନିମନ୍ତେ ସ୍ଥାନଟିଏ ନିର୍ଦ୍ଧାରିତ ହୋଇ ରହିଛି । ଅତୀତରେ ତା'ର ଗର୍ଭ ଭିତରେ ଅନେକ ଉତ୍ଥାନ-ପତନ ହୋଇଛି ଏବଂ ତଜ୍ଜନିତ ହୃଦୟ ଫଟା ଯନ୍ତ୍ରଣାସବୁକୁ ସେ ସହ୍ୟ କରିଛି । ଅନ୍ତରସ୍ଥ ପ୍ରସ୍ତର, ଶିଳାଖଣ୍ଡ, ଚଟାଣମାନ ସ୍ଥାନ ପରିବର୍ତ୍ତନ କରିବା ଫଳରେ ପୃଥିବୀ ବକ୍ଷରେ ଅନେକ ନୂତନ ସୃଷ୍ଟି ସମ୍ଭବ ହୋଇଛି । ଏହିପରି କଟିଯାଇଛି ଲକ୍ଷ ଲକ୍ଷ ବର୍ଷ, ତତ୍‌ପରେ ସୃଷ୍ଟି ହୋଇଛି ଜୀବନ ପ୍ରଦାୟିନୀ ବାୟୁ, ଜଳ ଏବଂ ପ୍ରାଣଶକ୍ତି । ଫଳତଃ ଅନେକ ପ୍ରକାରର ବୃକ୍ଷ, ଲତା, ପତ୍ରପୁଷ୍ପର ସବୁଜିମା ଓ ରଙ୍ଗ ଛଟାରେ ସବୁଜ ଶାଢ଼ୀ ପରିହିତା ଧରିତ୍ରୀ ହୋଇ ଉଠିଛି ଅବର୍ଣ୍ଣନୀୟା ସୌନ୍ଦର୍ଯ୍ୟ ବିଭୂଷିତା । ଜଳଚର, ଉଭୟଚର, ସରୀସୃପ, ବିହଙ୍ଗମ, ଚତୁଷ୍ପଦ ପ୍ରାଣୀ ଓ ମାନବଙ୍କୁ ମଧ୍ୟ ନିଜ ବକ୍ଷରେ ଧାରଣ କରି ଅବଲୀଳାକ୍ରମେ ପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରିଛି ଧରିତ୍ରୀ । ସେଥିପାଇଁ ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ ସାବିତ୍ରୀର ଦ୍ୱିତୀୟ ପର୍ବ, ପ୍ରଥମ ଅଧ୍ୟାୟ, ପୃଷ୍ଠା ୯୯ରେ ଉଲ୍ଲେଖ କରିଛନ୍ତି –

"Earth by this golden superfluity
Bore thinking man and more
than man shall bear;"

(Savitri, P. 99)

ଅର୍ଥାତ୍ ପୃଥିବୀ ଭିତରକୁ ପରମପ୍ରଭୁଙ୍କ କୃପା ଏତେ ପରିମାଣରେ ଆସୁଛି ଯେ, କୃପାର ଭଣ୍ଡାର ପରିପୂର୍ଣ୍ଣ ହୋଇ ଉଚ୍ଛୁଳି ପଡୁଛି, ତେଣୁ ସେ ଏହି ଚିନ୍ତାଶୀଳ ମଣିଷକୁ ବହନ କରି ଚାଲିଛି ଏବଂ ଯଦି ମଣିଷଠାରୁ ଅଧିକ ଶକ୍ତି ସମ୍ପନ୍ନ ପ୍ରଜାତି ଆସନ୍ତି, ତେବେ ବି ପୃଥିବୀ ସେମାନଙ୍କୁ ବହନ କରି ଚାଲିବ ।

ବର୍ତ୍ତମାନ ଆଧୁନିକ ମାନବ ପୃଥିବୀପୃଷ୍ଠକୁ ଛାରଖାର କରିବାରେ ଲାଗିଛି । ଅନେକ ରାସାୟନିକ ପଦାର୍ଥ – ତାହା ତରଳ ହେଉ ବା କଠିନ ହେଉ, ପଲିଥିନ୍ ବ୍ୟାଗ, ବର୍ଜ୍ୟବସ୍ତୁ ପୃଥିବୀର ବକ୍ଷଦେଶରେ, ନଦୀ-ନାଳର ଜଳ ସ୍ରୋତରେ ତଥା ସମୁଦ୍ର ଜଳରେ ମିଶ୍ରିତ ହୋଇ ପରିବେଶ ପ୍ରଦୂଷିତ କରିବାରେ ଲାଗିଛି । ପରମାଣୁ ପରୀକ୍ଷା ଜନିତ ବିସ୍ଫୋରଣ ବାୟୁମଣ୍ଡଳକୁ ଉତ୍ତପ୍ତ କରିବାରେ ଲାଗିଛି । ଏତାଦୃଶ ଯନ୍ତ୍ରଣାରେ ଜର୍ଜରିତ ହୋଇ ପରମା ଦିବ୍ୟଜନନୀଙ୍କୁ ଚିତ୍କାର କରି ଧରିତ୍ରୀ ଗୁହାରି କରୁଛି, ''ମା ମୋତେ ରକ୍ଷା କରନ୍ତୁ ।'' ଧରିତ୍ରୀର ଆକୁଳ ପ୍ରାର୍ଥନା ମା ଶୁଣିଛନ୍ତି, ଅବତରି ଆସିଛନ୍ତି ଏହି ଧରାପୃଷ୍ଠକୁ । ମହାକାବ୍ୟ ସାବିତ୍ରୀର ପ୍ରଥମ ପର୍ବ, ତୃତୀୟ ଅଧ୍ୟାୟର ପ୍ରାରମ୍ଭରେ ପ୍ରଭୁ ଶ୍ରୀଅରବିନ୍ଦ ଅପୂର୍ବ ଅଭୟ ପ୍ରଦାନକାରୀ ଭାଷାରେ ଉଲ୍ଲେଖ କରିଛନ୍ତି –

"A world's desire compelled her mortal birth."

(Savitri, P. 22)

''ଏହି ଜଗତର ଏକମାତ୍ର ଇଚ୍ଛା ବାଧ୍ୟ କଲା ତାଙ୍କୁ ନେବା ପାଇଁ ନଶ୍ୱର ଜନମ ।''

ମଧୁମୟୀ ମା ପୁନଶ୍ଚ ୫ ଫେବ୍ରୁଆରୀ ୧୯୧୩

ପ୍ରାର୍ଥନାଟିରେ ଧରିତ୍ରୀର ପ୍ରାର୍ଥନାର ପ୍ରତ୍ୟୁତ୍ତରରେ କହୁଛନ୍ତି –

"THY voice is heard as a melodious chant in the stillness of my heart, and is translated in my head by words which are inadequate and yet replete with Thee. And these words are addressed to the Earth and say to her: – Poor sorrowful Earth, remember that I am present in thee and lose not hope; each effort, each grief, each joy and each pang, each call of thy heart, each aspiration of thy soul, each renewal of thy seasons, all, all without exception, what seems to thee sorrowful and what seems to thee joyous, what seems to thee ugly and what seems to thee beautiful, all infallibly lead thee towards me, who am endless Peace, shadowless Light, perfect Harmony, Certitude, Rest and Supreme Blessedness.

Hearken, O Earth, to the sublime voice that arises,

Hearken and take new courage!"

ପୃଥିବୀର ପ୍ରାର୍ଥନାକୁ ଶ୍ରବଣ କଲା ପରେ ମା ଦିବ୍ୟଜନନୀ ପରମପ୍ରଭୁଙ୍କ ଦରବାରକୁ ଯାଇଛନ୍ତି । ପୃଥିବୀର ଦୁଃଖ, ଯନ୍ତ୍ରଣାସବୁକୁ ପ୍ରଭୁଙ୍କ ପାଦପଦ୍ମରେ ନିବେଦିତ କରିଛନ୍ତି, ଏବଂ ଅପେକ୍ଷା କରି ରହିଛନ୍ତି ଉତ୍ତରକୁ । ତତ୍‌ପରେ ପ୍ରଭୁଙ୍କ କଥାକୁ ମା ଶୁଣି ପାରିଛନ୍ତି ନିଜ ଅନ୍ତର୍ସତ୍ତାର ଗଭୀର ନିରବତା ଭିତରେ । ଉପରୋକ୍ତ ପ୍ରାର୍ଥନାଟି ମା'ଙ୍କ ଲେଖନୀ ମୁନରେ ରୂପ ନେଇଛି ଅପୂର୍ବ ଅଭୟ ପ୍ରଦାନକାରୀ ଭାଷାରେ –

''ହେ ପ୍ରଭୁ ! ଆପଣଙ୍କର ଦିବ୍ୟସ୍ୱର ଏକ ମୂର୍ଚ୍ଛନାମୟ ସଙ୍ଗୀତର ସ୍ରୋତ ପରି ମୋ ହୃଦୟର ସ୍ଥିରତା ମଧ୍ୟରେ ପ୍ରବେଶ କରୁଛି ଏବଂ ମୋର କର୍ଣ୍ଣକୁହରରେ ଗୁଞ୍ଜରିତ ହେବାକୁ ଲାଗୁଛି, ଏବଂ ମସ୍ତିଷ୍କ ମଧ୍ୟରେ ତାହା ଶବ୍ଦରେ ରୂପାନ୍ତରିତ ହେଉଛି, ଯଦିଓ ସେହି ରୂପାନ୍ତରିତ ଶବ୍ଦଗୁଡ଼ିକ ଆପଣଙ୍କ ଦିବ୍ୟ-ସନ୍ଦେଶକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରିବାକୁ ସମର୍ଥ ନୁହନ୍ତି ବା ଯଥେଷ୍ଟ ନୁହନ୍ତି । ତଥାପି ସେଗୁଡ଼ିକ ଭିତରେ ଆପଣ ସ୍ୱୟଂ ପରିପୂର୍ଣ୍ଣ ହୋଇ ବିଦ୍ୟମାନ ହୋଇଛନ୍ତି । ପ୍ରଭୁ ପୃଥିବୀକୁ ସମ୍ବୋଧନପୂର୍ବକ ଉକ୍ତ ଶବ୍ଦଗୁଡ଼ିକୁ ପ୍ରକାଶ କରିଛନ୍ତି ଦିବ୍ୟଜନନୀ, ସୁରକ୍ଷା ପ୍ରଦାୟିନୀ ଶ୍ରୀମାଙ୍କ ମାଧ୍ୟମରେ । ପୃଥିବୀକୁ ସମ୍ବୋଧନ କରି ପ୍ରଭୁ କହୁଛନ୍ତି : – ହେ ଯନ୍ତ୍ରଣା ଜର୍ଜରିତ ଦୁଃଖିନୀ ଧରିତ୍ରୀ ମାତା, ମୁଁ ତୁମ ଭିତରେ ବିରାଜମାନ, ନିରାଶ ହୁଅ ନାହିଁ; ପ୍ରତ୍ୟେକ ପ୍ରଚେଷ୍ଟା, ପ୍ରତ୍ୟେକ ଦୁଃଖ, ପ୍ରତ୍ୟେକ ଆନନ୍ଦ ଏବଂ ପ୍ରତ୍ୟେକ ଯନ୍ତ୍ରଣା, ତୁମ ହୃଦୟର ପ୍ରତ୍ୟେକ ଆହ୍ୱାନ, ତୁମ ଆତ୍ମାର ପ୍ରତ୍ୟେକ ଅଭୀପ୍ସା, ତୁମ ବକ୍ଷରେ ଅନୁଷ୍ଠିତ ଋତୁଚକ୍ରର ପ୍ରତ୍ୟେକ ନବୀକରଣ, ସବୁକିଛି, ସକଳ, କାହାରିକୁ ବାଦ୍ ଦେଇ ନୁହେଁ, ଯାହାସବୁ ତୁମକୁ ଦୁଃଖପୂର୍ଣ୍ଣ ମନେ ହେଉଛି ଏବଂ ଯାହାକିଛି ତୁମକୁ ଆନନ୍ଦ ପ୍ରଦାନକାରୀ ବୋଲି ପ୍ରତୀୟମାନ ହେଉଛି, ଯାହା ତୁମକୁ କୁତ୍ସିତ, ଅସୁନ୍ଦର ମନେ ହେଉଛି ଏବଂ ଯାହାସବୁ ତୁମକୁ ସୌନ୍ଦର୍ଯ୍ୟମୟ ମନେ ହେଉଛି, ସମସ୍ତେ ନିଃସନ୍ଦେହରେ, ସିଧାସଳଖ ତୁମକୁ ମୋ ଆଡ଼କୁ ନେଇ ଆସୁଛନ୍ତି, ମୁଁ ହେଉଛି ଅନନ୍ତ ପ୍ରଶାନ୍ତି, ଛାୟାହୀନ ଦିବ୍ୟାଲୋକ, ବିଶୁଦ୍ଧ ସଙ୍ଗତି, ପରମ ଆନନ୍ଦ, ବିଶ୍ରାମ ଏବଂ ସର୍ବୋତ୍ତମ ଦୟାର ସାଗର ।''

ହେ ଧରିତ୍ରୀ, ନମ୍ରତାର ସହିତ ଶ୍ରବଣ କର ଊର୍ଦ୍ଧ୍ୱକୁ ଉତ୍ତୋଳିତ ହେଉଥିବା ସମ୍ଭ୍ରାନ୍ତ, ରାଜକୀୟ ସ୍ୱରକୁ ।

ଶ୍ରବଣ କର ଏବଂ ନୂତନ ସାହସକୁ ଆପଣାଇ ନିଅ !''

ଉକ୍ତ ପ୍ରାର୍ଥନାରେ ଥିବା ଦୁଇଟି ଶବ୍ଦ ବିଷୟରେ କିଛି ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରଥମଟି ହେଲା ''replete'' ଏବଂ ଦ୍ୱିତୀୟଟି ''Hearken'' । ''Replete'' ଶବ୍ଦଟିର ଅର୍ଥ ହେଲା – ପରିପୂର୍ଣ୍ଣ ହୋଇଯିବା, ଉଚ୍ଛୁଳି ଉଠିବା, ଭରପୂର ହୋଇଯିବା; ମା'ଙ୍କର ସ୍ମିତହାସ୍ୟ ଦର୍ଶନରେ ଭକ୍ତର ହୃଦୟ ଯେପରି ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଚ୍ଛୁଳି ଉଠେ, ଠିକ୍ ସେହିପରି । ତତ୍‌ପରେ ''Hearken''– ଶବ୍ଦଟିର ଅର୍ଥ ହେଲା ମନୋଯୋଗ ସହକାରେ ଶ୍ରବଣ କରିବା । ନମ୍ରତାର ସହ ତଥା ସରଳତାର ଭାବ ନେଇ ପରମପ୍ରଭୁ ଓ ଦିବ୍ୟଜନନୀଙ୍କ ସୁମଧୁର ରାଜକୀୟ ନିର୍ଦ୍ଦେଶର ସ୍ୱରକୁ ଶ୍ରବଣ କରିବା । ଏତାଦୃଶ ହୃଦୟ ଭିତରୁ ଉଦ୍ରେକ ହେଉଥିବା ଉତ୍ସର୍ଗୀକୃତ ପ୍ରାର୍ଥନା ଏବଂ ସେହି ପ୍ରାର୍ଥନାର ପ୍ରତ୍ୟୁତ୍ତର ସମ୍ପର୍କରେ ଏକ ସତ୍ୟ ଘଟଣା ସ୍ମୃତିପଟରେ ଉଙ୍କିମାରୁଛି, ତାହାହେଲା –

''ଥରେ ଜଣେ ଯୁବତୀ ଏକ ନିଛାଟିଆ ରାସ୍ତାରେ

ଅଫିସ କାର୍ଯ୍ୟ ସମାପ୍ତ କରି ଘରକୁ ଫେରୁ ଥାଆନ୍ତି । ସେତେବେଳେ ସମୟ ସନ୍ଧ୍ୟା ସାତଟା । ସବୁଆଡ଼େ ଅନ୍ଧାର । କିଛି କ୍ଷଣପରେ ସେ ଦେଖିଲେ ଜଣେ ଅଜ୍ଞାତ ବ୍ୟକ୍ତି ଅଳ୍ପ ଦୂରରେ ରାସ୍ତା ଉପରେ ଏପଟ ସେପଟ ହେଉଛି । ତାଙ୍କ ମନରେ ଭୟର ସଞ୍ଚାର ହେଲା । ସେଠାରେ ତାଙ୍କୁ ସାହାଯ୍ୟ କରିବାକୁ ଅନ୍ୟ କେହି ନଥିଲେ । ସେତିକି ବେଳେ ତାଙ୍କର ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ସାବିତ୍ରୀ'ର ଗୋଟିଏ ଧାଡ଼ି ମନେ ପଡ଼ିଗଲା, ତାହା ହେଉଛି,

''The great are strongest
when they stand alone''
(Savitri, P. 460)

''ମହନୀୟ ଯିଏ ଦୃଢ଼ ହୋଇଯାଆନ୍ତି
ଠିଆହେଲେ ଏକା ହୋଇ ।''

ଏହି ଧାଡ଼ିଟି ତାଙ୍କ ଅନ୍ତରରେ ଏକ ମନ୍ତ୍ର ପରି କାମ କଲା । ଭିତରର ଭୟର ଭାବଟି ଦୂରେଇ ଗଲା । ସିଏ କିଛି ଚିନ୍ତା ନକରି ଦିବ୍ୟଜନନୀ ଶ୍ରୀମା'ଙ୍କୁ ସ୍ମରଣ କରି ସେହି ଅଜ୍ଞାତ ବ୍ୟକ୍ତିଟିର ପାଖ ଦେଇ ଆଗକୁ ଚାଲି ଆସିଲେ । ଘରେ ପହଞ୍ଚି ମା'ଙ୍କ ଫଟୋ ପାଖରେ କୃତଜ୍ଞତାର ଅଶ୍ରୁ ଢାଳି ପ୍ରଣାମ ନିବେଦନ କଲେ । ତା'ପର ଦିନ ସକାଳେ ଖବରକାଗଜ ପଢୁ ପଢୁ ଦେଖିଲେ ସେହି ରାସ୍ତାରେ ସିଏ ଆସିବାର ପନ୍ଦର ମିନିଟ ପରେ ଅନ୍ୟ ଏକ ଯୁବତୀଙ୍କ ଉପରେ ଆକ୍ରମଣ ହୋଇଛି, ତାଙ୍କ ପର୍ସ ଓ ସେ ପିନ୍ଧିଥିବା ଅଳଙ୍କାରାଦି ଚୋରି ହୋଇଯାଇଛି । କୌତୂହଳବଶତଃ ଦିନ ଦଶଟା ବେଳେ ଅଫିସ ଯିବା ବାଟରେ ପଡୁଥିବା ଥାନାକୁ ଯାଇ ସେ ଦେଖିଲେ ଚାରିଜଣ ଲୋକଙ୍କୁ ପୋଲିସ ଧରିଆଣି ଥାନାରେ ବସାଇଛି ଏବଂ ସେମାନଙ୍କ ଭିତରେ ସେ ଦେଖିଥିବା ଲୋକଟି ମଧ୍ୟ ଅଛି । ସେହି କଥା ସେ ପୋଲିସ ଅଫିସରଙ୍କୁ କହିଲେ ଏବଂ ସେହି ବ୍ୟକ୍ତିଟିକୁ ଚିହ୍ନଟ ମଧ୍ୟ କଲେ । ତତ୍‌ପରେ ବ୍ୟକ୍ତି ଜଣକ ସବୁକଥା ମାନି ଯାଇଥିଲେ ଏବଂ ଦୋଷ ସ୍ୱୀକାର କରିଥିଲେ ।

କିଛି ସମୟ ପରେ ସେହି ଯୁବତୀ ଜଣକ ଅଜ୍ଞାତ ବ୍ୟକ୍ତିଟି ନିକଟକୁ ଯାଇ ତାକୁ ପଚାରିଲେ, ''ଆଚ୍ଛା, ମୁଁ ତ ସେହି ବାଟରେ ପନ୍ଦର ମିନିଟ ପୂର୍ବରୁ ତୁମ ପାଖଦେଇ ଆସୁଥିଲି, ତୁମେ ମୋତେ କାହିଁକି ଆକ୍ରମଣ କଲ ନାହିଁ ?'' ବ୍ୟକ୍ତିଟି କହିଲା, ''ତୁମ ପଛରେ ଦୁଇଜଣ ଖୁବ୍ ଶକ୍ତିଶାଳୀ ଲୋକ, ତୁମର ଦେହରକ୍ଷୀ ସଦୃଶ ଆସୁଥିବାର ମୁଁ ଦେଖି ପାରିଲି । ସେଥିପାଇଁ ତୁମକୁ ଆକ୍ରମଣ କରିବାକୁ ଇଚ୍ଛା ଥିଲେ ମଧ୍ୟ ମୁଁ ସାହସ କରିପାରିଲି ନାହିଁ ।''

ପୁଣି ଥରେ ସେହି ଯୁବତୀଙ୍କ ଚକ୍ଷୁଦ୍ୱୟରେ କୃତଜ୍ଞତାର ଅଶ୍ରୁ । ତାଙ୍କ ଅନ୍ତରରୁ ସ୍ୱତଃ ଉଚ୍ଚାରିତ ହେଉଥିଲା, ''ହେ ଆରାଧ୍ୟା ପରାତ୍ପରା ଦିବ୍ୟଜନନୀ, ଆପଣଙ୍କର ଜୟ ହେଉ ।''

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା
(୨) Musing on the Mother's Prayers and Meditations, Volume - I, Shyam Kumari

ଯେକୌଣସି କଥାରେ ତୁମେ ସନ୍ଦେହ ଆରୋପ କରିପାର କିନ୍ତୁ ଯିଏ କେବଳ ଭଗବାନଙ୍କୁ ଚାହେଁ ସେ ଭଗବାନଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ ଏବଂ ଦୁଇରେ ଦୁଇ ମିଶିଲେ ଚାରି ହେବା କଥାଠାରୁ ଆହୁରି ନିଶ୍ଚିତ । ଏଇ ବିଶ୍ୱାସକୁ ପ୍ରତ୍ୟେକ ସାଧକ ତା'ର ହୃଦୟର ଅଭ୍ୟନ୍ତରରେ ପୋଷଣ କରିବା ଉଚିତ ଯାହାକି ତାକୁ ପ୍ରତ୍ୟେକଟି ଝୁଣ୍ଟି ପଡ଼ିବା ତଥା ଆଘାତ ଓ ଅଗ୍ନି-ପରୀକ୍ଷା ମଧ୍ୟ ଦେଇ ସହାୟତାପୂର୍ବକ ନେଇ ଚାଲିବ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୧)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**ଶ୍ରୀଅରବିନ୍ଦଙ୍କ ପତ୍ର (୪):** ତୁମର ଶେଷ ପତ୍ରରୁ ଏହା ସ୍ପଷ୍ଟ ଯେ ନିଜର ଇଚ୍ଛାଶକ୍ତି ଯୋଗୁଁ ତୁମେ ଏଠାରୁ ଚାଲିଯିବା ନିମନ୍ତେ ଆଗ୍ରହ ପ୍ରକାଶ କରୁ ନାହଁ ! କିନ୍ତୁ କିଛି ଗୋଟାଏ ତୁମ ମନକୁ ଅଧିକାର କରି ନେଇଛି, କୌଣସି ଗୋଟାଏ ଶକ୍ତିର ସୁଦୃଢ଼ ମୁଷ୍ଟି ତୁମର ବହିର୍ମନ ଏବଂ ପ୍ରାଣର ପୁରାତନ ଗତିବୃତ୍ତିକୁ ବ୍ୟବହାର କରୁଛି ସେମାନଙ୍କର ପ୍ରେରଣାକୁ କର୍ମରେ ନିୟୋଜିତ କରିବାକୁ । ଏହି ପ୍ରେରଣାକୁ ପରିବର୍ଜନ କରିବା ଆହୁରି ଅଧିକ ଯୁକ୍ତିଯୁକ୍ତ, କାହିଁକି ନା ତାହା ହୃଦୟ ଏବଂ ଅନ୍ତରାତ୍ମାର ସତ୍ୟ ଅନୁଭୂତିର ଠିକ୍ ବିପରୀତ । ଯେଉଁ ଅହଂକାର କହେ, ''ମୁଁ ହେଉଛି ତାହା, ଯାହା ଭାଙ୍ଗିଯିବ ପଛେ ନଇଁବ ନାହିଁ'' । ଏହା ଏକାନ୍ତ ଭାବେ ଏକ ନଗଣ୍ୟ ଜିନିଷ ଏବଂ ସେ ଏଇ ସତ୍ୟକୁ ଗୋପନ କରୁଛି ଯେ ସେ ସେଇସବୁ ଶକ୍ତି ଏବଂ ପ୍ରେରଣାମାନଙ୍କ ନିକଟରେ ନତ ହେଉଛି ଯେଉଁମାନେ ହେଉଛନ୍ତି ଅଜ୍ଞ ଏବଂ ଅନ୍ଧକାରାଚ୍ଛନ୍ନ । ଏହାର ପରିଣାମ ଯାହା ସେସବୁକୁ ତୁମେ ତୁମ ପତ୍ରର ଶେଷ ଆଡ଼କୁ ନିଜେ ଦେଖି ପାରିଛ, ସେ ନତ ହୁଏ ପ୍ରକୃତିର ନିମ୍ନ ଶକ୍ତି ନିକଟରେ କିନ୍ତୁ ଅସ୍ୱୀକାର କରେ ନତ ହେବାକୁ ଭଗବାନଙ୍କ ନିକଟରେ ।

ସାଧନା ଯଦି ମହତ୍ ସଙ୍କଳ୍ପ ଓ ପ୍ରକୃତିର ପୁରାତନ ଶକ୍ତିମାନଙ୍କ ମଧ୍ୟରେ ଏକ ସଂଘର୍ଷ ହୁଏ ଯାହା ଫଳରେ ଆସେ ଯନ୍ତ୍ରଣାଭୋଗ ଓ ଆନ୍ତର ପୀଡ଼ନ, ତେବେ ଆମେ ଚାହୁଁନା ଯେ ତୁମେ ସେଇ ଧରଣର ସାଧନା କର । ଆମର ଯୋଗର ଭାବ ତାହା ନୁହେଁ । ଆମେ ଚାହୁଁ ତୁମେ ଏପରି କର ଯେଉଁଥିରେ ପୁନରାୟ ତୁମର ପ୍ରଶାନ୍ତି ଫେରି ଆସୁ ଏବଂ ତା' ଭିତର ଦେଇ ତୁମେ ଆଗେଇ ଚାଲ । ଶାନ୍ତିର ଭିତ୍ତି ଲାଭ କରିବା ଏବଂ ଭାଗବତ ଶକ୍ତିକୁ ତୁମ ମଧ୍ୟରେ ଦୃଢ଼ ଏବଂ ଶାନ୍ତ ଭାବେ କାର୍ଯ୍ୟ କରିବାକୁ ଦେବା ହେଉଛି ସବୁଠାରୁ ଭଲ ପନ୍ଥା । ବାଧାବିପତ୍ତି ଏବଂ ସଂଗ୍ରାମର କୌଣସି ସୁବୃହତ୍ ବ୍ୟକ୍ତିଗତ ପ୍ରଚେଷ୍ଟା ମଧ୍ୟ ଦେଇ ଅଗ୍ରସର ହେବାର ଆବଶ୍ୟକତା ନାହିଁ । ଫେରି ଆସ ଏହା ମଧ୍ୟକୁ, ପୁଣି ଥରେ ନିଜକୁ ଖୋଲି ଧର, ଯେମିତି ପୂର୍ବରୁ ତୁମେ କରୁଥିଲ,— ତା'ହେଲେ ଦିନେ କିଂବା ଦୁଇଦିନ ମଧ୍ୟରେ ତୁମେ ଫେରି ପାଇବ ତୁମର ନିଦ୍ରା ଏବଂ ପୂର୍ଣ୍ଣ ସ୍ୱାସ୍ଥ୍ୟକୁ, ଏବଂ ଅଧିକ କିଛି କଷ୍ଟ ନକରି ଅନ୍ତରରେ ଯେଉଁ ଉନ୍ନତି ସାଧନ କରି ଚାଲିଥିଲ ସେଇ ଅବସ୍ଥାକୁ — ଏବଂ ପରମ ଶକ୍ତିମୟୀ ମା'ଙ୍କର ଶକ୍ତି ଏବଂ କରୁଣା ଯେଉଁଭାବେ ତୁମକୁ ଚଳାଇ ନେଇ ଯାଉଥିଲା ପୁଣି ତୁମକୁ ସେଇ ଜାଗାକୁ ଫେରାଇ ନେଇଯିବ ।

ମୁଁ ସମସ୍ତ କିଛି କରିବି ତୁମକୁ ସାହାଯ୍ୟ କରିବାକୁ ଏବଂ ତୁମକୁ ସେଇ ଅନ୍ଧକାରରୁ ଉପରକୁ ଉଠାଇ ଆଣିବାକୁ, କିନ୍ତୁ ତୁମ ମଧ୍ୟରେ ଯେଉଁ ଜିନିଷକୁ ନିମ୍ନ ପ୍ରକୃତି ବନ୍ଦ କରି ରଖିଛି ତାକୁ ଅବଶ୍ୟହିଁ ଖୋଲି ଧରିବାକୁ ହେବ । ପୂର୍ବେ ସେହି ସାହାଯ୍ୟ ପ୍ରତି ଯେପରି ଶାନ୍ତ ଭାବେ ତାହା କାର୍ଯ୍ୟକାରୀ ହେବାକୁ ଦିଆଯାଉଥିଲା ସେହିପରି ଭାବେ କରିବାକୁ ହେବ । ଏହା ନ ହେଲେ ମଧ୍ୟ ସେଇ ଶକ୍ତି (ସାହାଯ୍ୟ) ତୁମକୁ ଭଲଭାବେ ସେଥିରୁ ବାହାର କରି ଆଣି ପାରିବ, କିନ୍ତୁ ଯଦି ସେଠାରେ କିଛି କଠିନ ବାଧା ଥାଏ ତାହାକୁ ବି ଭାଙ୍ଗିବାକୁ ହେବ କିନ୍ତୁ ସେସବୁ ସମୟସାପେକ୍ଷ । ମୋର ମନେହୁଏ ତୁମର କେନ୍ଦ୍ରଗତ ମୂଳଭାବର ଏକ ପରିବର୍ତ୍ତନ ସମସ୍ତ କିଛିକୁ ବଦଳାଇ ଦେବ, ପୂର୍ବେ ଯେପରି ହୋଇଥିଲା ।

(୦୨.୦୨.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର (୫)** : ମୋର ବିନ୍ଦୁମାତ୍ର ସନ୍ଦେହ ନାହିଁ ଯେ ତୁମେ ସାଧନା କରି ପାରିବ ନାହିଁ, ଯଦି ତୁମେ ତାକୁ ଜୋର୍ କରି ଧରି ରଖିପାରିବ — କେବଳ ମାତ୍ର ତୁମ ନିଜର ଶକ୍ତି ଦ୍ୱାରା ନୁହେଁ ନିଶ୍ଚୟ, କାରଣ କେହି ବି ତାହା କରିପାରିବେ ନାହିଁ, କିନ୍ତୁ ଯଦି ତୁମ ମଧ୍ୟରେ ତୁମ ଚୈତ୍ୟସତ୍ତାର ସଂକଳ୍ପ ଏବଂ ତା' ସହିତ ଭାଗବତ କୃପାର ସହାୟତା ଆସେ, ତା'ହେଲେ ତାହା ସମ୍ଭବ ହୋଇପାରିବ । ପ୍ରତ୍ୟେକ ମନୁଷ୍ୟର ସତ୍ତା ମଧ୍ୟରେ ପ୍ରାଣିକ ଏବଂ ଶାରୀର ଚେତନାର ଏକ ଅଂଶ ଅଛି ଯାହାର କି ତା' ନିଜ ପାଇଁ କୌଣସି ସଂକଳ୍ପ ନାହିଁ,

ସକ୍ଷମତାର ଅନୁଭବ ମଧ୍ୟ ନାହିଁ, ଆଧ୍ୟାତ୍ମିକ ଭବିଷ୍ୟତ୍ ସମ୍ବନ୍ଧରେ କୌଣସି ଆଶା ଅବା କୌଣସି ପ୍ରତିଶ୍ରୁତିକୁ ସେ ଅବିଶ୍ୱାସ କରେ ଏବଂ ଏଇ ଧରଣର କୌଣସି କିଛି ସମ୍ବନ୍ଧରେ ସେ ନିଷ୍କ୍ରିୟ ଏବଂ ଉଦାସୀନ । ସାଧନାର କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ଏହା ଘଟିଥାଏ ଏବଂ ସାଧକ ନିଜକୁ ତା' ସଙ୍ଗରେ ଏକୀଭୂତ ଅନୁଭବ କରେ । ତୁମ ମଧ୍ୟରେ ବର୍ତ୍ତମାନ ଏହାହିଁ ଘଟିଛି । କିନ୍ତୁ ତା' ସହ ଅଛି ଶରୀର ଅସୁସ୍ଥତାର ଏବଂ ସ୍ନାୟବିକ ଅକ୍ଷମତାର ଏକ ଆକ୍ରମଣ, ଯାହା ସୃଷ୍ଟି କରିଛି ଅନ୍ଧକାରାଚ୍ଛନ୍ନ ଶରୀର ମଧ୍ୟ ଦେଇ ଏଇ ଯିବାର ପଥକୁ ଅଧିକ ତମସାଘନ ଏବଂ ତୀବ୍ର ଯନ୍ତ୍ରଣାକ୍ଲିଷ୍ଟ । ଅଧିକ ନିଦ୍ରା ଏବଂ ସ୍ନାୟୁମଣ୍ଡଳୀକୁ ଶାନ୍ତ କରିବା ଦ୍ୱାରା ଦୈହିକ ପ୍ରାଣଶକ୍ତି ଫେରି ଆସିଲେ ସେଇ ତମସାର ଅସ୍ପଷ୍ଟତା ଦୂରେଇ ଯିବ ଏବଂ ଅନ୍ଧକାରାଚ୍ଛନ୍ନ ଏଇ ଅଂଶକୁ ଊର୍ଦ୍ଧ୍ୱାଲୋକ ଏବଂ ଚେତନାକୁ ଅବତରଣ କରାଇବା ସମ୍ଭବ ହୋଇ ପାରିବ । ଖୁବ୍ ଏକ ତୀବ୍ର ଏକାଗ୍ରତା ଯାହା ସଂଘର୍ଷ ଆଣେ ତା'ର ପ୍ରୟୋଜନ ନାହିଁ, ଯାହା ପ୍ରୟୋଜନ ତାହା ହେଉଛି ଆତ୍ମ-ଉନ୍ମୀଳନର ଏକ ଖୁବ୍ ଶାନ୍ତ ମୂଳଭାବ । ବର୍ତ୍ତମାନ ସାଧନା ନିମନ୍ତେ କୌଣସି କଠୋର ପ୍ରଚେଷ୍ଟା ଠିକ୍ ନୁହେଁ, ଉନ୍ମୀଳନର ପୁନରୁଦ୍ଧାର ନିମନ୍ତେ ପ୍ରକୃତିର ଶାନ୍ତିପୂର୍ଣ୍ଣ ଅବସ୍ଥା ଓ ସହଜ ଏକ ଭାବ ପୁନରାୟ ଫେରି ପାଇବା ହିଁ ସଂପ୍ରତି ପ୍ରୟୋଜନ ।

(୦୨.୦୨.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର (୬)** : ମୁଁ ଶୁଣି ଖୁବ୍ ଖୁସି ହେଲି ଯେ ଅବସାଦ ଏବଂ ଅନ୍ଧକାରାଚ୍ଛନ୍ନ ଅବସ୍ଥାର ଦୁଃସ୍ୱପ୍ନ ତୁମର କଟିଯାଇଛି । ମୋର ମନେହୁଏ ବର୍ତ୍ତମାନ ତୁମର ପ୍ରଥମତଃ ଯେଉଁ ଜିନିଷଟିର ଏକାନ୍ତ ଆବଶ୍ୟକ ତାହା ହେଉଛି ନିଦ୍ରା ଏବଂ ଖାଦ୍ୟ ଦ୍ୱାରା ତୁମର ସ୍ନାୟବିକ ଏବଂ ଦୈହିକ ବଳର ପୁନରୁଦ୍ଧାର କରିବା — କାରଣ ଏଇ ଅବସାଦଗ୍ରସ୍ତ ଶାରୀର ଚେତନାର ମଧ୍ୟ ଦେଇ ହିଁ ସେ ବହୁ ପରିମାଣରେ ସକ୍ଷମ ହେଉଥିଲା ସେଇ ମନ୍ଦ ଅବସ୍ଥାକୁ ନିଜ କବଳରେ ରଖିବାକୁ ଏବଂ ବାଧା ଦେଉଥିଲା ମନର ସ୍ୱଚ୍ଛତାକୁ ଏବଂ ଚୈତ୍ୟ ସାମ୍ୟଭାବକୁ ଆସିବାକୁ ନ ଦେବାକୁ । ସାଧନା ପାଇଁ କେବଳ ଆମ ଦିଗକୁ ତୁମ ଚେତନାକୁ ଖୋଲି ଧର ଏବଂ ଶାନ୍ତଭାବେ ଗତାନୁଗତିକ ପଥରେ ସମସ୍ତ କିଛିକୁ ଚାଲିବାକୁ ଦିଅ, ଯେତେଦିନ ପର୍ଯ୍ୟନ୍ତ ତୁମେ ଅଧିକ କଷ୍ଟ କିଂବା ଚେଷ୍ଟା ବ୍ୟତିରେକେ ସ୍ୱାଭାବିକ ରୂପେ ଅଧିକ କିଛି କରିବାକୁ ସକ୍ଷମ ନ ହୋଇଛ । ଆବଶ୍ୟକ ହେଲେ ତୁମେ ଆମକୁ ଲେଖିବାକୁ ଦ୍ୱିଧାବୋଧ କରିବ ନାହିଁ ।

(୦୩.୦୨.୩୭)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ପୃଥିବୀପୃଷ୍ଠସ୍ଥ ଜୀବନ ପ୍ରଧାନତଃ ଅଗ୍ରଗତି ନିମନ୍ତେ ଏକ କ୍ଷେତ୍ର । କିନ୍ତୁ ଯେଉଁସବୁ ଅଗ୍ରଗତି କରିବାକୁ ହେବ ତା' ତୁଳନାରେ ଜୀବନ କେତେ ସଂକ୍ଷିପ୍ତ !

ନିଜର କ୍ଷୁଦ୍ର କ୍ଷୁଦ୍ର କାମନା-ବାସନାକୁ ଚରିତାର୍ଥ କରିବା ନିମନ୍ତେ ଚାହିଁବାରେ ସମୟ ନଷ୍ଟ କରିବା ତୁଚ୍ଛା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ଯଥାର୍ଥ ସୁଖ ସେତିକିବେଳେ ସମ୍ଭବ ଯେତେବେଳେ ତୁମେ ଭଗବାନଙ୍କୁ ପାଇଛ ।

— ଶ୍ରୀମା

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୨୩)

## ଅନିବାର୍ଯ୍ୟ ସମରର ସୂଚନା

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢୁଥାଏ । ତେବେ ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼୍‌ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରି ବିଫଳ ହେଲା ଦୁଃଶାସନ । ତା'ପରେ...]

ପାଣ୍ଡବମାନଙ୍କୁ ଯଥାସମ୍ଭବ ଅପମାନିତ ଓ ଲାଞ୍ଛିତ କରିବା ଥିଲା କୌରବଗଣଙ୍କର ଏକମାତ୍ର ଲକ୍ଷ୍ୟ । ସେହି ଯୋଗୁଁ ସେମାନେ ରାଜସଭା ମଧ୍ୟରେ ଦ୍ରୌପଦୀଙ୍କୁ ହିନସ୍ତା କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ । ଫଳ ହେଲା ବିପରୀତ । ଜନସାଧାରଣଙ୍କ ଭିତରେ ଦ୍ରୌପଦୀଙ୍କ ଦ୍ୱାରା ଦୁଃଶାସନହିଁ ଅଧିକ ଅପମାନିତ ଓ ଲାଞ୍ଛିତ ହେବାର ଧାରଣା ବ୍ୟାପିଗଲା । ସେଥିରେ କୌରବମାନେ ଆହୁରି ଅଧିକ ଉତ୍‌କ୍ଷିପ୍ତ ଓ ପ୍ରତିହିଂସା ପରାୟଣ ହୋଇ ଉଠିଲେ ।

ସେମାନେ ସ୍ଥିର କଲେ, ଯଦି ପୁଣି ଥରେ ଦ୍ୟୁତକ୍ରୀଡ଼ା ନିମନ୍ତେ ଯୁଧିଷ୍ଠିରଙ୍କୁ ପ୍ରବର୍ତ୍ତାଇ ଯାଇପାରିବ, ତେବେ ସେ ପୁଣି ଥରେ ତ ପରାସ୍ତ ହେବେ ନିଶ୍ଚୟ, କିନ୍ତୁ ଧୃତରାଷ୍ଟ୍ରଙ୍କ ସମ୍ମୁଖରେ ବା ରାଜଧାନୀ ଭିତରେ ସେମାନଙ୍କ ହିନସ୍ତା କେହି ଯେମିତି ଦେଖିବେ ନାହିଁ, ସେହିଭଳି ସର୍ତ୍ତ ରଖିବାକୁ ପଡ଼ିବ ।

ସେ ଯୁଗର ନୀତି ଓ ପରମ୍ପରା ଅନୁସାରେ ସମାଜରେ ନିଜ ସମକକ୍ଷ ଜଣେ ବ୍ୟକ୍ତିର ପ୍ରତିଦ୍ୱନ୍ଦ୍ୱିତାମୂଳକ ଆହ୍ୱାନକୁ ଏଡ଼ାଇଯିବା ଜଣେ ବୀର ପକ୍ଷରେ ଭୀରୁତା ଭାବରେ ଗଣ୍ୟ ହେଉଥିଲା । ଫଳରେ ଯେତେବେଳେ ଯୁଧିଷ୍ଠିରଙ୍କୁ ପୁନର୍ବାର ସେ ଆହ୍ୱାନ ଦିଆଗଲା, ସେ ତାହା ଗ୍ରହଣ କଲେ । ଏଥର ସର୍ତ୍ତ ରହିଲା, ଯେଉଁ ପକ୍ଷ ପରାଜିତ ହେବେ ସେ ପକ୍ଷ ବାରବର୍ଷ କାଳ ବନବାସ ଯିବେ । ଅଧିକନ୍ତୁ, ତ୍ରୟୋଦଶ ବର୍ଷଟି ସେ ଏଭଳି ଗୋପନରେ ବିତାଇବେ ଯେ କେହି ଯେମିତି ସେମାନଙ୍କୁ ଠାବ କରିପାରିବେ ନାହିଁ । ଯଦି ଦୈବାତ୍ ଚିହ୍ନା ପଡ଼ିଯିବେ, ତେବେ ଆହୁରି ବାରବର୍ଷ ବନବାସ କରିବାକୁ ପଡ଼ିବ ।

ପ୍ରତାରକ ଶକୁନି ଦ୍ୱାରା ଯୁଧିଷ୍ଠିର ପୁନର୍ବାର ପରାଜିତ ହେଲେ ଓ ଦ୍ରୌପଦୀଙ୍କ ସମତେ ପାଞ୍ଚ ପାଣ୍ଡବ ଭ୍ରାତା ବନସ୍ତରେ ପ୍ରବେଶ କଲେ । ଘଟଣା ବହୁଳ ବାରବର୍ଷ ବିତିଯିବା ଉତ୍ତାରୁ ସେମାନେ ମତ୍ସ୍ୟ ଦେଶର ରାଜା ବିରାଟଙ୍କ ଗୃହସ୍ଥଳୀରେ ଏକ ଏକ ଛଦ୍ମ ନାମରେ ଭିନ୍ନ ଭିନ୍ନ କର୍ମରେ ନିଯୁକ୍ତ ହେଲେ ।

ରାଜା ବିରାଟ କେତେକ କାରଣରୁ କୌରବମାନଙ୍କ ବିରାଗଭାଜନ ହୋଇଥା'ନ୍ତି । ଦିନେ ତାଙ୍କ ରାଜ୍ୟ ଆକ୍ରମଣ କଲେ କୌରବ ସେନା; ଦୁଇ ଦିଗରୁ ସେ ବାହିନୀକୁ ନେତୃତ୍ୱ ଦେଉଥିଲେ ଦୁର୍ଯ୍ୟୋଧନ, କର୍ଣ୍ଣ, ଭୀଷ୍ମ ଏବଂ ଦ୍ରୋଣ ।

ରାଜା ବିରାଟ ସଦର୍ପ ଶତ୍ରୁ ସେନାକୁ ସାମନା କଲେ, କିନ୍ତୁ ଅଚିରେ ହେଲେ ପରାଜିତ ଓ ବନ୍ଦୀ । ଆଶ୍ରୟଦାତାଙ୍କର ଦୁର୍ଦଶା ପାଣ୍ଡବମାନେ ବା ସହ୍ୟ କରନ୍ତେ କିପରି ? ଅବିଳମ୍ବେ ଭୀମ ଏବଂ ଅର୍ଜୁନ ଦୁଇ ଦିଗରୁ ଆକ୍ରମଣକାରୀମାନଙ୍କୁ ଏଭଳି କ୍ଷିପ୍ର ଓ କୌଶଳପୂର୍ଣ୍ଣ ପ୍ରତି-ଆକ୍ରମଣ କଲେ ଯେ କୌରବ ସେନା ଛିନ୍ନଛତ୍ର ହୋଇଗଲେ । ରାଜା ବିରାଟ ମୁକ୍ତ ହେଲେ । ତାଙ୍କ ବିଶାଳ ଗୋ-ସମ୍ପଦ ନେଇ ଯିବାକୁ ଉଦ୍ୟତ ହେଉଥିଲେ କୌରବମାନେ । ସେ ଆଶାରେ ଜଳାଞ୍ଜଳି ଦେବାକୁ ପଡ଼ିଲା ସେମାନଙ୍କୁ ।

ପରାଜିତ ଓ ହତବାକ୍ କୌରବମାନେ କେମିତି ବିଶ୍ୱାସ କରନ୍ତେ ଯେ ସେମାନଙ୍କର ଶକ୍ତିଶାଳୀ ସେନାନୀ ତୁଳନାରେ ଅତ୍ୟନ୍ତ ଦୁର୍ବଳ ବିରାଟ ରାଜାଙ୍କ ସେନାନୀ ସେମାନଙ୍କୁ ପରାଭୂତ କରିବ ? ପୁଣି ବିରାଟ ରାଜା ସ୍ୱୟଂ ବନ୍ଦୀ ହେବା ସ୍ଥଳେ ତାଙ୍କର ଏଭଳି ମହାବୀର ସେନାପତିମାନେ କାହୁଁ ଆସିଗଲେ ଯେ ଭୀଷ୍ମ ଓ ଦ୍ରୋଣଙ୍କ ଭଳି ଅସାମାନ୍ୟ ଯୋଦ୍ଧାଙ୍କ କବଳରୁ ରାଜାଙ୍କୁ ଛଡ଼ାଇ ନେଇ ପାରିଲେ ?

ପାଣ୍ଡବମାନଙ୍କ ବ୍ୟତୀତ ଖଣ୍ଡମଣ୍ଡଳରେ ସେଭଳି ବୀର କେହି ନଥିଲେ । ପାଣ୍ଡବମାନେ ମଧ୍ୟ ନିଜ ପରିଚୟ ଗୋପନ ରଖିବା ଆବଶ୍ୟକ ନଥିଲା । କାରଣ ସେହି ଯୁଦ୍ଧ ବେଳେ ସେମାନଙ୍କ ଅଜ୍ଞାତବାସର କାଳ ପୂର୍ଣ୍ଣ ହୋଇ ଯାଇଥିଲା ।

ପଳାୟନ କଲେ କୌରବ ପକ୍ଷ । ରାଜା ବିରାଟଙ୍କ ଆନନ୍ଦ କହିଲେ ନସରେ । ପାଣ୍ଡବମାନଙ୍କ ପରିଚୟ ଓ ସ୍ଥିତି ପ୍ରଚାର ହୋଇଗଲା । ଉତ୍ସାହଭରେ ମିତ୍ରମାନେ ସେମାନଙ୍କୁ ଭେଟିବାକୁ ଆସିଲେ ।

କିନ୍ତୁ ପ୍ରଶ୍ନ ହେଲା, ଦୁର୍ଯ୍ୟୋଧନ, ଯିଏ କି ଗତ ତେର ବର୍ଷ ଧରି ପାଣ୍ଡବମାନଙ୍କ ରାଜ୍ୟ ଶାସନ କରିଛି, ସହଜରେ ସେ ଅନ୍ୟାୟ ଯୋଗେ ପ୍ରାପ୍ତ ଅଧିକାର ତ୍ୟାଗ କରିବ କି ?

ଅନ୍ତତଃ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ରହିବା ଆବଶ୍ୟକ – ସ୍ଥିର କଲେ ଯୁଧିଷ୍ଠିର । କେଉଁମାନେ ହେବେ ତାଙ୍କ ସହାୟକ ? ସ୍ୱାଭାବିକ ଭାବରେ ପ୍ରଥମରେହିଁ ସେ ଶ୍ରୀକୃଷ୍ଣଙ୍କୁ ସ୍ମରଣ କଲେ । ତାଙ୍କ ପରାମର୍ଶ ଏକାନ୍ତ ଆବଶ୍ୟକ । ସେତେବେଳେ ଶ୍ରୀକୃଷ୍ଣ ଦ୍ୱାରକାଧୀଶ । ଯୁଧିଷ୍ଠିର ଅର୍ଜୁନଙ୍କୁ ପ୍ରେରଣ କଲେ ତାଙ୍କ ସମୀପକୁ ।

ଅର୍ଜୁନ ଦ୍ୱାରକାରେ ଉପନୀତ ହୋଇ ଶ୍ରୀକୃଷ୍ଣଙ୍କ ପ୍ରାସାଦ ମଧ୍ୟକୁ ପ୍ରବେଶ କଲେ । ଶ୍ରୀକୃଷ୍ଣଙ୍କ ସହ ତାଙ୍କ ସୌଖ୍ୟ ସମସ୍ତଙ୍କୁ ଜଣାଥିଲା । କେହି ତାଙ୍କୁ ବାଧା ଦେବାର ପ୍ରଶ୍ନ ନଥିଲା । କିନ୍ତୁ ତାଙ୍କୁ ଜଣାଇ ଦିଆଗଲା, ଶ୍ରୀକୃଷ୍ଣ ନିଦ୍ରିତ ଏବଂ କିଛିକ୍ଷଣ ପୂର୍ବରୁ ଦୁର୍ଯ୍ୟୋଧନ ତାଙ୍କ କକ୍ଷରେ ପ୍ରବେଶ କରିଛନ୍ତି ।

ଅର୍ଜୁନ ଅବଶ୍ୟ ବିବ୍ରତ ଅନୁଭବ କଲେ, ତେବେ ତାହା ସତ୍ତ୍ୱେ ସେ ମଧ୍ୟ ନିର୍ଦ୍ଦିଷ୍ଟ କକ୍ଷରେ ପ୍ରବେଶ କଲେ । ଦେଖିବା ବେଳକୁ ଶ୍ରୀକୃଷ୍ଣଙ୍କ ଶଯ୍ୟାର ଶୀର୍ଷଦେଶ ପାଖରେ ଗୋଟିଏ ସୁରମ୍ୟ ଆସନରେ ଅପେକ୍ଷମାଣ ରହିଛି ଦୁର୍ଯ୍ୟୋଧନ । ଅର୍ଜୁନଙ୍କୁ ଦେଖି ତା' କପାଳ କୁଞ୍ଚିତ ହେଲା । ଅର୍ଜୁନ ନିରବରେ ଶଯ୍ୟାର ପାଦଦେଶରେ ଆସନ ଗ୍ରହଣ କଲେ ।

ଶ୍ରୀକୃଷ୍ଣଙ୍କ ଚକ୍ଷୁ ଉନ୍ମୀଳିତ ହେଲା । ପ୍ରଥମେ ତାଙ୍କ ଦୃଷ୍ଟି ପଡ଼ିଲା ଅର୍ଜୁନଙ୍କ ଉପରେ । ତା'ପରେ ସେ ଦୁର୍ଯ୍ୟୋଧନକୁ ଦେଖିଲେ ।

ଅର୍ଜୁନ ଆସିଥିଲେ ତାଙ୍କ ପକ୍ଷର ଭବିଷ୍ୟତ୍ କର୍ତ୍ତବ୍ୟ ସମ୍ପର୍କରେ ପରାମର୍ଶ ନିମନ୍ତେ; କିନ୍ତୁ ଦୁର୍ଯ୍ୟୋଧନ ଯୁଦ୍ଧ ପାଇଁ କୃତସଂକଳ୍ପ ହୋଇ ଆସିଥିଲା । ବିନା ଭୂମିକାରେ ସେ ଶ୍ରୀକୃଷ୍ଣଙ୍କୁ ରୁକ୍ଷ ଭାବରେ କହିଲା, ''ମୁଁ ପ୍ରଥମେ ଆସିଛି । ଅତଏବ ନୀତି ଦୃଷ୍ଟିରୁ ତୁମ ସାହାଯ୍ୟ ଉପରେ ମୋର ହିଁ ଅଧିକାର ।''

''ହୋଇପାରେ । କିନ୍ତୁ ମୁଁ ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ଅତଏବ ନୀତି ଦୃଷ୍ଟିରୁ ତାଙ୍କ ବକ୍ତବ୍ୟ ପ୍ରତି ମଧ୍ୟ ଯଥୋଚିତ ସମ୍ମାନ ଦେବା ମୋର କର୍ତ୍ତବ୍ୟ । କିନ୍ତୁ ଉଭୟଙ୍କ ଉଦ୍ଦେଶ୍ୟ ବୁଝୁଛି । ମୋର ସିଦ୍ଧାନ୍ତ ହେଲା, ବ୍ୟକ୍ତିଗତଭାବେ ମୁଁ କାହାରି ତରଫରୁ ଯୁଦ୍ଧ କରିବି ନାହିଁ । ତେବେ ଦୁଇ ପକ୍ଷକୁ ମୁଁ କୌଣସି ମତେ ସହାୟତା ଦେବି । ମୋର ରହିଛି ଏକ ଶକ୍ତିଶାଳୀ ସେନାନୀ – ନାରାୟଣୀ ସେନା । ମୁଁ ଗୋଟାଏ ଶିବିରରେ ଯୋଗ ଦେଲେ ମୋର ସେନାନୀ ଅନ୍ୟ ଶିବିରରେ ଯୋଗ

ଦେବେ । ତୁମ ଦୁହିଁଙ୍କ ଭିତରେ ଅର୍ଜୁନ ସାନ । ମୋ ସେନାନୀ ଓ ମୋ ଭିତରେ କାହାକୁ ହେଲେ ବାଛି ନେବାର ସୁଯୋଗ ତାକୁ ଦେବା ମୋର କର୍ତ୍ତବ୍ୟ'' – ପ୍ରଶାନ୍ତ କଣ୍ଠରେ ଜଣାଇଲେ ଶ୍ରୀକୃଷ୍ଣ ।

ଦୁର୍ଯ୍ୟୋଧନ କିଛି କହିବା ପୂର୍ବରୁ ଅର୍ଜୁନ ସାଗ୍ରହ କହିଲେ, ''ମୋର ଲୋଡ଼ା ନାହିଁ ତୁମ ସେନାନୀ । ତୁମକୁହିଁ ମୋର ଲୋଡ଼ା ।''

''କିନ୍ତୁ ମୁଁ ଅସ୍ତ୍ରଧାରଣ କରିବି ନାହିଁ !''

''ଜାଣେ । ତଥାପି ତୁମେ ରହିବ ଆମ ଶିବିରରେ ।'' ମିନତିଭରା ସ୍ୱରରେ ଆବେଦନ କଲେ ଅର୍ଜୁନ ।

ଦୁର୍ଯ୍ୟୋଧନର ବଦନରେ ଖୁସି ଉଛୁଳି ଉଠିଲା । ସେ ଏହାହିଁ ଚାହୁଁଥିଲା । ଯୁଦ୍ଧ କ୍ଷେତ୍ରରେ ଜଣେ ନିରସ୍ତ୍ର ସହଯୋଗୀରେ କି ବା ପ୍ରୟୋଜନ ? ଅର୍ଜୁନ କେଡ଼େ ନିର୍ବୋଧ, ତାହା ଠଉରାଇ ସେ ହେଲା ଆପ୍ୟାୟିତ ।

''କୃଷ୍ଣ ! ତୁମ ସେନାନୀହିଁ ମୋ ସକାଶେ ଯଥେଷ୍ଟ !'' ସେ ଜଣାଇ ଦେଲା ।

''ତୁମେ ଦୁହେଁ ପ୍ରୀତ, ତାହାହିଁ ମୋର ସନ୍ତୋଷ !'' ମନ୍ତବ୍ୟ ଦେଲେ ଶ୍ରୀକୃଷ୍ଣ ।

କଥା ହେଲା ଯୁଧିଷ୍ଠିର ବା ତାଙ୍କ ଭ୍ରାତୃବର୍ଗ ଭିତରୁ କେହି ହେଲେ ରାଜ୍ୟ ପାଇଁ ଲାଳାୟିତ ନଥିଲେ । ସେମାନେ ଚାହୁଁଥିଲେ ଶାନ୍ତିପୂର୍ଣ୍ଣ ଜୀବନ । ଚଳିବା ସକାଶେ ପାଞ୍ଚଗୋଟି ମାତ୍ର ଗ୍ରାମ ପାଇଲେହିଁ ସେମାନେ ସନ୍ତୁଷ୍ଟ ହେବେ । କୌରବପକ୍ଷ ସେତିକି ଦେଇ ଅନ୍ତତଃ ପ୍ରତୀକାତ୍ମକ ରୂପେ ପାଣ୍ଡବମାନଙ୍କ ଅଧିକାର ପ୍ରତି ସ୍ୱୀକୃତି ଦିଅନ୍ତୁ ।

ସେହି ପ୍ରସ୍ତାବ ଦେଇ କିଛି ଦିନ ଉତ୍ତାରୁ ଶ୍ରୀକୃଷ୍ଣଙ୍କୁହିଁ ସେମାନଙ୍କ ଦୂତ ରୂପେ ଯୁଧିଷ୍ଠିର ହସ୍ତିନାପୁର ପ୍ରେରଣ କଲେ ।

ଶ୍ରୀକୃଷ୍ଣ ଆଗମନ କରୁଛନ୍ତି, ଏ ବାର୍ତ୍ତା ପାଇ ଧୃତରାଷ୍ଟ୍ର ତାଙ୍କୁ ଯଥାଯୋଗ୍ୟ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା କଲେ । ତୋରଣମାନ ପ୍ରସ୍ତୁତ ହେଲା । ବାଦ୍ୟକାରମାନେ ଅତିଥିଙ୍କ ଆଗମନକୁ ପ୍ରତୀକ୍ଷା କଲେ ।

କିନ୍ତୁ ଦୁର୍ଯ୍ୟୋଧନ ଏକ ଭିନ୍ନ ଯୋଜନା କରୁଥିଲା । ସେ ଶ୍ରୀକୃଷ୍ଣଙ୍କୁ ବନ୍ଦୀ କରିବ । ତାହାଠୁଁ ବଳି ଅପମାନ ଆଉ ପାଣ୍ଡବମାନଙ୍କ ପାଇଁ କ'ଣ ହୋଇପାରେ ? ତାକୁ ଜଣା ନଥିଲା ଯେ ଶ୍ରୀକୃଷ୍ଣ ସେଭଳି ଆଶଙ୍କା କରିଥିଲେ । ତାଙ୍କ ସେନା ରାଜ୍ୟ ଉପକଣ୍ଠରେ ଥିବା ଏକ ଅରଣ୍ୟ ଭିତରେ ପ୍ରସ୍ତୁତ ହୋଇ ରହିଥିଲେ । ତାଙ୍କ ଦେହରକ୍ଷୀମାନଙ୍କଠାରୁ ସଙ୍କେତ ପାଇବା ମାତ୍ରେ ସେମାନେ ଅତର୍କିତେ ହସ୍ତିନାପୁର ଆକ୍ରମଣ କରିଥା'ନ୍ତେ ।

ସେ ଯାହାହେଉ, ଦୁର୍ଯ୍ୟୋଧନକୁ ତା'ର ହୀନ ଚକ୍ରାନ୍ତ କାର୍ଯ୍ୟକାରୀ କରିବାକୁ ଧୃତରାଷ୍ଟ୍ର ଅନୁମତି ଦେଲେ ନାହିଁ ।

ସମ୍ବର୍ଦ୍ଧନା ପ୍ରତି ବୀତସ୍ପୃହ ରହି ଶ୍ରୀକୃଷ୍ଣ ରାଜସଭାରେ ତାଙ୍କ ପ୍ରସ୍ତାବ ଉପସ୍ଥାପନ କଲେ – ଉଭୟ ପକ୍ଷ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରନ୍ତୁ । ମାତ୍ର ପାଞ୍ଚଗୋଟି ଗ୍ରାମ ଉପରେ ପାଣ୍ଡବମାନଙ୍କ ଅଧିକାର ସ୍ୱୀକାର କରାଯାଉ ।

''ପାଞ୍ଚଗୋଟି ଗ୍ରାମ ? ସୂଚ୍ୟଗ୍ର ପରିମିତ ଭୂମି ମଧ୍ୟ ଦେବାର ପ୍ରଶ୍ନ ନାହିଁ !'' ରଢ଼ ଭଙ୍ଗୀରେ ଘୋଷଣା କଲା ଦୁର୍ଯ୍ୟୋଧନ ।

ଶ୍ରୀକୃଷ୍ଣଙ୍କ ଦୌତ୍ୟ ସମାପ୍ତ ହେଲା । ଭୟଙ୍କର ମହାଭାରତ ଯୁଦ୍ଧ ଅନିବାର୍ଯ୍ୟ ବୋଲି ସାବ୍ୟସ୍ତ ହୋଇଗଲା ।

(କ୍ରମଶଃ)

❑❑❑

ଯାହାକିଛି ବାଧାବିପତ୍ତି ବା ଜଟିଳ ପରିସ୍ଥିତି ସୃଷ୍ଟି ହେଉ ନା କାହିଁକି, ଏଥିରେ ତୁମେ ସମ୍ପୂର୍ଣ୍ଣ ଦୃଢ଼ନିଶ୍ଚିତ ରହିବ ଯେ ପ୍ରତ୍ୟେକଟି ମନ୍ଦ ପରିସ୍ଥିତି ମଧ୍ୟଦେଇ ମୁଁ ତୁମକୁ ସିଧା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନ ଦିଗରେ ପରିଚାଳିତ କରୁଛି ।

– ଶ୍ରୀଅରବିନ୍ଦ

# ଆମ ଶରୀର

## (୨୦)

## ଭୋଳେଶ୍ୱର ଭୂୟାଁ

### ଶରୀର ରୂପାନ୍ତରର ଚରମ ବାଧା

ଶରୀର ରୂପାନ୍ତରର ଅସଲ ବାଧା ହେଲା ମଣିଷ ନିଜେ । ଯେପର୍ଯ୍ୟନ୍ତ ସେ ମଣିଷ ହୋଇ ରହିବାକୁ ଚାହୁଁଥିବ ସେପର୍ଯ୍ୟନ୍ତ ତା' ଭିତରେ ଅତିମାନସ ଚେତନା ଅବାଧରେ କାମ କରିପାରିବ ନାହିଁ । ସାଧନା ପାଇଁ ସେ ଯେଉଁ ମନୋଭାବ ପୋଷଣ କରେ ତାକୁ ନ ବଦଳାଇବା ପର୍ଯ୍ୟନ୍ତ ଶରୀର ରୂପାନ୍ତର ତା' ପାଇଁ ସହଜ ନୁହେଁ । ଯଦିଓ ମଣିଷ ଭିତରେ ମନର ବିକାଶ ହୋଇ ପାରିଛି କିନ୍ତୁ ତା' ଭିତରେ ଥିବା ପଶୁତ୍ୱକୁ ସେ ଛାଡ଼ି ପାରୁ ନାହିଁ । ମନ ମଧ୍ୟ ଏକ ଅପୂର୍ଣ୍ଣ ଚେତନା । ଏହା ଭିତରେ (ମନରେ) ଥିବା ବିଚାର ବୁଦ୍ଧି ଯଥାର୍ଥ ପୂର୍ଣ୍ଣତା ପାଇ ନାହିଁ । ମନର ଅଜ୍ଞତା ତଥା ଖଣ୍ଡିତ ଚେତନାକୁ ବହନ କରି ପ୍ରାଣସ୍ଥିତ ବିଭିନ୍ନ ବିକୃତି ଯଥା : କାମନା, ବାସନା, ଆଶା, ଆକାଂକ୍ଷା, ଉନ୍ମାଦନା ଇତ୍ୟାଦି ସେମାନଙ୍କ ରାଜତ୍ୱ ବିସ୍ତାର କରିଥା'ନ୍ତି । ତେଣୁ ମଣିଷ ଆଜି ପଶୁ ସଦୃଶ ହୋଇ ରହିଛି । କେବଳ କଥା କହି ପାରୁଥିବା ଏକ ପଶୁ ହୋଇ ରହିବାରେ ସେ ଆନନ୍ଦ ପାଇ ଆସିଛି । କସ୍ମିନ୍ କାଳେ ଏହି ପଶୁ ପ୍ରକୃତିକୁ ସେ ଛାଡ଼ିବାକୁ ନାରାଜ ।

ଶ୍ରୀଅରବିନ୍ଦ ୧୯୨୨ ମସିହାରେ ସାଧନା ସମ୍ପର୍କୀୟ ଏକ ପତ୍ରରେ ଅତିମାନସର ଅଭିବ୍ୟକ୍ତିର ପ୍ରଧାନ ବାଧା ବିଷୟରେ ବିଶେଷ ଭାବରେ ଆଲୋଚନା କରିଛନ୍ତି । ରଚନାଟି ନିମ୍ନମତେ :

''ଏହି ଯୋଗର ଶେଷ ପର୍ଯ୍ୟନ୍ତ ସେହିମାନେହିଁ ଯାଇପାରିବେ ଯେଉଁମାନଙ୍କର ଏହା ପ୍ରତି ପୂର୍ଣ୍ଣ ବିଶ୍ୱାସ ଅଛି ଏବଂ ନିଜର କ୍ଷୁଦ୍ର ମାନୁଷୀ ଅହଂକାରକୁ ଓ ତା'ର ଦାବିକୁ ନିଃଶେଷ କରିବା ପାଇଁ ଯେଉଁମାନେ ପ୍ରସ୍ତୁତ, ତେବେ ଯାଇ ସେମାନେ ନିଜକୁ ଭଗବାନଙ୍କ ମଧ୍ୟରେ ପାଇପାରିବେ । ଏହି ଯୋଗକୁ ଖାମଖିଆଲି ବା ଶିଥିଳତାର ସହିତ କଲେ ଚଳିବ ନାହିଁ । ଏହି କାମଟି ହେଲା ଅତ୍ୟନ୍ତ ଉଚ୍ଚକୋଟିର ଏବଂ କଠିନ । ତା' ସହିତ ନିମ୍ନ-ପ୍ରକୃତିରେ ଥିବା ବିରୋଧୀ ଶକ୍ତିମାନେ ମଧ୍ୟ ଟିକିଏ ଭୁଲ୍ ଭ୍ରାନ୍ତିର ଛିଦ୍ର ପାଇଲେ ବା ଏମାନଙ୍କ ପ୍ରତି ସମ୍ମତି ଦେଲେ ଏହାର ସୁଯୋଗ ନେଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ରହିଥା'ନ୍ତି । ତେଣୁ ସାଧକର ଆସ୍ପୃହା ଓ ତପସ୍ୟା ମଧ୍ୟ ସେହିପରି ନିରବଚ୍ଛିନ୍ନ ଓ ତୀବ୍ର ହେବା ଉଚିତ । ଯଦି ଧୈର୍ଯ୍ୟହୀନତା ଓ ନିଜର ମାନୁଷୀ ଧାରଣା ଅଥବା ଜାଣିଶୁଣି ସତ୍ତାର ନିମ୍ନପ୍ରକୃତିର ଦାବିକୁ ଓ ଚାହିଦାକୁ ପୂରଣ କରିବାକୁ ଦିଆଯାଏ, ଯାହାକୁ ମଣିଷ ପ୍ରକୃତିର ନ୍ୟାୟସଙ୍ଗତ ଗତିବୃତ୍ତି ବୋଲି ବାହାନା କରାଯାଇଥାଏ ତେବେ ଏହି ଯୋଗ କରାଯାଇ ପାରିବ ନାହିଁ । ଯଦି ତୁମେ ଭାଗବତ ସତ୍ୟ ସହିତ ଅଜ୍ଞାନତା-ପୂର୍ଣ୍ଣ ଅଦିବ୍ୟ ଓ ଅସତ୍ୟକୁ ମଧ୍ୟ ଏହି ନିମ୍ନ ପ୍ରକୃତି ସହିତ ତାଦାତ୍ମ୍ୟ କରିଥାଅ ବା ଏହି ପଥରେ ଅପେକ୍ଷାକୃତ ନିକୃଷ୍ଟ ସତ୍ୟକୁ ଗ୍ରହଣ କରିଥାଅ ତେବେ ଏହି ଯୋଗ କରାଯାଇ ପାରିବ ନାହିଁ । ଯଦି ତୁମେ ତୁମ ଅତୀତର ବ୍ୟକ୍ତିତ୍ୱ ସହିତ ବନ୍ଧା ହୋଇ ରହିଥାଅ ଏବଂ ତୁମର ପୁରୁଣା ମାନସିକ, ପ୍ରାଣିକ ଓ ଶାରୀରିକ ଗଠନ ଓ ଅଭ୍ୟାସ ସହିତ ଜଡ଼ିତ ହୋଇଥାଅ ତେବେ ଏହା କରାଯାଇ ପାରିବ ନାହିଁ । ତୁମକୁ ସର୍ବଦା ଏହିସବୁ ପୁରାତନ ବ୍ୟକ୍ତିତ୍ୱକୁ ପଛରେ ପକାଇ ଦେବାକୁ ହେବ ଏବଂ ସର୍ବଦା ଏକ ଉଚ୍ଚତର ଚେତନାର ସ୍ତରରେ ରହି ଦେଖିବାକୁ ପଡ଼ିବ, କ୍ରିୟାଶୀଳ ହେବାକୁ ପଡ଼ିବ ଏବଂ ଜୀବନ ଧାରଣ କରିବାକୁ ପଡ଼ିବ । ଏହା ବି ସମ୍ଭବ ନୁହେଁ ଯଦି ତୁମେ ତୁମର ମାନୁଷୀ ଅହଂକାର ଓ ପ୍ରାଣିକ ଅହଂକାରକୁ ସ୍ୱାଧୀନତା ମନେ କରି ଏହା ଉପରେ ଲଦି ଦେଇଥାଅ । ମଣିଷ ଭିତରେ ଥିବା ସମସ୍ତ ଅଂଶ ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଏବଂ ନିଜର ଧାରା ଅନୁସାରେ ନିଜ ବିପଦଆପଦକୁ ବରଣ କରି ସେମାନଙ୍କର ଚାହିଦା ମେଣ୍ଟାଇବା ପାଇଁ ପ୍ରଯତ୍ନ କରିଥାଆନ୍ତି । ଯେପର୍ଯ୍ୟନ୍ତ ସେମାନେ ସାଧାରଣ ଜୀବନ ଯାପନ କରିଥାଆନ୍ତି ଏହା ସେମାନେ କରି ପାରନ୍ତି । କିନ୍ତୁ ଯେତେବେଳେ ଜଣେ ଯୋଗପଥରେ ପ୍ରବେଶ କରେ ଯାହାର ପ୍ରଧାନ ଉଦ୍ଦେଶ୍ୟ ହେଲା ଏହିସବୁ ମାନବୀୟ ବସ୍ତୁର ବଦଳରେ ସତ୍ୟର ଶକ୍ତି ପ୍ରତି ନିଜକୁ ଖୋଲି ଧରିବା, ଯାହାର ଉପାୟ ହେଲା ଭଗବତୀ ଶକ୍ତିଙ୍କୁ ସମର୍ପଣ କରିବା । ତଥାପି

ସେ ତା'ର ତଥାକଥିତ ସ୍ୱାଧୀନତାର ଦାବି କରିଥାଏ ଯାହାକି ଏହି ବିଶ୍ୱ ଶକ୍ତିରାଜି ମଧ୍ୟରୁ ଅଜ୍ଞାନତାର ଶକ୍ତି ଏବଂ ଭାଗବତ ପଥର ବିପରୀତ ଅନ୍ଧ କର୍ମରେ ଲିପ୍ତ ରହିଥାଏ ଯାହାକୁ ସେ ସତ୍ୟ ବୋଲି ଘୋଷଣା କରିଥାଏ । ଏହିପରି ଭାବରେ ସେ ଦୁଇ ନାବରେ ପାଦ ଦେଇ ଏକ ଦ୍ୱୈତ ଜୀବନ ନିର୍ବାହ କରିଥାଏ ।

''ଅତି କମ୍‌ରେ ଯେଉଁମାନେ ଏହି ଯୋଗର ସାଧକ ବୋଲି ବଛା ଯାଇଛନ୍ତି ସେମାନେ ଏହା କରି ପାରିଥା'ନ୍ତେ । କିନ୍ତୁ ସେମାନେ ମଧ୍ୟ ନିଜକୁ କେନ୍ଦ୍ର ବୋଲି ଗଢ଼ିବାକୁ ଚାହାନ୍ତି, ନିଜକୁ ଯନ୍ତ୍ର ବୋଲି ବା ମୁଖପାତ୍ର ବୋଲି କହିଥା'ନ୍ତି ଯାହାକି ଅଜ୍ଞାନ ଶକ୍ତିର ହୋଇଥାଏ ଏବଂ ଯୋଗର ପ୍ରତିବନ୍ଧକ ହୋଇଥାଏ । ଏହିପରି ଭାବରେ ସେମାନେ ଯୋଗକୁ ଟାଳି ଦେଇଥା'ନ୍ତି ଏବଂ ଏହାର ନିୟମାବଳିକୁ ବିକୃତ କରିଥା'ନ୍ତି । ଏକ ଦିଗରେ ରହିଛି ଅତିମାନସର ଅନୁଭୂତି, ଅର୍ଥାତ୍ ଅତିମାନସର ଭଗବତ୍ ଶକ୍ତିର ମହାନ୍ ଅବତରଣ । ଆଜି ପର୍ଯ୍ୟନ୍ତ ଯେଉଁ ସତ୍ୟ ଏ ପୃଥିବୀରେ ଅନୁଭବ କରାଯାଉଥିଲା, କ୍ଷୁଦ୍ର ମାନୁଷୀ ମନ ଓ ତା'ର ବିଚାର ଦ୍ୱାରା ଯାହାକୁ ଜାଣି ଆସିଥିଲା କେବଳ ଏକମାତ୍ର ଚିରସ୍ଥାୟୀ ସତ୍ୟ ବୋଲି ତାହାଠାରୁ ବହୁଗୁଣରେ ବିଶାଳ ଆଲୋକ ଓ ଶକ୍ତି ହେଲା ଏହି ନୂତନ ସତ୍ୟ; ଯାହାର ପ୍ରକୃତି ଓ ଧାରା ଏବଂ ଏହାର ବିକାଶ ଏଠାରେ ବୁଝି ହୁଏ ନାହିଁ ବା ଦେଖି ହୁଏ ନାହିଁ, ମନର ଅତ୍ୟନ୍ତ ଶକ୍ତିଯୁକ୍ତ ଯନ୍ତ୍ର ଦ୍ୱାରା ବା ତା'ର ବାଳସୁଲଭ ମାନଦଣ୍ଡ ଦ୍ୱାର ବିଚାର କରି ହୁଏ ନାହିଁ । ଯାବତୀୟ ବିରୋଧତା ସତ୍ତ୍ୱେ ଏହି ଅତିମାନସ ଶକ୍ତି ନିଜକୁ ସ୍ଥୂଳ ଚେତନାରେ ଓ ସ୍ଥୂଳ ଜୀବନରେ ଅଭିବ୍ୟକ୍ତ କରିବା ପାଇଁ ଚାପ ପ୍ରୟୋଗ କରୁଛି । ଅନ୍ୟ ଦିଗରେ ନିମ୍ନର ଏହି ପ୍ରାଣିକ ପ୍ରକୃତିର ସମସ୍ତ ଆଲୋଡ଼ନ ସହିତ ଏହା ନିଜର ଅସ୍ତିତ୍ୱକୁ ଦୀର୍ଘକାଳ ବଜାୟ ରଖିବା ପାଇଁ ଏହି ଅବତରଣ ବିରୋଧରେ ଛିଡ଼ା ହୁଏ । ଏହା ଯଥାର୍ଥ ସତ୍ୟକୁ ବା କୌଣସି ଅତିମାନସର ସମ୍ଭାବନା ବା ଅତିମାନସର ଚେତନା ଏବଂ ଗଠନକୁ ବିଶ୍ୱାସ କରିବାକୁ ଅମାନ୍ୟ କରିଥାଏ । ଏହାଠାରୁ ଆହୁରି କଦାକାର ଦାବିକୁ ନିଜ କ୍ଷୁଦ୍ର ବିଚାରର ମାନଦଣ୍ଡରୁ ସମ୍ମତି ଦେଇଥାଏ, ସବୁ ଦ୍ୱାରକୁ ବନ୍ଦ କରି ରଖିଥାଏ ଯାହା ଏହି ସତ୍ୟକୁ ସମର୍ଥନ କରି ନଥାଏ, ଏପରିକି ଭଗବାନଙ୍କ ଉପସ୍ଥିତିକୁ ମଧ୍ୟ ଅମାନ୍ୟ କରେ । କାରଣ ଏହା ଜାଣେ ଯେ ତାଙ୍କ ଉପସ୍ଥିତିରେ ତା'ର କାମ ହୋଇ ପାରିବା ଅସମ୍ଭବ । ଏହା ନିଜ ଚିନ୍ତାଧାରା, ବିଚାର, ଚାହିଦା, ସହଜାତ ଅଭ୍ୟାସକୁ ସାବ୍ୟସ୍ତ କରି ନିଜକୁ ପ୍ରକାଶ କରିଥାଏ ଏବଂ ଏହିସବୁ ପ୍ରକୃତି ଯଦିଓ ନିଜର ବିରୁଦ୍ଧାଚରଣ କରିଥାଏ, ନିଜର ପ୍ରତିଶୋଧ ନେବା ପାଇଁ ଚତୁର୍ଦ୍ଦିଗରେ ସନ୍ଦେହ, ଅଗ୍ରାହ୍ୟ, ମର୍ଯ୍ୟାଦାହାନିକାରକ ସମାଲୋଚନା, ବିରୋଧତା ଏବଂ ବିଶୃଙ୍ଖଳା ପ୍ରକାଶ କରିଥାଏ । ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଏହି ଦୁଇଟି କଥାରୁ ଗୋଟିକୁ ବାଛି ନେବାକୁ ପଡ଼ିବ ।

''ଏହି ବିପକ୍ଷତା, ଅଫଳପ୍ରସୂ ବାଧା ଏବଂ ଭାଗବତ ଶକ୍ତିର ଅବତରଣ ବିରୋଧରେ ବାଧା କେବେହେଲେ ଚିରକାଳ ପାଇଁ ତିଷ୍ଠି ରହିବ ନାହିଁ । ସମସ୍ତଙ୍କୁ ଏହି ଦୁଇଟିରୁ ଗୋଟିକର ପକ୍ଷ ସମର୍ଥନ କରିବାକୁ ପଡ଼ିବ – ସତ୍ୟର ପକ୍ଷରେ ବା ଏହାର ବିପକ୍ଷରେ । ଅତିମାନସର ଅଭିବ୍ୟକ୍ତି କେବେହେଲେ ନିମ୍ନର ନଛୋଡ଼ବନ୍ଦା ଅଜ୍ଞାନତା ସହିତ ଏକ ସାଙ୍ଗରେ ତିଷ୍ଠି ପାରିବ ନାହିଁ; ଏହା ଦ୍ୱୈତ-ପ୍ରକୃତିର ପରିତୃପ୍ତି ସହିତ ତାଳ ଦେଇ ନଥାଏ ।''

– ଶ୍ରୀଅରବିନ୍ଦ

(Letters on Yoga, Part IV, page 154 to 156)

ଶ୍ରୀଅରବିନ୍ଦ ଏହି ବାଣୀ ମଣିଷକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଦେଇଥିଲେ ଆଜକୁ ପ୍ରାୟ ୯୭ ବର୍ଷ ପୂର୍ବରୁ ଏକ ଚିଠି ମାଧ୍ୟମରେ । ଯଦିଓ ଏହି ଚିଠି ଜଣେ ସାଧକଙ୍କୁ ଲେଖାଯାଇଥିଲା ତଥାପି ଏହି ବାଣୀ ଥିଲା ସମସ୍ତ ମନୁଷ୍ୟ-ଜାତି ପାଇଁ । ଏହି ବାଣୀକୁ ମା ୧୯୫୧ ମସିହାରେ ଏକ ଛୋଟ ପୁସ୍ତିକା ଆକାରରେ ଆଶ୍ରମବାସୀଙ୍କୁ ବିତରଣ କରିଥିଲେ । ଏହି ବହିର ନାମ ଥିଲା ''What A Sadhak Should Remember Always'' । ଏହି ଦୀର୍ଘ ସମୟ ଭିତରେ ଅନେକ କିଛି ଘଟି ଯାଇଛି – ଅତିମାନସର ଅବତରଣ, ମା'ଙ୍କ ଶରୀରରେ ଅତିମାନସ ଶକ୍ତି କ୍ରିୟା କରି ତାଙ୍କ ଶରୀରର ପ୍ରାଥମିକ ରୂପାନ୍ତର କରି ପାରିଛି, ବହୁ ଭକ୍ତ ଓ ସାଧକ ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗକୁ ଗ୍ରହଣ କରିଛନ୍ତି । ଏଥିପାଇଁ ବହୁ କେନ୍ଦ୍ର, ସ୍କୁଲ, ସାଧନା ପୀଠ, ସମାଧି ପୀଠ ଆଦି ଦେଶର ବିଭିନ୍ନ ସ୍ଥାନରେ ଗଢ଼ିଉଠିଛି । ଶେଷରେ ମା ତାଙ୍କର ସ୍ଥୂଳ ଶରୀର ମଧ୍ୟ ତ୍ୟାଗ କରିଛନ୍ତି । କିନ୍ତୁ ଏହି ବାଣୀ ଆଜି ବି ଜଣେ ମଣିଷ ଦ୍ୱାରା ସିଦ୍ଧ ହୋଇ ପାରି ନାହିଁ । ଆମେ ଶ୍ରୀଅରବିନ୍ଦଙ୍କ ଯୋଗକୁ କେବଳ ଆମ ମନରେ ବୁଝିବାକୁ ଚେଷ୍ଟା କରି ଆସିଛୁ । ମନ ଆପଣା ଦ୍ୱାରା ପ୍ରସ୍ତୁତ ଏହି ପୂର୍ଣ୍ଣ ଯୋଗର ଜ୍ଞାନକୁ ନେଇ ନିଜକୁ

ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ମନେ କରି ନିଜର ଆଧ୍ୟାତ୍ମିକ ଅହଂକାରକୁ କେବଳ ବୃଦ୍ଧି କରୁଛି ମାତ୍ର । କେବଳ ଭାଷଣ ଦେଇ ଏହାକୁ ପ୍ରଚାର କରିବାର ଚେଷ୍ଟା କରି ଆସିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶିତ ପୂର୍ଣ୍ଣଯୋଗକୁ ପୂର୍ଣ୍ଣପ୍ରାଣରେ ଗ୍ରହଣ କରିପାରି ନାହିଁ । 'ମା' ବହିର ପ୍ରାରମ୍ଭିକ ଅନୁଶୀଳନକୁ ମଧ୍ୟ ମଣିଷ ଅଙ୍ଗେ ନିଭାଇ ପାରି ନାହିଁ । ଆମେ ଏକ ଦିଗରେ ଅତିମାନସ ସତ୍ୟର ଅଭିବ୍ୟକ୍ତି ଚାହୁଁ, ଅନ୍ୟ ଦିଗରେ ଏ ପୃଥିବୀର ସମସ୍ତ ଆରାମ, ସୁଖ, ସୁବିଧାକୁ ମଧ୍ୟ ଭୋଗ କରିବାକୁ ଚାହୁଁ; ଆମର କାମନା, ବାସନାର ତୃପ୍ତି ଚାହୁଁ । ଏହି ଦ୍ୱୈତ ଜୀବନହିଁ ମଣିଷକୁ ଆଜି ଯାଏଁ ଅତିମାନସଠାରୁ ଦୂରରେ ରଖିଛି । ଆମେ ଶ୍ରୀଅରବିନ୍ଦଙ୍କ ଯୋଗ କେବଳ ଆମ ମନ, ବୁଦ୍ଧିରେ ବୁଝିବାକୁ ଚେଷ୍ଟା କରିଛୁ ମାତ୍ର । କିନ୍ତୁ ଏହାକୁ ଆମେ ପ୍ରାଣ ଓ ଶରୀରରେ ଅଭିବ୍ୟକ୍ତ କରିବାକୁ ଦେଇ ନାହୁଁ । ଅର୍ଥାତ୍ ଆମର ମନ, ପ୍ରାଣ, ଶରୀରର ସର୍ବାଙ୍ଗୀନ ପରିଶୁଦ୍ଧି ଓ ପୂର୍ଣ୍ଣତା ପାଇଁ ନିଷ୍ଠାପର ପ୍ରୟାସ କରି ନାହୁଁ ।

କିନ୍ତୁ ଏବେ ସମୟ ଆସିଯାଇଛି । ମଣିଷ ଭିତରେ ଅତିମାନସ ଅଭିବ୍ୟକ୍ତିର ସମ୍ଭାବନାର ବୀଜ ମା'ଶ୍ରୀଅରବିନ୍ଦ ରୋପଣ କରିସାରିଛନ୍ତି । ଏବଂ ଏହି ବୀଜର ଅଙ୍କୁରୋଦ୍‌ଗମ ହେବାର ମାହେନ୍ଦ୍ର ବେଳା ଉପଗତ । ଅତିମାନବ ଆବିର୍ଭାବର ଗନ୍ତବ୍ୟ ପଥ ଆଉ ଆମ ସମ୍ମୁଖରେ ଅଜଣା ହୋଇ ରହି ନାହିଁ । ସ୍ୱୟଂ ମା ଆମ ପାଇଁ ଏହି ଅଜଣା ପଥର ପଥପ୍ରଦର୍ଶକ ହୋଇଛନ୍ତି । ସେ ଏହି ମୃତ୍ୟୁଲୋକ ଓ ସୁବର୍ଣ୍ଣମୟ ଅତିମାନସ ଜଗତ୍ ମଧ୍ୟରେ ଏକ ସେତୁ ଭାବରେ ବିଦ୍ୟମାନ ଅଛନ୍ତି । ଯେଉଁ ସେତୁ କଥା ସାବିତ୍ରୀରେ ଶ୍ରୀଅରବିନ୍ଦ କହିଛନ୍ତି ସେହି ସେତୁ ଆମ୍ଭମାନଙ୍କ ପାଇଁ ନିର୍ମିତ ହୋଇ ସାରିଛି । ଏ ବିଷୟରେ ମା ନିଜେ କହୁଛନ୍ତି : ''...ମୋ ନିଜ ଉପରେ ମୁଁ ଏହା (ଶରୀର ରୂପାନ୍ତର କାମ) କରୁଛି କୌଣସି ଏକ ବିଶେଷ ଫଳ ପାଇଁ ନୁହେଁ, କିନ୍ତୁ ସମଗ୍ର ପୃଥିବୀ ପାଇଁ ଏକ ସମ୍ଭାବନାର ଦ୍ୱାର ଖୋଲିବା ନିମନ୍ତେ ।... ଏକ ନୂତନ ଉପାୟ ଯାହାକି ଏଠାରୁ, ମୋ ଶରୀରକୁ ମୂଳଦୁଆ ଭାବରେ, ମୋ ଶରୀରରୁ, ଯେଉଁମାନେ ଏହି ନୂତନ ଚେତନା ପାଇଁ ନିଜକୁ ଖୋଲି ଧରିଛନ୍ତି, ଯେଉଁମାନେ ଶରୀର ରୂପାନ୍ତର ପାଇଁ ଆସ୍ପୃହା କରୁଛନ୍ତି, ସେମାନଙ୍କ ଭିତରକୁ ମଧ୍ୟ ପ୍ରସାରିତ ହେବ ଏବଂ ସେମାନଙ୍କ ଭିତରେ ମୁଁ ତାଙ୍କ ଜଡ଼ତ୍ୱକୁ ଅତିମାନସ ବସ୍ତୁରେ ସ୍ପନ୍ଦିତ କରିଦେଇ ପାରିବି । ସେମାନଙ୍କୁ ଏଥିପାଇଁ ଖୁବ୍ କମ୍ କାମ କରିବାକୁ ହେବ; ମୁଁ ନିଜ ପାଇଁ ଯାହା କରୁଛି ଏହା ଦ୍ୱାରା ସେମାନଙ୍କର ବହୁ ବାଧାବିଘ୍ନ ଦୂର ହୋଇ ପାରିବ । ଅଗ୍ରଦୂତ ଭାବରେ ଯାହା ମୁଁ ନିଜ ଭିତରେ ସଫଳତାର ସହିତ କରିପାରିଛି, ଏବଂ ଅତିମାନସ ଦିଗରେ ଯେଉଁ ପଥ ପ୍ରସ୍ତୁତ କରୁଛି ଯାହାକି ଅତ୍ୟନ୍ତ ବିସ୍ମୟଜନକ ତଥା ଅବିଶ୍ୱାସ୍ୟ ।''

(The Supreme, p. 40)

ମା'ଙ୍କର ଏହି ଶରୀର ରୂପାନ୍ତର କାମରେ ଶ୍ରୀଅରବିନ୍ଦ ସର୍ବଦା ସାହାଯ୍ୟ କରି ଆସିଛନ୍ତି । ମା' କହୁଛନ୍ତି : ''And now I know how I have been able to accomplish this formidable task. He who prepared and arranged the circumstances, He who has guided me constantly on the path, He who was beside me during painful moments to pull me out of the anguish and the miseries, the danger and the dreadful pain – it was as if my whole body were being torn apart... and it was always Sri Aurobindo who was there to guide me.'' (The Supreme, p. 44)

ଅର୍ଥାତ୍ : ''ବର୍ତ୍ତମାନ ମୁଁ ଜାଣେ ମୁଁ କିପରି ଏହି ଦୂରୂହ କାମଟିକୁ ସମାପ୍ତ କରିପାରିଛି । ଯେ କି ସମସ୍ତ ପରିସ୍ଥିତିକୁ ତିଆରି କରୁଥିଲେ, ସଂଗଠିତ କରୁଥିଲେ, ଯେ କି ସର୍ବଦା ଏହି ପଥରେ ଚାଲିବା ପାଇଁ ମୋତେ ସାହାଯ୍ୟ କରିଛନ୍ତି, ଯେ କି ମୋ ଦୁଃଖ ଯନ୍ତ୍ରଣାପୂର୍ଣ୍ଣ ପରିସ୍ଥିତିରେ ମୋ ସହିତ ସର୍ବଦା ରହିଛନ୍ତି; ମୋର ଏହି ବେଦନାଭରା ଯନ୍ତ୍ରଣା, ବିପଦ ଓ ଭୟଙ୍କର ବ୍ୟଥାକୁ ଉପଶମ କରିଛନ୍ତି – ଯେତେବେଳେ ମନେ ହେଉଥିଲା ମୋର ସମଗ୍ର ଶରୀର ଖଣ୍ଡ ବିଖଣ୍ଡ ହୋଇଯାଉଛି... ଏବଂ ସେ ହେଉଛନ୍ତି ଶ୍ରୀଅରବିନ୍ଦ ଯେ କି ସର୍ବଦା ସେଠାରେ ମୋତେ ପରିଚାଳନା କରୁଥିଲେ ।''

ଅତଏବ ଆଜି ଆମେ ଯଦି ଆମର ଶରୀର ରୂପାନ୍ତରର ଚରମ ବାଧାକୁ ଅତିକ୍ରମ କରିବା ପାଇଁ ଶ୍ରୀଅରବିନ୍ଦଙ୍କ ଏହି ଚୂଡ଼ାନ୍ତ ନିଷ୍ପତ୍ତିକୁ ଗ୍ରହଣ କରୁ ଅର୍ଥାତ୍ ଆନ୍ତରିକ ଭାବେ କେବଳ ଶରୀର ରୂପାନ୍ତର ପାଇଁ ପ୍ରସ୍ତୁତ ହେଉ ତେବେ ମା ଓ ଶ୍ରୀଅରବିନ୍ଦ ଉଭୟଙ୍କର ସାହାଯ୍ୟ ପାଇପାରିବୁ – ଏଥିରେ ସନ୍ଦେହ ନାହିଁ ।

(କ୍ରମଶଃ) ❑

# ଯୋଗାନନ୍ଦ

## (୭)

''... ଯୋଗଭ୍ରଷ୍ଟ ବ୍ୟକ୍ତିମାନଙ୍କ ସହିତ ଯେଉଁମାନେ ବିଦ୍ରୋହ କରି (ଆଶ୍ରମରୁ) ଦୂରେଇ ଯାଇଛନ୍ତି, ସେମାନଙ୍କ ସହିତ ମୋର ବନ୍ଧନ କେବେ ବି ଛିନ୍ନ ହୋଇଯାଏ ନାହିଁ। ତୁମେମାନେ କେବେ ବି ପରିତ୍ୟକ୍ତ ନୁହଁ।''

(ମାତୃରଚନାବଳି : ୧୩, ପୃଷ୍ଠା ୮୩) — ଶ୍ରୀମା

ତୀର୍ଥ ପର୍ଯ୍ୟଟନ ସମୟରେ ଯୋଗାନନ୍ଦ ଏକାଧିକବାର ଗୁରୁଙ୍କର ବାଣୀ ଶ୍ରବଣ ଓ ଅପ୍ରତ୍ୟାଶିତ ଭାବରେ କଠିନ ପରିସ୍ଥିତିରେ ତାଙ୍କର ପରୋକ୍ଷ ହସ୍ତକ୍ଷେପର ଅନୁଭୂତିସବୁ ଅଙ୍ଗେ ଲିଭାଇଛନ୍ତି।

ଭୂସ୍ୱର୍ଗ କାଶ୍ମୀରର ଦୁର୍ଗମ ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ଦୁର୍ଗମ ତୀର୍ଥ ଶାରଦାପୀଠ। ସେଠାରେ ଅପ୍ରତ୍ୟାଶିତ ଭାବରେ ପାହାଡ଼ୀ କନ୍ୟାର ଯୋଡ଼ହସ୍ତରେ ଆମନ୍ତ୍ରଣ ଗ୍ରହଣ କରି ତା' ହାତରୁ ଗରମ ଗରମ ଲହୁଣିମିଶା ସେକା ରୁଟି ନିଜର ପ୍ରାତଃ-ଭୋଜନ ରୂପେ ଗ୍ରହଣ କରିଛନ୍ତି। ଉଚ୍ଚ ପର୍ବତମାଳାର ଶିଖର ଦେଶରେ ସୂର୍ଯ୍ୟୋଦୟର ଅପରୂପ ଦୃଶ୍ୟ ଦେଖି ମନେ ମନେ ଗୁରୁଦେବଙ୍କୁ ସ୍ମରଣ କରିଛନ୍ତି।

ଶାରଦାପୀଠରୁ ଦୁଇ ତିନି ମାଇଲ ପାର୍ବତ୍ୟ ଅଞ୍ଚଳର ଜନମାନବହୀନ ନିର୍ଜନ ରାସ୍ତାରେ ଚାଲୁ ଚାଲୁ ତୀବ୍ର ଭାବରେ ପଥଶ୍ରାନ୍ତ ଏବଂ ତା' ସାଙ୍ଗକୁ ଜ୍ୱରାକ୍ରାନ୍ତ ହୋଇ ସନ୍ଧ୍ୟାର ଅନ୍ଧକାରରେ ରାସ୍ତାଧାରରେ ଗୋଟିଏ ପ୍ରକାଣ୍ଡ ବୃକ୍ଷତଳେ କମ୍ବଳ ବିଛାଇ ଶୋଇ ପଡ଼ିଛନ୍ତି। ଶ୍ରାନ୍ତ-କ୍ଲାନ୍ତ ଅବଶ ଦେହ, ବେଶ୍ ଆରାମ ଲାଗିଛି, ଟିକିଏ ତନ୍ଦ୍ରା ଧରି ଆସୁଥିବା ବେଳେ ତାଙ୍କର ପୂର୍ବାଶ୍ରମ ନାମ ଧରି କାହାର ଡାକ ଶୁଣିବାକୁ ପାଇଛନ୍ତି : 'ଯତୀନ୍ଦ୍ର, ଯତୀନ୍ଦ୍ର ! ଉଠିପଡ଼, ଉଠୁନ କାହିଁକି ?' ଚମକିଉଠି ମୁଣ୍ଡଟେକି ଦେଖିଛନ୍ତି ଛଅ ସାତଟି ବିଶାଳ ବନ୍ୟ ମହିଷ ତାଙ୍କ ଆଡ଼କୁ ଝପଟି ଆସୁଛନ୍ତି ! କୌଣସି ପ୍ରକାରେ ଶୀଘ୍ର ଉଠି କମ୍ବଳ ଘୋଡ଼ାଇ ହୋଇ ବୃକ୍ଷର ପଛପଟେ ଲୁଚିଗଲେ, ଆଉ ସେହି ମହିଷଗୁଡ଼ିକ ତାଙ୍କର ଶୋଇଥିବା ସ୍ଥାନ ଉପରେ ହୁଡ୍ ହୁଡ୍ କରି ପାହାଡ଼ରୁ ଓହ୍ଲାଇ ତଳକୁ ଚାଲିଗଲେ। ବିସ୍ମିତ ହୋଇ ଭାବିଛନ୍ତି, 'ଏଠାରେ ଏହି ନିର୍ଜନ ସ୍ଥାନରେ ଗୁରୁଦେବଙ୍କ ବ୍ୟତୀତ ଆଉ କିଏ ମୋତେ ମୋର ନାମ ଧରି ଏତେ ଆତ୍ମୀୟତା ଭରା ସ୍ୱରରେ ଡାକି ଉଠାଇବ ! ନ ଡାକିଥିଲେ ତ ମହିଷଗୁଡ଼ିକ ମୋତେ ମାଡ଼ିଚକଟି ଦେଇଥାଆନ୍ତେ !' ମନେ ମନେ କରୁଣାମୟ ଗୁରୁଦେବଙ୍କ ଉଦ୍ଦେଶ୍ୟରେ କୃତଜ୍ଞତାପୁଟରେ ଭୂମିଷ୍ଠ ପ୍ରଣାମ ଜଣାଇଛନ୍ତି। — ଏମିତି ଅନେକ ଘଟଣା ରହିଛି।

ଶାରଦାପୀଠରୁ ସେ ବାରମୂଳାକୁ ଫେରିଛନ୍ତି, ସେଠାରେ ଗୁରୁଭାଇ ଧୀରାନନ୍ଦଙ୍କୁ ଭେଟିଛନ୍ତି। ଧୀରାନନ୍ଦ କହିବାକୁ ଲାଗିଲେ ସେ ବଙ୍ଗଦେଶକୁ ଫେରିଯିବେ। ସଙ୍ଗରେ ଯୋଗାନନ୍ଦଙ୍କୁ ନେଇଯିବେ ବୋଲି ଜିଦ୍ ଧରିଲେ।... ଯୋଗାନନ୍ଦଙ୍କର ସିଦ୍ଧାନ୍ତ ଥିଲା ଯେ ଏବେ ଆଉ ବଙ୍ଗଦେଶକୁ କିଂବା ଆଶ୍ରମକୁ ଫେରିବେ ନାହିଁ। ତେଣୁ ସେ ପ୍ରକୃତରେ ମହା ସମସ୍ୟାରେ ପଡ଼ିଲେ। ଦିନେ ବ୍ରହ୍ମଚାରୀ ବାବା ତାଙ୍କୁ ସ୍ୱପ୍ନରେ କହିଲେ, 'ତୁମେମାନେ ମାତ୍ର ଦେଢ଼ ବର୍ଷ ହେବ ଏ ଦେଶକୁ ଆସିଛ। ଆହୁରି ସାଢ଼େ ତିନି ବର୍ଷ ରୁହ।'... ଗୁରୁଦେବଙ୍କ ଆଦେଶ ଅମାନ୍ୟ କରି ଗୁରୁଭାଇଙ୍କ ପ୍ରରୋଚନାରେ ତାଙ୍କ ତିରୋଧାନର ବାର୍ଷିକୋତ୍ସବରେ ଯୋଗ ଦେବା ସକାଶେ କାମନା-ବାସନାର ବଶବର୍ତ୍ତୀ ହୋଇ ବଙ୍ଗଦେଶକୁ ଫେରି ତା'ର କୁଫଳ ହାତେ ହାତେ ପାଇଲେ ଏବଂ ଆଧ୍ୟାତ୍ମିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଲା।...

ଯୋଗାନନ୍ଦଙ୍କ ନିଜସ୍ୱ ଉକ୍ତିରୁ : ''ମୁଁ ଆଶ୍ରମରେ ବା ଘରେ ବା ପର୍ଯ୍ୟଟନରେ, କେଉଁଠି ହେଲେ ଶାନ୍ତି ପାଇଲି ନାହିଁ। ଧ୍ୟାନ-ଧାରଣାରେ ମଧ୍ୟ ମନ ଲାଗେ ନାହିଁ। ଏକେବାରେ ଉଦ୍ଦେଶ୍ୟହୀନ, ପଥଭ୍ରଷ୍ଟ ପରି ମନ ଯୁଆଡ଼େ ଯାଏ, ମୁଁ ସିଆଡ଼େ ଯାଏ। ଏହି ନିଦାରୁଣ ସମୟରେ ମଝିରେ ମଝିରେ ପଣ୍ଡିଚେରୀର ଶ୍ରୀଅରବିନ୍ଦଙ୍କ କଥା ସ୍ମରଣରେ ଆସୁଥାଏ; ଭାବୁଥାଏ ଯେ ଦିନେ ମୋର ଏହି ଆଧ୍ୟାତ୍ମିକ ଦୁରବସ୍ଥା କଥା ଜଣାଇ ଶ୍ରୀଅରବିନ୍ଦଙ୍କୁ ଖଣ୍ଡିଏ ଚିଠି ଲେଖିବି। ଲେଖିବି ବୋଲି ମନରେ ଭାବି ଭାବିହିଁ ସେକଥା ସେମିତି ରହିଗଲା। କ'ଣ ଲେଖିବି, କ'ଣ ଆବଶ୍ୟକ, କିଛି ବୁଝିପାରେ ନାହିଁ। ଯେମିତି କିଛି ହଜିଯାଇଛି। ମନରେ ସ୍ଥିର କଲି ଯେ ପଣ୍ଡିଚେରୀକୁ ଯାଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବି ଏବଂ ତାଙ୍କର ଉପଦେଶ ଓ ଆଶୀର୍ବାଦ ନେବି।

''ଘରୁ ୧୯୨୮ ମସିହାରେ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲି । ଈଶ୍ୱରଗଞ୍ଜ, ମୟମନସିଂ ହୋଇ ବଗୁଡ଼ା ଜିଲ୍ଲାର ମା ଭବାନୀଙ୍କର ମନ୍ଦିରରେ କିଛି ଦିନ ରହି ଶେଷରେ କଲିକତାରେ ପହଞ୍ଚିଲି ।... କଲିକତାରୁ ପଣ୍ଡିଚେରୀ ଆସିବି ବୋଲି ସବୁ ଖୋଜ-ଖବର ନେଉଥାଏ । ଏହି ସମୟରେ ଘରୁ ଭାଇମାନଙ୍କର ଚିଠି ପାଇଲି ଯେ ଘରେ ବିରୋଧୀ ଦଳ ସହିତ କିଛି ଫୌଜଦାରୀ ମକଦ୍ଦମା ହୋଇଛି । ବାଧ ହୋଇ ଘରକୁ ଫେରିଲି ।... ଦୁର୍ଭାଗ୍ୟବଶତଃ ପଣ୍ଡିଚେରୀ ଯିବା ନୋହିଲା ।...

''ଇତି ମଧ୍ୟରେ 'ଲବଣ ଆଇନ ଅମାନ୍ୟ ଆନ୍ଦୋଳନ' ଆରମ୍ଭ ହେଲା । ଦେଶବ୍ୟାପୀ ବିରାଟ ଆନ୍ଦୋଳନ । ଗୁରୁଭାଇ ଅଜପାନନ୍ଦ କିଛି ଗୋଟାଏ ଇଙ୍ଗିତ ବା ଆଦେଶ ପାଇଲେ ଯେ ଆମ ସମସ୍ତଙ୍କୁ ଏଥିରେ ଯୋଗଦାନ କରିବାକୁ ହେବ । ତେଣୁ ସେଥିରେ ଆବଦ୍ଧ ହୋଇ ପଡ଼ିଲି ।...

''୧୯୨୨ ମସିହାରେ ମୟମନସିଂ ଜିଲ୍ଲା କଂଗ୍ରେସ କମିଟି ବୈଠକ ଗୃହରେ ଆମ ବିପ୍ଳବୀ ଦଳର ପଥପ୍ରଦର୍ଶକ ଶ୍ରୀଯୁକ୍ତ ସୁରେନ୍ଦ୍ର ମୋହନ ଘୋଷଙ୍କ ସହିତ ଦିନେ ଗଭୀର ରାତ୍ରିରେ, ଆଧ୍ୟାତ୍ମିକ ବିଷୟ ସମ୍ବନ୍ଧରେ ବହୁ ଆଳାପ-ଆଲୋଚନା ହୋଇଥିଲା । ଗୁରୁଙ୍କର ସତ୍ୟଦୃଷ୍ଟି ଓ ପ୍ରତ୍ୟାଦେଶ ସମ୍ବନ୍ଧରେ ତାଙ୍କୁ ପଚାରିବାରୁ ସେ ମୋତେ ସର୍ବପ୍ରଥମେ ଉପଦେଶ ଦେଇଥିଲେ ଯେ ଏହିସବୁ ଗୂଢ଼ ଆଧ୍ୟାତ୍ମିକ ବିଷୟ ଜାଣିବାକୁ ଚାହିଁଲେ ମୋତେ ପଣ୍ଡିଚେରୀର ଶ୍ରୀଅରବିନ୍ଦଙ୍କ ନିକଟକୁ ଯିବାକୁ ହେବ । ସେତିକିବେଳେ ସେ ମୋତେ ଶ୍ରୀଅରବିନ୍ଦଙ୍କର 'Ideal of Karmayogin' ବହିଟି ପଢ଼ିବାକୁ କହିଲେ । ଏହାର ଦୁଇବର୍ଷ ପରେ, ୧୯୨୪ରେ ବ୍ରହ୍ମଚାରୀ ବାବାଙ୍କର ଜୀବିତ ଅବସ୍ଥାରେହିଁ ବେଲଗାଓଁ କଂଗ୍ରେସର ବାର୍ଷିକ ଅଧିବେଶନ ସମୟରେ ସର୍ବପ୍ରଥମେ ପଣ୍ଡିଚେରୀ ଯିବା ପାଇଁ ପ୍ରସ୍ତୁତ ହୋଇଥିଲି । ସେହି ସମୟରେ ବ୍ରହ୍ମଚାରୀ ବାବା ସ୍ୱପ୍ନରେ ଦର୍ଶନ ଦେଇ ମୋତେ ଏପରି ଭାବରେ ଆଲିଙ୍ଗନାବଦ୍ଧ କରିଥିଲେ ଯେ ସେହି ଆନନ୍ଦାନୁଭୂତି ଲାଭ କରି ମୋର ପଣ୍ଡିଚେରୀ ଯାତ୍ରା ସ୍ଥଗିତ ରହିଗଲା । ତାଙ୍କର ଦେହରକ୍ଷା ପରେ, ୧୯୨୮ରେ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରି ମଧ୍ୟ କଲିକତାରୁ ଫେରି ଆସିବାକୁ ବାଧ ହେଲି ।

''୧୯୩୦ରେ ଶ୍ରୀଯୁକ୍ତ ସୁରେନ୍ଦ୍ର ମୋହନ ଘୋଷ ନେତ୍ରକୋଣା ଆସିଥିଲେ । ସେତେବେଳେ ମୁଁ ନେତ୍ରକୋଣାର ଚିତ୍ରଧାମ ଆଶ୍ରମରେ ରହୁଥିଲି । ସେ ଏଥର ମୋତେ ଖୁବ୍ ଜୋର୍ ଦେଇ କହିଲେ ପଣ୍ଡିଚେରୀ ଯିବାକୁ ଏବଂ ଶ୍ରୀଅରବିନ୍ଦଙ୍କର 'The Mother' ବହିଟି ପଢ଼ିବାକୁ । କିନ୍ତୁ ସେତେବେଳେ 'ଲବଣ ଆଇନ ଅମାନ୍ୟ ଆନ୍ଦୋଳନ'ରେ ବାନ୍ଧି ହୋଇପଡ଼ିଲି ।...''

କିନ୍ତୁ ୧୯୩୧ରେ ମୌଲମୀନ ଡାକ୍ତରଖାନାରେ ପ୍ରାପ୍ତ ସେହି ବଜ୍ରନିର୍ଘୋଷ ବାଣୀହିଁ ପଣ୍ଡିଚେରୀ ଯିବା ପାଇଁ ଯୋଗାନନ୍ଦଙ୍କ ଭିତରେ ପ୍ରବଳ ଆଗ୍ରହ ସୃଷ୍ଟି କଲା । ସେହି ଅଦ୍ଭୁତ ବାଣୀଟିର ମର୍ମାର୍ଥ ଥିଲା, 'ଭାରତର ପୁନର୍ଗଠନ ଅର୍ଥାତ୍ ଏହାର ରାଜନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ପୁନର୍ଗଠନ ହେଉଛି ଆମମାନଙ୍କର ଜୀବନର ଲକ୍ଷ୍ୟ ।' ଉଦାତ୍ତ କଣ୍ଠରେ ଏହି ବାଣୀଟି ଶୁଣି ସେ ଚମକି ପଡ଼ିଲେ । ଅଥଚ ଏହି ପ୍ରକାର ବଜ୍ରନିର୍ଘୋଷ ଶବ୍ଦ ସହିତ ସେ ଆଗରୁ ବେଶ୍ ପରିଚିତ ଥିଲେ । କାଶୀରେ ମଧ୍ୟ ତାଙ୍କ ଜୀବନରେ ମହାସମସ୍ୟାର ସମୟରେ ଏହିଭଳି ଏକ ଅଦ୍ଭୁତ ବାଣୀ ଶୁଣିଥିଲେ । ବହୁଦିନ ପରେ ସେଦିନ ଡାକ୍ତରଖାନାରେ ପୁଣି ସେହି ଅଦ୍ଭୁତ ବାଣୀ ଶୁଣିବାକୁ ପାଇଲେ । ସେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲେ ସେଇଟି ଊର୍ଦ୍ଧ୍ୱରୁ ଆସିଥିବା ଲକ୍ଷ୍ୟ ନିର୍ଦ୍ଦେଶକ ଆକାଶବାଣୀ । କେବଳ ଭିନ୍ନ ହେଉଛି ଏହି ବାଣୀଟି ଥିଲା ଇଂରାଜୀରେ । ମୁହୂର୍ତ୍ତକ ଆଗରୁ ସେ କ'ଣ ଭାବୁଥିଲେ ଯେ ଲକ୍ଷ୍ୟହୀନ ଭାବରେ ବର୍ଷ ପରେ ବର୍ଷ ସେ କେବଳ ଘୂରି ବୁଲୁଛନ୍ତି । ବର୍ମା ଆସିବାର ଉଦ୍ଦେଶ୍ୟ ବା କ'ଣ ? କିଛି ବି ନୁହେଁ । କିନ୍ତୁ ଏହି ବାଣୀଟି ଶୁଣିବାର ଠିକ୍ ପରେ ପରେ ହିଁ ତାଙ୍କର ଅନ୍ତଃକରଣରେ ଏକ ଦୃଢ଼ ସଂକଳ୍ପ ଜାତ ହେଲା – 'ଯଦି ଏଥର ବଞ୍ଚି ରହେ, ତେବେ ସିଧା ପଣ୍ଡିଚେରୀର ଶ୍ରୀଅରବିନ୍ଦଙ୍କ ନିକଟକୁ ଯିବି, ଆଉ କୁଆଡ଼େ ନୁହେଁ ।'

ଏବେ ଯୋଗାନନ୍ଦଙ୍କ ନିଜସ୍ୱ ଉକ୍ତିରୁ : ''(ଅଦ୍ଭୁତ ବାଣୀ ଶ୍ରବଣର) ପରଦିନ ସକାଳେ ନର୍ସ ଓ ଡାକ୍ତର ମୋତେ ଦେଖି ଚାଲିଯିବା ପରେ ମୋ ମୁଣ୍ଡ ପାଖରେ ଝୁଲୁଥିବା ରିପୋର୍ଟ କାଗଜଟି ନିଜେ ଆଣି ଦେଖିଲି । ଜ୍ୱରର ପ୍ରକୋପ କାଲିଠାରୁ କମି ଯାଇଛି । ତା' ପରଦିନ ଜ୍ୱର ସମ୍ପୂର୍ଣ୍ଣ ଛାଡ଼ିଗଲା । ଦୀର୍ଘ ଦିନ ଧରି ଜ୍ୱର ଭୋଗୁଥିଲେ ମଧ୍ୟ ଅନ୍ୟାନ୍ୟ କୌଣସି ଉପସର୍ଗ ଦେଖା ଦେଇ ନଥିଲା । ସେଥିପାଇଁ ଜ୍ୱର ଛାଡ଼ିଯିବା ପରେ ପଥ୍ୟ ଖାଇବା ପୂର୍ବରୁ ହିଁ ମନ, ପ୍ରାଣ ଓ ଶରୀରରେ ଯଥେଷ୍ଟ ଶକ୍ତି ଅନୁଭବ କଲି । ଜ୍ୱର ସମୟରେ ନର୍ସମାନେ ଗରମ ପାଣିରେ ଦେହ ପୋଛି ଦେଇ ଗରମ ଦୁଧ ଓ ଫଳ ଇତ୍ୟାଦି

ଅତି ଯତ୍ନର ସହିତ ଖାଇବାକୁ ଦେଉଥିଲେ । ସେମାନଙ୍କର ସ୍ନେହ ଓ ଯତ୍ନ କେବେ ବି ଭୁଲି ପାରିବି ନାହିଁ । ସେଥିପାଇଁ ଶରୀର ସେତେ ଦୁର୍ବଳ ହୋଇ ନଥାଏ । ଡାକ୍ତରଖାନାର ନିୟମ ଅନୁସାରେ ମୋତେ ଅନ୍ୟ ପଥ୍ୟ ଅବଶ୍ୟ ଦିଆଯିବ, କିନ୍ତୁ ଆହୁରି ଦୁଇ, ତିନି ଦିନ ପରେ । କିନ୍ତୁ ପ୍ରଧାନ ନର୍ସଙ୍କୁ କହିଲି ଯେ ଏବେ ତ ମୁଁ ଭଲ ହୋଇଯାଇଛି, ମୋତେ ସେତେ ଦୁର୍ବଳ ବି ଲାଗୁ ନାହିଁ । ଅନୁମତି ଦେଲେ ମୁଁ ମୋର ବନ୍ଧୁଙ୍କ ଘରକୁ ଚାଲିଯିବି । ମୋର ପ୍ରବଳ ଇଚ୍ଛା ଦେଖି ନର୍ସ ମୋତେ ତା' ପରଦିନହିଁ ଛାଡ଼ି ଦେଲେ । ବନ୍ଧୁଙ୍କ ଘରକୁ ଯାଇ ସାଧାରଣ ଖାଇବା ଖାଇଲି । ତା' ପରଦିନ ସେମାନଙ୍କର କୌଣସି କଥା ନଶୁଣି ରେଙ୍ଗୁନ୍ ଚାଲିଗଲି । ରେଙ୍ଗୁନ୍‌କୁ ଆସି ମାତ୍ର ଦୁଇ, ତିନି ଦିନ ରହି ପରବର୍ତ୍ତୀ ଷ୍ଟିମର୍‌ରେ ଚଟ୍ଟଗ୍ରାମ ଫେରି ଆସିଲି । ଏଥର ମୁଁ ଦୃଢ଼ସଂକଳ୍ପ ନେଇଛି ଯେ ପଣ୍ଡିଚେରୀ ନିଶ୍ଚୟ ଯିବି, ନିଶ୍ଚୟ ଯିବି, ନିଶ୍ଚୟ ଯିବି । କିନ୍ତୁ ପରେ ଦେଖିଲି ମସ୍ତବଡ଼ ଭୁଲ୍ କରିଛି । ଯଦି ରେଙ୍ଗୁନ୍‌ରୁ ଜାହାଜ ଧରିଥା'ନ୍ତି ସିଧା ମାନ୍ଦ୍ରାଜ ଚାଲି ଯାଇଥା'ନ୍ତି, ତେବେ ମୋର କର୍ମଭୋଗ ଅନେକ କମ୍ ହୋଇଥା'ନ୍ତା । କିନ୍ତୁ ପଣ୍ଡିଚେରୀ ଯିବା ପୂର୍ବରୁ ମୋ ଭାଗ୍ୟଲିପିରେ ଆହୁରି ଅନେକ ଦୁଃଖକଷ୍ଟ, ବାଧାବିପତ୍ତି ଭୋଗ କରିବାର ବାକି ଥିଲା; ହୁଏତ ଯଥାର୍ଥ ମୁହୂର୍ତ୍ତ ଉପସ୍ଥିତ ହୋଇ ନଥିଲା ।''

ଯୋଗାନନ୍ଦ ରେଙ୍ଗୁନ୍‌ରୁ ଚଟ୍ଟଗ୍ରାମ ଦେଇ ଘରକୁ ଫେରିଲେ । ଘରେ ପୁଣି ସାନଭାଇଙ୍କର ଗୃହ ଜଞ୍ଜାଳରେ ବାନ୍ଧି ହୋଇ ପଡ଼ିଲେ । ସେମାନଙ୍କର ଦୁରବସ୍ଥା ଦେଖି ତାଙ୍କର ଦୟା ହେଲା, କିଛି ଦିନ ଘରେ ରହିବାକୁ ସ୍ୱୀକୃତି ଦେଲେ ।... ଆତ୍ମୀୟ-ସ୍ୱଜନ ଭାବି ନେଲେ ଯେ ଏବେ ଗୁରୁଦେବ ତ ନାହାନ୍ତି, ହୁଏତ ସଂସାରରେ ରହି ଯାଇପାରେ । ତେଣୁ ସେମାନେ ତାଙ୍କର ବିବାହ ସକାଶେ ଚେଷ୍ଟା କରିବାକୁ ଲାଗିଲେ ।...

ବ୍ରହ୍ମଚାରୀ ବାବା ଯେତେବେଳେ ତାଙ୍କୁ ଗାର୍ହସ୍ଥ୍ୟାଶ୍ରମରେ ପ୍ରବେଶ କରିବାକୁ କହିଥିଲେ, ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶବାଦରେ ତାଙ୍କର ମନ, ପ୍ରାଣ ପୂର୍ଣ୍ଣ ଥିଲା, ସେଇ ସମୟରେ ସେ ଗୁରୁଦେବଙ୍କର ଆଦେଶ ଓ ଉପଦେଶ ଅମାନ୍ୟ କରି ତୀର୍ଥ ପର୍ଯ୍ୟଟନରେ ଚାଲି ଯାଇଥିଲେ । ଏବେ କିନ୍ତୁ ତାଙ୍କର ସେହି ପୂର୍ବ ସମୟର ମନୋବଳ ଆଉ ନଥିଲା । ସଂସାରରେ ଓ ଗୃହରେ ରହିବାକୁ ହେଲେ ବିବାହ ପ୍ରୟୋଜନ, ତେବେ ସେ ସଂସ୍କାରପ୍ରାପ୍ତ ସନ୍ନ୍ୟାସୀ — କେବଳ ଏତିକି ବାଧା ରହିଛି । ବୈବାହିକ ଜୀବନ ଏବଂ ମହାନ୍ ଓ ପବିତ୍ର ସନ୍ନ୍ୟାସୀର ଆଦର୍ଶ-ଜୀବନ ପରସ୍ପରର ସମ୍ପୂର୍ଣ୍ଣ ବିରୋଧୀ ।...

ଯୋଗାନନ୍ଦଙ୍କ ଉକ୍ତିରୁ : ''ବୈରାଟି ଅଞ୍ଚଳର ଜଣେ ଗୃହୀ ଭକ୍ତ ବ୍ରହ୍ମଚାରୀ ବାବାଙ୍କର ଓ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ମା'ଙ୍କର ଆଦେଶ ପାଉଛନ୍ତି ବୋଲି ଶୁଣିଥିଲି । ତେଣୁ ମୋର ବୈବାହିକ ଜୀବନଯାପନ ସମ୍ବନ୍ଧେ ମୋ ପ୍ରତି ବ୍ରହ୍ମଚାରୀ ବାବାଙ୍କର କି ଇଚ୍ଛା ଓ କି ଆଦେଶ, ତାହା ଜାଣିବା ପାଇଁ ତାଙ୍କ ପାଖକୁ ପତ୍ରଟିଏ ଲେଖି ଅପେକ୍ଷା କଲି । ଏଣେ ମୋ ଭାଇମାନେ ମୋର ଦ୍ୱୈତଭାବ ଦେଖି ବିବାହ ପାଇଁ ଖୁବ୍ ଚେଷ୍ଟା ଚଳାଇଥା'ନ୍ତି ।... କନ୍ୟାପିତାଙ୍କ ଘରୁ ଜଣେ ଭଦ୍ରଲୋକ ଆସି ମୋତେ ଦେଖି ବିବାହର ପ୍ରତିଶ୍ରୁତି ଦେଇଗଲେ । ମୋର ମଝିଆ ଭାଇ ତାଙ୍କ ଘରକୁ ଗଲା ମଙ୍ଗଳକୃତ୍ୟ କରିବାକୁ । ସେ ଯାଇ ଦେଖିଲା ଯେ ବିବାହ ଠିକ୍ କରି ଯାଇଥିବା ବ୍ୟକ୍ତି ଭୀଷଣ ଜ୍ୱରରେ ଆକ୍ରାନ୍ତ ।... ତିନି ଚାରି ଦିନ ପରେ ସମ୍ବାଦ ଆସିଲା ସେ ମୃତ ।

''କାଶ୍ମୀରର ବାରମୂଳାରେ ବ୍ରହ୍ମଚାରୀ ବାବାଙ୍କର ସ୍ୱପ୍ନାଦେଶ ('...ଆହୁରି ସାଢ଼େ ତିନି ବର୍ଷ ପର୍ଯ୍ୟଟନରେ ରୁହ ।') ଅମାନ୍ୟ କରି ଗୁରୁଭାଇ ଧୀରାନନ୍ଦଙ୍କର ଏକାନ୍ତ ଅନୁରୋଧରେ ବଙ୍ଗଦେଶକୁ ଫେରି ଆସିଛି; ଏହାପରଠୁଁ ମୁଁ ଶତ ଚେଷ୍ଟା କରି ମଧ୍ୟ ସ୍ୱପ୍ନରେ ବା ଜାଗ୍ରତ୍ ଅବସ୍ଥାରେ ଗୁରୁଙ୍କଠାରୁ କୌଣସି ଆଭାସ, ଇଙ୍ଗିତ ବା ସ୍ୱପ୍ନରେ ଦର୍ଶନ ବା ଆଳାପ କିଛି ହେଲେ ପାଉ ନଥିଲି । ସବୁକିଛି ହରାଇ ବସିଥିଲି । ଏକେବାରେ ପଥଭ୍ରଷ୍ଟ ଓ ଲକ୍ଷ୍ୟଭ୍ରଷ୍ଟ ହୋଇ ଜୀବନ ବିତାଉ ଥିଲି ।... ଗୁରୁ ଶକ୍ତିର ସାହାଯ୍ୟ ଓ କୃପା ହରାଇଲେ ସାଧକର ଜୀବନରେ ଯେ କେତେ କ'ଣ ବାଧାବିଘ୍ନ ଆସେ, ସେସବୁକୁ ନିତି ପ୍ରତିପଦରେ ବୁଝି ପାରିଛି, କେବଳ ଆଲୋକ ଓ ଛାୟାର ଖେଳା ବା ମାୟାଜାଲରେ ଛନ୍ଦି ହୋଇ ପଡ଼ିଛି । ଏଥିରୁ ଉଦ୍ଧାର ପାଇବାକୁ ବିନ୍ଦୁ ମାତ୍ର ଶକ୍ତି-ସାମର୍ଥ୍ୟ ନାହିଁ । ସେହି ଭଦ୍ରଲୋକ ଯଦି ମରି ଯାଇ ନଥା'ନ୍ତେ, ତେବେ ବିବାହ ହୋଇ ଯାଇଥା'ନ୍ତା, ବାଧା ଦେବାର ଶକ୍ତି ନଥିଲା । ବୋଧହୁଏ ଗୁରୁଙ୍କ କୃପାରୁ ଘଟଣାଚକ୍ରରେ ମୋର ବିବାହ ବନ୍ଦ ହୋଇଗଲା ।

''ସ୍ମରଣରେ ଆସିଲା ବ୍ରହ୍ମଚାରୀ ବାବାଙ୍କ ପତ୍ର ଯାହା ଋଷିକେଶରେ ପାଇଥିଲି, 'ବିବାହ ପରି କର୍ମପାଶ ମୁଁ ଛେଦନ କରିପାରେ ।'

''ପୁଣି ସ୍ମରଣରେ ଆସିଲା ନିର୍ଜନ, ଏକାନ୍ତ ଲଛମନ୍ ଝୋଲା ନିକଟସ୍ଥ ପାହାଡ଼ର ପାଦଦେଶରେ ଗଙ୍ଗାର ଠିକ୍ ଉପରେ ଗୁମ୍ଫା ସଦୃଶ ଛୋଟ କୁଡ଼ିଆରେ ଥିବା ବେଳେ ତୀବ୍ର ଚେଷ୍ଟା କରି ମଧ ସାଧନାରେ ମୋର ସେହି ଏକାଗ୍ର ନିଷ୍ଠା, ଆତ୍ମସ୍ଥ ହେବାର ବା ସମାଧି ଅବସ୍ଥା ପ୍ରାପ୍ତ ହେବାର ସେଇ ସାମର୍ଥ୍ୟ ପାଇପାରୁ ନଥାଏ । ପ୍ରଥମ କାରଣ କରୁଣାମୟ ଗୁରୁଦେବଙ୍କର ଶରୀର ତ୍ୟାଗର ବେଦନା ମନରେ ଅତି ତୀବ୍ର ଥିଲା । ଆଉ ଦ୍ୱିତୀୟ କାରଣ ଥିଲା ସେତେବେଳେ ନିମ୍ନ ପ୍ରାଣର ଆବେଗ ପ୍ରବଳ ହୋଇ ଉଠିଥିଲା । ଏପରି ଆବେଗ ଗୁରୁଙ୍କଠାରୁ ଦୀକ୍ଷା ନେବା ପରେ କେବେ ବି ହୋଇ ନଥିଲା । ସେଇଠୁ ବୁଝିଲି ଯେ ଗୁରୁଙ୍କ ପ୍ରତି ଯେଉଁ କୃତଘ୍ନ ବ୍ୟବହାର ଓ ବିଶ୍ୱାସଘାତକତା କରିଛି, ସେସବୁର ଫଳ ମୋତେ ଭୋଗ କରିବାକୁ ହେବ, ଏଥିରୁ ଅବ୍ୟାହତି ନାହିଁ । ମନେ ମନେ ସ୍ଥିର କଲି ମିଥ୍ୟାଚାର ଅପେକ୍ଷା ସଂସାରକୁ ଫେରିଯାଇ ବିବାହ କରିବି । ଜଣେ ଆତ୍ମୀୟ ବନ୍ଧୁଙ୍କ ନିକଟକୁ ଖଣ୍ଡେ ଚିଠି ଲେଖିଲି ଯେ ମୁଁ ସଂସାରକୁ ଫେରି ଆସୁଛି । କିନ୍ତୁ ଚିଠି ଖଣ୍ଡିକ ପୋଷ୍ଟ କରି ନଥାଏ । ସେହି ରାତ୍ରିରେ ଗୁମ୍ଫା ମଧ୍ୟରେ ସ୍ୱପ୍ନରେ ବାଣୀଟିଏ ପାଇଲି : 'ଘରବାଡ଼ି, ଆଶ୍ରୟ ଯାହାର ଅପଗତ ହୋଇଛି ସେମିତି ସାଧୁ-ସନ୍ନ୍ୟାସୀ ସଦୃଶ ଆହୁରି ଆଠ, ଦଶ ଜଣ ବ୍ୟକ୍ତି ଆବଶ୍ୟକ ।'... ପ୍ରଭାତ ହେବାରୁ ଲେଖିଥିବା ଚିଠିଟିକୁ ଚିରି ଖଣ୍ଡ ଖଣ୍ଡ କରି ଫୋପାଡ଼ି ଦେଇଥିଲି ।...

''ଏବେ କିନ୍ତୁ ସେହି ଗୃହୀଭକ୍ତଙ୍କ ନିକଟକୁ ଲେଖିଥିବା ପତ୍ରର କୌଣସି ଉତ୍ତର ଆସୁ ନଥାଏ । ପୁନଶ୍ଚ ମୋ ବିବାହ ସମ୍ବନ୍ଧେ ଘରେ ଉପରୋକ୍ତ ଘଟଣାର ଠିକ୍ ପରେ ପରେହିଁ ସୌଭାଗ୍ୟକ୍ରମେ ମୁଁ ନିଜେ ବ୍ରହ୍ମଚାରୀ ବାବାଙ୍କୁ ସ୍ୱପ୍ନରେ ଦେଖିଲି ଓ ତାଙ୍କର ବାଣୀ ଶୁଣିଲି । ଦୃଶ୍ୟଟି ଥିଲା ଏହିପରି :

''ଆଦେଶପ୍ରାପ୍ତ ପୂର୍ବୋକ୍ତ ଗୃହୀଭକ୍ତ, ଅର୍ଥାତ୍ ଗୁରୁଭାଇଙ୍କର ଆଖି ଦୁଇଟିରେ ପଟି ବନ୍ଧା, ଯେପରି ତାଙ୍କ ଆଖିରେ କିଛି କ୍ଷତ ହୋଇଛି । ଗୁରୁଦେବ ତାଙ୍କ ସମ୍ମୁଖରେ ଠିଆ ହୋଇ ଅତି ବିଷାଦପୂର୍ଣ୍ଣ ଭାବରେ ତାଙ୍କୁ ଲକ୍ଷ୍ୟ କରି କହୁଛନ୍ତି : 'ମୁଁ ବୁଝିପାରୁ ନାହିଁ, ଯୋଗଦା କାହିଁକି ବିବାହ କରିବାକୁ ଚାହେଁ ?' – ସ୍ୱପ୍ନରେ ଏହି ଦୃଶ୍ୟ ଦେଖି ଏବଂ ଗୁରୁଦେବଙ୍କର ବିଷାଦପୂର୍ଣ୍ଣ ଭାବ ଓ ଉଦାସପୂର୍ଣ୍ଣ ବାଣୀ ଶୁଣି ଗୁରୁଭାଇଙ୍କର ଅବସ୍ଥା ମଧ ବୁଝିଲି ଏବଂ ମୋର ବିବାହରେ ଗୁରୁଦେବଙ୍କର ଏକାନ୍ତ ଅନିଚ୍ଛା ମଧ ଶୁଣିଲି ଓ ହୃଦୟଙ୍ଗମ କଲି । ପରଦିନ ଭାଇମାନଙ୍କୁ ସ୍ପଷ୍ଟ କହିଦେଲି ଯେ ସେମାନେ ମୋର ବିବାହ ପାଇଁ କେବେ ବି ଚେଷ୍ଟା କରିବେ ନାହିଁ ।... ଏହାର କିଛି ଦିନ ପରେ ମୁଁ ଏକବସ୍ତ୍ର ହୋଇ ଘର ଛାଡ଼ି ବାହାରି ପଡ଼ିଲି । ରାସ୍ତା ଉପରକୁ ଆସି ମନେ ମନେ ଦୃଢ଼ ସଂକଳ୍ପ କଲି – ଏଥର ସିଧା ପଣ୍ଡିଚେରୀ, ଆଉ କୁଆଡ଼େ ନୁହେଁ ।

''ମଧ୍ୟାହ୍ନରେ ଏକବସ୍ତ୍ର ହୋଇ ଘରୁ ବାହାରି ଅଠର ମାଇଲ ଚାଲି ଚାଲି ସନ୍ଧ୍ୟା ପରେ ଲକ୍ଷ୍ମୀୟା ଆଶ୍ରମରେ ପହଞ୍ଚିଲି ।... ସେହି ରାତ୍ରିରେ ମୋର ଚତୁର୍ଥ ଭାଇ ଲକ୍ଷ୍ମୀୟାରେ ପହଞ୍ଚି ମୋତେ ଘରକୁ ଫେରାଇ ନେବା ପାଇଁ ବହୁତ କନ୍ଦାକଟା କଲା ।... ବଡ଼ ଦୁଃଖ ଲାଗିଲା । କିନ୍ତୁ ପଣ୍ଡିଚେରୀ ମୋତେ ଯିବାକୁହିଁ ହେବ । ସେ ନିରାଶ ହୋଇ ଫେରିଗଲା ।... ଭଗବତ୍ ଇଚ୍ଛା ଓ କରୁଣା ଉପରେ ମୋର ସମଗ୍ର ପରିବାରକୁ ସମର୍ପଣ କରି ଦେଇ ନିଶ୍ଚିନ୍ତ ରହିଲି । ପରଦିନ ସକାଳୁ ଲକ୍ଷ୍ମୀୟା ଆଶ୍ରମରେ ଥିବା ଗୁରୁଭାଇ ମୋକ୍ଷଦାନନ୍ଦଙ୍କ ନିକଟରୁ ବିଦାୟ ନେଇ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲି । ମୋକ୍ଷଦାନନ୍ଦ ଗ୍ରାମର କାହାଠାରୁ ଦୁଇ ଟଙ୍କା ଭିକ୍ଷା କରି ଆଣିଥିଲେ, ସେତକ ମୋ ହାତକୁ ବଢ଼ାଇ ଦେଲେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ବାସ୍ତବିକ ସେହି ବ୍ୟକ୍ତି ହେଉଛି ସୁଖୀ ଯିଏ ଭଗବାନଙ୍କୁ ଭଲପାଏ, କାରଣ ଭଗବାନ୍ ତା' ସହିତ ସର୍ବଦା ରହିଥା'ନ୍ତି ।

– ଶ୍ରୀମା

# କେବଳ ଏକ

## ଆକାଶ

କେବଳ ଏକ ହିଁ କଥା, ଏକ ହିଁ ଲକ୍ଷ୍ୟ, ଏକ ହିଁ ଭଗବାନ୍, ଏକ ହିଁ ସତ୍ୟ । ତେବେ ମଣିଷ ମଧ୍ୟରେ ଏତେ ମତଭେଦ, ମତପାର୍ଥକ୍ୟ ଇତ୍ୟାଦି ଦେଖାଦିଏ କାହିଁକି ? ସେସବୁ ଆସେ ମିଥ୍ୟାଚାରରୁ, ଅଜ୍ଞାନତାରୁ, ଭୁଲ୍ ବୁଝାମଣାରୁ; ବିଚାର ଭେଦରେ ସତ୍ୟର ପୃଥକ୍ ରୂପ ଦେଖାଦିଏ; କିନ୍ତୁ ଦିବ୍ୟସତ୍ୟ ଚେତନାରେ ପ୍ରତିଷ୍ଠିତ ହେଲେ ମତ ବା କାହିଁ ? ଭେଦ ବା କାହିଁ ?

ଏହି ବିଷୟରେ ଶ୍ରୀମା କହିଛନ୍ତି, ''ସବୁକିଛିର ମୂଲ୍ୟ ହେଉଛି ଶୂନ୍; କେବଳ ଗୋଟିଏ ବିଷୟର ମୂଲ୍ୟ ରହିଛି ।'' ଏଥିରୁ ମନେହୁଏ ଯେଉଁଥିରେ ପରମ ସତ୍ୟର ପ୍ରକାଶ ଅଛି ତାହାରି କେବଳ ମୂଲ୍ୟ ଅଛି । ଅନ୍ୟସବୁର ମୂଲ୍ୟ ଶୂନ୍ । ସେଥିପାଇଁ କେବଳ ଭଗବାନଙ୍କୁ ହିଁ ଯଦି କେହି ଉପଲବ୍ଧି କରେ ବା ସେହି ଦିବ୍ୟଚେତନାରେ ସିଦ୍ଧିପ୍ରାପ୍ତ କରେ, ତେବେ ତାକୁହିଁ କୁହାଯାଏ କୈବଲ୍ୟ ସିଦ୍ଧି ।

ଏତେ ବଡ଼ ମହାନ୍ କଥାଟିକୁ ମହାପୁରୁଷ ଶ୍ରୀରାମକୃଷ୍ଣ ଛୋଟ ନିତିଦିନିଆ କଥାରେ ବଡ଼ ସୁନ୍ଦର ଭାବରେ ବୁଝାଇ ଦେଇଛନ୍ତି । ସେ ଥରେ କହିଥିଲେ, ''ତୁମେ ପାଣିକୁ 'ପାଣି' କୁହ ବା 'ଜଲ୍' କୁହ, ବା 'ୱାଟର୍' କୁହ, ପାଣି ତ ପାଣି । ଏ ସଂପର୍କରେ ଆଉ ଗୋଟିଏ ଛୋଟ ବିଦେଶୀ ଗଳ୍ପ ଅଛି । ବେଶ୍ ମଜାର ଗଳ୍ପ । ଏ ଗଳ୍ପଟି ପର୍ସିଆର ଜଣେ ଜ୍ଞାନୀଗୁଣୀ ବ୍ୟକ୍ତି କହିଛନ୍ତି । ଗଳ୍ପଟି ଏହିପରି ।

''ଥରେ ଜଣେ ଜ୍ଞାନୀ ବ୍ୟକ୍ତି ତାଙ୍କର ଚାରିଜଣ ଶିଷ୍ୟଙ୍କୁ 'ଦିରାମ୍' ନାମକ ମୁଦ୍ରାଟିଏ ଦେଇ କହିଲେ, ''ତୁମେ ଚାରିଜଣ ଏଥିରେ କିଛି କିଣି ଖାଇବ ।''

ପ୍ରଥମ ଜଣକ ଥିଲା ପାର୍ସି; ସେ କହିଲା, ''ଚାଲ ଏଥିରେ ଅଙ୍ଗୁର କିଣି ଖାଇବା ।'' ତତ୍‌କ୍ଷଣାତ୍ ସେମାନଙ୍କ ମଧ୍ୟରେ ଥିବା ଆରବର ଲୋକ କହିଲା ''ହେଃ ତୋର ବୁଦ୍ଧି ନାହିଁ ନା କ'ଣ ? ଅଙ୍ଗୁର ନ କିଣି ସେଥିରେ ଆମେ କିଣିବା ଇନାବ୍'' । ତୃତୀୟ ବ୍ୟକ୍ତିଟି ଥିଲା ତୁର୍କୀ; ସେ କହିଲା, ''ହେଃ ଯାହାସବୁ ବାଜେ କଥା ତୁମମାନଙ୍କ ମଥାକୁ ଜୁଟେ । 'ଅଙ୍ଗୁର' କ'ଣ ? ପୁଣି 'ଇନାବ୍' ବା କ'ଣ ? ହେ ବୋକାମାନେ ସେସବୁ ଅଙ୍ଗୁର, ଇନାବ୍ ସେଥିରେ କିଣା ହେବ ନାହିଁ । ମୁଁ ଯାଉଛି ସେଥିରେ କିଣି ଆଣିବି 'ଉଜୁମ୍' ।'' ଚତୁର୍ଥ ଓ ଶେଷ ବ୍ୟକ୍ତିଟି ଥିଲା ଗ୍ରୀକ୍ । ଅଳ୍ପ ହସି ସେ କହିଲା, ''ଏତେ ମତଭେଦ କାହିଁକି ? ଦେଖିବ ମୁଁ ଯାହା କିଣି ଆଣିବି ସମସ୍ତେ ମିଶି ଖାଇବା । ତାକୁ ସମସ୍ତେ ଖୁସିରେ ଖାଇବେ । ତେଣୁ ଏସବୁ ଯୁକ୍ତିତର୍କ ଶେଷ କରି ମୋତେ ମୁଦ୍ରାଟି ଦିଅ । ମୁଁ ସେଥିରେ କିଣି ଆଣିବି କିଛି 'ଇସ୍ତାଫିଲ୍', ଭାରି ବଢ଼ିଆ ଲାଗିବ । ଖାଇକରି ଦେଖନା !''

ଏଭଳି କୁହାକୁହି ହୋଇ ସେମାନେ ନିଜ ମଧ୍ୟରେ ଯୁକ୍ତିତର୍କ କଲେ; ତା'ପରେ ତୁମୁଳ ଭାବରେ ଝଗଡ଼ା ହେଲା । ଶେଷକୁ ହାତାହାତି ମଧ୍ୟ ହୋଇଗଲା, କିନ୍ତୁ ସେମାନେ ଜାଣି ନ ଥିଲେ ଯେ ସେମାନେ ସମସ୍ତେ ଅଙ୍ଗୁରହିଁ ଖାଇବାକୁ ଚାହାନ୍ତି । ବୋଧହୁଏ ପରେ ଗୁରୁ ଆସି ପ୍ରକୃତ ସତ୍ୟର ଉନ୍ମୋଚନ କଲେ । ସମସ୍ତେ ଲଜ୍ଜିତ ହେଲେ ଓ ଖୁବ୍ ହସିଲେ ।

ସତ୍ୟ ହେଉଛି ଏକ, କେବଳ ଏକ ହିଁ ସତ୍ୟ । ଠିକ୍ ଯେପରି ଭଗବାନ୍ ଏକ ହେଲେ ମଧ୍ୟ ତାଙ୍କୁ ଭିନ୍ନ ଭିନ୍ନ ରୂପରେ ପୂଜା କରାଯାଏ । ବିଭିନ୍ନ ସ୍ତରରେ ଓ ପରିପ୍ରେକ୍ଷୀରେ ସତ୍ୟ ଭିନ୍ନ ଭିନ୍ନ ରୂପରେ ଦେଖାଯାଏ । ତେବେ ଯଦି ଚେତନାରେ ଦିବ୍ୟସତ୍ୟ ଉପଲବ୍ଧ ହୋଇଥାଏ ଓ ପ୍ରତିଷ୍ଠିତ ହୋଇ ରହିଥାଏ, ତେବେ ସେପରି ବ୍ୟକ୍ତିଙ୍କୁ କୁହାଯାଏ ''ସତ୍ୟବାକ୍'' (ଯିଏ ସତ୍ୟ ବ୍ୟତୀତ ଆଉ କିଛି କୁହେ ନାହିଁ) କିଂବା ''ବାକ୍‌ସିଦ୍ଧ'' (ଯାହାର ବାକ୍ୟ ସତ୍ୟସିଦ୍ଧ ହୋଇ ରହିଥାଏ) । ସେ ଯାହା କହିବ ତାହା ସତ୍ୟ ହିଁ ହେବ । ଯେତେବେଳେ ସେ ସତ୍ୟ ବ୍ୟତୀତ ଆଉ କିଛି କହିପାରିବ ନାହିଁ ସେତେବେଳେ ସିଏ ଯାହା କହିବ ତାହା ହେବ ସତ୍ୟ । ଏ ସଂପର୍କରେ ଦୁଇଟି ଗଳ୍ପ –

ଥରେ ବ୍ୟାସଦେବ ଯମୁନାକୂଳରେ ବସି ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ଦୃଶ୍ୟ ଦେଖୁଥା'ନ୍ତି । ସେତିକିବେଳେ ଗୋପୀମାନେ ଦୁଧ, ଦହି, ଛେନା, ଲହୁଣି, ଘିଅ ସବୁ ଧରି ସେଠାକୁ ଆସିଲେ । ଅନତି ଦୂରରେ ଘାଟ ଅଛି । ସେଠାରେ ସର୍ବଦା ନୌକାଟିଏ ଧରି ନାଉରୀଟିଏ ଥାଏ, ଲୋକମାନଙ୍କୁ ନଦୀପାର କରି ଦେବାକୁ । ଦୁର୍ଦୈବକୁ ସେଦିନ ନାଉରି ନାହିଁ ବା ନୌକା ବି ନାହିଁ । ଗୋପୀମାନେ ବଡ଼ ବ୍ୟସ୍ତ ଚିନ୍ତିତ ହୋଇ

ପଡ଼ିଲେ । କାହିଁ ଦୂରଦୂରାନ୍ତ ମଧ୍ୟରେ ବି ନୌକାର ପତ୍ତା ନାହିଁ ! ବଡ଼ ନିରାଶ ଓ ବିବ୍ରତ ହୋଇ ସେମାନେ କେବଳ ନାଉରିର ପଥ ଚାହିଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସି ରହିଲେ । ବହୁ ସମୟ ଅପେକ୍ଷା କରିବା ପରେ ସେମାନେ ବ୍ୟାସଙ୍କ ନିକଟକୁ ଆସି କହିଲେ, ''ଋଷିବର, ଆମେ ବଡ଼ ବିପଦରେ ପଡ଼ିଛୁ । ଆମେ ଆରପାରିକୁ ଯିବୁ ଜିନିଷ ବିକ୍ରି କରିବାକୁ ଅଥଚ ନୌକା ବା ନାଉରି କେହି କେଉଁଠାରେ ଦେଖାଯାଉ ନାହାନ୍ତି । ଆପଣ ଏ ଏଥିପାଇଁ କିଛି ଉପାୟ କରନ୍ତୁ ।''

ବ୍ୟାସଦେବ ଅଳ୍ପ ହସି କହିଲେ, ''ହେ ଗୋପୀଗଣ, ଆଜି ପ୍ରଭାତରୁ ମୁଁ ଏହିଠାରେ ବସି ରହି ପ୍ରକୃତିର ସୌନ୍ଦର୍ଯ୍ୟ ଅବଲୋକନ କରି ମୁହୁର୍ମୁହୁଃ ପୁଲକିତ ହେଉଛି । ସୌନ୍ଦର୍ଯ୍ୟର ଐଶ୍ୱର୍ଯ୍ୟରେ ମୋର ମନ, ପ୍ରାଣ ବ୍ୟାପ୍ଳୁତ ହୋଇ ରହିଥିଲା । କିନ୍ତୁ ଏବେ ତୁମମାନଙ୍କର ଆକୁଳ କଥା ମୋତେ ବାହ୍ୟ ଚେତନାକୁ ଫେରାଇ ଆଣିଲା । କ୍ଷୁଧା ପିପାସାରେ ମୋର ଶରୀର ଅବଶ । ଯଦି ମୋର କ୍ଷୁଧା ପିପାସା ନିବାରଣ କରିବାରେ ତୁମେମାନେ ପ୍ରଚେଷ୍ଟା କରିବ, ତେବେ ମୁଁ ମଧ୍ୟ ତୁମମାନଙ୍କର ବ୍ୟାକୁଳତା ଦୂର କରିବାକୁ ପ୍ରଚେଷ୍ଟା କରିବି ।'' ''ନିଶ୍ଚୟ, ନିଶ୍ଚୟ'' କହି ଗୋପୀମାନେ ତାଙ୍କୁ ଯଥେଷ୍ଟ ଖାଦ୍ୟ ଖୁଆଇଲେ । ତା'ପରେ ବ୍ୟାସଦେବ ଖୁସି ହୋଇ କହିଲେ, ''ମୁଁ ମଧ୍ୟ ଯମୁନାର ଆରପାରିକୁ ଯିବାକୁ ଚାହେଁ । ମୋ ସହିତ ତୁମେମାନେ ଆସ ।'' ଏତିକି କହି ସେ ଯମୁନା କୂଳରେ ଯାଇ ପହଞ୍ଚିଲେ । ଗୋପୀମାନେ ତାଙ୍କର ଅନୁଗମନ କଲେ । ବ୍ୟାସଦେବ ଯମୁନା ନଦୀର ଜଳ ନିକଟରେ ଦଣ୍ଡାୟମାନ ହୋଇ ବଡ଼ ନମ୍ର ଭାବରେ କହିଲେ, ''ହେ ପୁଣ୍ୟମୟୀ ଯମୁନା, ମୁଁ ଯଦି ଅନାହାରରେ ରହିଥିବି, ତେବେ ତୁମର ଜଳ ଦୁଇଭାଗ ହୋଇଯାଉ; ତୁମେ ମୋତେ ପଥ ଦିଅ, ମୁଁ ଆରପାରିକୁ ଯିବି ।''

ତତ୍‌କ୍ଷଣାତ୍ ଯମୁନାର ଜଳ ଦୁଇଭାଗ ହୋଇଗଲା; ଆରପାରିକୁ ଯିବା ପାଇଁ ସୁନ୍ଦର ପଥଟିଏ ପ୍ରସ୍ତୁତ ହୋଇଗଲା । ସେହି ପଥ ମଧ୍ୟ ଦେଇ ଚାଲିଥା'ନ୍ତି ଭଗବାନ୍ ବ୍ୟାସ ଓ ତାଙ୍କର ଅନୁଗମନ କରୁଥା'ନ୍ତି ଗୋପୀମାନେ ।

''ଆଶ୍ଚର୍ଯ୍ୟ, ଅତି ଆଶ୍ଚର୍ଯ୍ୟ'' ଗୋପୀମାନେ ପରସ୍ପରକୁ ଚାହିଁ କହିଲେ । ''ଏଭଳି ବିସ୍ମୟକର ଘଟଣା ତ ଆମେ କେବେ ମଧ୍ୟ ଦେଖି ନ ଥିଲୁ ! ଏଇ ତ ଆମ ଆଖି ଆଗରେ ବସି ଆମେ ଦେଇଥିବା ଖାଦ୍ୟସବୁ ଋଷି ପେଟ ଭରି ଖାଇଲେ; ଏବେ ପୁଣି କ'ଣ ନା ନିଜକୁ ଅନାହାରୀ କହିବାରୁ ଯମୁନା ପଥ ଦେଇ ଦେଲା ?''

ବ୍ୟାସଦେବ କେବଳ ସ୍ମିତ ହାସ୍ୟ କରୁଥିଲେ । ଏସବୁର ପଶ୍ଚାତ୍‌ରେ ଥିବା ସତ୍ୟ ମନେହୁଏ ରହସ୍ୟମୟ । କିନ୍ତୁ ପ୍ରକୃତରେ ତାହା ଅତି ସ୍ୱଚ୍ଛ ଓ ପ୍ରାଞ୍ଜଳ । କାରଣ ଚେତନା ମଧ୍ୟରେ ଦିବ୍ୟ ସତ୍ୟ ପ୍ରତିଷ୍ଠିତ ହେଲେ ବାହ୍ୟ ଭାବରେ ଥିବା ଦ୍ୱନ୍ଦ୍ୱସବୁର ମୂଲ୍ୟ କିଛି ରହେ ନାହିଁ । ସେପରି ଚେତନା ଦ୍ୱନ୍ଦ୍ୱାତୀତ, ବରଂ ସମସ୍ତ କିଛିର ଅତୀତ ପରମସତ୍ୟର ଐଶ୍ୱର୍ଯ୍ୟରେ ସର୍ବଶକ୍ତିମାନ୍ । ସେହି ଚେତନା ମଧ୍ୟରେ ଭଗବତ୍ ସତ୍ୟ ଥାଏ ବୋଲି ସେଠାରେ ଯେଉଁ କଥାର ସ୍ଫୁରଣ ହେବ ତାହାହିଁ ହେବ ସତ୍ୟ । ଠିକ୍ ଯେପରି ଭଗବାନ୍ କହିଲେ, "Let there be light and there was light." ଏକଥା ଅନ୍ୟ କେହି କହିଲେ ହେବ ନାହିଁ । ଯେହେତୁ ଭଗବାନଙ୍କ ଦିବ୍ୟଚେତନାରୁ ତାହା ଆସିଲା, ତେଣୁ ତତ୍‌କ୍ଷଣାତ୍ ତାହା କାର୍ଯ୍ୟକାରୀ ହେଲା । କାରଣ ପ୍ରତ୍ୟେକ ଧୂଳିକଣାଠାରୁ ବିଶ୍ୱବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ଯିଏ ପୂରି ରହିଛନ୍ତି ସେ ଭଗବାନ୍ । ତେଣୁ ଭଗବତ୍ ଚେତନା ମଧ୍ୟରୁ କୌଣସି ଦିବ୍ୟ-ଇପ୍‌ସାର ଉଚ୍ଚାରଣ ହେବା ମାତ୍ରେ ତାହା ଅନ୍ୟ ଯେକୌଣସି ବସ୍ତୁ ମଧ୍ୟରୁ ପ୍ରକଟ ହେବ, ସନ୍ଦେହ ନାହିଁ ।

ଏ ସଂପର୍କରେ ଅନ୍ୟ ଗୋଟିଏ ଗଳ୍ପ ଅଛି । ତାହା ହେଉଛି ଏହିପରି : ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ଅନେକ ଶିଷ୍ୟ ଜ୍ଞାନ ଅର୍ଜନ କରିବାକୁ ଆସି ରହିଥା'ନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିକ୍ଷାଲାଭ କରିବା ପରେ କିଏ ବା ସଂସାରକୁ ଫେରିଯାଏ; କିଏ ବା ଆଧ୍ୟାତ୍ମିକ ଜୀବନ ବିତାଏ । ସେହିପରି ଜଣେ ଶିଷ୍ୟ ଗୁରୁଙ୍କ ନିକଟରେ ଶିକ୍ଷା ସମାପ୍ତ କରି ଆଧ୍ୟାତ୍ମିକ ଜୀବନ ବିତାଇବା ପାଇଁ ମନସ୍ଥ କରିଥା'ନ୍ତି । ବଶିଷ୍ଠଙ୍କ ଆଶ୍ରମ ନିକଟରେ ବହି ଯାଉଥିବା ନଦୀର ଆରପାରିରେ ସେହି ନବୀନ ସାଧକଟି କୁଟୀର ରଚନା କରି ଲୋକାଳୟରୁ ଦୂରରେ ଥାଇ ସାଧନା କରୁଥା'ନ୍ତି । ବଶିଷ୍ଠଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ନବୀନ ସାଧକଙ୍କ ପ୍ରତି ସ୍ନେହବଶରେ ପ୍ରତିଦିନ କିଛି ଖାଦ୍ୟ ଦେଇ ଆସନ୍ତି ତାଙ୍କ କୁଟୀରରେ । ସେଥିପାଇଁ ପ୍ରତିଦିନ ତାଙ୍କୁ ନଦୀ ପାର ହୋଇ ଯିବାକୁ ପଡ଼େ । ଥରେ ନଦୀରେ ଆସିଲା ବନ୍ୟା । ଦେବୀ ଅରୁନ୍ଧତୀ ଖାଦ୍ୟ ପ୍ରସ୍ତୁତ କରି ଦେଖିଲେ ନଦୀ ଜଳପୂର୍ଣ୍ଣ ଓ ସ୍ରୋତ ମଧ୍ୟ ପ୍ରଖର । ସେ ବଶିଷ୍ଠଙ୍କୁ କହିଲେ, ''ଏଭଳି ଜଳପୂର୍ଣ୍ଣ ନଦୀକୁ ମୁଁ କିପରି ପାର ହୋଇ ଯିବି ?

ନଦୀ ପାର ହେବା ପାଇଁ କୌଣସି ନୌକା ତ ନାହିଁ । ଏବେ କ'ଣ କରାଯିବ ?''

''ଉପାୟ ଅଛି ଦେବୀ । ତୁମେ ଖାଦ୍ୟ ନେଇ ନଦୀତଟକୁ ଯାଇ ହାତ ଯୋଡ଼ି ନଦୀକୁ କୁହ – ହେ ନଦୀ, ଆରପାରିକୁ ମୋତେ ଯିବାକୁ ହେବ । ନିତ୍ୟବ୍ରହ୍ମଚାରୀ ବଶିଷ୍ଠ କହିଛନ୍ତି ମୋତେ ପଥ ଦିଅ ।''

ଅରୁନ୍ଧତୀ ସ୍ୱାମୀଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କଲେ । ତାଙ୍କ ମୁଖନିଃସୃତ କଥା ଶେଷ ହେବା ମାତ୍ରେ ନଦୀର ଜଳ ଦୁଇଭାଗ ହୋଇଗଲା ଓ ସେ ସହଜରେ ଚାଲି ଚାଲି ଯାଇ ଆରପାରିରେ ପହଞ୍ଚିଲେ । ସେଠାରେ ପହଞ୍ଚି ସେ ନବୀନ ସାଧକଙ୍କୁ ଖାଦ୍ୟ ପରଷି ଦେଲେ । ଅତି ଆନନ୍ଦରେ ସେ ଭୋଜନ କଲେ; କାରଣ ବର୍ଷାଋତୁର ଏହି ଦୁର୍ଦ୍ଦିନରେ ଯେ ଅରୁନ୍ଧତୀ ଖାଦ୍ୟ ନେଇ ଆସିବେ ସେକଥା ସେ ଆଶା କରି ନ ଥିଲେ । ତା'ପରେ ଅରୁନ୍ଧତୀ ବ୍ୟସ୍ତ ହୋଇ କହିଲେ, ''ବତ୍ସ, ମୁଁ ଏବେ ଆରପାରିକୁ ଯିବି କିପରି ?''

–''କିନ୍ତୁ ହେ ମାତଃ, ଏହି ବନ୍ୟା ଜଳଭରା ନଦୀକୁ ପାର ହୋଇ ଏପାରିକୁ ଆପଣ ଆସିଲେ ବା କିପରି ?'' ପଚାରିଲେ ନବୀନ ସାଧକ । ''ବତ୍ସ, ଆସିବା ବେଳେ ବଶିଷ୍ଠ କହିଲେ ଯେ ନଦୀକୁ ଯାଇ କୁହ 'ନିତ୍ୟବ୍ରହ୍ମଚାରୀ ବଶିଷ୍ଠ କହିଛନ୍ତି ମୋତେ ପଥ ଦେ ।' ଏପରି କହିବା ମାତ୍ରେ ଜଳ ଦୁଇଭାଗ ହୋଇ ମୋତେ ପଥ ମିଳିଲା । କିନ୍ତୁ ଏବେ ତ ତାଙ୍କ କଥା ଶେଷ ହୋଇଗଲା । ଏପଟରୁ କିପରି ଆରପଟକୁ ଯିବି ସେ ବିଷୟରେ ତ ସେ କିଛି କହି ନାହାନ୍ତି । କ'ଣ କରାଯିବ ଏବେ ?''

''ମାତା ଆପଣ ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ମୁଁ ବଶିଷ୍ଠ ଦେବଙ୍କ ଶିଷ୍ୟ କହୁଛି ଆପଣ ଯାଇ ନଦୀକୁ କହିବେ, ''ନିତ୍ୟ ଅନାହାରୀ ବଶିଷ୍ଠଙ୍କ ଶିଷ୍ୟ କହିଛନ୍ତି, ହେ ନଦୀ ମୋତେ ପଥ ଦେ ।' ତା'ପରେ ସହଜ ଭାବରେ ଆପଣ ନଦୀ ମଧ୍ୟରେ ଚାଲିଚାଲି ଆରପାରିକୁ ଫେରିଯାଇ ପାରିବେ ।''

ଅରୁନ୍ଧତୀ ତାହାହିଁ କଲେ । ଆଶ୍ଚର୍ଯ୍ୟ । ନଦୀର ପାଣି ଦୁଇପଟରେ ରହିଗଲା ଓ ନଦୀ ପଥ ଦେଲା । ଅରୁନ୍ଧତୀ ଚାଲିଚାଲି ଯାଇ ଅନ୍ୟ ତଟରେ ପହଞ୍ଚିଲେ ।

ଏସବୁର ରହସ୍ୟ ସେ ବୋଧହୁଏ ହୃଦୟଙ୍ଗମ କରି ପାରିଲେ ନାହିଁ । ବଶିଷ୍ଠଙ୍କ ନିକଟରେ ପହଞ୍ଚି ସେ କହିଲେ, ''ଆପଣ ବିବାହିତ, ମୁଁ ଆପଣଙ୍କ ସ୍ତ୍ରୀ ସଶରୀରେ ବିଦ୍ୟମାନ । ତଥାପି ଆପଣ ନିତ୍ୟବ୍ରହ୍ମଚାରୀ ହେଲେ କିପରି ? ଏବଂ ଏତେ ବଡ଼ ମିଥ୍ୟା କଥା ଶୁଣି ପ୍ରକୃତି ମଧ୍ୟ ମାନିଯାଇ ରାସ୍ତା ଦେଲା ? ପୁଣି ଆପଣଙ୍କ ଶିଷ୍ୟକୁ ତ ମୁଁ ପ୍ରତିଦିନ ଖାଇବାକୁ ନେଇ ଦେଉଛି; ଅଥଚ ସେ କିପରି, 'ନିତ୍ୟ ଅନାହାରୀ' ହେଲା ? ପୁଣି ଏପରି ସବୁ ଭୁଲ୍ କଥା ନଦୀ କିପରି ମାନି ନେଉଛି ? ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ମୋତେ ।'' ସ୍ମିତ ହସି ବଶିଷ୍ଠ କହିଲେ, ''ଦେବୀ, ଏସବୁ ବାହ୍ୟ କଥାରେ କିଛି ବିଶେଷ ଅର୍ଥ ନ ଥାଏ । କାହାର ଚେତନାରୁ କଥାଟି ଆସୁଛି ତାହାହିଁ ତାତ୍ପର୍ଯ୍ୟପୂର୍ଣ୍ଣ । ଯାହାର ଚେତନାରେ ପରମସତ୍ୟ ପ୍ରତିଷ୍ଠିତ ହୋଇଥାଏ ତାହାର ବାକ୍‌ସିଦ୍ଧି ହୋଇଥାଏ । ତେଣୁ ସେ ଯାହା କହେ ତାହାହିଁ ସତ୍ୟ ହୋଇଥାଏ । ସମସ୍ତ କିଛି ମଧ୍ୟରେ ଥିବା ଭଗବତ୍ ସତ୍ୟକୁ, ସତ୍ୟ ଉପଲବ୍ଧି କରିଥିବା କେହି ବ୍ୟକ୍ତି ଯଦି ଉଦ୍ରେକ କରାଏ; ତେବେ ତାହା ସେହି ଭଗବାନଙ୍କ ଇଚ୍ଛା ଅନୁସାରେ ସତ୍ୟହିଁ ହୋଇଥାଏ । ଆଜି ମୁଁ ବିଶେଷ ଭାବରେ ଖୁସି ହେଲି ଯେ ମୋର ଶିଷ୍ୟ ସେହି ପରମସତ୍ୟକୁ ନିଜ ମଧ୍ୟରେ ପ୍ରତିଷ୍ଠିତ କରାଇ ସାରିଛି । ସତ୍ୟର ସେହି ଉଚ୍ଚତମ ସ୍ତରରେ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ବା ଆହାରୀ ଓ ଅନାହାରୀ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତାହା ଦ୍ୱନ୍ଦ୍ୱାତୀତ । ଦ୍ୱନ୍ଦ୍ୱ ଆସେ କେବଳ ଅସତ୍ୟରୁ, ଅଜ୍ଞାନରୁ ଓ ଅଦିବ୍ୟରୁ । କିନ୍ତୁ ପରମସତ୍ୟ ନିକଟରେ ସେସବୁର କୌଣସି ମୂଲ୍ୟ ନାହିଁ । କୌଣସି ଦ୍ୱନ୍ଦ୍ୱ ନାହିଁ । ସେଠାରେ ସମସ୍ତ କିଛି ଦିବ୍ୟ, କେବଳ ଏକହିଁ ଭଗବାନ୍; ଏକହିଁ ପରମେଶ୍ୱରଙ୍କ ନିକଟରୁ ଉତ୍ସାରିତ ଏକହିଁ ପରମ ସତ୍ୟ । ❑

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

# ଗୁପ୍ତ ତୀର୍ଥଯାତ୍ରା

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ପୃଥିବୀର ବିଭିନ୍ନ ସ୍ଥାନରେ ବହୁ ଗୁମ୍ଫା ଅଛି । ଏଗୁଡ଼ିକ ମଧ୍ୟରେ କେତେକ ବହୁ ବିରାଟ ତ ଆଉ କେତେକରେ କିଛି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥାଏ । କେତେକ ଗୁମ୍ଫା ପ୍ରାକୃତିକ ଥିବା ସ୍ଥଳେ ଆଉ କିଛି ପ୍ରାକୃତିକ ଓ କୃତ୍ରିମର ମିଶ୍ରଣ । କେତେକର ଅବସ୍ଥିତି ଜଳ ମଧ୍ୟରେ ଥିବା ବେଳେ ଆଉ କେତେକ ମାଟି ତଳେ ଏବଂ ପାହାଡ଼-ପର୍ବତର ପ୍ରସ୍ତର ମଧ୍ୟରେ । ପ୍ରାକୃତିକ ଭାବରେ କେଉଁ ଗୁମ୍ଫା ସ୍ଫଟିକରେ ନିର୍ମିତ ପୁଣି ଆଉ କିଛି ଚୂନ ପଥରରେ । ଏସବୁ ସ୍ଥାନ ପରିଦର୍ଶନ ଉଦ୍ଦେଶ୍ୟରେ ନିୟମିତ ବହୁ ଲୋକ ଯାତ୍ରା କରିଥା'ନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ଗୁମ୍ଫା ବିଷୟରେ ଏଠାରେ ସୂଚନା ପ୍ରଦାନ କରାଯାଉଛି ।

୧. **ଇଟାଲୀର କାପ୍ରିଠାରେ 'ଦି ବ୍ଲୁ ଗ୍ରୋଟୋ ଗୁମ୍ଫା'**– ଏହା ଏକ ବିଖ୍ୟାତ ସାମୁଦ୍ରିକ ଗୁମ୍ଫା । ଏକ ଦ୍ୱୀପର ଉପକୂଳରେ ଏହା ଦେଖାଯାଏ । ଏହାର ରଙ୍ଗ ଘନନୀଳ ଓ ଖୁବ୍ ଆକର୍ଷଣୀୟ ।

୨. **ସ୍କଟ୍‌ଲାଣ୍ଡର ଷ୍ଟାଫାରେ 'ଫିଙ୍ଗଲ ଗୁମ୍ଫା'**– ଏହା ମଧ୍ୟ ଏକ ଜନବସତିହୀନ ଦ୍ୱୀପରେ ଜଳ ମଧ୍ୟରେ ଦେଖାଯାଏ । ଏଥିରୁ ସମୁଦ୍ର ତରଙ୍ଗ ପରି ସୁମଧୁର ଶବ୍ଦ ଶୁଣା ଯାଇଥାଏ ।

୩. **ଫିଲିପିନ୍‌ସର ପଲୱାନରେ 'ପୁଏର୍ ତୋ ପ୍ରିନ୍‌ସେସୋ ସବ୍‌ଟେରାନିଆନ୍ ରିଭର'**– ଏହା ଏକ ୟୁନେସ୍କୋ (UNESCO) ହେରିଟେଜ୍ ସାଇଟ୍ । ୨୦୧୦ ମସିହାରେ ଆବିଷ୍କୃତ ଏହି ଗୁମ୍ଫା ଦ୍ୱିତଳ ବିଶିଷ୍ଟ । ଏହା ମଧ୍ୟରେ ଛୋଟ ଛୋଟ ଝରଣା ଗୁମ୍ଫା ମଧ୍ୟ ଅଛି ।

୪. **ଯୁକ୍ତରାଷ୍ଟ୍ର ଆମେରିକାର କେଣ୍ଟୁକିରେ 'ମାମୋଥ୍ କେଭ୍ ନ୍ୟାସନାଲ ପାର୍କ'**– ଏହା ପୃଥିବୀର ଦୀର୍ଘତମ ଆୟତନ ବିଶିଷ୍ଟ ଗୁମ୍ଫା । ଏହାର ଆୟତନ ୫୨୮.୩ ବର୍ଗ କି. ମି. । ଏହା ମଧ୍ୟରେ ନାଏଗ୍ରା ଜଳପ୍ରପାତର କିଛି ଅଂଶ ବରଫାବୃତ ଅବସ୍ଥାରେ ଅଛି ।

୫. **ସ୍ଲୋଭେନିଆର ଦିବାକାରେ 'ସ୍କୋଜାନ ଗୁମ୍ଫା'**– ଏହା ଏକ ୟୁନୋସ୍କୋ ହେରିଟେଜ୍ ସାଇଟ୍ । ଏହା ପ୍ରାକ୍-ଐତିହାସିକ ସମୟର ନିଦର୍ଶନ ଅଟେ ଏବଂ ପୃଥିବୀର ପ୍ରାକୃତିକ ସମ୍ପଦ ମଧ୍ୟରେ ଅନ୍ୟତମ ।

୬. **ମେକ୍ସିକୋର ଚିହୁଆହୁଆର 'ସ୍ଫଟିକ ଗୁମ୍ଫା'**– ୧୯୧୦ ମସିହାରେ ଆବିଷ୍କୃତ ଏହି ଗୁମ୍ଫାରେ ସବୁଠାରୁ ବିରାଟ ସ୍ଫଟିକ ଅଛି, ଯାହାର ଲମ୍ବ ୧୨ ମିଟର ଓ ଓସାର ୪ ମିଟର ।

୭. **ଅଷ୍ଟ୍ରିଆର ୱେରଫେନର 'ଏଇସ୍ରିସେନୱେଲ୍‌ଟ ବରଫ ଗୁମ୍ଫା'**– ଏହି ଗୁମ୍ଫାର ଲମ୍ବ ୪୨ କି.ମି. । ଏଇ ଗୁମ୍ଫାର ପ୍ରଥମ ଏକ କି. ମି. ପର୍ଯ୍ୟନ୍ତ ବରଫାଚ୍ଛନ୍ନ ଥିବାରୁ ସେପର୍ଯ୍ୟନ୍ତ ଯିବାକୁ ଯାତ୍ରୀମାନଙ୍କୁ ଅନୁମତି ମିଳିଥାଏ । ତା'ପରେ ଚୂନପଥର ଆରମ୍ଭ ହୋଇଥାଏ । ଏହି ଗୁମ୍ଫାଟି ପ୍ରାୟ ଏକ ହଜାର ବର୍ଷର ପୁରାତନ ବୋଲି ଅନୁମାନ କରାଯାଏ ।

୮. **ଯୁକ୍ତରାଷ୍ଟ୍ର ଆମେରିକାର ନିଉ ମେକ୍ସିକୋରେ 'କାର୍ଲସବାଦ କାଭେରାନ ନ୍ୟାସନାଲ ପାର୍କ'**– ଏହି ଗୁମ୍ଫା ପ୍ରାକୃତିକ ଭାବରେ ଚୂନ ପଥରରେ ନିର୍ମିତ । ଏହାର ଦୈର୍ଘ୍ୟ ୪,୦୦୦ ଫୁଟ, ପ୍ରସ୍ଥ ୬୨୫ ଫୁଟ ଓ ଉଚ୍ଚତା ୨୫୫ ଫୁଟ । ଏହା ମଧ୍ୟରେ ବିରାଟ ଏକ କୋଠରି ଅଛି ।

୯. **ଜର୍ଜିଆର ଆବ୍‌ଖାଜିଆର 'କ୍ରୁବେରା ଗୁମ୍ଫା'**– ଏହା ୧୯୬୦ ମସିହାରେ ଆବିଷ୍କୃତ ହୋଇଥିଲା । ପୂର୍ବରୁ ଏହା ପୃଥିବୀର ଗଭୀରତମ ଗୁମ୍ଫା ଭାବରେ ପରିଚିତ ଥିଲା । ଏହାର ଗଭୀରତା ୨,୧୯୬ ମିଟର । ଏହାର ଦ୍ୱାର ଦେଶରେ ବହୁ ସଂଖ୍ୟାରେ କୁଆମାନେ ବସାବାନ୍ଧି ରହିଥା'ନ୍ତି ।
ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟ ଏକ ଗୁମ୍ଫା ୨୦୦୧ ମସିହାରେ ଆବିଷ୍କୃତ ହୋଇଛି ଯାହାର ନାମ 'ଭେରିଓକିନା ଗୁମ୍ଫା' । ଏହାର ଗଭୀରତା ୨,୨୧୨ ମିଟର ହୋଇଥିବାରୁ ଏହାକୁ ପୃଥିବୀର ଗଭୀରତମ ଗୁମ୍ଫା କୁହାଯାଏ ।

୧୦. **ନିଉଜିଲାଣ୍ଡର ୱାଇଟୋମୋରେ ଅବସ୍ଥିତ 'ୱାଇଟୋଓ ଗ୍ଲୋୱାର୍ମ ଗୁମ୍ଫା'**– ଏହି ଗୁମ୍ଫାରେ ନିୟୁତ ନିୟୁତ ଜୁଳୁଜୁଳିଆ ପୋକ ରହନ୍ତି । ଏସବୁର ଆକାର ପ୍ରାୟ ମଶା ପରି । ପୃଥିବୀର ଏହି ଗୁମ୍ଫା ହେଉଛି ଏକମାତ୍ର ସ୍ଥାନ ଯେଉଁଠାରେ ଜୁଳୁଜୁଳିଆ ପୋକ ରହନ୍ତି ।

*

ଭାରତର ବିଭିନ୍ନ ସ୍ଥାନରେ ମଧ୍ୟ ଗୁମ୍ଫାମାନ ଅଛି । ସେଥିମଧ୍ୟରୁ କେତେକ ଆକର୍ଷଣୀୟ ଏବଂ ଐତିହାସିକ ଗୁରୁତ୍ୱ ବହନ କରୁଥିବା ଗୁମ୍ଫାର ସୂଚନା ଏଠାରେ ପ୍ରଦାନ କରାଯାଉଛି ।

୧. **ଅଜନ୍ତା ଓ ଏଲୋରା ଗୁମ୍ଫା**– ଏହି ଗୁମ୍ଫାଗୁଡ଼ିକ ଖ୍ରୀ. ପୂ. ଦ୍ୱିତୀୟ ଶତାବ୍ଦୀରୁ ପ୍ରଥମ ଶତାବ୍ଦୀ ମଧ୍ୟରେ ନିର୍ମିତ ବୌଦ୍ଧଧର୍ମର ସ୍ମାରକ ରୂପେ ପରିଚିତ । ଏହା ୟୁନେସ୍କୋ ହେରିଟେଜ୍ ସାଇଟ୍ ରୂପେ ମଧ୍ୟ ଚିହ୍ନିତ ।

୨. **ଦୁଙ୍ଗେସାରି ଗୁମ୍ଫା**– ଏହା ବିହାରରେ ବୌଦ୍ଧଧର୍ମର ଏକ ସ୍ମାରକ ପୀଠ । ଏହାକୁ 'ମହାକାଳ ଗୁମ୍ଫା' ମଧ୍ୟ କୁହାଯାଏ । ଏଠାରେ ଗୌତମ ବୁଦ୍ଧ ଧ୍ୟାନ କରୁଥିଲେ ।

୩. **ବାଘା ଗୁମ୍ଫା**– ଏହା ମଧ୍ୟପ୍ରଦେଶରେ ବାଘାନି ନଦୀ ନିକଟରେ ଅବସ୍ଥିତ । ଏଥିରେ ନଅଟି ଗୁମ୍ଫା ଅଛି ଏବଂ ଏସବୁ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ଚତୁର୍ଥ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା ।

୪. **ଟାବୋ ଗୁମ୍ଫା**– ଏହା ହିମାଚଳ ପ୍ରଦେଶର ସ୍ପୀତି ଭେଲିରେ ଅବସ୍ଥିତ । ଏହା ମଧ୍ୟ ଏକ ବୌଦ୍ଧ ସ୍ମାରକ ଏବଂ ପୃଥିବୀର ସର୍ବାପେକ୍ଷା ଉଚ୍ଚତମ ସ୍ଥାନରେ ଏହାର ଅବସ୍ଥିତି ।

୫. **ଭିମବେଟ୍‌କା ଗୁମ୍ଫା**– ଏହା ମଧ୍ୟପ୍ରଦେଶରେ ଅବସ୍ଥିତ ଏବଂ ଏହା ମଧ୍ୟରେ ପଶୁପକ୍ଷୀଙ୍କ ନିମିତ୍ତ ଆଶ୍ରୟସ୍ଥଳ ରହିଛି । ଏହା 'ରତାପାନି' ନାମରେ ପ୍ରସିଦ୍ଧ । କୁହାଯାଏ ଯେ ମହାଭାରତ ଯୁଗରେ ପାଣ୍ଡବମାନଙ୍କର ବନବାସ କାଳରେ ସେମାନେ ଏହି ଗୁମ୍ଫା ମଧ୍ୟରେ ଆଶ୍ରୟ ନେଇଥିଲେ ।

୬. **ଅମର ନାଥ ଗୁମ୍ଫା**– ଜାମ୍ମୁକାଶ୍ମୀରରେ ଥିବା ଏହି ଗୁମ୍ଫା ପ୍ରାୟ ୫,୦୦୦ ବର୍ଷ ପୁରାତନ । ଏହା ମଧ୍ୟ ଶିବଙ୍କର ଏକ ପୂଜାସ୍ଥଳୀ । କୁହାଯାଏ ଯେ ଏହି ଗୁମ୍ଫାରେ ଶିବ ଜୀବନ ଓ ସମୟର ଗୁପ୍ତତଥ୍ୟ ବିଷୟରେ ପାର୍ବତୀଙ୍କୁ ସବିଶେଷ ବର୍ଣ୍ଣନା କରି ବୁଝାଇ ଥିଲେ ।

୭. **ମେଘାଳୟର ଗୁମ୍ଫା**– ମେଘାଳୟକୁ କୁହାଯାଏ 'ସୁନ୍ଦର ଗୁମ୍ଫାର ରାଜ୍ୟ' । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଏହି ଗୁମ୍ଫାଗୁଡ଼ିକ ଆକର୍ଷଣୀୟ ମନେ ହୁଏ ।

୮. **ହାତୀ ଦ୍ୱୀପ ଗୁମ୍ଫା (ଏଲିଫେଣ୍ଟା ଆଇଲାଣ୍ଡ କେଭ୍‌ସ)**– ମୁମ୍ବାଇର ଏହି ପ୍ରାଚୀନ ଗୁମ୍ଫା ଷଷ୍ଠ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ମଧ୍ୟରେ ନିର୍ମିତ ବୋଲି ମନେ ହୁଏ । ଏଥିରେ ଶିବଙ୍କ ମୂର୍ତ୍ତିର ଭାସ୍କର୍ଯ୍ୟ ଅତି ଚିତ୍ତାକର୍ଷକ ।

୯. **ପାତାଳ ଭୁବନେଶ୍ୱର ଗୁମ୍ଫା** – ଉତ୍ତରାଖଣ୍ଡର ଭୁବନେଶ୍ୱର ଗ୍ରାମରେ ଥିବା ଏହି ଗୁମ୍ଫା ତ୍ରେତାଯୁଗର ସମ୍ରାଟ ଋତୁପର୍ଣ୍ଣ ନିର୍ମାଣ କରିଥିଲେ । ଏଥିରେ ପ୍ରବେଶ କରିବା ପାଇଁ ଚାରିଟି ଦ୍ୱାର ଅଛି, ଯଥା – ରଣ ଦ୍ୱାର, ପାପ ଦ୍ୱାର, ଧର୍ମ ଦ୍ୱାର ଓ ମୋକ୍ଷ ଦ୍ୱାର । ରାବଣର ମୃତ୍ୟୁ ପରେ ପାପ ଦ୍ୱାର ବନ୍ଦ ହୋଇ ଯାଇଥିଲା ଏବଂ ମହାଭାରତ ଯୁଦ୍ଧର ଅବସାନ ପରେ ରଣ ଦ୍ୱାର ମଧ୍ୟ ବନ୍ଦ ହୋଇଥିଲା । ବର୍ତ୍ତମାନ କେବଳ ଦୁଇଟି ପ୍ରବେଶ ଦ୍ୱାର ଯାତ୍ରୀମାନଙ୍କ ପାଇଁ ଉନ୍ମୁକ୍ତ ଅଛି ।

୧୦. **ଖଣ୍ଡଗିରି ଓ ଉଦୟଗିରିରେ ଥିବା ଗୁମ୍ଫା**– ଓଡ଼ିଶାରେ ଥିବା ଏହି ଦୁଇ ପାହାଡ଼ରେ ଅନେକଗୁଡ଼ିଏ ଗୁମ୍ଫା ଅଛି । ସେଥିମଧ୍ୟରୁ 'ହାତୀଗୁମ୍ଫା'ରେ ଶିଳାଲିପି ଦେଖାଯାଏ । ଏସବୁ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ସମୟରେ ଜୈନ ସନ୍ନ୍ୟାସୀମାନଙ୍କ ପାଇଁ ନିର୍ମିତ ହୋଇଥିଲା ।

ଏଠାରେ ଥିବା 'ରାଣୀଗୁମ୍ଫା' ମଧ୍ୟ ଦ୍ୱିତଳ ବିଶିଷ୍ଟ । ଅନ୍ୟ ବହୁ ଗୁମ୍ଫାମାନଙ୍କ ମଧ୍ୟରେ ବିଜୟ ଗୁମ୍ଫା, ବ୍ୟାଘ୍ର ଗୁମ୍ଫା, ସର୍ପ ଗୁମ୍ଫା, ଅନନ୍ତ ଗୁମ୍ଫା, ଗଣେଶ ଗୁମ୍ଫା ଆଦି ଅନ୍ୟତମ ।

ତେବେ ବାହ୍ୟ ଜଗତର ଏହିସବୁ ଗୁମ୍ଫା ବାଦ୍ ପ୍ରାଚୀନ ଭାରତୀୟ ଶାସ୍ତ୍ରମାନଙ୍କରେ ଆନ୍ତର ଜଗତର ଗୁମ୍ଫା ସମ୍ବନ୍ଧରେ ଅନ୍ୟ କିଛି ବର୍ଣ୍ଣନା ଅଛି । ଛାନ୍ଦୋଗ୍ୟ ଉପନିଷଦରେ ଅଛି – ''ଗୁମ୍ଫା ମଧ୍ୟକୁ ପ୍ରବେଶ କର ଏବଂ ତୁମେ ସ୍ୱର୍ଗର ସମ୍ପତ୍ତି ଲାଭ କରିବ ।'' ସଂସ୍କୃତ ଶବ୍ଦ 'ଗୁହା'ର ଅର୍ଥ ଗୁମ୍ଫା ଏବଂ ହୃଦୟ । ତୈତ୍ତିରୀୟ ଉପନିଷଦ୍ ଅନୁଯାୟୀ ମଣିଷ ଭିତରେ ଏକ ଅନ୍ତର୍ନିହିତ ତୀର୍ଥସ୍ଥାନ ଅଛି, ଯାହାକୁ କୁହାଯାଏ ହୃଦୟ ଗୁମ୍ଫା ବା ହୃଦୟ ଗୁହା ବା ହୃଦୟ କନ୍ଦର । ଏହା ଭୌତିକ ସ୍ତରର କଥା ନୁହେଁ, ବରଂ ଆଧ୍ୟାତ୍ମିକ ସ୍ତରର । ସଚେତନ ମଣିଷ ଯାତ୍ରା

କରେ ଏହି ହୃଦୟ ଗୁହାକୁ । ଏହା ବୁଦ୍ଧିର ଗୁମ୍ଫା, ଅନ୍ତର୍ଜ୍ଞାନର ଗୁମ୍ଫା, ସ୍ୱର୍ଗୀୟ ଆନନ୍ଦର ଗୁମ୍ଫା, ଗଭୀର ସମାଧି ଅବସ୍ଥାର ଗୁମ୍ଫା, ନୀରବତାର ଗୁମ୍ଫା, ଗୂଢ଼ ରହସ୍ୟାବୃତ ଗୁମ୍ଫା । ବ୍ରହ୍ମ ନଗରୀ, ଭଗବାନଙ୍କ ରାଜ୍ୟ ଏବଂ ସର୍ବୋପରି ଆତ୍ମାର ସର୍ବୋତ୍ତମ ଓ ସର୍ବଶେଷ ଆଶ୍ରୟସ୍ଥଳ ଭାବରେ ଏହା ପରିଚିତ । ଏହିପରି ଭାବରେ ଭୌତିକ ଶରୀରର ବହୁ ଗଭୀରରେ ଆଲୋକ ଓ ଆନନ୍ଦକୁ ଧାରଣ କରିଥିବା ହୃଦୟ ଗୁମ୍ଫାର ଅବସ୍ଥିତି ଗୁପ୍ତ-ସ୍ଥାନରେ ଏବଂ ସୂକ୍ଷ୍ମ ଶରୀରରେ ରହିଥାଏ ।

ଚୀନାମାନେ କହନ୍ତି – ମଣିଷ ହୃଦୟ ସୂର୍ଯ୍ୟଙ୍କୁ ପ୍ରତିବିମ୍ବିତ କରେ । ଏହା ଅଗ୍ନିମୟ ଜ୍ୱଳନ୍ତ ଶକ୍ତି । ବୌଦ୍ଧମାନଙ୍କ ମତରେ ହୃଦୟ ହେଉଛି ବୋଧିଚିତ୍ତ । ପୃଥିବୀର ସମସ୍ତ ଯନ୍ତ୍ରଣାକୁ ହୃଦୟର ଜ୍ଞାନାଲୋକ ଉପଶମ କରାଏ । ତାଓ ସମ୍ପ୍ରଦାୟର ଲାଓ-ଜୁ (Lao-Tzu) କହନ୍ତି, ଶ୍ୱାସର ପ୍ରଭୁ ହେଉଛନ୍ତି ହୃଦୟ । ଏହା ଆତ୍ମା ଓ ଆଲୋକର ସ୍ଥାନ । ଇଜିପ୍ଟରେ ବିଭିନ୍ନ କାହାଣୀରେ ବର୍ଣ୍ଣିତ ଅଛି ଯେ ହୃଦୟ ହେଉଛି ଏକ ଆଧାର ବା ପାତ୍ର ଯାହା ଆଲୋକରେ ପୂର୍ଣ୍ଣ ।

ବାସ୍ତବରେ ଏହା ଏପରି ଏକ ହୃଦୟ, ଯାହା ସମଗ୍ର ବିଶ୍ୱକୁ ପ୍ରେମରେ ବାନ୍ଧି ରଖେ, ପୁଣି ପ୍ରଶଂସାରେ ଏହା ଉତ୍‌ଫୁଲ୍ଲିତ ହୁଏ, ଅନ୍ୟର ଦୁଃଖ ଦେଖି କରୁଣାରେ ବିଗଳିତ ହୁଏ, କାହାଠାରୁ ଉପକାର ପାଇଲେ ତା' ନିକଟରେ କୃତଜ୍ଞ ହୁଏ ଏବଂ ଅନ୍ୟଠାରୁ ଖରାପ ବ୍ୟବହାର ପାଇଲେ ଅପମାନିତ ବି ହୁଏ । ପୁନଶ୍ଚ ଯେତେବେଳେ ହୃଦୟ କିଛି କହେ, ସେତେବେଳେ ସମସ୍ତ ଯୁକ୍ତିର ଅବସାନ ଘଟେ । ହୃଦୟର ଭାଷାକୁ ଅନ୍ତିମ ଭାଷା ବୋଲି ଗ୍ରହଣ କରାଯାଏ । ଏହା ପବିତ୍ର ଓ ବିଶୁଦ୍ଧ ରୂପରେ ନିଃସ୍ୱାର୍ଥ ପ୍ରେମରେ ସଦାପୂର୍ଣ୍ଣ ଥିଲେ ବି ଏହାର ତ୍ରୁଟିପୂର୍ଣ୍ଣ କାର୍ଯ୍ୟରେ ମନୁଷ୍ୟ ନିଜ ଭିତରେ ହୁଏ କ୍ଷତବିକ୍ଷତ, ଅସୁସ୍ଥ, ଦୁଃଖୀ ଓ ପ୍ରଚଣ୍ଡ କ୍ରୋଧୀ ।

ତେବେ ଭୌତିକ ଶରୀରରେ ଏକ ମାଂସପେଶୀୟ ଅଙ୍ଗ ହୃତ୍‌ପିଣ୍ଡ ଅଛି, ଯାହାର ଚାରିଟି କକ୍ଷ ରହିଛି । ଏହି ଅଙ୍ଗର ଆକୃତି ମନୁଷ୍ୟର ମୁଷ୍ଟିପରି ଏବଂ ଅବସ୍ଥିତି ଛାତି ହାଡ଼ର ପଛରେ ସାମାନ୍ୟ ବାମପଟକୁ । ଏହାର କାର୍ଯ୍ୟ ରକ୍ତ ସଞ୍ଚାଳନ କରିବା । ଚିକିତ୍ସା ପଦ୍ଧତିରେ ଏହାକୁ Cardiovascular System କୁହାଯାଏ । ସୁସ୍ଥ ଶରୀରରେ ପ୍ରତିଦିନର ହୃତ୍‌ସ୍ପନ୍ଦନ ପ୍ରାୟ ୧,୦୦,୦୦୦ (ଏକ ଲକ୍ଷ) ଥର ହୁଏ । ତେବେ ଯେଉଁ ଚିକିତ୍ସକମାନେ ପ୍ରତିଦିନ ହୃତ୍‌ପିଣ୍ଡକୁ କଇଁଚି ଦ୍ୱାରା ଖୋଲୁଛନ୍ତି (ଯଦିଓ ଅତ୍ୟାଧୁନିକ ପଦ୍ଧତି ଭିନ୍ନ ପ୍ରକାରର), ଯଦି ଆମେ ତାଙ୍କୁ ଏ ଗୁମ୍ଫା ବିଷୟରେ ପଚାରୁ, ସେମାନେ କହିବେ ଯେ ହୃତ୍‌ପିଣ୍ଡରେ କେଉଁଠି ବି ଗର୍ତ୍ତ ନାହିଁ । ତା' ହେଲେ ଏ ଗୁହା ବା ଗୁମ୍ଫାର ଉପସ୍ଥିତି ବିଷୟରେ ପୃଥିବୀର ବିଭିନ୍ନ ଶାସ୍ତ୍ରମାନଙ୍କରେ କାହିଁକି ସବିଶେଷ ଉଲ୍ଲେଖ ଅଛି ? ଏହି ହୃଦୟ ଗୁମ୍ଫାର ଅର୍ଥ କ'ଣ ?

ଏହା ମନୁଷ୍ୟ ଛାତିର ମଧ୍ୟ ଭାଗରେ, ସୂକ୍ଷ୍ମ ସ୍ତରରେ ସାତୋଟି ଚକ୍ର ବ୍ୟବସ୍ଥାର ଠିକ୍ କେନ୍ଦ୍ରରେ ଅବସ୍ଥିତ । ଏହା ଅନାହତ ଚକ୍ର ଭାବରେ ପରିଚିତ । ଅନାହତର ଅର୍ଥ – 'ନ ଆହତ' ବା ଯାହାର କ୍ଷୟ ନାହିଁ । ଏହାର ଅନାହତ ନାଦ ମହାଜାଗତିକ ସ୍ପନ୍ଦନ ସହିତ ସଂଯୋଜିତ ହୋଇଥିବାରୁ ଏଥିରୁ ସୃଷ୍ଟ ସୁମଧୁର ସଙ୍ଗୀତ ହୃଦୟରେ ପ୍ରତିଧ୍ୱନିତ ହୋଇଥାଏ । ସଚେତନ ମନୁଷ୍ୟ ଏହି ଧ୍ୱନିକୁ କର୍ଣ୍ଣରେ ନୁହେଁ, ବରଂ ହୃଦୟରେ ସ୍ପଷ୍ଟ ଭାବରେ ଶ୍ରବଣ କରିପାରେ, ଯାହା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ ।

ଏହି ଚକ୍ର ବାୟୁ ମହାଭୂତକୁ ସୂଚୀତ କରେ । ଏହାର ଧର୍ମ ହେଉଛି ସ୍ପର୍ଶ, ଧ୍ୱନି ହେଉଛି ୟମ୍, ପ୍ରତୀକ ହେଉଛି ପଦ୍ମର ବାର ପାଖୁଡ଼ା, ଏହାସହ ସମ୍ପର୍କିତ ଗ୍ରନ୍ଥି (gland) ହେଉଛି ଥାଇମସ୍, କାର୍ଯ୍ୟକାରୀ ଶକ୍ତିର ଦିଗ ହେଉଛି ନାରୀର ଦକ୍ଷିଣାବର୍ତ୍ତୀ (clock wise) ଓ ପୁରୁଷର ବାମାବର୍ତ୍ତୀ (anti clock wise), ଯୋଗ ହେଉଛି ଭକ୍ତି ଯୋଗ, ରଙ୍ଗ ହେଉଛି ସବୁଜ, ଗୋଲାପି ଓ ସୁନେଲି । ଏହି ଚକ୍ରର ଶକ୍ତି ଏ ପୃଥିବୀକୁ ପରିବର୍ତ୍ତନ କରିବାର ସମସ୍ତ କ୍ଷମତା ବହନ କରେ ।

ପରମ ପ୍ରଭୁ ଶ୍ରୀଅରବିନ୍ଦ କହନ୍ତି, ''ଚୈତ୍ୟସତ୍ତା ରହିଛି ହୃଦୟ କେନ୍ଦ୍ରର ପଶ୍ଚାତରେ, ଗଭୀରରେ'' ।

ଏହି ବହୁବିଧ ଗୁମ୍ଫା ପ୍ରସଙ୍ଗରେ ଆଲୋଚନା କରୁଥିବା ବେଳେ ଏକ ଭିନ୍ନ ପଟ୍ଟଭୂମିରୁ ଶ୍ରୀଅରବିନ୍ଦଙ୍କ ଉକ୍ତି ସ୍ମରଣରେ ଆସେ :

''ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ, **ମୋର ତପସ୍ୟାର ଗୁହା**, – ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।''

(କ୍ରମଶଃ)

❑❑❑

# ତୋତ୍ତୋ-ଚାନ୍
## (୧୪)
## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରିଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏବେ ପୁଣି ରୂପ ଲାବଣ୍ୟରେ ଝଲସୁ ଥିବା ଆନନ୍ଦଘନ ଋତୁରାଜ ବସନ୍ତର ଆଗମନୀ ସହ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । ତା'ର 'ନୃତ୍ୟ ନାଟିକା'ରେ ଅଂଶ ଗ୍ରହଣର ଅପୂର୍ବ ଅନୁଭୂତି ପୁଣି 'କୃଷି ଶିକ୍ଷକ'ଙ୍କ ସହ କୃଷିକାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣର ଅଭୁଲା ମୁହୂର୍ତ୍ତସବୁ ଯୋଡ଼ି ହୋଇଯାଏ ପଛକୁ ପଛ । ତା'ପରେ...]

### ବଣଭୋଜି

ଦିନେ ସ୍କୁଲ ଛୁଟି ପରେ ତୋତ୍ତୋ-ଚାନ୍ କାହାକୁ କିଛି ନକହି ବା ବିଦାୟ ନଜଣାଇ ଘରକୁ ଦୌଡ଼ିଲା । ବାଟଯାକ ସେ ଗୁଣୁ ଗୁଣୁ ହୋଇ କହି ଚାଲିଥାଏ, ''ବଜ୍ରଗଣ୍ଡରେ ରନ୍ଧା ବଡ଼ା; ବଜ୍ରଗଣ୍ଡରେ ରନ୍ଧା ବଡ଼ା...''

ବାକ୍ୟଟା ତା' ଭଳି ଛୋଟ ପିଲାଟି ପାଇଁ ବେଶ୍ କଷ୍ଟ ଥିଲା । ତଥାପି ତା'ର ପ୍ରିୟ ଚିତ୍ର କଥାର ମୁଖିଆର ନାଁଠାରୁ ଏହା ଥିଲା ସହଜ । ତା'ର ନାଁଟି ଏତେ ଲମ୍ବା ଥିଲା ଯେ ସେ ତାହା ପୂରା କହିସାରିବା ଆଗରୁ କୂଅରେ ବୁଡ଼ିଗଲା ! ତୋତ୍ତୋ-ଚାନ୍ ମନଧ୍ୟାନ ଦେଇ କଥାଟିକୁ ଦୋହରାଇ ଚାଲିଥାଏ, ''ବଜ୍ର-ଗଣ୍ଡରେ... ।'' ତା' ଆଗରେ କେହି କିଛି ମଜା କଥା ଆରମ୍ଭ କରିଥିଲେ ବା ତାକୁ ପାଣି କାଦୁଅରେ ଡେଇଁବାକୁ ପଡ଼ିଥିଲେ ସେ ନିଶ୍ଚୟ ତା'ର ଘୋଷା ଭୁଲି ଯାଇଥା'ନ୍ତା । ଭାଗ୍ୟକୁ ରେଳରେ କେହି ତାକୁ କିଛି କହିଲେ ନାହିଁ । ସେ ବି କିଛି ନୂଆ ଜିନିଷ ଆଡ଼କୁ ମନ ବଳାଇଲା ନାହିଁ । ଥରଟିଏ ପାଇଁ ବି ସେ ଆଜି, ''ଆରେ, ଏଇଟା କ'ଣ ?'' କହି ମାଡ଼ି ଗଲାନି । ଖାଲି ତା'ର ଘର ପାଖ ଷ୍ଟେସନରେ ଜଣେ ଚିହ୍ନା ଲୋକ ଭେଟ ହେଲେ । ''ଆଜି କ'ଣ ଏଡ଼େ ଚଞ୍ଚଳ ଫେରୁଛ ?'' ବୋଲି ସେ ପଚାରୁ ପଚାରୁ ତୋତ୍ତୋ-ଚାନ୍ ତା'ର ହାତ ହଲାଇ ଦେଇ ଛୁ !

ଘରେ ପହଞ୍ଚିବା ମାତ୍ରେ ଖୁବ୍ ବଡ଼ ପାଟିରେ ସେ ମା'ଙ୍କୁ କହିଗଲା, ''ବଜ୍ରଗଣ୍ଡରେ ରନ୍ଧା ବଡ଼ା !'' ମା କଥାଟା ଆଗ ଠିକ୍ ଧରି ପାରିଲେ ନାହିଁ । ଭାବିଲେ ଏହା ବୋଧେ କିଛି ଜୁଡ଼ୋ-ହୁଙ୍କାର ବା ପାଇକମାନଙ୍କର ଯୁଦ୍ଧ ଡାକରା । ଟିକିଏ ପରେ କିନ୍ତୁ ତାଙ୍କର ଖିଆଲ ଆସିଲା । ଜିଉଗାଓକାଠାରୁ ତିନୋଟି ଷ୍ଟେସନ ଛାଡ଼ି ତୋଦୋରୋକି ଷ୍ଟେସନ । ତା' ପାଖରେ ଗୋଟିଏ ଖୁବ୍ ସୁନ୍ଦର ପ୍ରାକୃତିକ ଅଞ୍ଚଳ ରହିଛି । ତା'ର ନାଁ 'ତୋଦୋରୋକି କାଇକୋକୁ' ବା 'ବଜ୍ରଗଣ୍ଡ', ପୁରୁଣା ଟୋକିଓ ସହରରେ ଏହି ଅଞ୍ଚଳଟି ଖୁବ୍ ଜଣାଶୁଣା । ସେଠାରେ ଜଙ୍ଗଲ ଭିତରେ ଗୋଟିଏ ଜଳପ୍ରପାତ ଓ ଝରଣା ରହିଛି । ମା ଠଉରେଇ ନେଲେ ଯେ ପିଲାମାନେ ସେଠାରେ ବଣଭୋଜି କରିବାକୁ ଯିବେ । କିନ୍ତୁ ଗୋଟିଏ କଥା ତାଙ୍କୁ କାବା ଲାଗିଲା – ପିଲାଙ୍କର ମନ ଲାଗିଗଲେ କେତେ କଷ୍ଟ କଥା ବି ସେମାନେ ମନେ ରଖି ପାରନ୍ତି !

କଷ୍ଟ ବାକ୍ୟରୁ ମୁକ୍ତି ପାଇବାରୁ ତୋତ୍ତୋ-ଚାନ୍ ଆଶ୍ୱସ୍ତ ହେଲା । ଧୀରେ ଧୀରେ ସେ ଏ ବିଷୟରେ ସବୁ କଥା ମା'ଙ୍କୁ କହିଲା । ଆସନ୍ତା ଶୁକ୍ରବାର ସକାଳେ ପିଲାମାନେ ସ୍କୁଲଠାରେ ଏକାଠି ହୋଇ ବଜ୍ରଗଣ୍ଡ ଯିବେ । ସାଙ୍ଗରେ ସେମାନେ ଥାଳି ତାଟିଆ ଓ ମୁଠାଏ ଚାଉଳ ଆଣିଥିବେ । ତୋତ୍ତୋ-ଚାନ୍ ପ୍ରଧାନ ଶିକ୍ଷକଙ୍କ କଥା ମନେ ପକାଇ କହିଲା ଯେ ମୁଠାଏ ଚାଉଳ ରାନ୍ଧିଲେ ଦୁଇ ମୁଠା ଭାତ ହେବ । ଝୋଳ ପାଇଁ କିଛି ମାଂସ ଓ ପରିବା ଆଉ ଉପର ଓଳି ପାଇଁ କିଛି ଜଳଖିଆ ବି ସେ ନେବାର ଥିଲା ।

ଏହାର ପର କେତେଦିନ ତୋତ୍ତୋ-ଚାନ୍ ରୋଷେଇ ଘରେ ମା'ଙ୍କ ପାଖ ଛାଡ଼ିଲାନି । ସେ ଛୁରିରେ କିପରି କାଟୁଛନ୍ତି, ହାଣ୍ଡିକୁ କିଭଳି ଧରୁଛନ୍ତି, କେଉଁଥିରେ ଭାତ ବାଢ଼ୁଛନ୍ତି, ଏସବୁ କଥା ସେ ଲକ୍ଷ୍ୟ କରି ଚାଲିଲା । ମା'ଙ୍କ କାମ ଦେଖିବାକୁ ତାକୁ ମଜା ଲାଗୁଥାଏ । ତାକୁ ସବୁଠୁ ବେଶୀ ମଜା ଲାଗିଲା ଯେତେବେଳେ ମା କିଛି ଗରମ ଜିନିଷ ଛୁଇଁଲେ କିପରି, ''ଓଃ, କେଡ଼େ ଗରମ !'' କୁହନ୍ତି ଆଉ ଆଙ୍ଗୁଠିକୁ ତଳ କାନରେ ଲଗାଇ ଧରନ୍ତି ।

''ତଳ କାନଟା ବେଶ୍ ଥଣ୍ଡା ଥାଏ ତ,'' ମା କାନ ଛୁଇଁବାର କାରଣ ବୁଝାଇ ଦେଲେ ।

ଏଭଳି କହିବା ଓ କାନ ଛୁଇଁବାଟା ପୁରୁଖା ରୋଷେଇ କରୁଥିବା ଲୋକଙ୍କ ଲକ୍ଷଣ ଭଳି ତୋତ୍ତୋ-ଚାନ୍‌କୁ ମନେହେଲା । ''ବଜ୍ରଗଣ୍ଡରେ ରାନ୍ଧିଲା ବେଳେ ମୁଁ ବି ଏଭଳି କରିବି,'' ତୋତ୍ତୋ-ଚାନ୍ ମନକୁ ମନ କହିଲା ।

ଶେଷରେ ଶୁକ୍ରବାର ହେଲା । ରେଳଗାଡ଼ିରୁ ଓହ୍ଲାଇ ସମସ୍ତେ ବଜ୍ରଗଣ୍ଡରେ ପହଞ୍ଚିଲେ । ଗଛ ଗହଳିରେ ଏକାଠି ହୋଇଥିବା ପିଲାଙ୍କ ଉପରେ ପ୍ରଧାନ ଶିକ୍ଷକ ଆଖି ପକାଇଲେ । ପତ୍ର ଫାଙ୍କରେ ଆସୁଥିବା ସୂର୍ଯ୍ୟକିରଣରେ ପିଲାମାନଙ୍କର ମୁହଁଗୁଡ଼ିକ ଚମକୁ ଥାଏ । ସେମାନଙ୍କ ପିଠିରେ ଜିନିଷ ଖୁନ୍ଦା ମୁଣିସବୁ ଝୁଲୁଥାଏ । ପ୍ରଧାନ ଶିକ୍ଷକଙ୍କ କଥା ଶୁଣିବାକୁ ସେମାନେ ଅନାଇ ରହିଥା'ନ୍ତି । ଟିକିଏ ଦୂରରେ ଜଳପ୍ରପାତର ଘୁ' ଘୁ' ଶବ୍ଦ ଭଲ ତାଳ ଦେଉଥାଏ ।

''ଏଥର ତେବେ ଆମେ କାମରେ ଲାଗିବା,'' ପ୍ରଧାନ ଶିକ୍ଷକ କହିଲେ । ''ଆଗ ଆମେ ଅଲଗା ଅଲଗା ଦଳ କରିବା, ଆଉ ଚୁଲି ପାରିବା । ତା'ପରେ ତନୋ ଝରଣାରେ ଚାଉଳ ଧୋଇ ଭାତ ବସାଇବ ଓ ଝୋଳ ପାଇଁ ଯୋଗାଡ଼ କରିବ ।''

ଅଲ୍ ମଲ୍ ଡିଙ୍କି ଡୋଲ୍... ଗୀତ ଗାଇ ପିଲାମାନେ କେତୋଟି ଦଳରେ ବାଣ୍ଟି ହେଲେ । ସେମାନେ ମୋଟରେ ପ୍ରାୟ ପଚାଶ ଜଣ ଥିଲେ । ଛଅଟି ଦଳ ହେବାକୁ ତାଙ୍କୁ ବେଶୀ ବେଳ ଲାଗିଲା ନାହିଁ । କେତେ ଜଣ ଗାତ ଖୋଳି, ଇଟା ପଥର ଘେରାଇ ଚୁଲି ତିଆରି କରିବାରେ ଲାଗିଗଲେ । କିଏ କାଠ ଗୋଟେଇବାକୁ ଗଲା, ଆଉ କିଏ ଚାଉଳ ଧୋଇଲା । ପିଲାମାନେ ନିଜେ ନିଜେ କାମ ସବୁ ବାଣ୍ଟି ନେଇଥା'ନ୍ତି । ତୋତ୍ତୋ-ଚାନ୍ ପରିବା କାଟିବା ଓ ଝୋଳ କଥା ବୁଝିବା ପାଇଁ ବାହାରି ପଡ଼ିଲା । ତା'ଠାରୁ ଦୁଇ ବର୍ଷ ବଡ଼ ପୁଅଟିଏ ବି ପରିବା କାଟୁଥାଏ । ତା'ର କାମଟା ବଡ଼ ଅଖାଡ଼ୁଆ ହେଉଥାଏ । ତଥାପି ସେ ଝାଳୁଆ ମୁହଁରେ କାମରେ ଲାଗି ପଡ଼ିଥାଏ । ତୋତ୍ତୋ-ଚାନ୍ କିନ୍ତୁ ମା'ଙ୍କଠାରୁ ଦେଖିଥିବା ଭଳି ଆଳୁ, ବାଇଗଣ, ପିଆଜ ସବୁ କାଟି ଚାଲିଲା । ତା'ର ପରିବା କଟାର ଖଣ୍ଡଗୁଡ଼ିକ ସମାନ ହେଉଥାଏ । କିଛି କାକୁଡ଼ି ଓ ବିଲାତି ବାଇଗଣ ପତଳା କରି କାଟି, ସେଥିରେ ଲୁଣ ଦେଇ ସେ ସାଲାଡ୍ ତିଆରି କଲା । ଅନ୍ୟ ବଡ଼ ପିଲାଙ୍କର କାମରେ ଅସୁବିଧା ହେଲେ ସେ ବତାଇ ଦେଉଥାଏ । ତୋତ୍ତୋ-ଚାନ୍‌ର ମନେ ହେଉଥାଏ ସତରେ ସେ ଯେପରି ମା'ଙ୍କ ଭଳି ବଡ଼ ହୋଇଯାଇଛି । ତା'ର ସାଲାଡ୍ ତିଆରି ଦେଖି ସମସ୍ତେ ବଡ଼ ପ୍ରଶଂସା କଲେ । ସେ ନରମ ଭାବରେ କହିଲା, ''ମୁଁ ଦେଖୁଥିଲି ସତରେ କରି ପାରୁଛି କି ନାହିଁ ।''

ଝୋଳରେ କ'ଣ ମସଲା ଦିଆଯିବ ସେ କଥା ସଭିଙ୍କୁ ପଚରାଗଲା । ସବୁ ଦଳ କେଞ୍ଚି ହୋଇ ହସିବା ଛଡ଼ା ବିଶେଷ କିଛି କହି ପାରିଲେ ନାହିଁ । ପିଲାଙ୍କର ଖିଲି ଖିଲି ହସ ସାଙ୍ଗେ ତାଳ ଦେଇ ଜଙ୍ଗଲର ଚଢ଼େଇମାନେ ବି କିଚିରି ମିଚିରି କରୁଥା'ନ୍ତି । ରନ୍ଧାର ମହକରେ ଜାଗାଟି ଭରି ଉଠୁଥାଏ । ଆଗରୁ ପ୍ରାୟ କୌଣସି ପିଲା ଭଲ କରି କିଛି ରନ୍ଧା ହେବାର ଦେଖି ନଥିଲେ, ସେଥିରେ ହାତ ଦେବା ତ ଦୂରର କଥା । ନିଜେ ରାନ୍ଧିବାର ମଜା ଓ ଝାମେଲା ତାଙ୍କ ପାଇଁ ଗୋଟିଏ ନୂଆ ଅନୁଭୂତି ଥିଲା । ରାନ୍ଧିଲା ବେଳେ ପରିବା ଆଦିର ରୂପ କିଭଳି ବଦଳୁଛି ସେମାନେ ଏବେ ନିଜେ ଦେଖିବାକୁ ପାଇଲେ ।

ଶେଷରେ ସବୁ ଦଳର ରନ୍ଧାକାମ ସରିଲା । ଘାସ ଉପରେ ସମସ୍ତେ ଗୋଲ ହୋଇ ବସିପାରିଲା ଭଳି ଜାଗାଟିଏ ଓଳାଇ ସଫା କରାଗଲା । ପ୍ରତିଦଳ ପାଇଁ ଗୋଟିଏ ଭାତ ହାଣ୍ଡି ଓ ଗୋଟିଏ ଝୋଳ ହାଣ୍ଡି ଦିଆଗଲା । ତୋତ୍ତୋ-ଚାନ୍ କିନ୍ତୁ

ତା'ର ଝୋଳ ହାଣ୍ଡିକୁ ଛାଡୁ ନଥାଏ । କାରଣ ମା'ଙ୍କର ତତଲା ଜିନିଷ ଛୁଇଁବା କଥାଟି ସେ ଏପର୍ଯ୍ୟନ୍ତ କରି ନଥାଏ । ହାଣ୍ଡିର ଘୋଡ଼ଣୀଟି ସେ ହାତରେ କାଢ଼ି ଦେଲା ଓ କହି ଉଠିଲା, ''ଉଃ... କି ଗରମ !'' ତା'ପରେ ସେ ଦୁଇ ହାତକୁ ତା'ର କାନରେ ଲଗାଇ ଧରିଲା । ପିଲାମାନେ ତା'ର କାରବାର ଦେଖି କିଛି ବୁଝିଲେ ନାହିଁ କି ବିଶେଷ ଧ୍ୟାନ ଦେଲେ ନାହିଁ । ତୋତ୍ତୋ-ଚାନ୍ କିନ୍ତୁ ତା'ର କାନଛୁଆଁ କାମରେ ସନ୍ତୁଷ୍ଟ ଥିଲା ।

ସମସ୍ତଙ୍କ ଆଗରେ ଭାତ ଆଉ ଝୋଳ ବଢ଼ା ହୋଇଗଲା । ଭୋକ ବି ଲାଗିଲାଣି । କିନ୍ତୁ ଆଜିର ବଡ଼ କଥା ଥିଲା ଯେ ତାଙ୍କ ଆଗରେ ଆଜି ନିଜ ହାତ ତିଆରି ଖାଦ୍ୟ ।

ପିଲାମାନେ ଗାଇଲେ, ''ଚୋବାଅ, ଚୋବାଅ, ଭଲରେ ଚୋବାଅ, ଯାହାବି ଖାଉଛ ତୁମେ...'' ସମସ୍ତେ ପ୍ରାର୍ଥନା ସାରି ଖାଇବା ଆରମ୍ଭ କଲେ । ଜଙ୍ଗଲ ଏବେ ନୀରବ ହୋଇଗଲା, କେବଳ ଶୁଭୁଥାଏ ଜଳପ୍ରପାତର ଘୁ' ଘୁ' ଶବ୍ଦ ।

## ସତରେ ତୁମେ ସୁନାପିଲା

ପ୍ରଧାନ ଶିକ୍ଷକ ଯେବେ ବି ତୋତ୍ତୋ-ଚାନ୍‌କୁ ଦେଖନ୍ତି ସେ କୁହନ୍ତି, ''ତୁମେ ସତରେ ଗୋଟିଏ ସୁନା ଝିଅ ।'' ସବୁଥରକ ସେ ଏ କଥା କହିଲା ବେଳେ ତୋତ୍ତୋ-ଚାନ୍ ହସିଦେଇ ଡେଇଁପଡ଼େ, ଆଉ କୁହେ, ''ହଁ, ମୁଁ ଗୋଟିଏ ସୁନା ଝିଅ ।'' କଥାଟାରେ ତା'ର ପୂରା ବିଶ୍ୱାସ ବି ଥିଲା ।

ଅନେକ ଦିଗରୁ ତୋତ୍ତୋ-ଚାନ୍ ସତରେ ଖୁବ୍ ଭଲ ପିଲାଟିଏ ଥିଲା । ସମସ୍ତଙ୍କର ପାଇଁ ତା' ମନରେ ଦରଦ ଭରି ରହିଥିଲା; ବିଶେଷ କରି ଦେହରେ ଅସୁବିଧା ଥିବା ସାଥିମାନଙ୍କ ପାଇଁ । ତୋତ୍ତୋ-ଚାନ୍ ଏମାନଙ୍କର ଯତ୍ନ ନେଉଥିଲା । ଅନ୍ୟ ସ୍କୁଲର କେହି ପିଲା ଯଦି ଏମାନଙ୍କୁ ଥଟ୍ଟା କରୁଥିଲା ତେବେ ତୋତ୍ତୋ-ଚାନ୍ ତାଙ୍କୁ ମାରିବାକୁ ଗୋଡ଼ାଉ ଥିଲା । ଅବଶ୍ୟ ଗଣ୍ଡଗୋଳରେ ତୋତ୍ତୋ-ଚାନ୍ ହିଁ ମାଡ଼ ଖାଇ କାନ୍ଦିବା ସାର ହେଉଥିଲା । ଜଖମ ହୋଇଥିବା ପଶୁପକ୍ଷୀଙ୍କର ଦେଖାଶୁଣା କରିବାକୁ ସେ ସବୁବେଳେ ବାହାରି ପଡୁଥିଲା । କିଛି ନୂଆ ଜିନିଷ ବିଷୟରେ ତା'ର କୌତୂହଳର ସୀମା ନଥିଲା । ଏସବୁ ଉପରେ ଅଧିକ ଜାଣିବାକୁ ଯାଇ ସେ ଅନେକ ଅସୁବିଧାରେ ମଧ୍ୟ ପଡୁଥିଲା ।

ବେଳେ ବେଳେ ସେ ଅଦ୍ଭୁତ କାଣ୍ଡସବୁ କରି ବସୁଥିଲା । ଥରେ ସକାଳେ ପ୍ରାର୍ଥନା ଶ୍ରେଣୀକୁ ଗଲାବେଳେ ତା'ର ଦୁଇ ବେଣୀକୁ କାଖ ତଳେ ଜାକି ଧରି ସେ ଚାଲୁଥିଲା । ଆଉ ଥରେ ତା'ର ଶ୍ରେଣୀ ଘର ଓଳାଇବା ପାଳିର କଥା । ପୁରୁଣା ରେଳଡବାର ଚଟାଣରେ ସେ ଗୋଟିଏ ଛୋଟ କବାଟ ଦେଖିଲା । ଟାଣି ଓଟାରି ତାକୁ ସେ ଖୋଲିଲା ଓ ଅଳିଆତକ ସେଇବାଟେ ଗଳାଇ ଦେଲା । କିନ୍ତୁ ତାକୁ ଆଉ ବନ୍ଦ କରି ପାରିଲା ନାହିଁ । ସମସ୍ତେ ଲାଗି ପଡ଼ି, ବେଶ୍ ହଇରାଣ ହୋଇ ତାକୁ ବନ୍ଦ କଲେ । ଆଉ ଦିନେ ସେ ଦେଖିଲା କିଭଳି ଦୋକାନୀମାନେ ମାଂସକୁ କଣ୍ଟାରେ ଝୁଲାଇ ରଖନ୍ତି । ସେଦିନ ସ୍କୁଲ ଛାତରେ ଥିବା ଗୋଟିଏ କଡ଼ାକୁ ଗୋଟିଏ ହାତରେ ଧରି ଝୁଲି ରହିଲା । କେତେବେଳ ପରେ ଜଣେ ଶିକ୍ଷକ ତାକୁ ଦେଖି ଏ ଅବସ୍ଥା ବିଷୟରେ ପଚାରିଲେ । ''ମୁଁ ଆଜି ଖଣ୍ଡେ ମାଂସ'', କହୁ କହୁ ତୋତ୍ତୋ-ଚାନ୍‌ର ହାତ ଖସିଗଲା । ଚଟାଣରେ ସେ ଏଡ଼େ ଜୋର୍‌ରେ କଚଡ଼ା ଖାଇଲା ଯେ ଦିନଯାକ ତା' ପାଟିରୁ କଥା ବାହାରିଲା ନାହିଁ । ତୋତ୍ତୋ-ଚାନ୍‌ର ମଇଳା ଖାତ ଭିତରକୁ ଗଳି ପଡ଼ିଥିବା କଥା ତ ଆମେ ଆଗରୁ ଶୁଣିଛେ ।

ଏହି ସବୁ କାମ ଯୋଗୁଁ ତୋତ୍ତୋ-ଚାନ୍ ବେଳେ ବେଳେ ଖଣ୍ଡିଆ ଖାବରା ବି ହେଉଥିଲା । କିନ୍ତୁ ପ୍ରଧାନ ଶିକ୍ଷକ କେବେ ତା'ର ମାଆବାପାଙ୍କ ଆଗରେ ଫେରାଦ ହେଉ ନଥିଲେ । ଆଉ କେଉଁ ପିଲା ନାଁରେ ବି କିଛି ଅଭିଯୋଗ ଘରକୁ ଯାଉ ନଥିଲା । ସ୍କୁଲରେହିଁ ଏସବୁ ତୁଟି ଯାଉଥିଲା । ପିଲାଙ୍କର ସବୁକଥାକୁ ସେ ମନ ଦେଇ ଶୁଣୁଥିଲେ – ଠିକ୍ ଯେମିତି ସେ ପ୍ରଥମ ଦିନ ତୋତ୍ତୋ-ଚାନ୍‌ର ଚାରି ଘଣ୍ଟିଆ ଗପ ଶୁଣିଥିଲେ । କେଉଁ ପିଲା ଯଦି କିଛି ବଡ଼ ଭୁଲ୍ କାମଟିଏ କରିଥାଏ କଥାବାର୍ତ୍ତା ଭିତରେ ସେ ତାହା ବୁଝି ଯାଉଥିଲା । ଶେଷକୁ ଅତି ବେଶୀରେ ପ୍ରଧାନ ଶିକ୍ଷକ କହୁଥିଲେ, ''ଏବେ କ୍ଷମା ମାଗିନିଅ ।''

ଅନ୍ୟ ପିଲାଙ୍କର ମାଆବାପା ଓ କିଛି ଶିକ୍ଷକ ତୋତ୍ତୋ-ଚାନ୍‌ର ଏପରି କାରବାର ସବୁରେ ଟିକିଏ ଘାବରାଇ ଯାଉଥିଲେ । ପ୍ରଧାନ ଶିକ୍ଷକଙ୍କ କାନରେ ଏସବୁ ଅଭିଯୋଗରୁ କିଛି ପଡୁଥିଲା । ସେଥିପାଇଁ ସେ ସୁବିଧା ପାଇଲା ମାତ୍ରେ ତୋତ୍ତୋ-ଚାନ୍‌କୁ କହି ଚାଲୁଥିଲେ, ''ସତରେ, ତୁମେ କେତେ ସୁନା ଝିଅ ।'' ଜଣେ ବଡ଼ ମଣିଷ ଶୁଣିଲେ ବୁଝିପାରୁଥିବ ଯେ ସେ ''ସତରେ'' ଶବ୍ଦଟି ଉପରେ ଖୁବ୍ ଜୋର୍ ଦେଉଛନ୍ତି ।

ପ୍ରଧାନ ଶିକ୍ଷକଙ୍କର କଥାର ଅସଲ ମାନେ ଥିଲା ବୋଧେ ଏହିଭଳି : ''ଯିଏ ଭାବନ୍ତି ଯେ କେତେ କଥାରେ

ତୁମେ ଭଲ ପିଲା ନୁହଁ । ହେଲେ ତୁମର ଅସଲ ଗୁଣଟି ଭଲ । ଆଉ ସେ ଭଲ ଦିଗଟି ମତେ ଖୁବ୍ ଜଣା ।'' ଏ କଥାଟି ତୋତ୍ତୋ-ଚାନ୍ ଯାଇ ବୁଝିଲା ଅନେକ ଅନେକ ବର୍ଷ ପରେ । ତଥାପି ଛୁଆଟି ଭାବରେ ପ୍ରଧାନ ଶିକ୍ଷକଙ୍କର କଥା ଶୁଣି ଶୁଣି ତା' ନିଜ ଉପରେ ଏକ ଦୃଢ଼ ଭରସା ଆସି ଯାଇଥିଲା ଯେ ସେ ଗୋଟିଏ ସୁନା ଝିଅ । ସେ କୌଣସି ଅଭିଯାନରେ ଲାଗିଥିଲା ବେଳେ ତାଙ୍କ କଥା ସବୁ ତା'ର ମନରେ ଖେଳି ଯାଉଥିଲା । ସିଏ କରିଥିବା କିଛି କାମ ବିଷୟରେ ଭାବିଲା ବେଳେ କେବେ କେବେ କହି ଉଠୁଥିଲା, ''ଓଃ କି ଭୁଲ୍ ହୋଇଗଲା ।''

ତୋତ୍ତୋ-ଚାନ୍ ତୋମୋଏରେ ଥିବା ଯାଏଁ କୋବାୟାଶି ତାକୁ ସେହି କଥା ଶୁଣାଇ ଚାଲିଥିଲେ । ଏହି ଓଜନିଆ କଥା ପଦକ, ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ଏକଥା ତାକୁ ବାଟ କଢ଼ାଇ ନେଲା ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର)

❑❑❑

## ସୁହୃଦ୍ ଛାତ୍ର ଶ୍ରମଶିବିର - ୨୦୧୯

ସବୁବର୍ଷ ପରି ଏ ବର୍ଷ ମଧ୍ଧ 'ସୁହୃଦ୍ ଛାତ୍ର ଶ୍ରମଶିବିର' ଆସନ୍ତା ୧୦.୧୦.୨୦୧୯ ତାରିଖରୁ ୧୪.୧୦.୨୦୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖାତିଗୁଡ଼ା, ଇନ୍ଦ୍ରାବତୀ, ଜିଲ୍ଲା : ନବରଙ୍ଗପୁର, ଓଡ଼ିଶା, ପିନ୍ ୭୬୪୦୮୫ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଠାରେ ମୁଖ୍ୟତଃ ଅଷ୍ଟମ ଓ ନବମ ସୋପାନର ଛାତ୍ରଛାତ୍ରୀମାନଙ୍କର ବିଜ୍ଞାନ, ଗଣିତ, କଳା ପାଠ୍ୟକ୍ରମ ସହିତ ମୁକ୍ତ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରମଦାନ ମଧ୍ୟ କରାଯିବ । ଶିକ୍ଷାକେନ୍ଦ୍ରର ପରିଚାଳକ ତଥା ଅଧକ୍ଷ/ଅଧକ୍ଷାମାନଙ୍କୁ ଅନୁରୋଧ, ସେମାନଙ୍କର ଶିକ୍ଷାକେନ୍ଦ୍ରର ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ (ଅତି ବେଶୀରେ ଦଶଜଣ) ଜଣେ ଶିକ୍ଷକ କିଂବା ଶିକ୍ଷିକାଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇନ୍ଦ୍ରାବତୀକୁ ପଠାଇବେ । ଶିବିରାର୍ଥୀ ଦେୟ ଜଣ ପିଛା ୧୦୦/- (ଏକଶତ)ଟଙ୍କା ରଖାଯାଇଛି । ଶିବିରାର୍ଥୀମାନେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଇନ୍ଦ୍ରାବତୀଠାରେ ୦୯.୧୦.୨୦୧୯ ତାରିଖ ସନ୍ଧ୍ୟା ସୁଦ୍ଧା ପହଞ୍ଚିବା ଦରକାର ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ସନ୍ତୋଷ ଭାଇ –୯୪୩୭୪୭୧୧୯୮; ଇଲି ଅପା – ୯୪୩୮୩୨୬୮୪୬ କିଂବା ୯୭୭୭୩୬୪୦୧୧
ଇ-ମେଲ୍ : iec.khatiguda@gmail.com

ସୁହୃଦ୍ ଛାତ୍ର ଶ୍ରମ ଶିବିର ତରଫରୁ
ବ୍ରହ୍ମାନନ୍ଦ ଭାଇ
(ମୋବାଇଲ : ୯୮୯୦୧୨୦୦୦୨)

# ଶୋଭାଦି' — ଏକ ଶ୍ରଦ୍ଧାଞ୍ଜଳି

ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ତଥା ସଙ୍ଗୀତପ୍ରେମୀମାନଙ୍କ ନିକଟରେ ଆଦରଣୀୟା ଶୋଭାଦି' ଭାବରେ ପରିଚିତା ଶୋଭା ମିତ୍ରଙ୍କ ଜନ୍ମ କଲିକତା ସହରରେ ୧୯୩୩ ମସିହା ଡିସେମ୍ବର ୧୪ ତାରିଖରେ । ସେ ମାତ୍ର ନଅ ବର୍ଷ ବୟସରେ ୧୯୪୨ ମସିହାର ଅଗଷ୍ଟ ଦର୍ଶନ ଅବସରରେ ପ୍ରଥମେ ଆଶ୍ରମକୁ ଆସିଥିଲେ । ସେବେଠାରୁ ୧୯୫୧ ମସିହା ଯାଏଁ ସେ ପ୍ରତିବର୍ଷ ଏକାଧିକ ବାର ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇଁ ଆଶ୍ରମକୁ ଆସିଛନ୍ତି । ପରିଶେଷରେ ଶ୍ରୀମା'ଙ୍କ ନିର୍ଦ୍ଦେଶ କ୍ରମେ ସେ ତାଙ୍କ ମାଆ ଆଶାଲତା ମିତ୍ରଙ୍କ ସହିତ ୧୯୫୧ ମସିହାଠାରୁ ସ୍ଥାୟୀ ଭାବରେ ଆଶ୍ରମର ଅନ୍ତେବାସୀ ହୋଇଗଲେ ।

ଅଳ୍ପ ବୟସରୁ ସେ କଲିକତାର ଗୋଟିଏ ଖ୍ୟାତନାମା ସ୍କୁଲରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ ଏବଂ ଘରୋଇ ଭାବରେ ନୃତ୍ୟ ମଧ୍ୟ ଶିଖୁଥିଲେ । ୧୯୪୩ ମସିହାରେ ଦଶ ବର୍ଷ ବୟସରେ ସେ ଶ୍ରୀମାଙ୍କ ଉପସ୍ଥିତିରେ ଏକାନ୍ତରେ ଗୀତ ଗାଇଥିଲେ ଏବଂ ନାଚିଥିଲେ । ଆଶ୍ରମକୁ ଦର୍ଶନାର୍ଥୀ ଭାବେ ଆସୁଥିବା ସମୟରୁ ସେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଦିଲୀପ କୁମାର ରାୟଙ୍କଠାରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ । ଆଶ୍ରମର ସ୍ଥାୟୀ ବାସିନ୍ଦା ହେବା ପରେ ସେ ଦିଲୀପ କୁମାର ରାୟ ଓ ସାହାନା ଦେବୀଙ୍କଠାରୁ ଗୀତ ଶିଖିବା ଅବ୍ୟାହତ ରଖିଥିଲେ । ସେ ପ୍ରଥମେ ଆଶ୍ରମର Publications departmentରେ କାର୍ଯ୍ୟ ଆରମ୍ଭ କରିଥିଲେ । ୧୯୫୨ ମସିହାରେ ଶ୍ରୀମାଙ୍କ ନିର୍ଦ୍ଦେଶାନୁଯାୟୀ ସେଠାରେ କାମ କରିବା ସହ ଆଶ୍ରମ ସ୍କୁଲରେ ପଢ଼ାପଢ଼ି ମଧ୍ୟ ଆରମ୍ଭ କଲେ ।

୧୯୫୭ ମସିହାରେ ସେ ଆଶ୍ରମ ସ୍କୁଲରେ ଫରାସୀ ଶିକ୍ଷୟିତ୍ରୀ ଭାବରେ ଯୋଗ ଦେଲେ । ଏଥିସହ ଆଶ୍ରମକୁ ଆସୁଥିବା ଅତିଥି ଶିଳ୍ପୀମାନଙ୍କ ଦାୟିତ୍ୱ ଶ୍ରୀମା ତାଙ୍କୁ ଦେଇଥିଲେ । ୧୯୬୫ ମସିହାରେ ଶୋଭାଦି' ନିଜ ଜନ୍ମଦିନର ସାକ୍ଷାତ୍‌କାର ଅବସରରେ ଆଶ୍ରମ ସ୍କୁଲରେ ସଂଗୀତ ବିଭାଗଟିଏ ଖୋଲିବାକୁ ଶ୍ରୀମା ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଶ୍ରୀମାଙ୍କ କରୁଣାରୁ ସେ ନିଜେ  କବିତା ଲେଖିବା ଓ କବିତାରେ ସୁର ଦେବାର ଦକ୍ଷତା ମଧ୍ୟ ଅର୍ଜନ କରିଥିଲେ ।

ଶ୍ରୀମାଙ୍କ ସାମନାରେ ସେ ବହୁବାର ନୃତ୍ୟ ପ୍ରଦର୍ଶନ କରିବାର ବିଶେଷ ସୁଯୋଗ ପାଇଛନ୍ତି । ସେସବୁ ମଧ୍ୟରୁ ଉଲ୍ଲେଖଯୋଗ୍ୟ ହେଲା Devotion (ଭକ୍ତି) ଓ Aspiration (ଆସ୍ପୃହା), ଯେଉଁ ନୃତ୍ୟଗୁଡ଼ିକ ପାଇଁ ଶ୍ରୀମା ସୁନିଲ୍-ଦାଙ୍କୁ ସଙ୍ଗୀତ ପ୍ରସ୍ତୁତ (Compose) କରିବାକୁ କହିଥିଲେ ।

୧୯୭୨ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଏବଂ ଭାରତର ସ୍ୱାଧୀନତା ଦିବସର ରୌପ୍ୟ ଜୟନ୍ତୀ ଅବସରରେ Sri Aurobindo and the Mother on India and Her Future ବୋଲି ସାଂସ୍କୃତିକ କାର୍ଯ୍ୟକ୍ରମଟିଏ ସେ ସଂଯୋଜନା କରିଥିଲେ ଯାହା ବହୁ ଲୋକପ୍ରିୟତା ଅର୍ଜନ କରିଥିଲା ।

ଛଅ ଦଶକରୁ ଊର୍ଦ୍ଧ୍ୱ ସମୟ ଧରି ସେ ଆଶ୍ରମରେ ବହୁ ସଙ୍ଗୀତ, ନୃତ୍ୟ, ନାଟକ, ନୃତ୍ୟନାଟ୍ୟ ଇତ୍ୟାଦିର କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି । ସେସବୁ ମଧ୍ୟରୁ : The Hour of God, The Rhythm Eternal, The Story of Creation, A musical journey around the world, The Mother, Towards the Future, A call to the young, To Thee, Suryanamaskar, To the Mystic Fire, Glimpses of Indian Music, Musical Memories, ଅର୍ଘ୍ୟ ଓ କାଣ୍ଡାରି ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ଏତଦ୍ ବ୍ୟତୀତ ରେକର୍ଡିଂ ହୋଇଥିବା ତାଙ୍କର ସଙ୍ଗୀତ କୃତିଗୁଡ଼ିକ ହେଲା : Invocation to Mother India, Salutations, Invocation, Adoration, All we owe to Thee, Aspiration, Om namo Bhagawate, Towards a Luminous Future, Our Gratitude, A Century's Salutations, India and Her Future, Vers un Avenir Lumineux, ଦୁର୍ଗାସ୍ତୋତ୍ର, ମାତୃପୂଜା, ଶରଣଂ ମମ, ଲହ ପ୍ରଣାମ, ଅଞ୍ଜଳି, ପୂଜାର ଅର୍ଘ୍ୟ, ଏସ ଗାହି ଗାନ୍, ଉପହାର, ନତୁନ ଭୋରେର ଆଲୋ ଓ ବନ୍ଦନମ୍ ଇତ୍ୟାଦି ।

୧୯୯୮ ମସିହାଠାରୁ ତାଙ୍କ ଉଦ୍ୟମରେ ଆଶ୍ରମର ବୟସ୍କ ଅନ୍ତେବାସୀମାନଙ୍କ ପାଇଁ ସାନ୍ଧ୍ୟ କ୍ଲାସରେ ବିଭିନ୍ନ ବିଷୟ ଶିକ୍ଷା କରିବାର ସୁଯୋଗ ସୃଷ୍ଟି କରାଯାଇଛି ।

୨୦୧୨ ମସିହାରେ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଶ୍ରୀମାଙ୍କ ଦିବ୍ୟ ସାନ୍ନିଧ୍ୟରେ' ପାଇଁ କୋଲକାତାର ଶ୍ରୀଅରବିନ୍ଦ

*(ଅବଶିଷ୍ଟାଂଶ ପୃଷ୍ଠା ୫୭ ରେ ଦେଖନ୍ତୁ)*

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଦେଖାଯାଏ, ଯାହାର ସମସ୍ତ ପ୍ରକାର ଉପାୟ ବ୍ୟର୍ଥତାରେ ପରିଣତ ହୋଇଛି, ସେ ନିରୁପାୟ ହୋଇ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାରୁ ତାଙ୍କର ବ୍ୟବସାୟ ଭଲଭାବେ ଚାଲୁଅଛି । କୌଣସି ବ୍ୟକ୍ତିଙ୍କର ଚାକିରିରେ ଗୋଳମାଳ ହେଲେ ସେ ମା'ଙ୍କ ଆଶୀର୍ବାଦ ଚାହୁଁଛନ୍ତି, କୌଣସି ରାଜନୀତିଜ୍ଞ ବ୍ୟକ୍ତି ଉଚ୍ଚପଦ ପ୍ରାପ୍ତ କରିବାକୁ ମା'ଙ୍କ ଆଶୀର୍ବାଦ କାମନା କରୁଛନ୍ତି । ବିଦ୍ୟାର୍ଥୀମାନେ ପରୀକ୍ଷାରେ ପାସ୍ କରିବାକୁ ମା'ଙ୍କ ପାଖକୁ ପତ୍ର ଲେଖୁଛନ୍ତି । ରୋଗୀମାନେ ରୋଗମୁକ୍ତ ହେବାକୁ ପ୍ରାର୍ଥନା କରୁଛନ୍ତି । ଏହିପରି କାମନା ପୂର୍ଣ୍ଣ ହେବାରେ ତାହା ଅଧିକରୁ ଅଧିକ ବଢ଼ିବ, ଲୋକେ ଆଧ୍ୟାତ୍ମିକତା ଭୁଲିଯିବେ । ପୃଥିବୀରେ ଅତିମାନସ ସତ୍ୟ ପ୍ରତିଷ୍ଠା ହେବା ପରିବର୍ତ୍ତେ କାମନା, ବାସନା ଉତ୍ପନ୍ନ ହେବ, ଅନ୍ୟାୟ ବଢ଼ିବ ବୋଲି କେତେକ ବ୍ୟକ୍ତି ଅନୁମାନ କରୁଅଛନ୍ତି । ଏହାର ଯଥାର୍ଥ ରହସ୍ୟ କ'ଣ ?*

**ଉତ୍ତର** : ଏହାର ଯଥାର୍ଥ ରହସ୍ୟ ହେଲା, ପୃଥିବୀରେ ଅସତ୍ୟ, ଅନ୍ୟାୟ ବୃଦ୍ଧି ହେବା ପରିବର୍ତ୍ତେ ବ୍ୟକ୍ତି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବାର ଗୋଟିଏ ସହଜ ସୁଯୋଗ ପାଇବ ।

ସାଧାରଣତଃ ବ୍ୟକ୍ତି ଅଜ୍ଞାନ ଏବଂ ମୋହଗ୍ରସ୍ତ ହୋଇ ଜୀବନର ଯଥାର୍ଥ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଭୁଲି କାମନା, ବାସନା ପୂର୍ଣ୍ଣ କରିବାରେ ବ୍ୟସ୍ତ ଥାଏ । ଏହି କାମନା, ବାସନାର ଦୃଢ଼ ଆବରଣ ଯୋଗୁଁ ବ୍ୟକ୍ତି ଆଧାରରେ ଭଗବତ୍ କୃପା ପ୍ରବେଶର ମାର୍ଗ ରୁଦ୍ଧ ହୋଇଥାଏ । ଏହି କାରଣରୁ ବ୍ୟକ୍ତି ସଂସାର ବିଷୟ ଛଡ଼ା ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ସମ୍ବନ୍ଧେ ବିଚାର ବା ଧାରଣା କରିପାରେ ନାହିଁ । ଭଗବାନଙ୍କ ଅହେତୁକୀ କୃପାରୁ ଯଦି ସେ କାମନା-ବାସନା ପୂର୍ଣ୍ଣ କରିବା ସକାଶେ ଭଗବାନଙ୍କ ଆଶ୍ରୟ ନିଏ, ତେବେ ତା ଆଧାରରେ ଭଗବତ୍ ବିଶ୍ୱାସ, ଭଗବତ୍ କୃପା ପ୍ରବେଶ ସକାଶେ ଗୋଟିଏ ଦ୍ୱାର ଉନ୍ମୁକ୍ତ ହୋଇଯାଏ । ସେହି ଦ୍ୱାର ମଧ୍ୟ ଦେଇ ଭଗବତ୍ ବିଶ୍ୱାସ ଏବଂ କୃପା ପ୍ରବେଶ କରି ତା' ଆଧାରରେ ପ୍ରକାଶ କରି ଦିଅନ୍ତି । ସେହି ପ୍ରକାଶରେ ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୁଏ ଏବଂ କ୍ରମଶଃ ମୋହ, ମାୟା, ଅଜ୍ଞାନ, କାମନା, ବାସନାରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ । କେହି ଶୀଘ୍ର ସଚେତ ହୁଏ, କାହାର ସଚେତ ହେବାରେ ବହୁତ ବିଳମ୍ବ ହୋଇପାରେ । ଏହା ନିର୍ଭର କରେ ବ୍ୟକ୍ତିର ନିଷ୍କପଟ ନିଷ୍ଠା ଉପରେ । ଏହି ସୁଯୋଗ ଅଧିକରୁ ଅଧିକ ପ୍ରାପ୍ତ ହୁଏ ଭଗବାନ୍ ସତ୍ୟ-ପ୍ରତିଷ୍ଠା କରିବା ସକାଶେ ଏହି ପୃଥିବୀକୁ ଆସିଲେ । ଏହି ସୁଯୋଗ ପାଇ ଯେଉଁମାନେ କେବଳ ବାସନା, କାମନା ପୂର୍ଣ୍ଣ କରିବାରେ ଲାଗିପଡ଼ି ଭଗବାନଙ୍କୁ ଭୁଲି ଯାଆନ୍ତି, ସେମାନେ ଅମୂଲ୍ୟ ସୁଯୋଗ ହରାଇ ମହାନ୍ ଦୁଃଖ-କଷ୍ଟକୁ ବରଣ କରନ୍ତି ।

ସଂସାରରେ ଅଧ୍ୟାତ୍ମ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା ଏହି ସଂସାରକୁ ଆସିଅଛନ୍ତି । ଏହି ସତ୍ୟ ପ୍ରତିଷ୍ଠିତ ହେବ ବ୍ୟକ୍ତି ମଧ୍ୟରେ । ସଂସାରରେ ଯେପର୍ଯ୍ୟନ୍ତ ମନ, ପ୍ରାଣ, ଶରୀର ଦିବ୍ୟତ୍ୱରେ ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ସାଧାରଣ ସମସ୍ତ ବ୍ୟକ୍ତି ତଥା ସନ୍ଥ ମହାତ୍ମାଙ୍କ ମଧ୍ୟରେ ବି ଦୋଷତ୍ରୁଟି ରହିଥାଏ । କାରଣ ଦୋଷତ୍ରୁଟିର ଉତ୍ସ ଅବଚେତନା । ଲୋମଶ ଚିରଜୀବୀ ମହାନ୍ ଋଷି ଯେ କି ଗୋଟିଏ ଇନ୍ଦ୍ରର ନାଶ ହେବା ପରେ ଗୋଟିଏ ଲୋମ ଉପାଡ଼ନ୍ତି, ସେ ବି କାକଭୁଶୁଣ୍ଡୀଙ୍କ ଉତ୍ତର-ପ୍ରତ୍ୟୁତ୍ତରରେ କ୍ରୋଧର ଅଧୀନ ହୋଇ କାକଭୁଶୁଣ୍ଡୀଙ୍କୁ ଶାପ ଦେଇଥିଲେ । ଦୁର୍ବାସାଙ୍କ କୋପ ତ ପ୍ରସିଦ୍ଧ, ବିଶ୍ୱାମିତ୍ରଙ୍କ ଚରିତ ପ୍ରାୟ ବହୁ ବ୍ୟକ୍ତି ଜାଣନ୍ତି । ଯଦି ସକାମ, ଦୋଷତ୍ରୁଟିଯୁକ୍ତ ବ୍ୟକ୍ତିଙ୍କୁ ମା ଅତିମାନସ ଯୋଗର ଅନୁପଯୁକ୍ତ ମନେ କରି କେବଳ ନିର୍ଦ୍ଦୋଷ, ଶୁଦ୍ଧ ବ୍ୟକ୍ତିଙ୍କୁ ଖୋଜନ୍ତି ତେବେ ତାଙ୍କୁ ଏପରି ବ୍ୟକ୍ତି ଗୋଟିଏ ମଧ୍ୟ ମିଳିବେ ନାହିଁ କି ତାଙ୍କର ଅତିମାନସ ସତ୍ୟ-ସ୍ଥାପନ କାର୍ଯ୍ୟ ପୃଥିବୀରେ ହୋଇ ପାରିବ ନାହିଁ । ପ୍ରଶ୍ନକର୍ତ୍ତା କ'ଣ ନିଜ ମଧ୍ୟକୁ କେବେ ଦୃଷ୍ଟିପାତ କରିଛନ୍ତି ? ନିଜ ସମ୍ବନ୍ଧେ କେବେ ବିଚାର କରିଛନ୍ତି ? ନିଜ ସମ୍ବନ୍ଧେ ବିଚାର କରିଥିଲେ ଏହି ପ୍ରଶ୍ନର ସମାଧାନ କରି ପାରିଥାଆନ୍ତେ ।

ଭଗବାନ୍ କେବେ ମନୁଷ୍ୟର ଦୋଷତ୍ରୁଟିକୁ ଦେଖି ତାକୁ ତ୍ୟାଗ କରନ୍ତି ନାହିଁ । ଯଦି ଭଗବାନ୍ ମନୁଷ୍ୟର ଦୋଷତ୍ରୁଟି ଦେଖନ୍ତେ, ତେବେ ମନୁଷ୍ୟ କେବେ ବି ଉଦ୍ଧାର ହୋଇ ପାରନ୍ତା ନାହିଁ । ଭଗବାନ୍ ଚାହାନ୍ତି କେବଳ ଭାବ, ସେହି ଭାବ ଦ୍ୱାରା ତା' ମଧ୍ୟରେ ପ୍ରବେଶ କରି ତାହାର ସମସ୍ତ ଦୋଷ, ପାପକୁ

ଦୂର କରି ଦିଅନ୍ତି । ଭଗବାନଙ୍କ ଆଗମନର ରାସ୍ତା ଖୋଲିବା ସକାଶେ ଯଦି ମନୁଷ୍ୟର ସାମର୍ଥ୍ୟ ନଥାଏ, ତେବେ ବି ଭଗବାନ୍ ଅପେକ୍ଷା କରି ତା' ଦ୍ୱାରରେ ଛିଡ଼ା ହୋଇ ରହନ୍ତି । ରାସ୍ତା ଖୋଲିବାରେ ସାହାଯ୍ୟ ପାଇଁ ଯଦି ସେ ଡାକେ, ତେବେ ଭଗବାନ୍ ଅବିଳମ୍ବେ ଦୌଡ଼ି ଯାଇ ସାହାଯ୍ୟ କରନ୍ତି । ମନୁଷ୍ୟ ଯଦି ନ ଚାହେଁ ତେବେ ସେ ବର୍ଷ ବର୍ଷ ଧରି ତା' ଦ୍ୱାରରେ ଅପେକ୍ଷା କରି ଛିଡ଼ା ହୋଇ ରହନ୍ତି ।

ଅଜାମିଳ ବାଲ୍ୟାବସ୍ଥାରେ ଭଗବାନଙ୍କୁ ଉପାସନା କରିଥିଲା । ପରେ ତାହାର ଏପରି ପତନ ହେଲା ଯାହା ମନୁଷ୍ୟ ମନରେ କଳ୍ପନା କରିବା ସମ୍ଭବ ନୁହେଁ । ଦୁରାଚାରୀର ଚୂଡ଼ାନ୍ତ ଆଦର୍ଶ । ଏପରି ଅବସ୍ଥାରେ ଭଗବାନ୍ ତାକୁ ଛାଡ଼ି ନଥିଲେ । ତା' ଡାକକୁ ଅପେକ୍ଷା କରି ବସିଥିଲେ । ସେ କେବେ ବି ସଚେତ ହେଲା ନାହିଁ । କେବଳ ମୃତ୍ୟୁଭୟରେ ପୁତ୍ର ନାମ ବାହାନାରେ ନାରାୟଣ ଶବ୍ଦ କହିବାରୁ ଭଗବାନଙ୍କ ସକାଶେ ଦ୍ୱାର ଉନ୍ମୁକ୍ତ ହୋଇଗଲା, ସେ ତାକୁ ରକ୍ଷା କଲେ, ମୃତ୍ୟୁମୁଖରୁ ବଞ୍ଚାଇ ଦେଲେ । ପରେ ସେ ତପସ୍ୟା କରି ଭଗବାନଙ୍କୁ ପ୍ରାପ୍ତ ହେଲା । ଜଗାଇ ଓ ମାଧାଇଙ୍କ ଚରିତ୍ର ପ୍ରାୟ ସମସ୍ତେ ଜାଣନ୍ତି, କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ମନୁଷ୍ୟ ଇଚ୍ଛା ଅନୁସାରେ ଅନ୍ୟାୟ କରିବ, ଆଉ ଆଶା ରଖିବ – ''ଅଜାମିଳ ପରି ମୋତେ ବି ଭଗବାନ୍ ଉଦ୍ଧାର କରିବେ ।''... ...

... ...ମନୁଷ୍ୟ ବିପଦରୁ ଉଦ୍ଧାର ପାଇବା ଓ ତା'ର ଆବଶ୍ୟକ କାମନାବାସନା ତୁଷ୍ଟି କରିବା ସକାଶେ ଭଗବତ୍ ଶରଣ ନେବା ଅଥବା ଭଗବତ୍ ଆଶୀର୍ବାଦ ଚାହିଁବା – ଗୀତା ଓ ରାମାୟଣରେ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏହି ସକାମୀ ଭକ୍ତମାନଙ୍କୁ ସୁକୃତବାନ୍, ନିଷ୍ପାପ ଆଉ ଉଦାର ବୋଲି କୁହାଯାଉଛି, ତଥାପି ଜ୍ଞାନୀକୁ ଅଧିକ ପ୍ରିୟ ବୋଲି ବର୍ଣ୍ଣନା କରାହୋଇଛି । କାରଣ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ – ଏମାନେ ଯଦ୍ୟପି ନିଜ କାମନାବାସନା ସିଦ୍ଧ କରିବାକୁ ଭଗବତ୍ ଶରଣାଗତ ହୋଇଥା'ନ୍ତି ସେଥିପାଇଁ ସେମାନେ ସୁକୃତ, ନିଷ୍ପାପ, ଉଦାର । କାମନାଶୂନ୍ୟ ଭକ୍ତ ଅଥବା ଜ୍ଞାନୀଙ୍କର କିଛି ଅଭାବ ନଥାଏ, ସେମାନେ କେବଳ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଚାହାନ୍ତି, ସେହି କାରଣରୁ ପ୍ରଭୁଙ୍କର ସେମାନେ ଅଧିକ ପ୍ରିୟ ।

ଭୌତିକ ଦୁଃଖ-ଦ୍ୱନ୍ଦ୍ୱ ଭଗବଦାଭିମୁଖୀ କରିବାରେ ନିମିତ୍ତ ହୁଏ । କାରଣ ଯାହା ବି ହେଉ, ସେଥିରେ କିଛି ଯାଏ ଆସେ ନାହିଁ, ଭଗବଦମୁଖୀ ହେବା ହେଲା ପ୍ରଧାନ କଥା । ଭଗବତ୍ ଶରଣ ହେବା ପରେ ତା'ର କାମନାବାସନା ନଷ୍ଟ ହୋଇଯାଏ, ସେ ନିଷ୍କାମ ଓ ଅନନ୍ୟ ଭକ୍ତ ହୁଏ । ଗୋଟିଏ ବ୍ୟକ୍ତି ରୋଗରୁ ମୁକ୍ତ ହେବା ପାଇଁ ବ୍ୟାୟାମ କରି ସୁଗଠିତ ଶରୀର ପ୍ରାପ୍ତ କରିଅଛି, ଅନ୍ୟ ବ୍ୟକ୍ତିର ରୋଗ ନଥାଇ କେବଳ ଶରୀର ଗଠନ ଓ ପୁଷ୍ଟି ସକାଶେ ବ୍ୟାୟାମ କରିଛି । ପରିଣାମରେ ଦୁଇଜଣ ସମାନ, ପରିଣାମରହିଁ ମହତ୍ତ୍ୱ । ଆରମ୍ଭ ଅବସ୍ଥାର ମୂଲ୍ୟ ନଥାଏ । ପ୍ରତିଯୋଗିତାରେ କେତେଜଣ ଦୌଡ଼ନ୍ତି । ପ୍ରାରମ୍ଭିକ ସମୟରେ, କେହି ଶୀଘ୍ର ଦୌଡ଼ୁ ବା କେହି ଆସ୍ତେ ଦୌଡ଼ୁ, ତା'ର କୌଣସି ହିସାବ ନଥାଏ, ହିସାବ ହୁଏ ଶେଷରେ । ଭଗବାନ୍ କହିଛନ୍ତି, ''ଜ୍ଞାନୀ ମୋର ପ୍ରିୟ''– ଏହା ଭକ୍ତିର ପ୍ରାରମ୍ଭିକ ଅବସ୍ଥା ତୁଳନାରେ ହୋଇପାରେ, କିନ୍ତୁ ସିଦ୍ଧି ଅବସ୍ଥାରେ ନୁହେଁ । ସେତେବେଳେ ତ ସମସ୍ତେ ଏସବୁ ଅବସ୍ଥାକୁ ପାର ହୋଇ ଯାଇଥା'ନ୍ତି । କୌଣସି ପ୍ରକାର ଘୋର ପାପୀ, ଦୁରାଚାରୀ ହେଉ ନା କାହିଁକି, ସେ ଯଦି ଭଗବାନଙ୍କ ଶରଣାପନ୍ନ ହେବାକୁ ଚାହେଁ, ତେବେ ଭଗବାନ୍ ତାକୁ ସ୍ୱୀକାର କରି ନିଅନ୍ତି । ଏହା ଭଗବାନଙ୍କର ସ୍ୱାଭାବିକ ଗୁଣ । ସେଥିରେ ଏତିକି ମାତ୍ର ସର୍ତ୍ତ ଅଛି – *ଭଗବତ୍ ଶରଣାଗତ ହେବା ପରେ ପୂର୍ବ ଅଭ୍ୟାସ, ଦୁଷ୍କର୍ମକୁ ତ୍ୟାଗ କରିବାକୁ ହେବ, ପୂର୍ଣ୍ଣରୂପେ ତ୍ୟାଗ କରିବାକୁ ସଂକଳ୍ପ କରିବାକୁ ହେବ ।*

ଯେଉଁମାନେ ଭଗବାନଙ୍କ ସହିତ ପୂର୍ଣ୍ଣରୂପେ ସମସ୍ତ ସତ୍ତାରେ ଏକ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଭାଗବତୀ ଶକ୍ତି କାର୍ଯ୍ୟ କରେ ଏବଂ ଭାଗବତ ଗୁଣ ତାଙ୍କ ମଧ୍ୟରେ ପ୍ରକାଶିତ ହୁଏ ।

ଏହା ସ୍ପଷ୍ଟ ଯେ ମା'ଙ୍କର ସମସ୍ତ ସତ୍ତା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ହେବାରୁ ଭଗବତ୍ ଆଦ୍ୟା ସୃଜନୀ ଅତିମାନସ ଶକ୍ତିକୁ ମା ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଭଗବତ୍ କୃପା ମା'ଙ୍କ ମଧ୍ୟ ଦେଇ କାର୍ଯ୍ୟ କରୁଥିବାରୁ ଭଗବତ୍ କୃପା ଓ ମା'ଙ୍କ କୃପାକୁ ଆମ୍ଭେମାନେ ଏକହିଁ ଅର୍ଥରେ ବ୍ୟବହାର କରୁ । ମା'ଙ୍କ ଦ୍ୱାରା ଯେଉଁ କାର୍ଯ୍ୟ ହେଉଛି ତାହା ଭଗବତ୍ ଶକ୍ତିର କାର୍ଯ୍ୟ । ସେହି କାରଣରୁ କୌଣସି ପ୍ରକାର ବ୍ୟକ୍ତିଙ୍କ ସକାଶେ ମା'ଙ୍କ ଦ୍ୱାର ବନ୍ଦ ନଥାଏ । କେବଳ ଆବଶ୍ୟକ ହେଲା ତାଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ନିର୍ଭରତା ରଖି ନିଜକୁ ଉନ୍ମୀଳିତ (Open) କଲେ ତାଙ୍କ ଦିବ୍ୟଶକ୍ତି ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରେ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୧୩୪-୧୩୭)

**– ରାମକୃଷ୍ଣ ଦାସ** ❑

ଚେତନାର ଦିଗ୍‌ବଳୟ :

# ସିଲିକନ୍ ଭ୍ୟାଲିରୁ ଅଭିନବ ସମ୍ବାଦ

ଏକ ନିଭୃତ ପଲ୍ଲୀର ବାଳକ ସୁନ୍ଦର ଦାସ । ଦିନକର ଗୋଧୂଳିରେ ଗାଁ ସାମନା ପ୍ରାନ୍ତର ଭିତରେ ମନଇଚ୍ଛା ଦୌଡ଼ାଦୌଡ଼ି କରୁଥିବା ଅବସରରେ ହଠାତ୍ ଦେଖିଲେ ଏକ ଅପ୍ରତ୍ୟାଶିତ ଦୃଶ୍ୟ । ମେଘମାଳା ଭିତରେ ଛପି ଯାଇ ପୁଣି ଜାଜ୍ୱଲ୍ୟମାନ ହେଉଥିବା ଗୋଟାଏ ବିମାନ । ସେଦିନ ଜନପଦବାସୀମାନେ ପ୍ରଥମ ଥର ପାଇଁ ସେ ବିସ୍ମୟ ଅବଲୋକନ କରିଥିଲେ । କେତେ ବିଜ୍ଞ ବ୍ୟକ୍ତି ତା'ର କେତେ ପ୍ରକାରର ବ୍ୟାଖ୍ୟା କରିଥିଲେ । କିନ୍ତୁ ବାଳକ ସୁନ୍ଦର ଦାସର ଚେତନାରେ ସେ ଦୃଶ୍ୟର ପ୍ରଭାବ ହୋଇଥିଲା ଭିନ୍ନ : ସେ ଶୂନ୍ୟରେ ଉଡ଼ିବେ; ଜାଗରିତ ହୋଇଥିଲା ଏହି ଅଦମ୍ୟ ଉଚ୍ଚାଭିଳାଷ ।

ଦ୍ୱିତୀୟ ମହାଯୁଦ୍ଧର ପ୍ରାରମ୍ଭ କାଳ । ମ୍ୟାଟ୍ରିକ୍ ପାସ୍ କରିବା ଅନ୍ତେ ସେ ସହରକୁ ଯାଇ ଏକ ବ୍ରିଟିଶ କମ୍ପାନୀରେ ମାମୁଲି କର୍ମଚାରୀ ରୂପେ ଯୋଗ ଦେଲେ । ସୁଦୂର ଆଫ୍ରିକା ଭୂଖଣ୍ଡରେ ଥିଲା ସେ କମ୍ପାନୀର ବ୍ୟାପକ ବ୍ୟବସାୟ । କିଛିଦିନ ପରେ ସେ ତହିଁ ପ୍ରେରିତ ହେଲେ । କ୍ରମେ ବିତ୍ତ ସଞ୍ଚୟ କରି ସ୍ୱୟଂ ବ୍ୟବସାୟ କଲେ । ଚାହୁଁ ଚାହୁଁ ହେଲେ କୋଟିପତି, ଶତ-କୋଟିପତି ଓ ସହସ୍ର-କୋଟିପତି ।

ଦୀର୍ଘ ଘଟଣାବହୁଳ ଜୀବନ । ଜଣେ ଶିଳ୍ପପତିର ବ୍ୟସ୍ତ ଜୀବନଧାରାର ସମାନ୍ତରାଳ ଧାରାରେ ପ୍ରେମ ଓ ହତାଶା, ବିବାହ ଓ ପତ୍ନୀ ବିୟୋଗ, ଏକମାତ୍ର ପୁତ୍ରର ବେପରୁଆ ଜୀବନ ଶୈଳୀ, ଅନିବାର୍ଯ୍ୟଭାବେ ଏସବୁ ମଧ୍ୟ ଘଟିଚାଲିଥାଏ । କିନ୍ତୁ କାହାର ସନ୍ଧାନରେ ସେ ଦିନେ ତାଙ୍କ ନିରିମାଖି କ୍ଷିତିରୁ ସୁଦୀର୍ଘ ଲମ୍ଫ ଦେଇ ଆକାଶରେହିଁ ବିତାଉଛନ୍ତି ପ୍ରତି ମାସର ଅର୍ଦ୍ଧେକ ସମୟ ? ଉତ୍ତର ସେ ପାଉଥିଲେ : ସୁଖର ସନ୍ଧାନରେ; କ୍ରମେ ଯାହା ପରିବର୍ତ୍ତିତ ହୋଇଥିଲା ଶାନ୍ତିର ସନ୍ଧାନକୁ ।

ତାହା କିନ୍ତୁ ସେ ପାଉ ନାହାନ୍ତି । ଦିନେ ତାଙ୍କର ଜଣେ ବିଶିଷ୍ଟ ଶୁଭାକାଂକ୍ଷୀ ବନ୍ଧୁ ତାଙ୍କର ହୃଦ୍‌ବୋଧ କରାଇଦେଲେ — ନିଜର ବିଳାସ ସର୍ବସ୍ୱ ଜୀବନଶୈଳୀରୁ ସପ୍ତାହଟିଏ ସକାଶେ ବିଚ୍ୟୁତ ହୋଇ ସମ୍ପୂର୍ଣ୍ଣ ବିପରୀତ ପରିବେଶରେ ରହି ପାରିଲେ ସେ ଶାନ୍ତିର ଶିହରଣ ଅନୁଭବ କରି ପାରିବେ ।

ବେଶ୍, ତାହାହିଁ ହେଉ । ସେ ନିଜକୁ ସମର୍ପି ଦେଲେ ସେହି ବନ୍ଧୁଙ୍କ ମାଲିକାନାରେ ସଦ୍ୟ ପ୍ରବର୍ତ୍ତିତ ଏକ ଅଭିନବ ପର୍ଯ୍ୟଟନୀୟ ଯୋଜନାରେ । ସେ ଜାଣିବେ ନାହିଁ ତାଙ୍କ ଗନ୍ତବ୍ୟ । ଦୀର୍ଘ ବିମାନ ଯାତ୍ରା ଅନ୍ତେ ନିଶାର୍ଦ୍ଧରେ ଆରାମପ୍ରଦ କାର୍ ଭିତରେ ତାଙ୍କୁ ନିଦ୍ରିତ ରଖି ମଧ୍ୟ ରାତ୍ରରେ ଏକ ଅନ୍ଧକାର-ପ୍ରାୟ ଘର ଭିତରେ ଶୁଆଇ ଦିଆଗଲା । ପ୍ରଭାତରେ ସୁନ୍ଦରୀ ଗାଇଡ୍ ତାଙ୍କୁ ଜଣାଇଲେ — ଏହା ଏକ ବାସ୍ତବ ପଲ୍ଲୀର ବାସ୍ତବ କୁଟୀର । ଚାଳରେ ଏସବୁ ରନ୍ଧ୍ର ବାସ୍ତବ; ବର୍ଷା ହେଲେ ତାଙ୍କୁ ଯେଉଁ ଧୂଳିଧୂଳି ଶୀତଳ ସ୍ପର୍ଶ ଚମକାଇ ଦେବ, ତାହା ପ୍ରକୃତ ବର୍ଷା ବିନ୍ଦୁର ଫୁତ୍କାର — ଯାହା ସେ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱକାଳ ଭିତରେ ପାଇ ନାହାନ୍ତି; ଖାଇବେ ଗ୍ରାମ୍ୟ ଖାଦ୍ୟ; ପୋଖରୀରେ ବୁଡ଼ ଦେବେ — ଇତ୍ୟାଦି ।

ବିହ୍ୱଳ ଭାବରେ ଶଯ୍ୟାରୁ ଉଠି ସୁନ୍ଦର ଦାସ ସେ ନିର୍ଜନ ଛପର ଘର ବାହାରକୁ ଆସିଲେ । ଆଗରେ ପିଲାଦିନେ ଲୁଚକାଳି ଖେଳୁଥିବା ବୁଦା । ସେ କାନ୍ଦି ଉଠିଲେ । ହଁ, ବହୁ ବର୍ଷ ତଳେ ଅନ୍ୟକୁ ହସ୍ତାନ୍ତର ହୋଇଥିବା ତାଙ୍କରି ଘର । ବର୍ତ୍ତମାନ ଏକ ଦୁର୍ମୂଲ୍ୟ ସର୍ବାଧୁନିକ ପର୍ଯ୍ୟଟନୀ ସଂସ୍ଥାର ଆୟତ୍ତରେ ।

ଏହା ଅବଶ୍ୟ ଏକ କାହାଣୀର ସଂକ୍ଷିପ୍ତ ସାର । କିନ୍ତୁ ଆଜି ଏହା ମନେ ପଡ଼ିବାର ହେତୁ Business Insider ପତ୍ରିକାରେ କ୍ରିସ୍ ୱେଲାର ନାମକ ବିଦ୍ୱାନ୍‌ଙ୍କର ଏକ ସନ୍ଦର୍ଭ । ଏ ସନ୍ଦର୍ଭର ସଂକ୍ଷିପ୍ତସାର ହେଲା, ଆମେରିକାର ବୈଦ୍ୟୁତିକ ଆଦାନପ୍ରଦାନ ଉପକରଣସବୁର ରାଜଧାନୀ ଯେଉଁ ସିଲିକନ୍ ଭ୍ୟାଲି, ତହିଁ ଦେଖା ଦେଇଛି ଏକ ଅପ୍ରତ୍ୟାଶିତ ମନୋଭାବ । ସେ ବସତିର ଗାର୍ଜନମାନେ ନିଜ ପିଲାପିଲିଙ୍କୁ କମ୍ପ୍ୟୁଟର୍, ମୋବାଇଲ୍, iPad ଇତ୍ୟାଦିଠାରୁ ବେସାଲିସ ଭାବରେ ଦୂରେଇ ରଖୁଛନ୍ତି । ସଂପ୍ରତି ସେ ମୂଳକରେ ଏବଂ ଆମେରିକାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏଭଳି ବିଦ୍ୟାଳୟମାନ ସ୍ଥାପିତ ହୋଇଛି, ଯେଉଁଠାରେ ଶିଶୁ-ବିଦ୍ୟାର୍ଥୀଙ୍କୁ ପୁରୁଣା ବ୍ଲାକ୍ ବୋର୍ଡ଼, ପେନ୍‌ସିଲ ଇତ୍ୟାଦି ବ୍ୟବହାର କରିବାକୁ ପଡ଼ୁଛି ।

ଏଭଳି ବ୍ୟବସ୍ଥାର ସୂତ୍ରପାତ ବିନା ପ୍ରଚାରରେ ଯିଏ ପ୍ରବର୍ତ୍ତନ କରିଥିଲେ, ସେ ହେଲେ ମାଇକ୍ରୋସଫ୍‌ଟର ପ୍ରଖ୍ୟାତ

ପ୍ରବର୍ତ୍ତକ ସ୍ୱୟଂ ବିଲ୍ ଗେଟ୍ସ୍ । ୨୦୦୭ରେ ତାଙ୍କ ବାଳିକା କନ୍ୟା ଭିଡ଼ିଓ ଗେମ୍ ପ୍ରତି ବିଶେଷ ଆକୃଷ୍ଟ ହେବାର ଲକ୍ଷ୍ୟ କରି ସେ ଆପଣା ଘରେ ତାହା ନିଷିଦ୍ଧ କରିଦେଲେ । ତେଣିକି ବୟସ ଅନ୍ତତଃ ଚଉଦ ବର୍ଷ ନହେବା ଯାଏ ତାଙ୍କ ପରିବାରରେ କେହି ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି ନାହିଁ ।

'ଏପ୍‌ଲ୍' ସଂସ୍ଥାର ପୂର୍ବତନ କର୍ତ୍ତା ଜୋବ୍‌ସ୍ 'ନ୍ୟୁୟର୍କ ଟାଇମ୍‌ସ୍'କୁ ଏକ ସାକ୍ଷାତକାର ଦେଇ କହିଛନ୍ତି ତାଙ୍କ ପରିବାରରେ ପିଲାମାନଙ୍କୁ iPad ବ୍ୟବହାର କରିବାକୁ ଦିଆଯାଏ ନାହିଁ ।

'ଏପ୍‌ଲ୍' ସଂସ୍ଥାର ବର୍ତ୍ତମାନ କର୍ତ୍ତା ଇଭ୍‌ନ୍ କୁକ୍ ତାଙ୍କ ପରିବାରର ପିଲାମାନଙ୍କୁ ତଥାକଥିତ Social network ସ୍ପର୍ଶ କରିବାକୁ ଦିଅନ୍ତି ନାହିଁ । ଭଦ୍ରଲୋକ ଏକଥା ବି ସ୍ୱୀକାର କରିଛନ୍ତି ଯେ 'ଏପ୍‌ଲ୍'ର ଯାନ୍ତ୍ରିକ ବସ୍ତୁସବୁର ଘନ ଘନ ବ୍ୟବହାର କ୍ଷତିକାରକ ।

ସିଲିକନ୍ ଭ୍ୟାଲିର ଭାରତୀୟ ବଂଶୋଦ୍ଭବ ବିଜୟ କୋଦୁରି ଏବଂ ମିନି ସାହି ଦମ୍ପତିଙ୍କ ପରିବାରର ଅବିକଳ ଚିତ୍ର ଉଦ୍ଧୃତ କରୁଛି : ''ସେମାନଙ୍କ ଘରେ ଭିଡ଼ିଓ ଗେମ୍ ବ୍ୟବସ୍ଥା ନାହିଁ । ତାଙ୍କର କୌଣସି ପିଲାର ହାତରେ ଫୋନ୍ ନାହିଁ । ପୁଅ ଝିଅ ସୌରଭ ଏବଂ ରଶ୍ମି ସେମାନଙ୍କ ମାଆବାପାଙ୍କ ଫୋନ୍‌ରେ ଖେଳି ପାରନ୍ତି – କିନ୍ତୁ ସପ୍ତାହରେ ମାତ୍ର ଦଶ ମିନିଟ ସକାଶେ ! iPad ରହିଛି, କିନ୍ତୁ ଅପହଞ୍ଚ ଉଚ୍ଚ ଥାକରେ ଥୁଆ ହୋଇଛି !''

ଏହିସବୁ ଯାନ୍ତ୍ରିକ ମାଧ୍ୟମ ପ୍ରତି ଅତ୍ୟନ୍ତ ଆସକ୍ତ ବାଳକ-ବାଳିକାମାନେ ଅଚିରେ ''ବିଷାଦ ରୋଗ, ଉତ୍କଣ୍ଠା ଏବଂ ଚରମ କ୍ଷେତ୍ରରେ ଆତ୍ମହତ୍ୟା'' ମାନସିକତାର ଶିକାର ହୁଅନ୍ତି ବୋଲି କାର୍ଲିଫର୍ଣ୍ଣିଆର ମନୋବୈଜ୍ଞାନିକ ସେସିଆର୍ ଦମ୍ପତିଙ୍କ ବିବୃତି ଲିପିବଦ୍ଧ କରାଯାଇଛି ଏହି ସନ୍ଦର୍ଭରେ । Computer in Human Behaviour ପତ୍ରିକାରେ ଏକ ବିଶେଷ ପରୀକ୍ଷାର ବିବରଣୀ ପ୍ରକାଶ ପାଇଛି । ବାରବର୍ଷ ବୟସର ଶହେଜଣ ବାଳକବାଳିକାଙ୍କୁ ଏଭଳି ଗୋଟିଏ ପ୍ରତିଷ୍ଠାନରେ ମାତ୍ର ପାଞ୍ଚଦିନ ପାଇଁ ରଖାଗଲା, ଯେଉଁଠାରେ ନାନା ପ୍ରକାର ଖେଳ କସରତର ବ୍ୟବସ୍ଥା ରହିଛି, କିନ୍ତୁ କମ୍ପ୍ୟୁଟର୍, ମୋବାଇଲ୍ ଏବଂ ସେହି ଶ୍ରେଣୀୟ କୌଣସି ଯନ୍ତ୍ରପାତି ଅନୁପସ୍ଥିତ । ଅନୁଧ୍ୟାନରୁ ଦେଖାଗଲା, ପିଲାଙ୍କ ଭିତରେ ସେହି ଅଳ୍ପ ସମୟ ଭିତରେ ପରସ୍ପର ସହାନୁଭୂତି ଓ ଭାବଗତ ଆଦାନପ୍ରଦାନରେ ବିପୁଳ ଉନ୍ନତି ହୋଇଛି ।

ଉପରୋକ୍ତ ଗବେଷଣାର ଉପସଂହାରରେ ମନସ୍ତତ୍ତ୍ୱବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି, ଯେଉଁ ବିପୁଳ ଅର୍ଥ ବ୍ୟୟ ହେଉଛି ଏହିସବୁ ଯନ୍ତ୍ରପାତିରେ, ପିଲାମାନଙ୍କର ଯେଉଁ ବିପୁଳ ସମୟ ସେଥିରେ ବିତୁଛି – ସେସବୁର ପରିଣତି କ'ଣ ? ସେମାନଙ୍କ ସ୍ୱାଭାବିକ, ସହଜାତ ପ୍ରବୃତ୍ତି ପଙ୍ଗୁ ହୋଇଯାଉ ନାହିଁ ତ ?

ଭାରତର ସର୍ବତ୍ର ଆମେ ଆମେରିକାବାସୀଙ୍କ ତୁଳନାରେ ଅଧିକ ସୋସିଆଲ ମିଡ଼ିଆ-ମୁଗ୍ଧ ବୋଲି ଅନେକଙ୍କର ଧାରଣା । ଅନ୍ତତଃ ଓଡ଼ିଶାର ଶିକ୍ଷକ ଓ ଅଭିଭାବକମାନେ ଏ ସମ୍ପର୍କରେ ସଚେତନ ହେବେ ବୋଲି ଆଶା କରାଯାଉ । ଆମେରିକାନ୍ ମାତାପିତାମାନେ ସେମାନଙ୍କ ସନ୍ତାନବର୍ଗଙ୍କୁ ଏ ଦିଗରେ ନିୟନ୍ତ୍ରଣ କରି ପାରୁଛନ୍ତି ଓ ଦିଗ୍‌ଦର୍ଶନ ଦେଇ ପାରୁଛନ୍ତି – ଏହା ଆମ ଦେଶ ସକାଶେ ଯଥେଷ୍ଟ ଉତ୍ସାହପ୍ରଦ ହେବା ଉଚିତ ।

**– ମନୋଜ ଦାସ ❑**

---

*(ପୃଷ୍ଠା ୫୩ର ଅବଶିଷ୍ଟାଂଶ)*

ଭବନ ତରଫରୁ ତାଙ୍କୁ ସମ୍ମାନଜନକ 'ଶ୍ରୀଅରବିନ୍ଦ ପୁରସ୍କାର' ଦିଆଯାଇଥିଲା ।

୨୦୧୪ ମସିହାରେ କୋଲକାତାର Overman Foundation ତରଫରୁ ସଙ୍ଗୀତ ପାଇଁ ତାଙ୍କୁ 'ଅରୋ-ରତ୍ନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

ତାଙ୍କର ସୁଦୀର୍ଘ ନିଷ୍ଠାପର, ନିବେଦିତ, ଐକାନ୍ତିକ କର୍ମମୟ ଜୀବନର ଅନ୍ତିମ ମୁହୂର୍ତ୍ତ ଆସିଲା ୨୦୧୯ ମସିହା ଜୁଲାଇ ୩୧ ତାରିଖରେ । ତାଙ୍କର ଅମର ଆତ୍ମା ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ।

❑❑❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair, radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. L, No. 9** **R.N.I. No. 18163/70.**
Navaprakash (Monthly), September, 2019 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Madhusudan Mishra
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**